ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୧/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, August 21/2019 | ★★★★

୪୫ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



KP GROUP
Quality Since 1965

Safal

PAN MASALA

ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୧/୨୦୧୯ | Bhubaneswar, Wednesday, August 21/2019 | ପୃଷ୍ଠା-୧

ଓଡ଼ିଶାର ସୁମିତ୍ରା ଅଧିନାୟିକା

ଲାଓସରେ ହେବାକୁଥିବା ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ପାଇଁ ଓଡ଼ିଶାର ସୁମିତ୍ରା ନାୟକ ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। **୧୭**

୧୦

‘କୁଲି ନମ୍ବର-୧’ରେ ରଜତ ରାୱ୍ଲ

‘ବଡିଗାର୍ଡ’ରେ ହାସ୍ୟାଭିନୟ କରି ଦର୍ଶକଙ୍କୁ ମୁଗ୍ଧ କରିଥିବା ଅଭିନେତା ରଜତ ରାୱ୍ଲ ବରୁଣ ଧାୱ୍ନଙ୍କ ଅଭିନୀତ ‘କୁଲି ନମ୍ବର-୧’ରେ ଯୋଗ ଦେଇଛନ୍ତି।



ଚନ୍ଦ୍ରକକ୍ଷରେ ଚନ୍ଦ୍ରୟାନ-୨

ନୂଆଦିଲ୍ଲୀ,୨୦।୮(ଆଇଏଏନ୍ଏସ୍)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ଦ୍ୱିତୀୟ ଲୁନାର ମିଶନ୍ ଚନ୍ଦ୍ରୟାନ-୨ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଛି। ଇସ୍ରୋ ଦ୍ୱାରା ଚନ୍ଦ୍ରୟାନ-୨ରେ ଥିବା ମୋଟରକୁ ଫାୟାରିଂ କରାଯିବା ପରେ ଏହା ଉପରକୁ ଠେଲିହୋଇ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିଲା। ଏହାପରେ ଚନ୍ଦ୍ରୟାନକୁ ଅଗଷ୍ଟ ୨୧, ୨୮, ୩୦ ଓ ସେପ୍ଟେମ୍ବର ୧ରେ ଏହିପରି ଚାରି ପର୍ଯ୍ୟାୟ ଦେଇ ଚନ୍ଦ୍ରର ଚୂଡ଼ାନ୍ତ କକ୍ଷପଥରେ ପ୍ରବେଶ କରାଯିବ। ସେତେବେଳେ ଚନ୍ଦ୍ରପୃଷ୍ଠରୁ ଏହା ୧୦୦କିଲୋମିଟର ଉଚ୍ଚତାରେ ଅବସ୍ଥାନ କରିଥିବ। ଲ୍ୟାଣ୍ଡର ‘ବିକ୍ରମ’ ଅର୍ବିଟରଠାରୁ ପୃଥକ୍ ହେବାପରେ ସେପ୍ଟେମ୍ବର ୭ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀରେ ଧୀରେ ଅବତରଣ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋର ଏହି ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ ଟୁଇଟ୍ କରି ଜଣାଇଛନ୍ତି, ‘ଚନ୍ଦ୍ରୟାନ-୨କୁ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରାଇଥିବାରୁ ଇସ୍ରୋ ଟିମ୍‌କୁ ଅଭିନନ୍ଦନ। ଚନ୍ଦ୍ର ଅଭିଯାନ ପାଇଁ ଉଲ୍ଲେଖନୀୟ ଯାତ୍ରାପଥରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚନ୍ଦ୍ରୟାନର ସଫଳ ଯାତ୍ରା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା।’

ଇସ୍ରୋ ଟିମ୍‌କୁ ମୋଦିଙ୍କ ଅଭିନନ୍ଦନ

ଜୁଲାଇ ୨୨ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧାୱ୍ନ ସ୍ପେସ୍ ସେଣ୍ଟରରୁ ଚନ୍ଦ୍ରୟାନ-୨କୁ ସବୁଠୁ ଓଜନିଆ ରକେଟ ଜିଏସ୍ଏଲ୍‌ଭି ମେକ୍-୩ ଦ୍ୱାରା ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟ ୩ଟି ଅଂଶକୁ ନେଇ ଗଠିତ। ଦି ଅର୍ବିଟର(୨୩୭୯ କିଲୋଗ୍ରାମ), ଦି ଲ୍ୟାଣ୍ଡର ‘ବିକ୍ରମ’(୧୪୭୧ କିଲୋଗ୍ରାମ) ଏବଂ ରୋଭର ‘ପ୍ରଜ୍ଞାନ’(୨୭କିଲୋଗ୍ରାମ)।

ମିଶନରେ କେନ୍ଦୁଝରର ବୈଜ୍ଞାନିକ ଅଟଳକୃଷ୍ଣ

କେନ୍ଦୁଝର, ୨୦।୮(ସ୍ୱ.ପ୍ର.)- ଚନ୍ଦ୍ରୟାନ-୨ରେ କେନ୍ଦୁଝର ଜିଲାର ଯୁବ ବୈଜ୍ଞାନିକ ଅଟଳକୃଷ୍ଣ ଖଟୁଆଙ୍କ ଉଦ୍ୟମ ଏବେ ରାଜ୍ୟ ପାଇଁ ଗୌରବ ଆଣିଛି। ଅଟଳକୃଷ୍ଣ ଇସ୍ରୋର ରିଲାଇବିଲିଟି ବିଭାଗରେ ଦୀର୍ଘ ୬ ବର୍ଷ ହେଲା ବୈଜ୍ଞାନିକ ଭାବେ କାମ କରୁଛନ୍ତି। ଏଥିପାଇଁ ତାଙ୍କୁ ସବୁବେଳେ ଥିରୁବନନ୍ତପୁରମ୍‌ରୁ ଶ୍ରୀହରିକୋଟା ଯିବାକୁ ପଡୁଥିଲା। ବିଶେଷ କରି ଚନ୍ଦ୍ରୟାନ-୨ ପାଇଁ କ୍ରାୟୋଜନିକ ଷ୍ଟେଜ ଓ ଥର୍ମାଲ ପ୍ରୋଟେକ୍ସନ ସିଷ୍ଟମ ବିଭାଗରେ ସେ କାମ କରୁଛନ୍ତି। ଅଟଳକୃଷ୍ଣଙ୍କ ଘର କେନ୍ଦୁଝର ସହର ମାଗୁରଗାଡିଆ ସାହିରେ। ତାଙ୍କ ବାପା ଇଂ ଅମରବର ଖଟୁଆ ସର୍ଭେୟର ଭାବରେ କାମ କରୁଥିବାବେଳେ ମା’ ସରୋଜିନୀ ପୃଷ୍ଟି ଜଣେ ଅଧ୍ୟାପିକା। ଅଟଳ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ପାସ କରି କଳିଙ୍ଗ ଭାରତୀ ଆବାସିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଅଧ୍ୟୟନ କରିଥିଲେ। ଏହା ପରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ସ୍ପେସ ସାଇନ୍ସ ଆଣ୍ଡ ଟେକ୍ନୋଲଜି, ଥିରୁବନନ୍ତପୁରମ୍, କେରଳରୁ ବିଟେକ ଡିଗ୍ରୀ ହାସଲ କରି ଇସ୍ରୋରେ ବୈଜ୍ଞାନିକ ଭାବେ କାମ କରିଆସୁଛନ୍ତି।

■ ଗୁଣି ସନ୍ଦେହ

ଡବଲ ମର୍ଡର

୩ ଅଟକ

ଝୁମ୍ପୁରା/ଯୋଡ଼ା/କେନ୍ଦୁଝର, ୨୦।୮ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଦୁର୍ଗମ, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ମୁଣ୍ଡା ସାହିରେ ସୋମବାର ବିଳମ୍ବିତ ରାତିରେ ଡବଲ ମର୍ଡର ଘଟିଛି। ମଙ୍ଗଳବାର ସକାଳେ ପୋଲିସ ପହଞ୍ଚି ସୁବାସ ମୁଣ୍ଡା (୬୫) ନାମ୍ନୀ ଜଣେ ମହିଳା ଏବଂ ଚେତନ ମୁଣ୍ଡା (୨୭) ନାମକ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ପରେ ଗାଁରେ ଆତଙ୍କ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାମେବାରୀ ଥାନାଠାରୁ ୧୨କି.ମି. ଦୂର ନୟାଗଡ଼ ମୁଣ୍ଡା ସାହିରେ ଛୋଟ ପିଲାମାନେ କିଛିଦିନ ଧରି ଥଣ୍ଡା, ଜ୍ୱର ଆଦି ରୋଗରେ ପୀଡ଼ିତ ଥିଲେ। ବୃଦ୍ଧା ସୁବାସ ଗୁଣିଗାରେଡ଼ି କରୁଥିବାରୁ ପିଲାଙ୍କ ଦେହ ଖରାପ ରହୁଥିବା ଗାଁର କେତେ ଜଣ ଲୋକ ସନ୍ଦେହ କରୁଥିଲେ। ସୋମବାର ବିଳମ୍ବିତ ରାତିରେ କେତେ ଜଣ ବ୍ୟକ୍ତି ବୃଦ୍ଧା ଶୋଇଥିବା ଘରକୁ ଯାଇ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଘଟାଇ ଖସି ପଳାଇ ଯାଉଥିବାବେଳେ ପଡ଼ୋଶୀ ଯୁବକ ଚେତନ ସାମ୍ନାକୁ ଚାଲିଆସିଥିଲେ। ଫଳରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏପରି କି ମୃତକଙ୍କ ପରିବାର ଲୋକେ ହତ୍ୟାକାଣ୍ଡ ଘଟିବା ଜାଣି ଚିତ୍କାର କରିବାରୁ ଗାଁଲୋକେ ରୁଣ୍ଡ ହୋଇଯାଇଥିଲେ। ପରେ ଏସମ୍ପର୍କରେ ବାମେବାରୀ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ମଙ୍ଗଳବାର ସକାଳ ୯ଟା ବେଳେ ବସ୍ତିରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ଏକ ହତ୍ୟା ମାମଲା (ନଂ.୧୦୩/୧୯) ରୁଜୁ ହୋଇଛି।

☞ପୃଷ୍ଠା-୨

■ ରାଜ୍ୟର ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା

ସରକାରଙ୍କ ଉପରେ ଏନ୍‌ଜିଟି କ୍ଷୁବ୍ଧ

■ ସେପ୍ଟେମ୍ବର ୨୫ରେ ହାଜର ହେବାକୁ ନିର୍ଦ୍ଦେଶ

■ ସବୁ ସହରରେ ସ୍ଥାପନ ହେବ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ

■ ମହିଳା ଏସ୍‌ଏଚ୍‌ଜିଙ୍କ ହାତରେ ରହିବ ସହର ସ୍ୱଚ୍ଛତା

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ସହରାଞ୍ଚଳରୁ ବାହାରୁଥିବା କୁଢ଼କୁଢ଼ ବର୍ଜ୍ୟବସ୍ତୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କ୍ଷୁବ୍ଧ ହୋଇଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ଦୀର୍ଘମିଆଦୀ ଯୋଜନା କରୁ ନ ଥିବାରୁ ରାଜ୍ୟ ସରକାରଙ୍କୁ ଏନ୍‌ଜିଟି କଡ଼ା ଭର୍ତ୍ସନା କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଏନ୍‌ଜିଟି ସରକାରଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ସତର୍କ କରାଇ ଦେଇଛନ୍ତି। ବର୍ଜ୍ୟବସ୍ତୁ ଯେପରି ପରିବେଶକୁ ତିଳେମାତ୍ର କ୍ଷତି ନ ପହଞ୍ଚାଇବ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଆସନ୍ତା ସେପ୍ଟେମ୍ବର ୨୫ ସୁଦ୍ଧା ହାଜର ହୋଇ ଜଣାଇବାକୁ ଏନ୍‌ଜିଟି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ସରକାର ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଦୀର୍ଘଦିନ ଧରି ଅଳିଆ ଆବର୍ଜନା ଟ୍ରାନ୍‌ଜିଟ ପଏଣ୍ଟରେ ପଡ଼ିରହୁଛି। ମନଇଚ୍ଛା ଯେଉଁଠି ନାହିଁ ସେଠି ଫିଙ୍ଗି ଦିଆଯାଉଛି। ଫଳରେ ପରିବେଶ ପ୍ରତି ଏହା ଭୟଙ୍କର ବିପଦ ସୃଷ୍ଟି କରୁଛି। ରାଜ୍ୟରେ ୧୧୪ଟି ପୌରାଞ୍ଚଳ ରହିଛି। ଏଥିରେ ରାଜ୍ୟର ସମୁଦାୟ ଜନସଂଖ୍ୟାର ୧୬.୬୮% ଲୋକ ବାସ କରୁଛନ୍ତି। ରାଜ୍ୟରେ ୫ଟି ମହାନଗର ନିଗମ ଥିବାବେଳେ ୪୮ ମ୍ୟୁନିସିପାଲିଟି ଏବଂ ୬୧ ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଏହିସବୁ ସହରାଞ୍ଚଳରୁ ବାର୍ଷିକ ୯୮ ନିୟୁତ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି ବୋଲି ରାଜ୍ୟ ସରକାର ଏନ୍‌ଜିଟିକୁ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେଥିରୁ ମାତ୍ର ୨୨.୭% ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଥିବା ସରକାର ଦର୍ଶାଇଛନ୍ତି। ଏନ୍‌ଜିଟିଙ୍କ କଡ଼ା ତାଗିଦ୍ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା କରିବାକୁ ଅଣ୍ଟା ଭିଡ଼ିଛି। ବିଭାଗୀୟ ସଚିବଙ୍କ ସମେତ ୧୩ଜଣ ଅଧିକାରୀ ଚେନ୍ନାଇରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ବୁଲି ଦେଖିଛନ୍ତି। ଚେନ୍ନାଇ ଢାଞ୍ଚାରେ ଏଣିକି ରାଜ୍ୟର ସହରଗୁଡ଼ିକୁ ବର୍ଜ୍ୟବସ୍ତୁ ମୁକ୍ତ କରାଯିବ। ଆଉ କେଉଁଠି ଅଳିଆ ଗଦା ହୋଇ ରହିବ ନାହିଁ। ସଂଗ୍ରହ ହେବା ସହିତ ବର୍ଜ୍ୟବସ୍ତୁଗୁଡ଼ିକୁ ଅଲଗା କରି ତୁରନ୍ତ ନଷ୍ଟ କରାଯିବ। କୌଣସି ସ୍ଥାନରେ ଆଉ ପକାଇ ରଖାଯିବ ନାହିଁ। ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହି କାର୍ଯ୍ୟରେ ମହିଳା ସ୍ୱେଚ୍ଛାସେବୀ ସଂସ୍ଥାକୁ ନିୟୋଜିତ କରାଯିବ। ସେମାନଙ୍କ ମଧ୍ୟରୁ ୨୬୦୦ ସ୍ୱଚ୍ଛସାଥୀ ଏବଂ ୬୫୦ ସୁପରଭାଇଜରଙ୍କୁ ଜନସଚେତନ ଓ ପ୍ଲାଣ୍ଟ ପରିଚାଳନା କାର୍ଯ୍ୟରେ ନିୟୋଜିତ କରାଯିବ। ପ୍ରତି ୬୦୦ ଜନସଂଖ୍ୟାରେ ଜଣେ ସ୍ୱଚ୍ଛସାଥୀ ନିୟୋଜିତ ହେବେ। ପନିପରିବା ଚୋପା, ବିଭିନ୍ନ ଫଳମୂଳ ଓ ଶୀଘ୍ର ନଷ୍ଟ ହେଉଥିବା ବର୍ଜ୍ୟବସ୍ତୁକୁ ଜୈବିକ ଖତରେ ପରିଣତ କରାଯିବ। ସେହି ଖତଗୁଡ଼ିକକୁ ଚାଷୀଙ୍କୁ ଯୋଗାଇ ଦିଆଯିବ। ପଲିଥିନ ଓ ଅନ୍ୟାନ୍ୟ ସାମଗ୍ରୀକୁ ପୃଥକ୍ କରାଯାଇ ପ୍ରୋସେସିଂ ପ୍ଲାଣ୍ଟ ଏବଂ ସିମେଣ୍ଟ ପ୍ରସ୍ତୁତ କାରଖାନାକୁ ପଠାଯିବ। ଏ ବାବଦରେ ଯେଉଁ ଅର୍ଥ ଆୟ ହେବ ସେସବୁକୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। କୋଟପାଡ ଏନ୍‌ଏସିକୁ ସମ୍ପୂର୍ଣ୍ଣ ବର୍ଜ୍ୟବସ୍ତୁ ମୁକ୍ତ ସହର ଭାବେ ଘୋଷଣା କରାଯାଇଛି। କଟକ ଓ ଭୁବନେଶ୍ୱର ମହାନଗରରେ ☞ପୃଷ୍ଠା-୨

ବ୍ରହ୍ମପୁରରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁଁ କେସି ଟାଉନ ହାଇସ୍କୁଲଶ୍ରେଣୀଗୃହରେ ବର୍ଷା ପାଣି ପଶିଯାଇଛି । (ଫଟୋ: ସମୀର ରଥ)

ଚିଦାମ୍ବରମଙ୍କ ଘରେ ସିବିଆଇ, ଇଡି ଟିମ୍

■ **କୌଣସି ସମୟରେ ଗିରଫ ହୋଇପାରନ୍ତି**

ପି. ଚିଦାମ୍ବରମ୍

■ ଆଇଏନ୍ଏକ୍ସ ମିଡିଆ ମାମଲା

■ ହାଇକୋର୍ଟରୁ ମିଳିଲାନି ଆଗୁଆ ଜାମିନ, ସୁପ୍ରିମ୍‌କୋର୍ଟ ଗଲେ

ନୂଆଦିଲ୍ଲୀ,୨୦।୮

ଆଇଏନ୍ଏକ୍ସ ମିଡିଆ ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କୁ ବଡ଼ ଝଟକା ଲାଗିଛି। ତାଙ୍କର ଆଗୁଆ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଗିରଫରୁ ବର୍ତ୍ତିବା ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ବୁଧବାର ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସୁପ୍ରିମକୋର୍ଟ ଚିଦାମ୍ବରମଙ୍କୁ କହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଚିଦାମ୍ବରମଙ୍କ ଦିଲ୍ଲୀ ବାସଭବନରେ ସିବିଆଇର ଏକ ଟିମ୍ ପହଞ୍ଚିଥିଲେ ହେଁ ତାଙ୍କୁ ନ ପାଇ ଫେରିଆସିଛନ୍ତି। ସିବିଆଇ ଟିମ୍ ଫେରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ମଧ୍ୟ ଚିଦାମ୍ବରମ୍‌ଙ୍କ ବାସଭବନରେ ପହଞ୍ଚିଥିଲା।

ସିବିଆଇ ଏବଂ ଇଡି ପକ୍ଷରୁ ଦାଏର ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଚିଦାମ୍ବରମଙ୍କ ପିଟିଶନ୍ ଖାରଜ ହୋଇଯାଇଥିବା ଜଷ୍ଟିସ୍ ସୁନୀଲ ଗୌର କହିଥିଲେ। ମାମଲାରେ ସେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ତେଣୁ ତାଙ୍କୁ ଜେରା କରିବାରେ ଅଦାଲତ ଆଇନଗତ ପ୍ରତିବନ୍ଧକ ଲଗାଇପାରିବେ ନାହିଁ ବୋଲି ବିଚାରପତି କହିଥିଲେ। ଏହା ମନିଲଣ୍ଡରିଂର ଏକ କ୍ଲାସିକ୍ ମାମଲା। ଅପରାଧର ଗୁରୁତ୍ୱ ଦୃଷ୍ଟିରୁ ଏବଂ ଜେରା ବେଳେ ଚିଦାମ୍ବରମ୍ ସନ୍ଦେହଜନକ ଜବାବ ରଖୁଥିବାରୁ ତାଙ୍କୁ ଆଗୁଆ ଜାମିନ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଥିଲେ।

ହାଇକୋର୍ଟ ରାୟ ଘୋଷଣା କରିବା ପରେ ଚିଦାମ୍ବରମ୍‌ଙ୍କ ଓକିଲ ଦୟାନ କ୍ରିଷ୍ଣନ୍ ଏହା ବିରୋଧରେ ଅପିଲ ପାଇଁ ୩ ଦିନ ସମୟ ମାଗିଥିଲେ ହେଁ କୋର୍ଟ ତାହାକୁ ଅଗ୍ରାହ୍ୟ କରିଦେଇଥିଲେ। ତେଣୁ ଯେକୌଣସି ମୁହୂର୍ତ୍ତରେ ଚିଦାମ୍ବରମଙ୍କୁ ଗିରଫ ହୋଇପାରନ୍ତି। ତାଙ୍କୁ ହାଜତକୁ ନେଇ ଜେରା କରିବା ଆବଶ୍ୟକ ବୋଲି ଉଭୟ ସିବିଆଇ ଏବଂ ଇଡି ହାଇକୋର୍ଟରେ ଯୁକ୍ତି ରଖିଥିଲେ। ୨୦୦୭ରେ ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍ଏକ୍ସ ମିଡିଆ ଗ୍ରୁପ୍‌କୁ ବିଦେଶରୁ ୩୦୫ କୋଟି ଟଙ୍କା ଗ୍ରହଣ କରିବା ପାଇଁ ବିଦେଶୀ ପୁଞ୍ଜିନିବେଶ ପ୍ରୋତ୍ସାହନ ବୋର୍ଡ (ଏଫଆଇପିବି) ମଞ୍ଜୁରୀ ପ୍ରଦାନ କରିଥିଲା ବୋଲି ଉଭୟ ତଦନ୍ତକାରୀ ସଂସ୍ଥା କୋର୍ଟଙ୍କୁ ଜଣାଇଥିଲେ। ଯେଉଁ କମ୍ପାନୀଗୁଡ଼ିକ ଜରିଆରେ ଏହି ଅର୍ଥ ଟ୍ରାନ୍ସଫର ହୋଇଥିଲା ସେଗୁଡିକ ଚିଦାମ୍ବରମଙ୍କ ପୁଅ କାର୍ତ୍ତିଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ନିୟନ୍ତ୍ରଣରେ ରହିଛି। ତେଣୁ କାର୍ତ୍ତିଙ୍କ ହସ୍ତକ୍ଷେପ ଯୋଗୁ ଆଇଏନ୍ଏକ୍ସ ମିଡିଆକୁ ଏଫଆଇପିବି ମଞ୍ଜୁରୀ ପ୍ରଦାନ କରିଥିବା କୁହାଯାଉଛି। ଏହି ମାମଲାରେ ପୂର୍ବରୁ କାର୍ତ୍ତି ଚିଦାମ୍ବରମ ଓ ତାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏସ୍. ଭାସ୍କରରମଣ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ପରେ ସେମାନଙ୍କୁ ଜାମିନ ମିଳିଥିଲା।

ଆଇଏନ୍ଏକ୍ସ ମିଡିଆକୁ ଏଫ୍ଆଇପିବିର ମଞ୍ଜୁରୀ ପ୍ରଦାନରେ ଅନିୟମିତତାକୁ ନେଇ ସିବିଆଇ ୨୦୧୭ ମେ ୧୫ରେ ଏତଲା ଦାଏର କରିଥିଲା। ପରେ ୨୦୧୮ରେ ଇଡି ଏହି ଘଟଣାରେ ମନିଲଣ୍ଡରିଂକୁ ନେଇ ଆଉ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଜୁଲାଇ ୨୫ରେ ଦୁଇଟି ମାମଲାରେ ହାଇକୋର୍ଟ ଚିଦାମ୍ବରମଙ୍କୁ ଆଗୁଆ ଜାମିନ ପ୍ରଦାନ କରିବା ସହ ଏହାର ଅବଧିକୁ ଏକାଧିକ ଥର ବଢ଼ାଇଥିଲେ। ଶେଷରେ ହାଇକୋର୍ଟ ମଙ୍ଗଳବାର ତାଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରି ଦେଇଛନ୍ତି। ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଯାଇଥିଲେ ହେଁ ତାଙ୍କୁ ବୁଧବାର ସକାଳେ ପିଟିଶନ ଦାଏର କରିବାକୁ କୁହାଯାଇଛି।

ଆଜିର ମନ୍ତବ୍ୟ ଅସହିଷ୍ଣୁତା, ସାମ୍ପ୍ରଦାୟିକ ଧ୍ରୁବୀକରଣ ଓ ହିଂସ୍ର ଅପରାଧର ଅରୁଚିକର ଧାରା ଆମ ରାଷ୍ଟ୍ରନୀତିକୁ ଧ୍ୱଂସ କରିଦେବାକୁ ବସିଛି। **–ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**



ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ଲୋକଙ୍କୁ ସାମିଲ ସୁଯୋଗ

ଆଉ ୫ ମାନଦଣ୍ଡ ସାମିଲ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏଥିରୁ ବାଦ୍ ପଡୁଥିବା ଅଧିକ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ଆଉ ୫ଟି ସ୍ୱତଃ ଗ୍ରହଣ (ଅଟୋ ଇନକ୍ଲୁଜନ) ମାନଦଣ୍ଡ କାର୍ଯ୍ୟକାରୀ କରିଛନ୍ତି। ପୂର୍ବରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ୬ଟି ଅଟୋ ଇନକ୍ଲୁଜନ ଏବଂ ଏଥିରୁ ବାଦ୍ ଦେବା ପାଇଁ ରାଜ୍ୟ ସରକାର ୯ଟି ଗାଇଡ୍‌ଲାଇନ୍ କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନାରେ ସ୍ୱତଃ ସାମିଲ ହେବାକୁ ହେଲେ ହିତାଧିକାରୀ ବାସହୀନ ପରିବାର ହୋଇଥିବା ବେଳେ ଭିକ୍ଷାବୃତ୍ତି କରି ଜୀବିକା ନିର୍ବାହ କରୁଥିବେ, ସମସ୍ତ ଆଦିମ ଆଦିବାସୀ, ଯେଉଁ ପରିବାରରେ କୌଣସି ସଦସ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ବିଧବା ଭତ୍ତା ପାଉଥିବେ ଓ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା କୌଣସି ବାଦ୍ ଦେବା ମାନଦଣ୍ଡ ଦ୍ୱାରା ଅଯୋଗ୍ୟ ହୋଇ ନ ଥିବେ। ସେହିପରି କୌଣସି ବ୍ୟକ୍ତି ଶତକଡା ୪୦ ଭାଗରୁ ଅଧିକ ଶାରୀରିକ ବିକଳାଙ୍ଗ ହୋଇଥିବେ ଏବଂ କିନ୍ନର ଶ୍ରେଣୀର ଆବେଦନକାରୀଙ୍କୁ ଆପଣାଛାଏଁ ରାଶନକାର୍ଡ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ତେବେ ରାଜ୍ୟ ସରକାର ଏଥିରେ ଆଉ ୫ଟି ମାନଦଣ୍ଡକୁ ସାମିଲ କରିଛନ୍ତି। ସେଗୁଡିକ ହେଲା କୌଣସି ବ୍ୟକ୍ତି ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ ଏବଂ ତାଙ୍କର କୌଣସି ନିୟମିତ ଆୟ ନ ଥିବ, ପରିବାରରେ କେବଳ ବୃଦ୍ଧାବୃଦ୍ଧ ଥିବେ, ଶାରୀରିକ ଓ ମାନସିକ କ୍ଷେତ୍ରରେ ଦୁର୍ବଳ ଥିବେ, ଯେଉଁ ପରିବାରରେ କୌଣସି ବୟସ୍କ ସଦସ୍ୟ ନ ଥିବେ ଏବଂ ଯେଉଁବ୍ୟକ୍ତି ନିଜର ପରିବାର ପ୍ରତିପୋଷଣ ପାଇଁ ଦୈନିକ ମଜୁରି ଲାଗୁଥିବେ। ଏହାଛଡା କୁଷ୍ଠ, ଏଚ୍ଆଇଭି ଏବଂ ଅନ୍ୟ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ବ୍ୟକ୍ତିଙ୍କୁ ମଧ୍ୟ ଏହି ଯୋଜନାରେ ଆପେ ଆପେ ସାମିଲ କରାଯାଇ ପାରିବ।

ସେହିପରି ହିତାଧିକାରୀ ତାଲିକାରୁ ବାଦ୍ ପଡିବା ଗାଇଡ୍‌ଲାଇନ୍‌ରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବିଜୁ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ ଯୋଜନା ଏବଂ ବିସ୍ଥାପନ ଓ ଥଇଥାନ ନୀତିଦ୍ୱାରା ସାମିଲ ହୋଇଥିବା ପରିବାର, ଯାହାଙ୍କର ୩ଟି କୋଠରିବିଶିଷ୍ଟ କୋଠାଘର ଥିବ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦିଆଯାଇଛି।

ଆଜିର ସମ୍ପାଦକୀୟ

କାହା ପାଇଁ ସଂଯୋଗ

NECC NATIONAL EGG CO-ORDINATION COMMITTEE 20.08.2019 Vencobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	71	120	130
CTC	71	120	130
DKL	70	119	129
BDK	70	119	129
BLS	71	120	130
ANG	71	120	130
BHM	67	115	125

*Conditions Apply

Eggs Retail Price- 43/-Dozen
Issued in the Interest of Consumers

କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ଚାଉଳ ଉତ୍ପାଦନ ୩.୨୫% ବୃଦ୍ଧି ଘଟି ୧୧୬.୪୨ ନିୟୁତ ଟନ୍ ଛୁଇଁଛି।
– କୃଷି ମନ୍ତ୍ରଣାଳୟ

ଜନ୍ମଦିନର ଶୁଭେଚ୍ଛା

ପିୟୁଷ
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଡବଲ ମର୍ଡର

ପ୍ରଥମ ପୃଷ୍ଠାରୁ...

ପୋଲିସ ବସ୍ତିର ୩ଜଣଙ୍କୁ ସନ୍ଦେହରେ ଥାନାକୁ ନେଇ ତଦନ୍ତ ଜାରି ରଖିଛି। ଡିଆଇବି ଡିଏସପି ହରିଶ ପାଣ୍ଡେ ଏସମ୍ପର୍କରେ କହିଛନ୍ତି, ତଦନ୍ତ ପରେ ସମ୍ପୂର୍ଣ୍ଣ ଘଟଣା ଜଣାପଡିବ। ହତ୍ୟା ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ଗୁଣିଗାରେଡି ସନ୍ଦେହରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଏସପି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି।

ସରକାରଙ୍କ ଉପରେ ...

ଯଥାକ୍ରମେ ୧୨ ଓ ୩୫ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ ଆରମ୍ଭ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ସମସ୍ତ ସହରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଆଧାରରେ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯିବ ବୋଲି ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ କହିଛନ୍ତି।

ଆଜି ଶ୍ରୀମନ୍ଦିରରେ ରାହୁରେଖା ଲାଗି

ପୁରୀ ଅଫିସ, ୨୦।୮-ଶ୍ରୀମନ୍ଦିରରେ ବୁଧବାର ରାହୁରେଖା ଲାଗି ହେବେ ମହାପ୍ରଭୁ। ଏଥିପାଇଁ ଅପରାହ୍ନ ପ୍ରାୟ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅର୍ଥାତ୍ ୫ଘଣ୍ଟା ଦର୍ଶନ ବନ୍ଦ ରହିବ। ପ୍ରଥମ ଭୋଗ ମଣ୍ଡପ ପୂଜା ପରେ ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବେ। ଏହି ନୀତି ସମ୍ପନ୍ନ ପରେ ପୁଣି ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ରାହୁରେଖା ଓଲାଗି ହୋଇ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ରାହୁରେଖା ଲାଗି ହୋଇଥାନ୍ତି।

ଫନୀ ପରବର୍ତ୍ତୀ ପୁନରୁଦ୍ଧାର | କେନ୍ଦ୍ର ଦେଲା ୩୩୩୮.୨୨ କୋଟି ଅତିରିକ୍ତ ସହାୟତା

- ପୂର୍ବରୁ ମିଳିଛି ୭୮୮.୮୭୫ କୋଟି ଟଙ୍କା
- ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ବାତ୍ୟା 'ଫନୀ' କ୍ଷୟକ୍ଷତି ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ୩୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ସହାୟତା ରାଶି ଘୋଷଣା କରିଛନ୍ତି। ନୂଆଦିଲ୍ଲୀରେ ମଙ୍ଗଳବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ଏହାପୂର୍ବରୁ ଓଡ଼ିଶାକୁ ଫନୀ ସହାୟତା ବାବଦରେ ୭୮୮.୮୭୫ କୋଟି ଟଙ୍କା ମିଳିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ଓଡ଼ିଶା ବ୍ୟତୀତ ମରୁଡି ଦ୍ୱାରା ପ୍ରଭାବିତ କର୍ନାଟକକୁ ୧୦୨୯.୩୯ କୋଟି ଟଙ୍କା ଏବଂ ପ୍ରବଳବର୍ଷା ଓ ପର୍ବତ ସ୍ଖଳନଜନିତ କ୍ଷତି ପାଇଁ ୬୪.୪୯ କୋଟି ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି। ବୈଠକରେ ମନ୍ତ୍ରୀ ଶାହଙ୍କ ସମେତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସହାୟତା ରାଶି ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ସହାୟତା ରାଶି ଫନୀ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଗତ ମେ ୩ରେ ଫନୀ ପ୍ରକୋପ ବହୁଳ ଭାବେ ଉପକୂଳ ଓଡ଼ିଶାରେ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷତିଗ୍ରସ୍ତ ଅଞ୍ଚଳ ଅନୁଧ୍ୟାନ କରିବା ସହ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ୧୦୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ନେଇ ଘୋଷଣା କରିଥିଲେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଫନୀ ଦ୍ୱାରା ପ୍ରାଣ ହରାଇଥିବା ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କା ଏବଂ ମାତ୍ରାଧିକ ଆହତ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ୫୦,୦୦୦ ଟଙ୍କାର ସହାୟତା ଘୋଷଣା କରାଯାଇଥିଲା। ଫନୀ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୃଣମୂଳସ୍ତରରେ କ୍ଷୟକ୍ଷତି ଆକଳନ କରାଯାଇଥିଲା। ଏଥିସହିତ ସହାୟତା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ପ୍ରାୟ ୯୩୩୬ କୋଟି ଟଙ୍କାର କ୍ଷୟକ୍ଷତି ପାଇଁ ତୁରନ୍ତ ୫୨୨୮ କୋଟି ଟଙ୍କାର ସହାୟତା ଏନ୍‌ଡିଆରଏଫ୍‌ରୁ ମଗାଯାଇଥିଲା।

ହୀରାକୁଦ ଡ୍ୟାମ୍: ବନ୍ଦ ହେଲା ୧୦ ଗେଟ୍

୪ ଗେଟ୍‌ରେ ଜଳ ନିଷ୍କାସନ ଜାରି

ସମ୍ବଲପୁର,୨୦।୮(ବ୍ୟୁରୋ)-ହୀରାକୁଦ ଡ୍ୟାମର ୧୦ଟି ସ୍ଲୁଇସ୍ ଗେଟ୍‌କୁ ମଙ୍ଗଳବାର ବନ୍ଦ କରିଦିଆଯାଇଛି। ଏବେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡ ଡ୍ୟାମ୍‌କୁ ୮୪ ହଜାର ୧୩୦ ଘନଫୁଟ ପାଣି ପ୍ରବେଶ କରୁଛି। ୪ ଗେଟ୍‌ରେ ପ୍ରତି ସେକେଣ୍ଡ ୮୪ ହଜାର ୧୩୦ ଘନଫୁଟ ପାଣି ନିଷ୍କାସିତ ହେଉଛି। ପାୱାର ଚାନେଲରେ ୧୮ ହଜାର ୬୧୧, ବିଭିନ୍ନ କେନାଲରେ ୨ହଜାର ୮୭୭ ଓ ଶିଳ୍ପକୁ ୧୭୦ ଘନଫୁଟ ପାଣି ଛଡ଼ାଯାଉଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍ ତଳମୁଣ୍ଡ ବେଲଗାଁରେ ୨୧ ହଜାର ୫୦୦, ପଥରିଆରେ ୬୨ ହଜାର ୩୮୦, ଖଇରମାଲରେ ୩ଲକ୍ଷ ୩୦ ହଜାର, ଘୁରମୁଲାରେ ୩ଲକ୍ଷ ୧୨ ହଜାର ୭୫୦ ଓ ମୁଣ୍ଡଳୀରେ ୨ଲକ୍ଷ ୬୫ ହଜାର ୮୦୦ ଘନଫୁଟ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଉପର ମୁଣ୍ଡରେ ବର୍ଷା ଅଧିକ ରହିଛି। ବୁର୍ଲାରେ ୨୩ ମିମି, ହୀରାକୁଦରେ ୫୮.୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଡ୍ୟାମ୍ ଜଳସ୍ତର ୬୨୦.୪୫ ରହିଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରୀ ଅସୁସ୍ଥ

ଚିତ୍ରକୋଣ୍ଡା,୨୦।୮(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚେମ୍ପରାରି କଲୋନୀ ପ୍ରାଥମିକ ଆବାସିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି। ସମ୍ପୃକ୍ତ ଛାତ୍ରୀମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ବିଦ୍ୟାଳୟରେ ୧୫୦ ଛାତ୍ରୀଛାତ୍ର ପଢନ୍ତି। ସୋମବାର ଅପରାହ୍ନ ଗୋଟାଏରେ ସେମାନେ ଖାଦ୍ୟ ଖାଇଥିଲେ। ଏହା ପରେ ୩୩ ଛାତ୍ରୀଙ୍କ ପ୍ରଥମେ ପେଟ ବ୍ୟଥା ହୋଇ ଝାଡ଼ା ହୋଇଥିଲା। ଏହି ଖବର ସନ୍ଧ୍ୟା ୭ଟାରେ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ସାହୁ ଜାଣିବା ପରେ ଛାତ୍ରୀମାନଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ପ୍ରଧାନଶିକ୍ଷକ ସାହୁ ପଚାରିବାରୁ ସେ କହିଲେ ଯେ, ୫୦ ଛାତ୍ରୀଛାତ୍ର ଖାଦ୍ୟ ଖାଇଥିଲେ। କେବଳ ୩୩ ଛାତ୍ରୀ ତରଳ ଝାଡ଼ାର ଶିକାର ହୋଇଛନ୍ତି। ଚିକିତ୍ସା କରୁଥିବା ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତଙ୍କୁ ପଚାରିବାରୁ ସେ କହିଲେ ଯେ, ପିଲାଙ୍କ ରକ୍ତ ଓ ମଳ ପରୀକ୍ଷା ବିନା କିଛି କହି ହେବନାହିଁ। ଏବେ ସମସ୍ତ ପିଲା ଭଲ ଅଛନ୍ତି।

ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ଶ୍ରୀଚନ୍ଦ୍ର ପ୍ରଭାବରେ ଅର୍ଥଲାଭ କିନ୍ତୁ ଯାତ୍ରା, ବିବାଦ, ଗୃହାରମ୍ଭାଦି କାର୍ଯ୍ୟରେ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଆପଣ ମନେ ମନେ ଯାହା ଭାବୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। ବ୍ୟବସାୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

ବୃଷ

ଶନିଙ୍କ ପ୍ରଭାବରୁ ଅତୀତ ଦିନର ପାରିବାରିକ ସମସ୍ୟା ବିଷୟକୁ ବାରମ୍ବାର ଚିନ୍ତା କରିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ଏଣେ କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ଘଟଣାବଳୀ ମନକୁ ବାରମ୍ବାର ଆଲୋଡିତ କରିବ। ରାହୁଙ୍କ କୁପ୍ରଭାବରୁ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ବନ୍ଧୁମାନଙ୍କ ପ୍ରତି ସ୍ନେହ ସହୃଦୟତା ମନୋଭାବ ଗ୍ରହଣ କରିପାରନ୍ତି।

ମିଥୁନ

ଧନସ୍ଥାନସ୍ଥ ବୁଧ ଯୋଗୁ ଆର୍ଥିକ ପରିସ୍ଥିତି ଆପଣଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ପରିବାରରେ ପିଲାମାନଙ୍କ ବିଷୟ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ଆଲୋଚନା ପରିସରରେ ବନ୍ଧୁମାନଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ।

କର୍କଟ

ଆଜିର ଗ୍ରହସ୍ଥିତି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ଅସୁବିଧା ହେବନି। ସାମୟିକ ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

ସିଂହ

ରାଶ୍ୟାଧିପଙ୍କ ସହ ଶୁକ୍ର ଓ ମଙ୍ଗଳ କଣାକୁଜା ଯୋଗ ସୃଷ୍ଟିକରି ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ପ୍ରଦାନ କରିପାରନ୍ତି। ସାମାଜିକ ସ୍ତରରେ, କର୍ମକ୍ଷେତ୍ରରେ ନିଜର ପଡିଆରା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ମାତ୍ର ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ମିତ୍ରଜନଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

କନ୍ୟା

ଯାହା ପାଇବା ପାଇଁ ଆଶା ବାନ୍ଧି ବସିଛନ୍ତି ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ପାଇବା ଦୁରୂହ ହୋଇପାରେ। ବିଚାର ନ କରି ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କଲେ ହଇରାଣ ହେବାକୁ ପଡ଼ିବ। ଅପୂରଣୀୟ ଆଶା ମନକୁ ଆଲୋଡ଼ିତ କରିବା କାରଣରୁ ସାମୟିକ ଅଶାନ୍ତି ରହିପାରନ୍ତି। ଅବଶ୍ୟ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

ତୁଳା

ଆଜି ସତର୍କତା ଅଭାବରୁ ଧନହାନି ଘଟିବା ସହ ଆପଣଙ୍କ କଥା ଅନ୍ୟପାଇଁ ଶ୍ରୁତିକଟୁ ହୋଇପାରେ। ଫଳରେ ବିନା କାରଣରେ ଅଶାନ୍ତି ଓ ସମ୍ପର୍କରେ ବାଧା ଆସିବାର ଆଶଙ୍କା ଦେଖାଦେଇପାରେ। ତଥାପି ନୁକ୍ତିପତ୍ର, ନିର୍ମାଣ, ପ୍ରକଳ୍ପ କାର୍ଯ୍ୟ ପ୍ରତିଯୋଗିତା, ମାଲିମକଦ୍ଦମା ପ୍ରଭୃତିରେ ବିଜୟଲାଭ ଅବଶ୍ୟମ୍ଭାବୀ।

ବିଛା

ଆଜି ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଆପଣଙ୍କ ଯାତ୍ରାରେ ବ୍ୟୟବହୁଳତା ସୃଷ୍ଟି କରିବ। ଆପଣଙ୍କ ଉନ୍ନତ ଚିନ୍ତା ଓ ନୂତନ ଯୋଜନା କାର୍ଯ୍ୟକାରୀ କରିବାରେ ମାନସିକ ଅସ୍ଥିରତା ବାଧକ ସାଜିବ। କ୍ରୀଡା, କଳା ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବହାରରେ ସଂଯମତାର ଅଭାବ ସମସ୍ୟା ସୃଷ୍ଟିର କାରଣ ହୋଇପାରେ।

ଧନୁ

ଆଜି ସକାଳୁ ସକାଳୁ ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିବ। ପ୍ରିୟଜନଙ୍କ ସହ ଯାତ୍ରା ଏବଂ ପରିବହନ, ବ୍ୟବସାୟ ଓ ବାଣିଜ୍ୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। କୌଣସି ନୂତନ କର୍ମାରମ୍ଭ ପାଇଁ ମନ ବଳାଇ ପାରନ୍ତି।

ମକର

ପରିବାରରେ ଶାନ୍ତି ଫେରି ଆସିବା ପାଇଁ ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ନିର୍ମାଣ ଓ ପରିବହନ ଭଲରେ ଚାଲିବା ସହ ରପ୍ତାନି କାରବାର, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ବିବାଦକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନେ ହତାଦର କରିପାରନ୍ତି। ଅନାଗତ ଭବିଷ୍ୟତର ଅହେତୁକ ଆଶଙ୍କା ଚିନ୍ତାକରି ବ୍ୟସ୍ତତା ଅନୁଭବ କରିପାରନ୍ତି।

କୁମ୍ଭ

ଆଜିର ଚନ୍ଦ୍ରଙ୍କ ସ୍ଥିତି ସ୍ୱଜନ ସମ୍ପର୍କକୁ କ୍ଷୁଣ୍ଣ କରିବା ସହ ସହକର୍ମୀଙ୍କ ସହ ମଧ୍ୟ ମତାନ୍ତର ସୃଷ୍ଟି କରିବ। ଗ୍ରହସ୍ଥିତି ବିଶେଷ ଭଲ ନ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି କାମ କରିବା ଭଲ। ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଅବଶ୍ୟ ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରି ପାରିବେ।

ମୀନ

ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଅନିୟମିତତା ଓ ଗରିଷ୍ଠଖାଦ୍ୟ ଭୋଜନଜନିତ ହଠାତ୍ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ମିଳିବ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ବୁଧବାର, ଅଗଷ୍ଟ ୨୧ ତାରିଖ, ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୧୦।୦୮ମି. ଗତେ, ଘ୧।୪୭ମି. ମଧ୍ୟେ ଘ୪।୪୪ମି. ଗତେ, ଘ୬।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୯ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ।

classifieds Everyday

0674-2580101, 2549302

BRIDE WANTED

Wanted Science stream charming graduate bride 5'4"+ (Academic career) for Bhubaneswar, Viswakarma boy, 1993, 5'8", B.Tech, Engineer, Pune. Cashless marriage. Mobile: 9237023852. D-65679

29 ବୟସ୍କା, business କରୁଥିବା ଖୋର୍ଦ୍ଧା ସ୍ଥିତ ଅବିବାହିତ Marwadi ପୁଅଙ୍କ ପାଇଁ ଝିଅ ଦରକାର। 7008080967. D-13952

Now Matrimonial ads. only on Wednesday & Sunday Book 1 Get 1 FREE

Khandayat groom, Engineer 38, Bank manager 43 (Caste-no-bar). Contact: 7873374269. D-67044

ଚାର୍ଟାଡ ଆକାଉଣ୍ଟାଣ୍ଟ ବ୍ରାହ୍ମଣ ପୁଅ ପାଇଁ ଗଞ୍ଜାମ ଜିଲ୍ଲାରୁ କନ୍ୟା ଆବଶ୍ୟକ। ରାଶି ୧୨/୫ ୨୯ ବର୍ଷ। ଯୋଗାଯୋଗ: 7873427735. D-66614

GROOM WANTED

32 ବୟସ୍କା ଅନାଥ ଛାଡ଼ପାତ୍ରୀ private ଚାକିରି କରୁଥିବା Brahmin ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13951

Beautiful Bengali (Kayastha) girl, Dec.1988, 5'5", MBA, VAISNABI. 06742551286, 9238578590. D-66179

୪୨, Govt. Nurse ନିମାପଡ଼ା ବାସିନ୍ଦା କରଣ ଝିଅ ପାଇଁ Job / Business man proposal ଖୋଜା ଚାଲିଛି। 9078940188. D-13953

46 ବର୍ଷ Govt.ର administrator ଭାବରେ ଖଣ୍ଡାୟତ୍ତ ଘରର divorcee ଝିଅପାଇଁ ଉପଯୁକ୍ତ ବୟସର ବରପାତ୍ର ଆବଶ୍ୟକ। ଯେକୌଣସି ଜାତିର ମଧ୍ୟମ ପରିବାରର ବରପାତ୍ର ଆବଶ୍ୟକ। 7377689793. D-63782

SALE

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

Sale of House at Chhayapath, Nayagarh on 10 dec. land. Contact: 9937300620. D-66285

ଭୁବନେଶ୍ୱର **Infocity-2 boundaryକୁ ଲାଗି mega plotting project sqft. 350/-** ରେ **(Sidhavihar Colony)**ରେ **plot** କିଣନ୍ତୁ। **9114955347, 8658962508.** D-66764

Bhubaneswar ପିତାପଲ୍ଲୀ

ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବ ଓଡ଼ିଶା

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବ ଓଡ଼ିଶା । ଖୁବ୍‌ଶୀଘ୍ର ରାଜ୍ୟର ଗୋଟିଏ କିମ୍ବା ଦୁଇଟି ପର୍ଯ୍ୟଟନସ୍ଥଳୀକୁ ମିଳିବ ଆଦର୍ଶ ପର୍ଯ୍ୟଟନସ୍ଥଳୀର ମାନ୍ୟତା । ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀମାନଙ୍କ ଜାତୀୟ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ । ଓଡ଼ିଶାରୁ ପୁରୀ ଏବଂ କୋଣାର୍କ ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ସାମିଲ ହେବାର ସମସ୍ତ ଯୋଗ୍ୟତାକୁ ପୂରଣ କରୁଛି । କେହି ଚାହିଁଲେ ମଧ୍ୟ ଏହି ଦୁଇଟି ସ୍ଥାନକୁ ଆଇକନିକ୍ ଟ୍ୟାଗ୍ ପାଇବାରୁ ବାଦ୍ ଦେଇପାରିବେ ନାହିଁ । ଓଡ଼ିଶା ପକ୍ଷରୁ ଆମକୁ ପର୍ଯ୍ୟଟନସ୍ଥଳୀ ସମ୍ପର୍କିତ ଠିକ୍ ଏବଂ ନିର୍ଦ୍ଦିଷ୍ଟ ତଥ୍ୟ ମିଳି ନ ଥିବାରୁ ଦୁର୍ଭାଗ୍ୟଜନକଭାବେ ଏହି ଦୁଇଟି ସ୍ଥାନ ତାଲିକାରୁ ବାଦ୍ ପଡ଼ିଥିଲା । ତେବେ ଖୁବ୍‌ଶୀଘ୍ର ଓଡ଼ିଶାକୁ ଆଇକନିକ୍ ହେରିଟେଜ୍ ଷ୍ଟାଟସ୍ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପଟେଲ କହିଛନ୍ତି ।

୧୯ ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପର୍ଯ୍ୟଟନ ସଚିବ ଏବଂ ବରିଷ୍ଠ ପର୍ଯ୍ୟଟନ ଅଧିକାରୀଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ଦେଶର ପର୍ଯ୍ୟଟନ ଶିଳ୍ପକୁ ବ୍ୟାପକ କରିବା ଲାଗି ମାନସମନ୍ଥନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ପଟେଲ କହିଲେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତଭାବେ ପର୍ଯ୍ୟଟନର ବିକାଶ ଦିଗରେ କାର୍ଯ୍ୟ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଇଁ କାମ କରିବା ଜରୁରୀ । ବିଦେଶୀଙ୍କ ମନରେ ଭାରତକୁ ନେଇ ଯେଉଁ ନକରାତ୍ମକ ଧାରଣା ରହିଛି ତାହା ଜାଣିବା ଲାଗି ରାଜ୍ୟ ସରକାରମାନେ ଏକ ସର୍ଭେ କରନ୍ତୁ । ଏଥିସହ ଆଗାମୀ ୫ବର୍ଷ ମଧ୍ୟରେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଯେପରି ଦୁଇଗୁଣା ବୃଦ୍ଧିପାଇବ ସେହି ଲକ୍ଷ୍ୟ ନେଇ କାମ କରିବାକୁ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପଟେଲ କହିଥିଲେ । ଏହି ସମ୍ମିଳନୀରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଆଡ୍‌ଭେଞ୍ଚର୍ ଟୁରିଜିମ୍‌ର ବିକାଶ, ବ୍ରେଡ୍ ଆଣ୍ଡ୍ ବ୍ରେକ୍‌ଫାଷ୍ଟ ଏବଂ ହୋମ୍ ଷ୍ଟେ' ଯୋଜନାର ଗାଇଡ୍‌ଲାଇନ, ସ୍ୱଦେଶ ଦର୍ଶନ ଓ ପ୍ରସାଦ ଯୋଜନାର ଉପଯୋଗିତା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାସହ 'ଇନ୍‌କ୍ରେଡିବଲ୍ ଇଣ୍ଡିଆ' ୱେବ୍‌ସାଇଟର ହିନ୍ଦୀ ଭର୍ସନ ଲୋକାର୍ପଣ କରାଯାଇଥିବାବେଳେ ଆସନ୍ତା ମାସରେ ଚାଇନିଜ୍, ଆରବିକ୍ ଓ ସ୍ପାନିଶ୍ ଭର୍ସନରେ ଏହି ୱେବ୍‌ସାଇଟ୍ ଲୋକାର୍ପିତ ହେବ ବୋଲି ସୂଚନା ଦିଆଯାଇଥିଲା ।

ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ ଦେଶର ୧୭ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରାଯିବ ବୋଲି ଘୋଷଣା କରିଥିଲେ । ତେବେ ଏହି ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ଓଡ଼ିଶାର ଗୋଟିଏ ବି ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇ ନ ଥିଲା । ଏହାକୁ ନେଇ ବିରୋଧ ହେବାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଜାତୀୟ ସମ୍ମିଳନୀରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଉଦ୍‌ବୋଧନ ଦେଉଛନ୍ତି ।

- **ପୁରୀ, କୋଣାର୍କକୁ ମିଳିପାରେ ଆଇକନିକ୍ ଟ୍ୟାଗ୍**
- **ଜାତୀୟ ସମ୍ମିଳନୀରେ ସୂଚନାଦେଲେ କେନ୍ଦ୍ର ପର୍ଯ୍ୟଟନମନ୍ତ୍ରୀ**
- **ବିଦେଶୀ ପର୍ଯ୍ୟଟକ ଆଗମନ ଦୁଇଗୁଣା କରିବାକୁ ପରାମର୍ଶ**

ରମାଦେବୀ ପରିସରରୁ ହଟିବ ଯୁକ୍ତ୨

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରୁ ଜୁନିଅର୍ କଲେଜ ଅଲଗା ହେବ । ୟୁନିଟ-୯ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ହାୟର ସେକେଣ୍ଡାରୀ ସ୍କୁଲ ପ୍ରତିଷ୍ଠା ହେବ । ହାଇସ୍କୁଲ ପରିସରରେ ୩ଏକର ଜମି ଚିହ୍ନଟ କରାଯାଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମଜା ମିଶ୍ର ସୂଚନା ଦେଇଛନ୍ତି । ଇତିମଧ୍ୟରେ ସର୍ଭେ କାମ ପାଖାପାଖି ସରିଥିବାବେଳେ ଆଗକୁ ବିଲ୍ଡିଂ ନିର୍ମାଣ ଆରମ୍ଭ ହେବ । ତେବେ ନିର୍ମାଣ ସମ୍ପୂର୍ଣ୍ଣ ସରିବା ପରେ ବିଶ୍ୱବିଦ୍ୟାଳୟ ପରିସରରୁ ଯୁକ୍ତ୨ କଲେଜ ଅଲଗା ହେବ । ଏଥିପାଇଁ ଆହୁରି ଦୁଇ ତିନି ବର୍ଷ ଲାଗିବ ବୋଲି କୁଳପତି ମିଶ୍ର କହିଛନ୍ତି ।

ସାରଳା ମହାଭାରତ ଜ୍ଞାନକୋଷ ପ୍ରସ୍ତୁତି ଲାଗି ପ୍ରୟାସ

ଜେଏନ୍‌ୟୁ ସାରଳା ଦାସ ଚେୟାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦିକବି ସାରଳା ଦାସ ଚେୟାର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ମଙ୍ଗଳବାର ସହବନ୍ଧନ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି । ଜେଏନ୍‌ୟୁ ଭାରତୀୟ ଭାଷା କେନ୍ଦ୍ରଠାରେ ହୋଇଥିବା ଏହି ଚୁକ୍ତିର ମୂଳଲକ୍ଷ୍ୟ ହେଉଛି ବିଶ୍ୱସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ଉଚ୍ଚତର ଗବେଷଣା । ସେହି ଅନୁସାରେ, ଉଭୟ ବିଶ୍ୱବିଦ୍ୟାଳୟ ସହଯୋଗରେ ସାରଳା ମହାଭାରତର ଜ୍ଞାନକୋଷ ପ୍ରସ୍ତୁତି, ବିଭିନ୍ନ ତାଳପତ୍ର ପୋଥିର ପୁନରୁଦ୍ଧାର, ଓଡ଼ିଆ ଶାସ୍ତ୍ରୀୟ ସାହିତ୍ୟର ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ, ଶାସ୍ତ୍ରୀୟ ସାହିତ୍ୟର ଡିଜିଟାଇଜେଶନ, ଶାରଳା ମହାଭାରତର ଶୁଦ୍ଧ ପାଠ ନିର୍ଣ୍ଣୟ ଭଳି ଗବେଷଣା ପ୍ରକଳ୍ପ ପରିଚାଳିତ ହେବ । ଏହାଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟର ଭାଷା, ସାହିତ୍ୟ ଓ ସଂସ୍କୃତି ଉତ୍କର୍ଷ କେନ୍ଦ୍ର, ସ୍ନାତକୋତ୍ତର ଓଡ଼ିଆ ବିଭାଗ ଏବଂ ଜେଏନ୍‌ୟୁ ସାରଳା ଦାସ ଚେୟାର ସହଯୋଗରେ ଛାତ୍ରୀଛାତ୍ରମାନେ ଅଧିକ ଗବେଷଣା କରିପାରିବେ । ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଜେଏନ୍‌ୟୁ ଭାଷା ସାହିତ୍ୟ ସଂସ୍କୃତି ସଂସ୍ଥାନର ଡିନ୍ ପ୍ରଫେସର ସୟଦ ଅୟିନୁଲ ହାସନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପ୍ରବୋଧ କୁମାର ହୋତା ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ । ଜେଏନ୍‌ୟୁ ପ୍ରଫେସର ଏମ୍. ଜଗଦେଶ କୁମାର, ରେକ୍ଟର ପ୍ରଫେସର ଚିନ୍ତାମଣି ମହାପାତ୍ର, ଆଦିକବି ସାରଳା ଦାସ ଚେୟାରର ପ୍ରଫେସର ଉଦୟନାଥ ସାହୁ, ଭାରତୀୟ ଭାଷା କେନ୍ଦ୍ର ଅଧକ୍ଷ ପ୍ରଫେସର ଓମ୍ ପ୍ରକାଶ ସିଂଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ । ଏହି ଅବସରରେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ସହିତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରଙ୍କର ଭାବ ବିନିମୟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଜିଲା ଟିଠି
ଖୋର୍ଦ୍ଧା

ବଦନାମର ବୋଝ

ଖୋର୍ଦ୍ଧା ଓ ବେଗୁନିଆ ତହସିଲ ଅଞ୍ଚଳରେ ପଥର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଥିଲା । ଅନୁମତି ନ ଥାଇ ଜଗନ୍ନାଥ ମହାପ୍ରଭୁଙ୍କ ୫୦ରୁ ଉର୍ଦ୍ଧ୍ୱ ଗ୍ରାନାଇଟ୍ ପାହାଡରେ ବେଆଇନ ବ୍ଲାଷ୍ଟିଂ ଓ କ୍ରଶର ଚାଲୁଥିଲା । ଏହାର ପ୍ରଭାବରେ ଆଖପାଖ ଜନବସତିରେ କୃତ୍ରିମ ମୃଦୁ ଭୂମିକମ୍ପ ଅନୁଭୂତ ହେଉଥିଲା । ବହୁ ପାହାଡ ସମତୁଲ ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଥିଲା । ବନ୍ୟଜନ୍ତୁ ଗାଁମୁହାଁ ହେଉଥିବାବେଳେ ଜନସାଧାରଣଙ୍କ ଧନଜୀବନ ନଷ୍ଟ ହେବାରେ ଲାଗିଥିଲା । ବ୍ଲାଷ୍ଟିଂ ସମୟରେ ରାସ୍ତା ଘଣ୍ଟା ଘଣ୍ଟା ଧରି ବନ୍ଦ ରହୁଥିଲା । ଗୁରୁତର ରୋଗୀ, ଜରୁରୀ କାମଥିବା ଲୋକ, ଛାତ୍ରୀଛାତ୍ର ହଇରାଣର ସମ୍ମୁଖୀନ ହେଉଥିଲେ । ବେଆଇନ ବ୍ଲାଷ୍ଟିଂ ଓ ଖଣି ଖନନକୁ ରୋକିବାକୁ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରତିବାଦ, ଅଭିଯୋଗ କରୁଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ବି ଦେଉଥିଲେ । ତଥାପି ଫଳ ଶୂନ ଥିଲା । ଅଭିଯୋଗର ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଉଥିଲା । ପ୍ରଶାସନ ସବୁ ଜାଣି ଅଜଣା ରହୁଥିବାରୁ ପଥର ବ୍ୟବସାୟୀ ସେମାନଙ୍କର କାରବାରକୁ ଅବାଧରେ ଚାଲୁ ରଖିଥିଲେ । ଏପରି କି ମାମଲା କୋର୍ଟରେ ବିଚାରାଧୀନ ଥିଲେ ମଧ୍ୟ ବେଆଇନ ଖଣି ଖନନକୁ ରୋକା ଯାଇ ପାରି ନ ଥିଲା । ସେହିଭଳି ଖୋର୍ଦ୍ଧା ପୋଲିସ ଜିଲାରେ ବେଆଇନ ନିଶା କାରବାର ବଢ଼ି ଚାଲିଥିବାର ଅଭିଯୋଗ ହୋଇ ଆସୁଥିଲା । ଲୋକଙ୍କ ଅଭିଯୋଗ ପରେ ପୋଲିସ, ଅବକାରୀ ଓ ଜିଲା ପ୍ରଶାସନ ସେଭଳି ପଦକ୍ଷେପ ନେଉ ନ ଥିଲା । ମଝିରେ ମଝିରେ ଯେଉଁ ଲୋକଦେଖାଣିଆ ଚଢ଼ାଉ ହେଉଥିଲା, ତାହା କାରବାରକୁ ବନ୍ଦ କରିବା ପରିବର୍ତ୍ତେ ବଢ଼ାଇ ଚାଲିଥିଲା । ଏହା ପଛରେ ଲୁଚି ରହିଥିଲା ଲାଞ୍ଚ । ମାସିକିଆ ବଟି ଓ ଉପହାର ବନ୍ଦ ହୋଇଗଲେ ଭୟ ସଞ୍ଚାର ପାଇଁ ଚଢ଼ାଉ କରାଯାଉଥିବାର ଅଭିଯୋଗ ଥିଲା । ଏଭଳିସ୍ଥଳେ ନିଶା ଓ ଖଣି କାରବାର ଉପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ପକ୍ଷରୁ ବାରମ୍ବାର ଚଢ଼ାଉ ଓ ଗିରଫଦାରି, ଏନ୍‌କାଉଣ୍ଟର ପରେ ସ୍ଥିତି ବଦଳିଲା । ଫଳରେ ଲୋକେ ଥାନା, ଅବକାରୀ ବିଭାଗ, ରାଜସ୍ୱ ବିଭାଗ ଓ ପ୍ରଶାସନ ଥିଲା ପରି ଅନୁଭବ କଲେ ନାହିଁ । ଏଣୁ ବଦନାମର ବୋଝ ନ ମୁଣ୍ଡାଇ ସମସ୍ତେ ସାଧୁ ବୋଲି ଦେଖାଇବା ପ୍ରୟାସ ଆରମ୍ଭ ହେଲା । ଲୋକଙ୍କ ନିକଟତର ହେବା ପାଇଁ ଖୋର୍ଦ୍ଧା ପୋଲିସ ଜିଲା ପକ୍ଷରୁ ଆରମ୍ଭ ହେଲା ଅପରେଶନ କ୍ଲିନ । ଏଥିରେ ଅଭିଯୁକ୍ତମାନଙ୍କୁ ଗିରଫ କରି ପୋଲିସ ବାହାବା ନେବାକୁ ଉଦ୍ୟମ କରିଥିଲା । ବେଆଇନ ଖଣି ନିଶା କାରବାରରେ ଲଗାମ ଲଗାଯାଇଛି ବୋଲି ଖବରଦାତା ସମ୍ମିଳନୀ କରି କୁହାଗଲା । ତେବେ ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ ଓ ଖୋର୍ଦ୍ଧା ସଦର ଥାନା ଆଇଆଇସି ବିକ୍ରମ ଜେନା ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ପରେ ସବୁ କିଛି ବିଗିଡି ଗଲା । ଆଇଆଇସିଙ୍କୁ ୨୦୧୯ ଅଗଷ୍ଟ ୧୫ରେ ମିଳିବାକୁ ଥିବା ପୋଲିସ ପଦକ ବାତିଲ ହୋଇଗଲା । ଖୋର୍ଦ୍ଧା ତହସିଲଦାରଙ୍କର ପଦୋନ୍ନତି ହୋଇ ସାରିଥିଲା । ତେବେ ଷ୍ଟେଶନ ନ ଛାଡ଼ିବା ତାଙ୍କ ପାଇଁ ସମସ୍ୟା ଡାକି ଆଣିଥିଲା । ବେଆଇନ ପଥର ଖନନ ଘଟଣାରେ ଅନେକ ସରକାରୀ କର୍ମଚାରୀ ସମ୍ପୃକ୍ତ ରହିଥିବା ଅଭିଯୋଗ ଥିବାରୁ ଦୁଇ ଅଧିକାରୀଙ୍କୁ ନୋଟିସ ଛନକା ସୃଷ୍ଟି କରିଛି । ଦେଖାଯାଉ ଏହି ଘଟଣାରେ ଆଉ କେଉଁମାନଙ୍କୁ ନୋଟିସ୍ ପରିସରଭୁକ୍ତ କରାଯାଉଛି । ସେହିପରି ବଦନାମର ବୋଝ ଆଉ କିଏ ସମ୍ଭାଳୁଛି ସେନେଇ ଜିଲାବାସୀଙ୍କର ଅପେକ୍ଷା ।

– ଲୋକନାଥ ମିଶ୍ର

ଆଜି ୭ ଜିଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଓ ଆଉ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ । ତେବେ ୨୨ରୁ ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି । ବିଶେଷ କରି ବ୍ରହ୍ମପୁରରେ ପ୍ରବଳ ବର୍ଷା ହେବାରୁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ବୁଧବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଆଦି ୭ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହାଛଡ଼ା ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ । ତେବେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ତେଣୁ ଏହି ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ୨୨ ଓ ୨୩ ତାରିଖ ଦୁଇଦିନ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ୨୫ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା ହେବ । ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୨୨ରୁ ୨୫ ତାରିଖ ମଧ୍ୟରେ ପ୍ରତିଦିନ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ସମେତ ଉତ୍ତର ଉପକୂଳରେ ବର୍ଷା ହୋଇପାରେ । ତେବେ ଉତ୍ତର ଓଡ଼ିଶାରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

ଥାନାରୁ ଗିରଫ ଅଭିଯୁକ୍ତ ଫେରାର ଘଟଣା

୮ପୋଲିସ କର୍ମଚାରୀ ନିଲମ୍ବିତ

ବରଗଡ଼ ଅଫିସ୍,୨୦।୮

- **ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ୨ ଏଏସଆଇ, ୪ କନଷ୍ଟେବଲ**
- **ବରପାଲି, ଭଟଲି ଥାନାରେ କାର୍ଯ୍ୟରତ ଥିଲେ**

ବରଗଡ଼ ଜିଲା ଜିଲା ବରପାଲି ଓ ଭଟଲି ଥାନାରୁ ୨ଗିରଫ ଅଭିଯୁକ୍ତ ଫେରାର୍ ହେବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି କେ. ଶିବା ସୁବ୍ରାମଣି ଉଭୟ ଘଟଣାରେ ବରପାଲି ଓ ଭଟଲି ଥାନାରେ କାର୍ଯ୍ୟରତ ୮ପୋଲିସ କର୍ମଚାରୀଙ୍କୁ ମଙ୍ଗଳବାର ନିଲମ୍ବିତ କରିଛନ୍ତି । ସେମାନେ ହେଲେ, ବରପାଲି ଥାନାର ଏଏସଆଇ ଜଗନ୍ନାଥ ପଣ୍ଡା, କନଷ୍ଟେବଲ ପହିଲି ସାହୁ, ଆକାଶ ପ୍ରଧାନ, ହୋମଗାର୍ଡ଼ ଛନ୍ଦାଚରଣ ବାରିକ । ସେହିପରି ଭଟଲି ଥାନାର ଏଏସଆଇ ନାରାୟଣ ସେଠ, କନଷ୍ଟେବଲ ସତ୍ୟବାଦୀ ସାହୁ, ସୁକାନ୍ତି ବିଶି ଓ ବୈଲୋଚନ ମାଝିଙ୍କୁ ନିଲମ୍ବିତ କରାଯାଇଛି । ଦିନକରେ ଜିଲାର ୮ପୋଲିସ କର୍ମଚାରୀ ନିଲମ୍ବନ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

ପ୍ରକାଶଥାଉକି, ଗତ ୧୬ତାରିଖ ଏକ ମୋବାଇଲ ଚୋରି ଘଟଣାରେ ସାଲେଭଟା ଅଞ୍ଚଳରୁ ଗିରଫ ହୋଇଥିବା ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଭଏଁଷା ଗ୍ରାମର ଶୁଭଲତା ସିଂ ବରପାଲି ଥାନାରୁ ଫେରାର୍ ହୋଇ ଯାଇଥିଲେ । ପରେ ଖୋଜାଖୋଜି କରି ବିଳମ୍ବରେ ପୋଲିସ ତାଙ୍କୁ ପୁଣି ଧରିଥିଲା । ତେବେ ସେହି ଘଟଣାକୁ ୩ଦିନ ବିତି ନ ଥିବାବେଳେ ସୋମବାର ଭଟଲି ଥାନାରୁ ଆଉ ଜଣେ ବଳାତ୍କାର ଗିରଫ ଅଭିଯୁକ୍ତ ଡବଲଙ୍ଗ ଗ୍ରାମର ସୁଦର୍ଶନ ସାହୁ ଫେରାର ହୋଇ ଯାଇଥିଲେ । ଏଯାଏ ତାଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇନାହିଁ । ପୋଲିସ ହେପାଜତରୁ ଗିରଫ ଅଭିଯୁକ୍ତ ଫେରାର୍ ହେବା ପରେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ ତଦନ୍ତ ପାଇଁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ବରଗଡ଼ ଜିଲା ଦାୟିତ୍ୱରେ ରହିଥିବା ବଲାଙ୍ଗୀର ଏସ୍‌ପି ସୁବ୍ରମଣିଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ ଉଭୟ ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ । ସେହି ରିପୋର୍ଟ ଆଧାରରେ ଉପରୋକ୍ତ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ।

Government College (Auto), Angul
www.gaca.nic.in

Admission Notice: 2019-20

Applications in prescribed Form are invited for admission into the following Self-financing Courses (PPP) offered under Utkal University for the academic session **2019-20**

Course	Eligibility
5-Yr. I-MBA	+2 or Eqv. with 40% in aggregate
2-Yr. MBA (Lateral entry)	+3 or Equivalent with 40% in aggregate
2-Year M.Com. (Finance & Control)	+3 or Equivalent with 40% in aggregate

Scholarship: Available for eligible SC, ST, OBC & Minority category.

The Application form can be obtained from the College on all working days on payment of Rs. 100/- and the last date for sale and receipt of form is 26.08.2019

PRINCIPAL

Phone: 06764-237370

I-MBA: 9853590609, MBA (LE): 9439494248, M.Com (F&C): 9040717438

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି- ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ।

-ଶ୍ରୀମା

କାହା ପାଇଁ ସଂଯୋଗ

ସୋସିଆଲ ମିଡିଆରେ ବ୍ୟବହୃତ ପ୍ରୋଫାଇଲ ସହ ଆଧାର କାର୍ଡ ସଂଯୋଗ କରିବା ନେଇ ମାଡ୍ରାସ୍, ବମ୍ବେ ଓ ମଧ୍ୟପ୍ରଦେଶ ହାଇକୋର୍ଟରେ ବିଚାରାଧୀନ ରହିଥିବା ମାମଲା ଉପରେ ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟ ୨୦ ଅଗଷ୍ଟରେ ରାଜି ହୋଇଛନ୍ତି। ଏଥିସହିତ କେନ୍ଦ୍ର ସମେତ ଗୁଗଲ, ୟୁଟ୍ୟୁବ୍, ଟୁଇଟର ଆଦି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ୧୩ ସେପ୍ଟେମ୍ବର ସୁଦ୍ଧା ଏ ନେଇ ମତ ରଖିବାକୁ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ମିଥ୍ୟା, ମାନହାନିମୂଳକ, ଦେଶ ବିରୋଧୀ ଏବଂ ଆତଙ୍କବାଦ ସଂକ୍ରାନ୍ତ ତଥ୍ୟ ପ୍ରସାର କରିବାରେ ସୋସିଆଲ ମିଡିଆ ସହାୟକ ହେଉଥିବାରୁ ସେଥିରେ ନିୟନ୍ତ୍ରଣ ଆଣିବା ଲାଗି ଆଧାର କାର୍ଡ ଲିଙ୍କ୍ କରିବା ଉପରେ ତାମିଲନାଡୁ ସରକାର ୧୯ ଅଗଷ୍ଟରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଏହାକୁ ଫେସ୍‌ବୁକ୍ ଇନ୍‌କର୍ପୋରେଟେଡ୍ (ଇଙ୍କ୍) ବିରୋଧ କରିଚାଲିଛି। ତେଣୁ ବିଭିନ୍ନ ହାଇକୋର୍ଟରେ ଥିବା ମାମଲାକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରାଯାଇ ବିଚାର କରିବା ଲାଗି ଫେସ୍‌ବୁକ୍ ଇଙ୍କ୍ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କ ଯୁକ୍ତି ଉପରେ ମତ ଦେଇ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ମାଡ୍ରାସ୍ ହାଇକୋର୍ଟରେ ଥିବା ମାମଲା ଉପରେ ଶୁଣାଣି ଚାଲିବ, ମାତ୍ର ହାଇକୋର୍ଟ ଚୂଡ଼ାନ୍ତ ରାୟ ଦେଇପାରିବେ ନାହିଁ। ଏପଟେ ଫେସ୍‌ବୁକ୍ ଇଙ୍କ୍‌ର ଯୁକ୍ତି ହେଉଛି ଯେ, ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବର ଓ ବାୟୋମେଟ୍ରିକ୍ ଏକକ ପରିଚୟ ଯଦି ସୋସିଆଲ ମିଡିଆରେ ଥିବା ନାଗରିକଙ୍କ ପ୍ରୋଫାଇଲ୍ ସହ ସଂଯୋଗ କରାଯାଏ, ତେବେ ତାହା ଲୋକଙ୍କ ଅନ୍ତରଙ୍ଗ ତଥା ଗୋପନୀୟତାକୁ କ୍ଷୁଣ୍ଣ କରିବ। ବ୍ୟକ୍ତିଙ୍କ ତଥ୍ୟ ତୃତୀୟ ପକ୍ଷକୁ ପ୍ରଦାନ କରାଯାଇପାରିବ ନାହିଁ ବୋଲି କମ୍ପାନୀର ଗୋପନୀୟତା ନିୟମରେ ଉଲ୍ଲେଖ ରହିଥିବା ଫେସ୍‌ବୁକ୍ କହିଛି। ଫେସ୍‌ବୁକ୍ ପକ୍ଷରୁ କରାଯାଉଥିବା ଯୁକ୍ତି ସ୍ୱାଗତଯୋଗ୍ୟ।

ସରକାର ନିଜ ଜିଦ୍‌ରେ ଅଟଳ ରହିବା ପାଇଁ ଆଧାରକୁ ସବୁ କ୍ଷେତ୍ରରେ ବ୍ୟବହାର କରିବାକୁ ଚାହୁଁଥିବାରୁ ଏବେ ନାଗରିକଙ୍କ ଜୀବନ ବିପଦରେ ପଡ଼ିଲାଣି। କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଅନ୍ତରଙ୍ଗ ତଥ୍ୟ ବଜାରରେ ସହଜରେ ଉପଲବ୍ଧ ହୋଇଯାଉଛି। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଜାଣତରେ ନିଜର ମୋବାଇଲ ନମ୍ବର କୌଣସି କମ୍ପାନୀକୁ ଦେଇ ନ ଥିଲେ ମଧ୍ୟ ତାଙ୍କ ପାଖକୁ ସାମଗ୍ରୀ ବା ସେବା ପାଇବା ପାଇଁ ଏକାଧିକ ଫୋନ୍ କଲ୍ ଆସୁଛି। ଏଥିରୁ ବୁଝିବାକୁ ହେବ ଯେ, ଅସଂଖ୍ୟ ଆଧାର ନମ୍ବରକୁ ନିଆଯାଇ ପ୍ରସ୍ତୁତ ଡାଟାବେସ୍ ବା ତଥ୍ୟାବଳିକୁ ଦାୟିତ୍ୱରେ ଥିବା ସଂସ୍ଥା ବା ବ୍ୟକ୍ତିବିଶେଷ ସହଜରେ ବିକ୍ରି କରିଦେଉଛନ୍ତି। ଏଭଳି ସ୍ଥଳେ ଯଦି ସୋସିଆଲ ମିଡିଆରେ ଥିବା ପ୍ରୋଫାଇଲ ଆଧାର ସହ ଲିଙ୍କ୍ ହୋଇଯିବ, ତାହା ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ସବୁ ପ୍ରକାର ତଥ୍ୟ ବଜାରରେ ହାଉଜାଉ ହେବ। ଏହି ପରିସ୍ଥିତିକୁ ଅନ୍ୟ ଏକ ଚିତ୍ର ଦେଇ କୁହାଯାଇପାରିବ ଯେ, ଏବେକାର ସରକାର ପ୍ରତ୍ୟେକ ନାଗରିକକୁ ଉଲଗ୍ନ କରି ମଝି ରାସ୍ତାରେ ଛିଡ଼ା କରିବାକୁ ଯୋରସୋର ପ୍ରୟାସ କରୁଛି। ଏହାଦ୍ୱାରା ନାଗରିକର ପ୍ରତିଟି ଗତିବିଧି, ତା'ର ମାନସିକ ଚିନ୍ତା ସହିତ ଭବିଷ୍ୟତ ପାଇଁ ରଖୁଥିବା ଯୋଜନା ପ୍ରଶାସନର ଦୃଷ୍ଟିକୁ ଆସିବ। କେହି ସ୍ୱୀକାର କରୁନ୍ତୁ ବା ନ କରନ୍ତୁ, ଆଧାରକୁ ଯେତେ ଅଧିକ ସଂଯୋଗ କରାଯିବ ସେତିକି ଅଧିକ ବ୍ୟକ୍ତିବିଶେଷର ଅନ୍ତରଙ୍ଗ ତଥ୍ୟ ମିଳିପାରିବ। ସାଧାରଣରେ ଦେଖାଯାଏ, ଆଧାର ନମ୍ବର ମାଗୁଥିବା ସଂସ୍ଥାକୁ ସମ୍ପୂର୍ଣ୍ଣ ଆଧାର କାର୍ଡର ଅବିକଳ ନକଲ ଅଶିକ୍ଷିତ ଜନସାଧାରଣଙ୍କ ଦ୍ୱାରା ଦେଇ ଦିଆଯାଉଛି। ସେଭଳି ଅଶିକ୍ଷିତ ବା ଅସଚେତନ ନାଗରିକଙ୍କୁ ନିୟନ୍ତ୍ରଣାଧୀନ ରଖିବା ଅତ୍ୟନ୍ତ ସହଜ ହୋଇଥାଏ। ଯେତିକି ଅଧିକ କଟକଣା ବୃଦ୍ଧି କରାଯାଇପାରିଛି, ସେହି ପରିମାଣରେ ଗଣତନ୍ତ୍ରର ମୃତ୍ୟୁ ଘଟିବ।

କିଛି ମାସ ପୂର୍ବରୁ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରିବା ଲାଗି ନିର୍ବାଚନ କମିଶନ ଏକ ପ୍ରସ୍ତାବ ଆଣିଥିଲେ। ଏପରି କି ଆଇନ କମିଶନଙ୍କ ନିକଟକୁ ଫାଇଲ ପଠାଯାଇଥିଲା। ଏହାକୁ ନେଇ କେତେକ ଚିନ୍ତାଶୀଳ ବ୍ୟକ୍ତି ବିରୋଧ କରିବା ପରେ ତାହା ବସ୍ତୁତଃ କାର୍ଯ୍ୟକାରୀ ହୋଇପାରି ନାହିଁ। ଦେଖିବାକୁ ଗଲେ ଭୋଟର ପରିଚୟପତ୍ର ହେଉଛି ନାଗରିକତ୍ୱର ପ୍ରମାଣପତ୍ର। ଅନ୍ୟପକ୍ଷରେ ଆଧାର କାର୍ଡ ସ୍ୱେଚ୍ଛାକୃତ ଦଲିଲ, ଯାହା ଜଣଙ୍କୁ ପରିଚୟ ଦେବାରେ ସହାୟକ ହୋଇଥାଏ। ଆଧାର କାର୍ଡକୁ ନେଇ ଜଣେ ଜାତୀୟତାର ପ୍ରମାଣ ଦେଇପାରିବେ ନାହିଁ ବୋଲି କୁହାଯାଉଛି। ଭବିଷ୍ୟତରେ ଏହା କେଉଁ ରୂପ ଧାରଣ କରିବ ଏବେ କହିବା କଷ୍ଟକର। ସେହି ଦୃଷ୍ଟିରୁ ଦେଖିଲେ ଆଧାର କାର୍ଡକୁ ନାଗରିକ ଜୀବନର ପ୍ରତି ପଦକ୍ଷେପ ସହ ଯୋଡ଼ି ଦିଆଗଲେ, ତାହା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ। ଆଧାରର ସ୍ୱରୂପ ଦେଖିଲେ ଏହା ଏକ ନିରନ୍ତର ପ୍ରକ୍ରିୟା। କରଦାତାଙ୍କ ଅନେକ ହଜାର କୋଟି ଟଙ୍କା ବ୍ୟୟରେ କରାଯାଉଥିବା ଏହି କାର୍ଯ୍ୟକ୍ରମର ଅନ୍ତ ନାହିଁ। କାରଣ ପ୍ରତି ମୁହୂର୍ତ୍ତରେ ଶିଶୁ ଜନ୍ମ ନେଉଥିବାରୁ ତାହାର ଆଧାର କାର୍ଡ ସୃଷ୍ଟି କରାଯିବାର ବ୍ୟବସ୍ଥା କରାଯାଇଛି। ପ୍ରଶ୍ନ ଉଠିବା ସ୍ୱାଭାବିକ, ଭୋଟର ପରିଚୟପତ୍ର ଜଣେ ନାଗରିକର ପ୍ରମାଣପତ୍ର ଭାବେ ରହିଥିବା ବେଳେ ଆଧାର ଭଳି କାର୍ଡର ଆବଶ୍ୟକତା କ'ଣ ରହିଛି। ସେହି ଖିଅକୁ ଧରି କୁହାଯାଇପାରେ ଯେ ଏବେ ଉଠୁଥିବା ପ୍ରଶ୍ନ, ଯେଉଁଥିରେ ସୋସିଆଲ ମିଡିଆରେ ଥିବା ପ୍ରୋଫାଇଲ ସହ ଆଧାର ସଂଯୋଗ ପ୍ରକୃତରେ କାହାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ।

ପାହାଡ଼ ମଣିଷ

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପୃଥିବୀରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ପୁଣ୍ୟ ଅର୍ଜନ କରି ପାରଲୌକିକ ସୁଖ ଲାଭ କରିବା ପାଇଁ ମନ୍ଦିର, ମସ୍‌ଜିଦ, ଗୀର୍ଜାକୁ ଯାଇଥାନ୍ତି। ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ଏହି ତଥାକଥିତ ଧର୍ମାନୁଷ୍ଠାନକୁ ଯାଆନ୍ତି ନାହିଁ। ମାତ୍ର ସମାଜର ଅନ୍ୟମାନଙ୍କ ମଙ୍ଗଳ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦିଅନ୍ତି। ସେଇଥିରେ ଥାଏ ସେମାନଙ୍କ ସନ୍ତୋଷ ଓ ଆନନ୍ଦ। ମନ୍ଦିର ଯାଇ ଦେବଦେବୀଙ୍କୁ ପୂଜା କଲେ ପୁଣ୍ୟ ଅର୍ଜନ କରିହୁଏ କି ନା ଆମେ ଜାଣୁନା। ମାତ୍ର ଯିଏ ନିଜ ସୁଖସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନକରି ଅନ୍ୟର ସୁଖସୁବିଧା ପାଇଁ ନିଜର ଜୀବନ ସମର୍ପଣ କରେ ସେ ଯେ ନିଶ୍ଚିତ ପୁଣ୍ୟ ଅର୍ଜନ କରେ ଏଥିରେ ଦ୍ୱିମତ ହେବାର ନାହିଁ। ଏହିଭଳି ଜଣେ ମଣିଷଙ୍କ କଥା। କେନ୍ଦୁଝର ଜିଲାର ଦୈତାରି ନାୟକ ଗୁପ୍ତଗଙ୍ଗାରୁ ବାହାରିଥିବା କତରକଟା ନଦୀର ପାଣିକୁ ନିଜର କଠିନ ପରିଶ୍ରମ ବଳରେ ଦୀର୍ଘ ୪/୫ କିଲୋମିଟର ପର୍ଯ୍ୟନ୍ତ ପାହାଡ଼ କାଟି ଚାଷଜମିରେ ପହଞ୍ଚାଇ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଥିଲେ। ଏଥିପାଇଁ ୨୦୦୯ ମାର୍ଚ୍ଚ ୧୬ ତାରିଖରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ମାତ୍ର ଏହି ଘଟଣାର ବହୁ ପୂର୍ବରୁ ବିହାରର ଗୟା ନିକଟସ୍ଥ ଗେହଲର ଗାଁର ଶ୍ରମଜୀବୀ ଦଥରଥ ମାଝି (୧୯୨୯-୨୦୦୭) ନିହାଣ ଓ ହାତୁଡ଼ି ଧରି ଏକକ ପ୍ରଚେଷ୍ଟାରେ ୧୧୦ ମି. ଲମ୍ବ, ୭.୬ ମି. ଗଭୀର ଓ ୯.୧ ମି. ଓସାରର ଏକ ରାସ୍ତା ନିର୍ମାଣ କରିଥିଲେ। ଏହାଦ୍ୱାରା ଗେହଲର ଓ ଗୟା ମଧ୍ୟରେ ଦୂରତା ୫୫ କି.ମି.ରୁ କମିଯାଇ ୧୫ କି.ମି.ରେ ସୀମିତ ହୋଇଯାଇଥିଲା। ଏଥିପାଇଁ ତାଙ୍କୁ ସମୟ ଲାଗିଥିଲା ଦୀର୍ଘ ୨୨ ବର୍ଷ (୧୯୬୦-୧୯୮୨)। ବିହାର ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ମାତ୍ର ସେତେବେଳେ ତାହା ସମ୍ଭବ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ।

ଦଶରଥ ଜନ୍ମ ନେଇଥିଲେ ବିହାରର ଗେହଲର ଗାଁର ଏକ ଦଳିତ ମୂଷାହର ପରିବାରରେ। ପିଲାଦିନେ ରୋଜଗାର ଅନ୍ୱେଷଣରେ ସେ ଗାଁ ଛାଡି ଚାଲିଯାଇ ଧାନବାଦର ଏକ କୋଇଲା ଖଣିରେ ସାତବର୍ଷ ଧରି କାମ କରିଥିଲେ। ପରେ ସେ ଗାଁକୁ ଫେରି ବିବାହ କରିବାକୁ ଚାହିଁଲେ ପିଲାଦିନୁ ଜାଣିଥିବା ଫାଲ୍‌ଗୁନୀ ନାମ୍ନୀ ଜଣେ ମହିଳାଙ୍କୁ। ମାତ୍ର ସେତେବେଳେ ଦଶରଥ କୌଣସି ଚାକିରି କରୁ ନ ଥିବାରୁ ଫାଲ୍‌ଗୁନୀଙ୍କ ପିତା ଏହି ବିବାହ ପ୍ରସ୍ତାବରେ ରାଜିହୋଇ ନ ଥିଲେ।

ଶେଷରେ ଦଶରଥ ଓ ଫାଲ୍‌ଗୁନୀ ପଳାୟନ କଲେ ଓ ସ୍ୱାମୀସ୍ତ୍ରୀ ଭାବରେ ରହିଲେ। ଫାଲ୍‌ଗୁନୀ ପ୍ରଥମେ ଜନ୍ମ ଦେଇଥିଲେ ଏକ ପୁତ୍ରସନ୍ତାନ। ୧୯୬୦ରେ ସେ ପୁଣି ଗର୍ଭବତୀ ହେଲେ। ବିହାରର ଗେହଲର ଗାଁ ହେଉଛି ଏକ ଅନୁନ୍ନତ ଅଞ୍ଚଳ। ସେତେବେଳେ ସେଠି ଉଗ୍ର ଜାତିଆଣ ଭାବ ଥାଏ। ଦଳିତ ଅନୁସୂଚିତ ଜାତିର ଲୋକମାନେ ଗାଁ ମୁଖିଆଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥାନ୍ତି। ଗୟାର ବଜିରଗଞ୍ଜ ସହର ଓ ଗେହଲର ଗାଁ ମଝିରେ ଛିଡା ହୋଇଛି ଏକ ପାହାଡ଼। ଗାଁରୁ ସହରକୁ ଯିବା ପାଇଁ ଜନସାଧାରଣଙ୍କୁ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡୁଥାଏ। ଦିନକର ଘଟଣା। ଦଶରଥ ପାହାଡ଼ ସେପାରି ଜମିରେ କାମ କରୁଥାନ୍ତି। ଫାଲ୍‌ଗୁନୀ ମଧ୍ୟାହ୍ନ ଭୋଜନ ଧରି ପାହାଡିଆ ରାସ୍ତାରେ ଦଶରଥଙ୍କ ପାଖକୁ ଯାଉଥାନ୍ତି। ଅକସ୍ମାତ୍ ଅନ୍ତଃସତ୍ତ୍ୱା ଫାଲ୍‌ଗୁନୀଙ୍କ ଗୋଡ ପାହାଡରେ ଖସିଗଲା। ସେ ପଡିଯାଇ ରକ୍ତାକ୍ତ ହେଲେ। ହସ୍ପିଟାଲ ଥିଲା ପାହାଡର ଅନ୍ୟ ପାର୍ଶ୍ୱରେ ଗୟା ନିକଟରେ। ପାହାଡକୁ ଅତିକ୍ରମ କରିବା ପାଇଁ ଦୀର୍ଘ ପଥରେ ଯାଇ ହସ୍ପିଟାଲ ପହଞ୍ଚିଲା ବେଳକୁ ଫାଲ୍‌ଗୁନୀଙ୍କ ମୃତ୍ୟୁ ହୋଇଯାଇଥାଏ। ପ୍ରାଣ ଦେଇ ଭଲ ପାଉଥିବା ଫାଲ୍‌ଗୁନୀଙ୍କ ମୃତ୍ୟୁରେ ଦଶରଥ ଦାରୁଣ ଆଘାତ ପାଇଲେ।

ପତ୍ନୀଙ୍କ ମୃତ୍ୟୁ ଦଶରଥଙ୍କୁ ଭାବପ୍ରବଣ କରିଦେଲା। ସେ ଚିନ୍ତାକଲେ ପାହାଡ଼ଟି ପ୍ରତିବନ୍ଧକ ହୋଇ ନ ଥିଲେ ସେ ତାଙ୍କ ପତ୍ନୀଙ୍କୁ କମ୍ ସମୟରେ ହସ୍ପିଟାଲରେ ପହଞ୍ଚାଇ ପାରିଥାନ୍ତେ ଓ ହୁଏତ ତାଙ୍କର ଜୀବନ ରକ୍ଷା ହୋଇପାରିଥାନ୍ତା। ସେ ପାହାଡ଼କୁ ଅଭିଶାପ ଦେଲେ। ସେ ପ୍ରତିଜ୍ଞା କଲେ ପାହାଡ଼କୁ କାଟି ରାସ୍ତା ନିର୍ମାଣ କରିବେ ଓ ଗୟା ସହରକୁ ଦୂରତା କମାଇବେ। ଧରିଲେ ନିହାଣ ଓ ହାତୁଡ଼ି। ପାହାଡ଼ କାଟିବା ଆରମ୍ଭ କଲେ। ଗ୍ରାମବାସୀ ତାଙ୍କୁ ଉପହାସ କଲେ। କେହି କେହି ତାଙ୍କୁ ପାଗଳ ବୋଲି କହିଲେ। ମାତ୍ର ଦଶରଥ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ। ଏକକ ଉଦ୍ୟମରେ ପାହାଡ଼ କାଟିବା କାମ ଚାଲୁ ରଖିଲେ ଦଶରଥ। ଅନେକ ବର୍ଷ ଅତିକ୍ରାନ୍ତ ହେଲା। ଗେହଲରରେ ପଡିଲା ମରୁଡ଼ି। ଲୋକେ ଜୀବିକା ନିର୍ବାହ ପାଇଁ ଗାଁ ଛାଡି ସହର ଅଭିମୁଖେ ଯାତ୍ରା କଲେ। ମାତ୍ର ଦଶରଥ ଗାଁରେ ରହିଲେ। ଭୋକଉପାସରେ ରହି ବି ସେ ପାହାଡ଼ କାଟି ରାସ୍ତା କରିବା କାମରୁ କ୍ଷାନ୍ତ ହେଲେ ନାହିଁ। ୧୯୭୫ ମସିହାରେ ଜରୁରିକାଳୀନ ପରିସ୍ଥିତି ଜାରି ହେଲା। ସେତେବେଳେ ଏକ ଜନସମାବେଶରେ ଭାଷଣ ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବିହାର ଆସିଥାନ୍ତି। ସେଠିକି ଯାଇଥାନ୍ତି ଦଶରଥ ମାଝି। ଇନ୍ଦିରା ଗାନ୍ଧୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ହଠାତ୍ ମଞ୍ଚଟି ଭୁଶୁଡିବାକୁ ଲାଗିଲା। ସେତେବେଳେ ଦଶରଥ ଓ ଆଉ କିଛି ଲୋକ ମଞ୍ଚକୁ ଟେକି ଧରିବାରୁ ଇନ୍ଦିରା ଗାନ୍ଧୀ ଭାଷଣ ଚାଲୁ ରଖିପାରିଥିଲେ। ଏହି ଘଟଣାରେ ଦଶରଥ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ସହ ତାଙ୍କର ଏକ ଫଟୋ ମଧ୍ୟ ଉତ୍ତୋଳିତ ହୋଇଥିଲା। ତାଙ୍କ ପରିକଳ୍ପିତ ସେହି ପାହାଡିଆ ରାସ୍ତା ପାଇଁ ସରକାରଙ୍କଠାରୁ ଅର୍ଥ ମଞ୍ଜୁର କରିବାକୁ ଦରଖାସ୍ତ କରିବା ପାଇଁ ଗାଁର ମୁଖିଆ ଦଶରଥଙ୍କଠାରୁ ଏକ ଟିପ ଚିହ୍ନ ନେଇଥିଲେ। ମାତ୍ର ସେମିତି କିଛି ସାହାଯ୍ୟ ମିଳି ନ ଥିଲା। ଦଶରଥ ପ୍ରଧାନମନ୍ତ୍ରୀଙ୍କୁ ଦିଲ୍ଲୀରେ ଭେଟିବା ପାଇଁ ନିଷ୍ପତ୍ତି ନେଲେ। ଚାଲି ଚାଲି ଦିଲ୍ଲୀ ଗଲେ। ସାଙ୍ଗରେ ନେଇଥାନ୍ତି ଇନ୍ଦିରା ଗାନ୍ଧୀଙ୍କ ସହ ଉଠିଥିବା ଫଟୋ। ମାତ୍ର ପୋଲିସ ତାଙ୍କୁ ଘଉଡାଇ ଦେଲେ ଓ ଫଟୋଟିକୁ ଚିରିଦେଲେ। ହତାଶ ହୋଇ ଫେରିଆସିଲେ ଦଶରଥ।

ଅପମାନିତ ଓ ଉପହସିତ ହେବା ସତ୍ତ୍ୱେ ଦଶରଥ ଜୀବନରେ ହାରି ନ ଥିଲେ। ଚାଲୁ ରଖିଲେ ପାହାଡ଼ କାଟିବା କାର୍ଯ୍ୟ। ଦୀର୍ଘ ୨୨ ବର୍ଷର କଠିନ ପରିଶ୍ରମ ପରେ ୧୯୮୨ ମସିହାରେ ପାହାଡ଼ରେ ରାସ୍ତା ନିର୍ମାଣ ସରିଲା। ଗାଁ ଓ ସହର ମଧ୍ୟରେ ଦୂରତା କମିଲା। ଅନେକ ଗ୍ରାମବାସୀ ଏହାଦ୍ୱାରା ଉପକୃତ ହେଲେ। ତା' ପରେ ତାଙ୍କ ପ୍ରତି ସରକାରଙ୍କ ଦୃଷ୍ଟି ପଡିଲା। ବିହାର ସରକାର ୨୦୦୬ ମସିହାରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କଲେ। କୌଣସି କାରଣରୁ ସେ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହେଲେନାହିଁ। ସେ ବିହାରରେ ବଞ୍ଚି ରହିଲେ ପାହାଡ଼ ମଣିଷ ଭାବରେ। ପରବର୍ତ୍ତୀ ସମୟରେ ସେ ପିତ୍ତକୋଷ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇ ଏମ୍ସ ନୂଆଦିଲ୍ଲୀରେ ଚିକିତ୍ସିତ ଥିବା ଅବସ୍ଥାରେ ମୃତ୍ୟୁବରଣ କଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କ ପାଇଁ ରାଜ୍ୟସ୍ତରୀୟ ଅନ୍ତ୍ୟେଷ୍ଟିକ୍ରିୟା ଘୋଷଣା କଲେ। ମୃତ୍ୟୁ ବେଳକୁ ତାଙ୍କୁ ହୋଇଥିଲା ୭୮ ବର୍ଷ। ସେ ଦିନଟି ଥିଲା ୨୦୦୭ ଅଗଷ୍ଟ ୧୭ ତାରିଖ। ଦଶରଥଙ୍କ ସ୍ୱପ୍ନ ଥିଲା ତାଙ୍କ ତିଆରି ରାସ୍ତାଟି ପକ୍କା ହେଉ। ତାହା ସମ୍ଭବ ହୋଇଥିଲା ତାଙ୍କ ମୃତ୍ୟୁ ପରେ। ସରକାର ସେହି ପାହାଡ଼ ରାସ୍ତାର ପ୍ରବେଶ ଦ୍ୱାରକୁ ଦଶରଥ ମାଝିଙ୍କ ନାମରେ ନାମିତ କରିବା ସଙ୍ଗେ ସଙ୍ଗେ ତାଙ୍କ ଗାଁରେ ତାଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହେଲା। ତାଙ୍କ ସମ୍ମାନରେ ଏକ ପୋଷ୍ଟାଲ ଷ୍ଟାମ୍ପ ମଧ୍ୟ ପ୍ରକାଶ ପାଇଲା। ସରକାର ତାଙ୍କୁ ପାଞ୍ଚ ଏକର ଜମି ଦାନ କଲେ। ମାତ୍ର ଦଶରଥ ସେହି ଜମିକୁ ଏକ ହସ୍ପିଟାଲ କରିବା ପାଇଁ ଦାନ କରିଦେଲେ। ୨୦୧୪ ମସିହାରେ ଆମୀର ଖାନ୍‌ଙ୍କ ଦ୍ୱାରା ପ୍ରଯୋଜିତ ପ୍ରଥମ 'ସତ୍ୟମେବ ଜୟତେ' କାର୍ଯ୍ୟକ୍ରମ ତାଙ୍କୁ ସମର୍ପିତ ହୋଇଥିଲା। ୨୦୧୫ ମସିହାରେ ଦଶରଥ ମାଝିଙ୍କ ଜୀବନକୁ ନେଇ କେତନ ମେହେଟ୍ଟା 'ମାଝି, ଦି ମାଉଣ୍ଟେନ ମ୍ୟାନ' ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଆଜି କେବଳ ବିହାର ନୁହେଁ, ସମଗ୍ର ଭାରତରେ ଦଶରଥ ମାଝି ଏକ ପ୍ରେରଣାର ଉତ୍ସ।

ଅବସରପ୍ରାପ୍ତ କଲେଜ ଅଧକ୍ଷ, ଟିଟିଲାଗଡ଼,
ମୋ-୯୪୩୭୩୨୯୨୬୩

୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୪

- ବାଂଲାଦେଶର ଚାନ୍ଦପୁର ଜିଲାରେ ମେଘନା ନଦୀରେ ଗୋଟିଏ ନୌକା ବୁଡିଯିବାରୁ ୨୫୦ ଜଣଙ୍କ ମୃତ୍ୟୁ।
- ବିସମିଲ୍ଲା ଖାଁଙ୍କୁ ୨ୟ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ପ୍ରଦାନ।
- ଓଡ଼ିଶା ସରକାର ଏକ ଅଧ୍ୟାଦେଶ ବଳରେ ଜିଲା ପରିଷଦ ଆଇନ ସଂଶୋଧିତ କରି ପ୍ରାର୍ଥୀ ନିଜ ନିର୍ବାଚନମଣ୍ଡଳୀର ହେବା ବାଧ୍ୟତାମୂଳକ କରିଛନ୍ତି।

su|do|ku ସୁ-ଡୋ-କୁ

				3	4		9	1	2			6	C	B
B	8				9		A	7						5
	D			E		B		0		1	A		2	3
					C	3							7	
	9			D	B			6	8			1	E	
		5	3	6			4	A			8			0
	7				0					B			6	
				8			5	9		E				A
			7	9		D			6	A		E	B	
		E				0	2		C					
						2						8	A	
8		A					3	5	9		D	2		
	E		1		3			D				7		6
		9								4	C	0		
2		3												

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

E	4	9	5	3	6	2	B	8	7	1	0	D	A	C
A	1	8	4	9	B	7	3	D	C	5	6	2	E	0
2	0	6	E	A	D	9	1	C	8	3	4	7	5	B
B	5	C	8	7	2	6	4	0	E	A	D	9	3	1
7	D	3	1	C	0	E	5	A	B	2	9	8	6	4
1	7	2	3	0	5	C	D	6	4	B	A	E	8	9
4	6	D	7	2	8	B	E	3	0	9	C	5	1	A
C	9	0	A	E	1	8	2	4	6	D	5	3	B	7
5	8	A	6	B	4	1	0	9	3	E	7	C	2	D
3	E	B	C	D	9	5	A	7	1	8	2	4	0	6
D	3	E	0	6	A	4	9	5	2	7	1	B	C	8
9	2	4	B	8	E	0	7	1	A	C	3	6	D	5
0	C	7	2	1	3	D	6	B	5	4	8	A	9	E
6	B	5	D	4	C	A	8	2	9	0	E	1	7	3
8	A	1	9	5	7	3	C	E	D	6	B	0	4	2

ଗତକାଲିର ଉତ୍ତର

ନୀତିଶିକ୍ଷାକୁ ଗୁରୁତ୍ୱ ଦିଅ

ଡ. ଭରତ ଝୁନ୍‌ଝୁନ୍‌ୱାଲା

ଅଯୋଧ୍ୟାରୁ ମାତା ସୀତା ନିର୍ବାସିତ ହେବା ପରେ ବାଲ୍ମୀକି ଆଶ୍ରମରେ ରହିଥିଲେ। ଏହି ଆଶ୍ରମର ଅବସ୍ଥିତି ଉପରେ ଏବେ ପାଞ୍ଚଟି ସ୍ଥାନକୁ ନେଇ ଦାବି କରାଯିବା ନଜରକୁ ଆସେ। ସେହି ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ରାଜସ୍ଥାନ ବାରାଂର ସୀତାବାଡି ଓ ସୀତାମାତା ଅଭୟାରଣ୍ୟ, ଅମୃତସରର ରାମତୀରଥ, ହରିୟାଣା କୈଥାଲ ଜିଲାର ମୁନ୍ଦରି ଏବଂ ଉତ୍ତରପ୍ରଦେଶ ପ୍ରୟାଗରାଜର ସୀତା ସମାହିତ ସ୍ଥଳ। ସେହିପରି ଶ୍ରୀରାମଙ୍କ ଜନ୍ମସ୍ଥାନ ଉତ୍ତରପ୍ରଦେଶର ଅଯୋଧ୍ୟା ଏବଂ ପଞ୍ଜାବର ପଟିଆଲା ଜିଲାରେ ଥିବା ଘଡାମ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ସମସ୍ତେ ଜାଣନ୍ତି ଅଯୋଧ୍ୟା ଶ୍ରୀରାମଙ୍କ ଜନ୍ମସ୍ଥାନ। ୧୯୬୯ରେ ପଟିଆଲାସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ପଟିଆଲା ଆଣ୍ଡ୍ ଇଟ୍‌ସ ହିସ୍ଟୋରିକାଲ ସରାଉଣ୍ଡିଂ' ଶୀର୍ଷକରୁ ଜଣାଯାଏ ଯେ, ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ସହ ପଟିଆଲାର ସମ୍ପର୍କ ରହିଛି। କିମ୍ବଦନ୍ତୀ ମୁତାବକ ପଟିଆଲାଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଘୁରାମରେ ଶ୍ରୀରାମ ଜନ୍ମ ହୋଇଥିଲେ। ଜୁଲାଇ ୨୧, ୧୯୯୮ରେ କୋଲକାତାରୁ ପ୍ରକାଶିତ ଟେଲିଗ୍ରାଫର ରିପୋର୍ଟରୁ ଶ୍ରୀରାମଙ୍କ ଜନ୍ମସ୍ଥାନ ସମ୍ପର୍କରେ ବି କିଛି ତଥ୍ୟ ଜଣାପଡ଼େ। ସେଥିରେ ପ୍ରକାଶ ପାଇଛି- ଶ୍ରୀରାମ କେଉଁଠି ଜନ୍ମ ହୋଇଥିଲେ? ଘରାମରେ, ଯାହା ପଟିଆଲାଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ। ଆଉ ମଧ୍ୟ ପ୍ରକାଶ ପାଇଛି ଯେ, ରାଜା ଦଶରଥ ଘରାମକୁ ବରାତ ନେଇ ଆସିଥିଲେ। ସେଠାକାର ମହାରାଜାଙ୍କ କନ୍ୟା କୌଶଲ୍ୟାଙ୍କୁ ଦଶରଥ ବିବାହ କରିଥିଲେ ଓ ଶ୍ରୀରାମ ତାଙ୍କ ଅଜାଙ୍କ ରାଜପ୍ରାସାଦରେ ଜନ୍ମ ହୋଇଥିଲେ। ଠିକ୍ ଏକା ପ୍ରକାର ରିପୋର୍ଟ ବି ଅକ୍ଟୋବର ୩, ୨୦୦୪ରେ ପଟିଆଲା ଭାସ୍କର ଏବଂ ଫେବୃୟାରୀ ୧୫, ୨୦୦୮ରେ ପଞ୍ଜାବକେଶରୀ ଏବଂ ସେପ୍ଟେମ୍ବର ୨୫, ୨୦୧୦ରେ ଇଣ୍ଡିଆନ ଏକ୍ସପ୍ରେସ୍‌ରେ ପ୍ରକାଶ ପାଇଛି।

ଏବେ ଆମେ ଆଉ କିଛି ପ୍ରାମାଣିକ ତଥ୍ୟର ସାହାଯ୍ୟ ନେବା। ପ୍ରଥମେ ଆସିବା ବାଲ୍ମୀକି ରାମାୟଣକୁ। ଏହାର ଅଯୋଧ୍ୟା କାଣ୍ଡ (୫୪:୪)ରେ ମହର୍ଷି ଭରଦ୍ୱାଜ ଶ୍ରୀରାମଙ୍କୁ କହୁଛନ୍ତି- ପଶ୍ଚିମମୁଖୀ ହୋଇ ଗଙ୍ଗା ଯମୁନା ସହ ଯେଉଁଠି ମିଶିଛି ତୁମେ ଦୁଇଭାଇ ସେଠାକୁ ଯାଅ। ଏହାର ଅର୍ଥ ଗଙ୍ଗା ଯେତେବେଳେ ଯମୁନା ସହ ମିଳିତ ହୋଇଛି ସେତେବେଳେ ଗଙ୍ଗା ପଶ୍ଚିମମୁଖୀ ଥିଲା। ଏହା ମଧ୍ୟ ପ୍ରମାଣ କରେ, ଯମୁନା ମଧ୍ୟ ପଶ୍ଚିମମୁଖୀ ହୋଇ ପ୍ରବାହିତ ହେଉଥିଲା। କାରଣ, ଯଦି ଦୁଇଟି ଯାକ ନଦୀ ବିପରୀତମୁଖୀ ହୋଇ ପ୍ରବାହିତ ହୋଇଥାନ୍ତେ ତା'ହେଲେ ସେମାନେ ମିଳିତ ହୋଇପାରି ନ ଥାନ୍ତେ। ପ୍ରତ୍ନତାତ୍ତ୍ୱିକ ତଥ୍ୟରୁ ପ୍ରମାଣ ମିଳେ ଯେ, ଖ୍ରୀଷ୍ଟପୂର୍ବ ୧୫୦୦ ବେଳକୁ ଯମୁନାନଗରରୁ ଯମୁନା ପଶ୍ଚିମମୁହାଁ ହୋଇ ପ୍ରବାହିତ ହେଉଥିଲା। ଏହା ପରଠାରୁ ଯମୁନା ପୂର୍ବାଭିମୁଖୀ ହୋଇ ପ୍ରବାହିତ ହେବା ଆରମ୍ଭ କରିଛି। କିନ୍ତୁ ବର୍ତ୍ତମାନ ଶ୍ରୀରାମଙ୍କ ସମୟ ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ବୋଲି କୁହାଯାଉଛି। ଏଣୁ ଶ୍ରୀରାମଙ୍କ ସମୟର ଯେଉଁ ଯମୁନା କଥା କୁହାଯାଉଛି ତାହା ହୁଏତ ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବରୁ ନିଶ୍ଚିତ ପ୍ରବାହିତ ହେଉଥିବ ଏବଂ ଏହା କେବଳ ହରିୟାଣା ଓ ରାଜସ୍ଥାନରେ ପଶ୍ଚିମମୁଖୀ ହୋଇ ପ୍ରବାହିତ ହେଉଥିବା ସେହି ପୁରାତନ ଯମୁନା ବୋଲି କୁହାଯାଇପାରେ। ତା'ପରେ ଦେଖିବା ସରଯୂ ନଦୀ କଥା। ଏହା ଗଙ୍ଗା ଓ ଯମୁନାର ଉପନଦୀ ଥିଲା। ଏଣୁ ଏହା ମଧ୍ୟ ସେହି ସମୟରେ ପଶ୍ଚିମ ଦିଗକୁ ପ୍ରବାହିତ ହୋଇଥିବ।

ଶ୍ରୀରାମଙ୍କ ଜନ୍ମସ୍ଥାନ ସମ୍ପର୍କରେ ଘାଘରା ନଦୀ ମଧ୍ୟ ଆମ ଦୃଷ୍ଟି ଆକର୍ଷଣ କରେ। କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ଅଧକ୍ଷତାରେ ୨୦୧୬ରେ ଗଠିତ 'ରିପୋର୍ଟ ଅଫ୍ ଦି ଏକ୍ସପର୍ଟ କମିଟି ଟୁ ଷ୍ଟଡି ଦି ପାଲେଓଚାନେଲ୍ସ ଅଫ୍ ନର୍ଥ ଇଣ୍ଡିଆ' (ଉତ୍ତର ଭାରତରେ ସୁପ୍ତ ବା ମୃତ ନଦୀ ଉପରେ ଅନୁଧ୍ୟାନ କରୁଥିବା ବିଶେଷଜ୍ଞ କମିଟିର ରିପୋର୍ଟ)ରେ ପ୍ରତ୍ନତତ୍ତ୍ୱବିତ୍ କେ.ଏସ୍. ବଲିଦ୍ୟା ଦର୍ଶାଇଛନ୍ତି ଯେ, ଘୁରାମ ନାମକ ସ୍ଥାନ (ପଞ୍ଜାବ)ରେ ଥିବା ଏହି ଘାଘରା ନଦୀକୁ ସରଯୂ କୁହାଯାଉଥିଲା। ଘଡାମ ମଧ୍ୟ ଘାଘରା ନଦୀ କୂଳରେ ଅବସ୍ଥିତ। ଏଣୁ ବାଲ୍ମୀକି ରାମାୟଣର ଭୌଗୋଳିକ ପ୍ରମାଣକୁ ଆଧାର କଲେ ଘଡାମ ପୁରାତନ ଅଯୋଧ୍ୟା ଥିଲା ବୋଲି କୁହାଯାଇପାରେ। ପୂର୍ବରୁ ଯାହା ଉଲ୍ଲେଖ କରାଯାଇଛି- ଗଙ୍ଗା ପଶ୍ଚିମାଭିମୁଖୀ ହୋଇ ଯମୁନା ସହ ମିଶିଛି, ଗଙ୍ଗାର ଉପନଦୀ ସରଯୂ ମଧ୍ୟ ପଶ୍ଚିମ ଦିଗକୁ ପ୍ରବାହିତ, ଘାଘରା ସରଯୂ ନାମରେ ପରିଚିତ ଏବଂ ଘାଘରା କୂଳରେ ଅବସ୍ଥିତ ଘଡାମ ହୁଏତ ପୁରାତନ ଅଯୋଧ୍ୟା ହୋଇଥାଇପାରେ।

ଶ୍ରୀରାମ ତାଙ୍କ ପୈତୃକ ଘର ଅଯୋଧ୍ୟା ନା ଅଜାଙ୍କ ଘର ଘଡାମରେ ଜନ୍ମ ନେଇଛନ୍ତି, ଏଭଳି ପ୍ରଶ୍ନର ସମାଧାନ ଏହିସବୁ ତଥ୍ୟରୁ ସ୍ଥିର କରାଯାଇପାରିବ ନାହିଁ। ବାଲ୍ମୀକି ରାମାୟଣ ମଧ୍ୟ ଏହା ଉପରେ ନୀରବ। ମୋତେ ବି କେତେଜଣ ଲୋକଗୀତିକାର କହିଛନ୍ତି ଯେ, କୋଶଳ ରାଜାଙ୍କର କୌଣସି ପୁତ୍ରସନ୍ତାନ ନ ଥିବାରୁ ସେ ତାଙ୍କ ନାତି ଶ୍ରୀରାମଙ୍କୁ ଉତ୍ତରାଧିକାରୀ ଭାବେ ବାଛିଥିଲେ। କିନ୍ତୁ ଏହି ତଥ୍ୟ ଉପରେ ଅଧିକ ଗବେଷଣା ଦରକାର। ଏମିତି ବି ହୋଇପାରେ, ଶ୍ରୀରାମ ଘଡାମ କିମ୍ବା ଅଯୋଧ୍ୟା ଏହି ଦୁଇଟି ସ୍ଥାନରୁ ଯେ କୌଣସି ଗୋଟିକରେ ଜନ୍ମ ଗ୍ରହଣ କରିଥିବେ। ବିଶ୍ୱାସକୁ ଗ୍ରହଣ କଲେ ହୁଏତ ଶ୍ରୀରାମ ଘଡାମରେ ଥିବା ତାଙ୍କ ଅଜାଙ୍କ ଘରେ ଜନ୍ମ ହୋଇଥିବେ କିମ୍ବା ଭୌଗୋଳିକ ତଥ୍ୟ ଆଧାରରେ ପୁରାତନ ଅଯୋଧ୍ୟାରେ ଜନ୍ମ ନେଇଥିବେ।

ଆମ ଆଗରେ ପ୍ରଶ୍ନ, ଆମେ ଶ୍ରୀରାମଙ୍କ ଜନ୍ମସ୍ଥାନ ଉପରେ ଗୁରୁତ୍ୱ ଦେବା ନା ତାଙ୍କ ନୀତିଶିକ୍ଷାକୁ ମାନିନେବା। ଉପରିଲିଖିତ ଐତିହାସିକ ତଥ୍ୟ ମୁତାବକ ଶ୍ରୀରାମଙ୍କ ଜନ୍ମସ୍ଥାନ ଏବେ ବିତର୍କ ଭିତରକୁ ଠେଲି ହୋଇଯାଇଛି। ଅନ୍ୟପକ୍ଷରେ ଶ୍ରୀରାମଙ୍କ ନୀତିଶିକ୍ଷା ପୂରା ସ୍ୱଚ୍ଛ ଓ ଶାଶ୍ୱତ। ତେଣୁ ଆମେ ଶ୍ରୀରାମଙ୍କ ଜନ୍ମସ୍ଥାନ ବିବାଦରେ ନ ପଶି ତାଙ୍କ ଆଦର୍ଶ ଓ ନୀତିଶିକ୍ଷାକୁ ଗୁରୁତ୍ୱ ଦେବା ଉଚିତ।

bharatjj@gmail.com

ଏଇ ଭାରତରେ

ପରିବାରରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ବିବାଦ ଥିଲେ ଛାଡ଼ପତ୍ର ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ସାଧାରଣ କଥା। ମାତ୍ର ଉତ୍ତରପ୍ରଦେଶ ମିରଟ ଜିଲାରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ସବୁବେଳେ ଲଡୁ ଖାଇବାକୁ ଦେବାରୁ ଏଥିରେ ବିରକ୍ତ ହୋଇ ସ୍ୱାମୀ ଛାଡ଼ପତ୍ର ପାଇଁ ଫ୍ୟାମିଲି କୋର୍ଟରେ ଆବେଦନ କରିଛନ୍ତି। ସେ କହିଛନ୍ତି, ତାଙ୍କ ଦେହ କିଛିଦିନ ତଳେ ଖରାପ ଥିଲା। ଏଥିନେଇ ସ୍ତ୍ରୀ ଜଣେ ତାନ୍ତ୍ରିକଙ୍କ ସହିତ ପରାମର୍ଶ କରିଥିଲେ। ତାନ୍ତ୍ରିକ ତାଙ୍କୁ ବୁଝାଇ ଦେଇଥିଲେ, ସବୁଦିନେ ଲଡୁ ଖାଇବାକୁ ଦେଲେ ତୁମ ସ୍ୱାମୀ ଆରୋଗ୍ୟ ହୋଇଯିବେ। ସେବେଠାରୁ ଏହି ମହିଳା ତାଙ୍କ ସ୍ୱାମୀଙ୍କୁ କେବଳ ଲଡୁ ହିଁ ଖାଇବାକୁ ଦେଉଛନ୍ତି। ଏପରିକି ତାଙ୍କୁ ବାହାରେ ଖାଇବାକୁ ମଧ୍ୟ ବାରଣ କରୁଛନ୍ତି। ଏଥିପାଇଁ ସ୍ୱାମୀ ଅତିଷ୍ଠ ହୋଇପଡିଲେଣି। ସେ ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ସ୍ତ୍ରୀଙ୍କୁ ବିଦାକରିବା ଲାଗି ଛାଡ଼ପତ୍ର ଏକମାତ୍ର ବିକଳ୍ପ ବୋଲି ଭାବି ନେଇଛନ୍ତି। ତେଣୁ ସେ ଫ୍ୟାମିଲି କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଉକ୍ତ ମହିଳାଙ୍କୁ କାଉନ୍‌ସେଲିଂ ପାଇଁ ବ୍ୟବସ୍ଥା କରାଯାଇଛି। ସ୍ତ୍ରୀଙ୍କ ଅନ୍ଧବିଶ୍ୱାସକୁ କିପରି ଦୂର କରାଯିବ ସେ ଲାଗି ଚିନ୍ତା କରାଯାଉଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଚିରନ୍ତନୀ

ଧ୍ୱଂସର ଡାକ ଭାସି ଆସେ ଦଶ ଦିଗୁଁ
ରଣଭେରୀ ତୋର ସେ ଭୀମ ଶବଦେ ମିଶୁ
ମରଣ ତୋହର ମୁକତିରେ ବୀର ଶିଶୁ!
ତିନି କାଳ ତୋର ଜୀବନର ଅନୁଯାୟୀ
ପଥ କାହିଁ? ପଥ କାହିଁ?
(ପଥ କାହିଁ)
କେତେ ଢେଉ ଉଠେ ପଡ଼େ
ବିଶ୍ୱର ମାନବ-ପାରାବାରେ
କେତେ ଧ୍ୱନି କେତେ ଛନ୍ଦ
ମିଳାଏ ଯେ ଅସୀମର ପାରେ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ

ପୃଥିବୀ ପାଇଁ ସତର୍କତା

ମହାଶୟ,

ବର୍ତ୍ତମାନ ମାନବ ହିଁ ପ୍ରକୃତି ବିରୋଧରେ ଯାଉଛି। ଫଳରେ ପୃଥିବୀର ଜୈବସନ୍ତୁଳନ ଓ ପରିବେଶର ସ୍ୱଚ୍ଛତା ନଷ୍ଟ ହେବାରେ ଲାଗିଛି। ଶାଗୁଣା, ଚିଲ, ଘରଚଟିଆ ଓ ହଳଦୀବସନ୍ତ ପ୍ରଭୃତି ଜୀବମାନେ ଅଦୃଶ୍ୟ ହୋଇଗଲେଣି। ଏହାବ୍ୟତୀତ ବହୁ ଛୋଟବଡ ପଶୁ ଧୀରେ ଧୀରେ ଲୋପ ପାଉଛନ୍ତି। ଯେହେତୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ, ଏ ସୃଷ୍ଟିର ସନ୍ତୁଳନ ରକ୍ଷା ନିମନ୍ତେ ବିଶେଷ ଭାବେ ଚିନ୍ତା ପ୍ରକଟ ସହ ଉଦ୍ୟମ କରିବା ଉଚିତ। ନଚେତ୍ ବିଲୁପ୍ତ ହୋଇଯାଇଥିବା ପ୍ରାଣୀମାନଙ୍କ ଭଳି ମଣିଷ ବି ଦିନେ ନିଶ୍ଚିହ୍ନ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଧରିତ୍ରୀରେ ପ୍ରକାଶିତ ଡ. ଦେବାନନ୍ଦ ବେଉରାଙ୍କ 'ଜୀବ ସୁରକ୍ଷା ପୃଥିବୀ ରକ୍ଷା' ଲେଖାଟି ଏହି ଦୃଷ୍ଟିରୁ ବିଶେଷ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା,
ଗୋଗୁଆ, କେନ୍ଦ୍ରାପଡ଼ା

ରାଜତନ୍ତ୍ର ବନାମ ଗଣତନ୍ତ୍ର

ରାଜତନ୍ତ୍ରରେ ସମ୍ରାଟ୍ ବା ରାଜାମାନେ ନିଜର ସାମ୍ରାଜ୍ୟ ବା ରାଜ୍ୟକୁ ନିଜର ବୋଲି ଭାବୁଥିଲେ। ପ୍ରଜାମାନଙ୍କୁ ମଧ୍ୟ ନିଜର ପ୍ରଜା ଭାବି ସେମାନଙ୍କର ସର୍ବାଙ୍ଗୀଣ ଉନ୍ନତି କରିବାରେ ନିଜକୁ ନିୟୋଜିତ କରୁଥିଲେ। ରାଜପୁତ୍ରମାନେ ଆଗାମୀ ଦିନର ରାଜା ବୋଲି ଜାଣୁଥିଲେ ଏବଂ ସେହିଭଳି ନିଜକୁ ପ୍ରସ୍ତୁତ କରୁଥିଲେ। ଆଜିର ଗଣତନ୍ତ୍ରରେ ତା'ର ପରିଭାଷା ବଦଳି ଯାଇଛି। ପ୍ରତ୍ୟେକ ରାଜନେତା ରାଜ୍ୟର ରାଜା ବା ସାମ୍ରାଜ୍ୟର ସମ୍ରାଟ ହେବାକୁ ପ୍ରତିଯୋଗିତାରେ ବ୍ୟସ୍ତ। ସେମାନେ ନିର୍ବାଚିତ ହେବା ପରେ ଅର୍ଥପିପାସୁ, କ୍ଷମତାଶାଳୀ ଓ ପ୍ରଭାବଶାଳୀ ହୋଇଯାଉଛନ୍ତି। କ୍ଷମତାର ଅପବ୍ୟବହାର କରି ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ୧୯୧୪ ମସିହାରେ ଆମ ବିଧାନସଭାରେ ୭୬ ଜଣ କୋଟିପତି ବିଧାୟକ ଥିଲା ବେଳେ ୨୦୧୯ ବେଳକୁ ତାହା ୯୫କୁ ବୃଦ୍ଧି ପାଇଛି। ୨୦୧୪ ମସିହାରେ ୫୪ ଜଣ ଅପରାଧ ପୃଷ୍ଠଭୂମିର ବିଧାୟକ ଥିଲାବେଳେ ୨୦୧୯ ବେଳକୁ ତାହା ୭୬ରେ ପହଞ୍ଚିଗଲା। କ୍ଷମତାଶାଳୀ ଓ ଧନଶାଳୀ ବ୍ୟକ୍ତି କଳେବଳେକୌଶଳେ କ୍ଷମତାକୁ ଆସୁଛନ୍ତି। ତା'ପରେ ଆରମ୍ଭ ହୋଇଯାଉଛି ସେମାନଙ୍କର ଶୋଷଣ। ଏଥିରେ କ'ଣ ପରିବର୍ତ୍ତନ ଆସିବ ନାହିଁ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଅଗଷ୍ଟ, ୨୦୧୯

ସଂକ୍ଷେପରେ

ଜିଲାପାଳଙ୍କ ପଟ୍ଟାମୁଣ୍ଡାଇ ଗସ୍ତ

ପଟ୍ଟାମୁଣ୍ଡାଇ, ୨୦।୮ (ସ୍ୱ.ପ୍ର): କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ଗସ୍ତ କରିଥିଲେ । ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ହସପିଟାଲ (ଏସ୍‌ଡିଏଚ୍) ପରିଦର୍ଶନ କରି ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ । ଏଥିସହିତ ନୂତନ ଭାବେ ନିର୍ମିତ ହୋଇଥିବା ପଟ୍ଟାମୁଣ୍ଡାଇ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ବୁଲି ଦେଖିଥିଲେ । ପଟ୍ଟାମୁଣ୍ଡାଇ ତହସିଲ ଅଫିସ ଓ ବାଇପାସ୍‌ଠାରେ ଥିବା ଆହାର କେନ୍ଦ୍ର ଅନୁଧ୍ୟାନ କରିଥିଲେ । ଆହାର କେନ୍ଦ୍ରରେ ଭୋଜନ କରୁଥିବା ଲୋକଙ୍କୁ ଖାଦ୍ୟ କେମିତି ସ୍ୱାଦ ହୋଇଛି ବୋଲି ପଚାରି ବୁଝିବା ସହ ନିଜେ ମଧ ଖାଦ୍ୟର ମାନ ପରୀକ୍ଷା କରିଥିଲେ । ପ୍ରତିଦିନ କେତେ ଜଣଙ୍କ ଖାଦ୍ୟ ପ୍ରସ୍ତୁତ ହେଉଛି ଓ କେତେ ଜଣ ଭୋଜନ କରୁଛନ୍ତି ତାହାର ହିସାବ ପଚାରି ବୁଝିଥିଲେ । ତାଙ୍କ ସହିତ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି, ପୌରନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ଓ ସ୍ୱାସ୍ଥ୍ୟ କର୍ମୀମାନେ ସାମିଲ ହୋଇଥିଲେ । ସାମାନ୍ୟ ବର୍ଷାରେ ଏସ୍‌ଡିଏଚ୍ ପରିସର ବର୍ଷା ଜଳରେ ଉବଟୁବୁ ହୋଉଥିବାରୁ ଏହାର ତୁରନ୍ତ ପ୍ରତିକାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବାଂଲା ଅନୁପ୍ରବେଶକାରୀଙ୍କ ଦଖଲରେ ଉପକୂଳ

ରାଜନଗର,୨୦।୮(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜନଗର ଅଞ୍ଚଳ ୭୦ଦଶକ ପରଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ରହିଆସିଛି। ଶରଣାର୍ଥୀ ଭାବେ ଉପକୂଳ ଅଞ୍ଚଳରେ ପାଦ ରଖିଥିବା ଏହି ବାଂଲା ଅନୁପ୍ରବେଶକାରୀମାନେ ଏଠିକାର ଲୋକଙ୍କ ସରଳତାର ସୁଯୋଗ ନେଇ ପରବର୍ତ୍ତୀ ସମୟରେ ଭୋଟବ୍ୟାଙ୍କ ସାଜିବାରେ ସକ୍ଷମ ହୋଇଥିଲେ। ଏପରିକି କୁଜି ନେତାମାନଙ୍କୁ ହାତ କରି ଭାରତୀୟ ନାଗରିକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୯୦ଦଶକ ପରଠୁଁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ସେମାନଙ୍କର କାୟା ବିସ୍ତାର କରି ଏହି ବ୍ଲକର ୧୦ଟି ପଞ୍ଚାୟତକୁ ନିଜ ଅକ୍ତିଆରରେ ରଖିବାରେ ସକ୍ଷମ ହୋଇଛନ୍ତି । ଏଠିକାର ରାଜନେତାମାନେ କ୍ଷମତା ଲୋଭରେ ପ୍ରଶାସନିକ ଅଧିକାରୀଙ୍କୁ ଚାପ ପକାଇ ଅନୁପ୍ରବେଶକାରୀଙ୍କୁ ଏଠିକାର ସ୍ଥାୟୀ ବାସିନ୍ଦା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଅନୁପ୍ରବେଶକାରୀମାନେ ଭିତରକନିକା ଜାତୀୟଉଦ୍ୟାନ ସୀମା ସରହଦରେ ଥିବା ଜଙ୍ଗଲ ଜମିକୁ ଜୋର ଜବରଦସ୍ତ ନିଜ ଅକ୍ତିଆରରେ ରଖିଛନ୍ତି । ବନବିଭାଗର ନାଲିଆଖି ସେମାନଙ୍କ ପାଖରେ କାମ ଦେଉନି। ଅନେକ ସମୟରେ ଏହି ଅନୁପ୍ରବେଶକାରୀମାନେ ଭିତରକନିକା ଜାତୀୟଉଦ୍ୟାନର ପ୍ରାକୃତିକ ବିଭବକୁ ନଷ୍ଟ କରିବାରେ ଲାଗିଛନ୍ତି । ହେନ୍ତାଳ ବଣକୁ ଧ୍ୱଂସ କରି ରାତାରାତି ବେଆଇନ ଘର ନିର୍ମାଣ ସହିତ ହରିଣ, ବାରହା ଓ ବିରଳ ଜୀବଜନ୍ତୁଙ୍କୁ ଶିକାର କରି ସେମାନଙ୍କ ମାଂସକୁ ଜଳପଥରେ ବାଂଲାଦେଶ, ଥାଇଲାଣ୍ଡ, ଶ୍ରୀଲଙ୍କା ଓ ପାକିସ୍ତାନ ପ୍ରଭୃତି ଦେଶକୁ ପଠାଇବାର ଅନେକ ନଜିର ରହିଛି। ସେମାନଙ୍କୁ ହଟାଇବା ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଆଇନ ପ୍ରସ୍ତୁତ କରିଥିଲେ ମଧ ଆଇନ ଓ ପ୍ରଶାସନର କୌଣସି ଏକ ଫାଙ୍କ ଦେଇ ଏମାନେ ଅତି ଚତୁରତାର ସହିତ ରାଜନଗର ଅଞ୍ଚଳରେ ନିଜର କାୟା ବିସ୍ତାର କରିବାରେ ସଫଳ ହେବାରେ ଲାଗିଛନ୍ତି। ଯାହାଫଳରେ ସ୍ଥାନୀୟ ଲୋକେ ନୀରବଦ୍ରଷ୍ଟା ସାଜିବାକୁ ବାଧ ହେଉଛନ୍ତି । ଯଦି ଆଗାମୀ ଦିନରେ ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରି ତଡି ଦିଆ ନ ଯାଏ, ତେବେ କିଛିଦିନ ପରେ ଆଉ ଏକ ମିନି ବାଲାଂଦେଶ ଗଠନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ନ୍ୟାସ୍‌ନାଲ ରେଜିଷ୍ଟାର ଅଫ୍ ସିଟିଜେନ୍ (ଏନଆରଆଇସି) ପ୍ରସ୍ତୁତ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅନୁମତି ଲୋଡିଛନ୍ତି । ହାଇକୋର୍ଟ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ଏ ନେଇ ଜବାବ ଲୋଡିବା ପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏହି ଅନୁମତି ଲୋଡାଯାଇଛି।

ହାଇକୋର୍ଟରେ ଆମିକସ୍ କ୍ୟୁରି ମୋହିତ ଅଗ୍ରୱାଲ ଦାଖଲ କରିଥିବା ରିପୋର୍ଟ ମୁତାବକ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଆର୍ଦ୍ରଭୂମି ଅଞ୍ଚଳ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ କବଜାରେ ରହିଛି । ଭିତରକନିକା ସଂଲଗ୍ନ ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିଙ୍ଗୁଡି ଘେରି କରିବା ସହିତ ଲୁଣାଜଙ୍ଗଲ କାଟି ପରିବେଶ ଧ୍ୱଂସ କରୁଛନ୍ତି। ତେଣୁ ବାଂଲାଦେଶୀଙ୍କୁ ଚିହ୍ନଟ କରି ବିତାଡିତ କରିବାକୁ ପ୍ରସ୍ତୁତି ଚାଲିଥିବା ଜାଣିବା ପରେ କେନ୍ଦ୍ରାପଡା ଜିଲାରେ ବେଆଇନ ଭାବେ ପ୍ରବେଶ କରି ଆଡ୍ଡା ଜମାଇଥିବା ବାଲାଂଦେଶୀ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଆସାମରେ ନ୍ୟାସନାଲ ରେଜିଷ୍ଟାର ଅଫ୍ ସିଟିଜେନ ତାଲିକା ପ୍ରସ୍ତୁତ ପରେ ୪୦ ଲକ୍ଷ ବାଲାଂଦେଶୀ ଥିବା ଜଣାପଡିଛି। ଏହି ବାଂଲାଦେଶୀମାନେ ଆସାମ ଛାଡି ଏବେ ଓଡିଶା ମୁହାଁ। ଏପଟେ ୨୦୦୫ ମସିହାରେ ରାଜ୍ୟ ସରକାର କେନ୍ଦ୍ରାପଡା ଜିଲାରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ୍ ଦେଇ ଚୁପ୍ ବସିଛନ୍ତି। ସରକାରଙ୍କ ନୀରବତା ଯୋଗୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସୀମିତ ରହିବା ପରିବର୍ତ୍ତେ ଦ୍ରୁତ ଗତିରେ ବଢିବାରେ ଲାଗିଛି। ଯାହା ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୦୩ ମସିହାରୁ କେନ୍ଦ୍ର ସରକାରଙ୍କ ତାଗିଦ ପରେ ଓଡିଶାରେ ବାଲାଂଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଏହି ସମୟରେ କେନ୍ଦ୍ରାପଡା ଜିଲାର ମହାକାଳପଡାରେ ୧୫୫୧, ପଟ୍ଟାମୁଣ୍ଡାଇରେ ୯୬ଜଣ ଓ ରାଜନଗରରେ ମାତ୍ର ୩୦ଜଣ ବାଂଲା ଅନୁପ୍ରବେଶକାରୀ ଥିବା ସରକାରୀ ସ୍ତରରେ ଚିହ୍ନଟ କରାଯାଇଥିଲା। ଦେଶାନ୍ତର ନୋଟିସ ପାଇଥିବା ବାଂଲାଦେଶୀଙ୍କ ମଧ୍ୟରୁ କେତେଜଣ ମରି ହଜି ଗଲେଣି ଓ ଆଉ କେତେଜଣ ଭାରତୀୟ ନାଗରିକତ୍ୱର ପ୍ରମାଣପତ୍ର ହାତେଇ ସାରିଲେଣି। ଏହାବାଦ ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ଏବଂ ଧାମରା ମୁହାଁଣ ଠାରୁ ଜଗତ୍‌ସିଂହପୁର ଜିଲାର ପାରାଦ୍ୱୀପ ପର୍ଯ୍ୟନ୍ତ ଅଞ୍ଚଳ ଏବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଭୂସ୍ୱର୍ଗ ପାଲଟିଛି। କେନ୍ଦ୍ରାପଡା ଜିଲାର ରାଜନଗର, ମହାକାଳପଡା ଅଞ୍ଚଳରେ ୧ଲକ୍ଷରୁ ଉର୍ଦ୍ଧ୍ୱ ବଙ୍ଗୀୟ ଭାଷାଭାଷୀ ଲୋକ ବସବାସ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ବାଂଲାଦେଶୀ ଥିବା ବେଳେ ସରକାରୀ ତାଲିକାରେ ଏହି ସଂଖ୍ୟା ସମଗ୍ର ଜିଲାରେ ୧୬୭୭ରେ ସୀମିତ ରହିବା ଘଟଣା ସରକାରଙ୍କ ଚିହ୍ନଟ ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବଧୂହତ୍ୟା ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨୦।୮ (ସ୍ୱ.ପ୍ର)

ଯୌତୁକ ପାଇଁ ପଟ୍ଟାମୁଣ୍ଡାଇ ଥାନା ଓଉପଦା ପଞ୍ଚାୟତ କଜଳବନ୍ଧ ଗ୍ରାମର ରାନୁ ମଳିକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଶାଶୁଘର ଲୋକେ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, କଜଳବନ୍ଧ ଗ୍ରାମର ରାନୁ (୨୨)ଙ୍କୁ ସେହି ଗ୍ରାମର ନବଘନ ମଳିକ(୨୬) ଦେଢ ବର୍ଷ ତଳେ ପ୍ରେମ ବିବାହ କରିଥିଲେ । କିନ୍ତୁ ବିବାହର କିଛିଦିନ ପରେ ଶାଶୁ ସୁଲୋଚନା ମଳିକ, ଶଶୁର ଅକ୍ଷୟ ମଳିକ, ଦିଅର, ନଣନ୍ଦ, ଖୁଡୀ ଶାଶୁ ପ୍ରମୁଖ ଯୌତୁକ ବାବଦରେ ଅଧିକ ଦେଢ ଲକ୍ଷ ଟଙ୍କା ଆଣିବାକୁ ଦାବି କରିଥିଲେ । ରାନୁ ଏହାର ପ୍ରତିବାଦ କରିବାରୁ ଶାଶୁ ଘର ପରିବାର ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ । ଅଧିକାଂଶ ଦିନ ଖାଇବାକୁ ଦେଉ ନ ଥିଲେ । ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ଓ ଅନ୍ୟମାନେ ମିଳିମିଶି ରାନୁଙ୍କୁ ମାରି ଦେଇଥିବା ବାପଘର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି । ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାକାରିଣୀ ପଦ୍ମାବତୀ ମଳିକ ଦାବି କରିଛନ୍ତି ।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ
ନକଲି ପ୍ରତି ସାବଧାନ !
DIBYA SAI PHARMACY, CUTTACK-11, PH.-6372898038

ମିଳିତ ଜନଶୁଣାଣି ଶିବିରରେ ୧୬୭ ଅଭିଯୋଗ ଶୁଣାଣି

ମହାକାଳପଡା,୨୦।୮ (ଡି.ଏନ୍.ଏ.)

ଶିବିରରେ ଜିଲାପାଳ ସମର୍ଥ ବର୍ମା ଅଭିଯୋଗ ଶୁଣାଣି କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୬୭ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୧୪ ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ନୀତିଶେଖର ଏଥିରେ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ସମସ୍ୟାଗୁଡିକର ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗଗୁଡିକ ମଧ୍ୟରେ ରାଶନକାର୍ଡ଼, ଆବାସ ନିର୍ମାଣ, ଭତ୍ତା, ରାସ୍ତା ଓ ଚିକିତ୍ସା ସମ୍ବନ୍ଧୀୟ ଆଦି ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ସେହିପରି ସମନ୍ୱିତ ଶିଶୁ ବିକାଶ ଯୋଜନା, ଶିକ୍ଷା ଓ ଉପକୂଳ ଅଞ୍ଚଳରେ ଅନୁପ୍ରବେଶ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା। ଶିବିରରେ ଓଡ଼ିଶା ଆର୍ଦ୍ରଭୂମି ସୁରକ୍ଷା ଅଭିଯାନର ରାଜ୍ୟ ଆବାହକ ରଞ୍ଜନ କୁମାର ଦାସ ଯୋଗଦେଇ ନ୍ୟାଶନାଲ ରେଜିଷ୍ଟ୍ରେଶନ ଅଫ ସିଟିଜେନ(ଏନ୍‌ଆର୍‌ସି) ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଏସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଏହାପରେ ଜିଲାପାଳ ବର୍ମା ପେଟ୍‌ଛେଲା ଓ ବାରତାଙ୍ଗ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ। ଏହି ଜନଶୁଣାଣି ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ପରିଡ଼ା, ସିଡିଏମ୍‌ଓ ଉର୍ମିଳା ମିଶ୍ର, ବ୍ଲକ ଅଧ୍ୟକ୍ଷ ସସ୍ମିତା ବରାଳ, ବିଡ଼ିଓ ରମେଶ ଚନ୍ଦ୍ର ସେଠୀ, ଆଳି ନଦୀତଟ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Utkalika
ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲି଼।
ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି ବାରି, ଭୁବନେଶ୍ୱର-୩୦, ଫୋନ୍ - ୦୬୭୪-୨୯୭୫୩୯୦
ବିଜ୍ଞାପନ
ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲି଼, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା ନିମ୍ନଲିଖିତ ସ୍ଥାନ ମାନଙ୍କରେ ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
୧. ନାରୀ କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ଼-ତା.୦୪/୦୯/୧୯ ଠାରୁ ତା.୧୪/୦୯/୧୯
୨. ଏମ୍.ସି.ଏଲ୍, ବସୁନ୍ଧରା, ରାଉରକେଲା - ତା.୧୬/୦୯/୧୯ ଠାରୁ ତା.୨୩/୦୯/୧୯
୩. ଏମ୍.ସି.ଏଲ୍, ବଳନ୍ଦା, ରାଉରକେଲା - ତା.୨୭/୦୯/୧୯ ଠାରୁ ତା.୦୪/୧୦/୧୯
ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ ତା.୨୫/୦୮/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ । ସ୍ୱା/- ପରିଚାଳନା ନିର୍ଦ୍ଦେଶକ

୨୨ରୁ ମୋ ପଞ୍ଚାୟତ କାର୍ଯ୍ୟକ୍ରମ

କେନ୍ଦ୍ରାପଡା ଅଫିସ, ୨୦।୮

କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଆସନ୍ତା ୨୨ରୁ ଆରମ୍ଭ ହେବ। ଏ ନେଇ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଥିବା ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ କରାଯିବା ସହିତ କିଚେନ ଗାର୍ଡେନ ଓ ପାଚେରି ନିର୍ମାଣ, ବିଦ୍ୟୁତ୍ ସଂଯୋଗ ଓ ଖେଳପଡ଼ିଆ ପ୍ରସ୍ତୁତ କରାଯିବ ବୋଲି ବୈଠକରେ ବିଡିଓ ସୁଧୀର କୁମାର ସିଂହ ସୂଚନା ଦେଇଥିଲେ। ଏଥିସହିତ ସେ ପ୍ରକାଶ କରିଥିଲେ ଯେ, ଜଳଶକ୍ତି ସଂରକ୍ଷଣ ଯୋଜନାକୁ ଗୁରୁତ୍ୱ ଦେବା ସହିତ ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ସମୀକ୍ଷା ହେବ। ବୈଠକରେ ଜିପିଓ ଅନିରୁଦ୍ଧ ବେହେରା, ସରପଞ୍ଚ ନରହରି ପାଣି, ପ୍ରଦ୍ୟୁମ୍ନ କୁମାର ଜେନା, ବସନ୍ତ କୁମାର ରାଉତ, ଗାୟତ୍ରୀ ମହାନ୍ତି, ଜୀନତ୍ ପ୍ରିୟଦର୍ଶିନୀ ରାଉତଙ୍କ ସମେତ ବହୁ ସଭ୍ୟାସଭ୍ୟ ଆଲୋଚନାରେ ଭାଗ ନେଇଥିଲେ।

କ୍ରାନ୍ତି ସବୁଜ ପକ୍ଷ ପାଳିତ

କ୍ରାନ୍ତି ସବୁଜପକ୍ଷ ପାଳନ ଅବସରରେ ଉପସ୍ଥିତ ଅତିଥି।

ଡେରାବିଶ, ୨୦।୮ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗ କଣିପଡ଼ାସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥିସମାଜ ପକ୍ଷରୁ ଚଳିତ ଅଗଷ୍ଟ ୯ଠାରୁ କ୍ରାନ୍ତି ସବୁଜ ପକ୍ଷ ପାଳନ କରାଯାଉଛି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ, କୃଷକ ଓ ମହିଳାମାନଙ୍କୁ ନେଇ ସ୍ୱଚ୍ଛ, ସବୁଜ, ସାକ୍ଷର, ସମୃଦ୍ଧ ଓ ନିଶାମୁକ୍ତ ଗ୍ରାମ ଗଠନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ନିଜ ପଞ୍ଚାୟତରେ କଷକ କ୍ଲବ, ମହିଳା ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳ ସଂରକ୍ଷଣ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଜାରି ରହିଛି। ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଥିସମାଜ ସମ୍ପାଦକ ନିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ମହିଳା ମଦମୁକ୍ତ ଆନ୍ଦୋଳନର ଆବାହିକା ଅପର୍ଣ୍ଣା ନାୟକ ମୁଖ୍ୟଅତିଥି, ସମିତିସଭ୍ୟ ମାନସ କୁମାର ଜେନା, ରଜନୀକାନ୍ତ ଦାସ, କବୟିତ୍ରୀ ପ୍ରତିଭା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ସୁରକ୍ଷା, ମଦମୁକ୍ତି ଓ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଶ ପ୍ରେମୀ ରଜନୀକାନ୍ତ ଦାସଙ୍କୁ ସାଥିସମାଜ ପକ୍ଷରୁ ପରିବେଶ ସାଥି-୨୦୧୯ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷାବିତ୍ ଦାମୋଦର ବେଦାନ୍ତ ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟକାନ୍ତ ବେହେରା ଓ ମନୋରମା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପୂର୍ବ ଶତ୍ରୁତାକୁ ନେଇ ଗୃହଦାହ ଅଭିଯୋଗ

ପଟ୍ଟାମୁଣ୍ଡାଇ, ୨୦।୮ (ସ୍ୱ.ପ୍ର)

ପୋଡିଯାଇଥିବା ଘର।

ସୋମବାର ରାତିରେ କେହି ଦୁର୍ବୃତ୍ତ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଡାମରପୁର ପଞ୍ଚାୟତ ରାଘପୁର ଗ୍ରାମର ମଳୟ କୁମାର ସେଠୀଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି । ପୂର୍ବ ଶତ୍ରୁତାକୁ ନେଇ ଏହି ଗୃହଦାହ ଘଟଣା ଘଟିଛି ବୋଲି ମଳୟ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି । ପଟ୍ଟାମୁଣ୍ଡାଇ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଘଟଣାସ୍ଥଳକୁ ଯାଇ ଗୃହଦାହ ତଦନ୍ତ କରି ଫେରିଛି । ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି ଏ ସଂପର୍କରେ ଅନୁଧ୍ୟାନ କରିବା ସହିତ ମଳୟଙ୍କୁ ୧୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୧୨ଟା ୨୫ରେ ମଳୟଙ୍କ ଘରେ କେହି ଦୁର୍ବୃତ୍ତ ପ୍ରତିଶୋଧ ପରାୟଣ ହୋଇ ନିଆଁ ଲଗାଇ ଦେଇଥିଲା । ତାଙ୍କ ପରିବାର ନିଘୋଡ ନିଦରେ ଶୋଇଥିବା ବେଳେ ନିଆଁ ଚାରିଆଡେ ବ୍ୟାପି ଯାଇଥିଲା । ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ବାହାରକୁ ଚାଲି ଆସିଥିବା ବେଳେ ଅଗ୍ନିକାଣ୍ଡରେ ମଳୟଙ୍କ ୫ ବଖରା ଘର ସହ ୨ ଭରଣ ଧାନ, ଚାଉଳ, ନଗଦ ୨୫ହଜାର ଟଙ୍କା ଓ ସମସ୍ତ ଘରକରଣା ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଖବରପାଇ ପଟ୍ଟାମୁଣ୍ଡାଇରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ବିପନ୍ନ ପରିବାର ଖୋଲା ଆକାଶ ତଳେ ପଡି ରହିଛନ୍ତି । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଦକ୍ଷିଣ ପୂର୍ବ ମଧ ରେଳପଥ
ଟେଣ୍ଡର ବିଜ୍ଞପ୍ତି
(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୬୭-୧୯-୨୦ ତାରିଖ: ୧୬।୦୮।୨୦୧୯। କାର୍ଯ୍ୟ:- ରାୟପୁର ଡିଭିଜନର ଏସ୍‌ଏସ୍‌ଇ/ପି.ୱେ/ବିଏମ୍‌ଓଆଇଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲ ରିନିୱାଲ, ଏଣ୍ଡ କ୍ରପିଂ ଓ ୱେଲ୍‌ଡିଂ, ଟ୍ରାକର ହେଭି ଲିଫ୍ଟିଂ ତଥା ସ୍ଲିପର୍ ଇତ୍ୟାଦିର ରିନିୱାଲ ଭଳି ବିବିଧ ଟ୍ରାକ୍ କାମ। ଟେଣ୍ଡର ମୂଲ୍ୟ: ଟ.୬୨,୦୯,୯୯୮/-। ଇଏମ୍‌ଡି: ଟ.୧,୨୪,୨୦୦/-।
(୨) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୬୮-୧୯-୨୦ ତାରିଖ: ୧୬।୦୮।୨୦୧୯। କାର୍ଯ୍ୟ:- ରାୟପୁର ଡିଭିଜନର ଏସ୍‌ଏସ୍‌ଇ/ପି.ୱେ/ବିଏକ୍ସଏଙ୍କ କ୍ଷେତ୍ରାଧିକାର ଅଧୀନରେ ଦୁର୍ଗ-ଡାଲିରାଜହର ସେକ୍ସନରେ ବିଭିନ ୟାର୍ଡ ଲାଇନର ପଏଣ୍ଟ ଓ କ୍ରସିଂର ଡିପ୍ ସ୍କ୍ରିନିଂ। ଟେଣ୍ଡର ମୂଲ୍ୟ: ଟ.୫୧,୬୬,୪୫୯/-। ଇଏମ୍‌ଡି: ଟ.୧,୦୩,୩୦୦/-।
ଟେଣ୍ଡର ଦାଖଲ: ତା।୧୯।୦୯।୨୦୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ।
ଟେଣ୍ଡର ଖୋଲାଯିବ: ତା।୧୯।୦୯।୨୦୧୯ରିଖ ୧୧.୦୦ ଘଟିକାରେ।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଇଏନ୍(ସିଓ.)/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ଡିଭିଜନାଲ ଇଞ୍ଜିନିୟର (I)
PR/R/ENGG/PM/81 ଏସ୍‌ଇସି ରେଳପଥ/ରାୟପୁର
f ଦକ୍ଷିଣ ପୂର୍ବ ମଧ ରେଳପଥ @Secrail

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ସା/ପୋ : ପିପିଲି, ଜିଲ୍ଲା: ପୁରୀ, ଫୋନ୍ ନଂ.: ୦୬୭୫୮-୨୪୧୭୧୮, ମୋ.: ୯୮୬୧୩୫୫୮୦୭
always with U
ଗାଡ଼ି ନିଲାମ ବିକ୍ରୟ ବିଜ୍ଞପ୍ତି

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦ ଟେଣ୍ଡର ସହ ପ୍ରତ୍ୟେକ ଗାଡ଼ି ନିମନ୍ତେ ଭିନ୍ନ ଭିନ୍ନ ଲଫାପାରେ ଅମାନତ ଜମାରାଶି ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ** ଭୁବନେଶ୍ୱରକୁ ପୈଠ ଦର୍ଶାଇ ନିମ୍ନରେ ସମ୍ପୃକ୍ତ ଶାଖା ନିମନ୍ତେ ଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି** ଠାରେ **ମଧ୍ୟାହ୍ନ ୧୨.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବନ୍ଦ ଲଫାପା ଉପରେ **"ଗାଡ଼ି ନିଲାମ ବିକ୍ରୟ"**, ଶାଖାର ନାମ, ଗାଡ଼ିର ମଡ଼େଲ, ଗାଡ଼ି ନଂ. କିମ୍ବା ଇଞ୍ଜିନ ନଂ. ଉଲ୍ଲେଖ କରିବା ଉଚିତ।

କ୍ର. ନଂ.	ଶାଖା / ନିଲାମ ସ୍ଥାନ ଏବଂ ତାରିଖ / ଲୋନ୍ ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା	ଗାଡ଼ିର ମଡ଼େଲ / ଗାଡ଼ି ନଂ.	ସଂରକ୍ଷିତ ମୂଲ୍ୟ / ଅମାନତ ରାଶି
	ଅସ୍ତରଙ୍ଗ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ		
୧.	ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୧୦୦୨୬ / ଋଣଗ୍ରହୀତା: ଅକ୍ଷୟ କାଣ୍ଡି, ପିତା: ମାର୍କଣ୍ଡ କାଣ୍ଡି, ସା: ଦକ୍ଷିଣ ପତ୍ତାଳ, ପୋ: ନଗର, ଜିଲ୍ଲା: ପୁରୀ	Tata Magic, REGD NO.: OR-02-BU-6947, ENGINE NO.: 275IDI06MYYSP0178, CHASSIS NO.: MAT445112BVPA5039	ଟ.୧୮,୭୫୦/- / ଟ.୬,୦୦୦/-
୨.	ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୧୦୦୨୧ / ଋଣଗ୍ରହୀତା: ହର୍ଷା ବାରିକ, ସ୍ୱାମୀ: ସନାତନ ବାରିକ, ସା: ବେଗୁନିଆ ବସ୍ତ, ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ	Tata Magic, REGD NO.: OR-02-BU-1387, ENGINE NO.: S1J8000027, CHASSIS NO.: MAT491121BJK07939	ଟ.୧୫,୦୦୦/- / ଟ.୬,୦୦୦/-
୩.	ଆକାଉଣ୍ଟ ନଂ.: ୦୦୦୧୦୩୧୧୭୨୧୪୦୦୦୧ / ଋଣଗ୍ରହୀତା: ଶଙ୍କର ଛାଟୋଇ, ପିତା: ସାଧୁ ଛାଟୋଇ, ସା/ପୋ: ଅସ୍ତରଙ୍ଗ, ଜିଲ୍ଲା: ପୁରୀ	John Deere 5038 D Tractor (only Engine), REGD NO.: OD-02-N-1297, ENGINE NO.: PY3029D349729, CHASSIS NO.: 1PY5038DEDA010060	ଟ.୧,୩୫,୦୦୦/- / ଟ.୬,୦୦୦/-
୪.	ଆକାଉଣ୍ଟ ନଂ.: ୦୦୦୧୦୩୧୧୭୧୨୦୦୦୧୧ / ଋଣଗ୍ରହୀତା: ବିନ୍ଦୁସାଗର ମଲ୍ଲିକ, ପିତା: ଗଙ୍ଗାଧର ମଲ୍ଲିକ, ସା/ପୋ: ଡେରୁଣିଆ, ଜିଲ୍ଲା: ପୁରୀ	Tata Indigo ECS Car, REGD NO.: OR-02-BW-7657, ENGINE NO.: 475IDT14BXYP09046, CHASSIS NO.: MAT607146CWB10097	ଟ.୬୦,୦୦୦/- / ଟ.୬,୦୦୦/-
୫.	ଆକାଉଣ୍ଟ ନଂ.: ୦୦୦୧୦୩୬୪୧୦୦୦୦୧୦ / ଋଣଗ୍ରହୀତା: ନିରଞ୍ଜନ ସାହୁ, ପିତା: ପ୍ରହଲ୍ଲାଦ ସାହୁ, ସା: ବାଜପୁର, ପୋ: କେ.ଏନ୍. ପାଟଣା, ଜିଲ୍ଲା: ପୁରୀ	Tavera, REGD NO.: OR-02-BF-8495, ENGINE NO.: 3AK102128, CHASSIS NO.: MA6AB605AAHI01560	ଟ.୧,୨୦,୦୦୦/- / ଟ.୬,୦୦୦/-
	ବାମନାଳ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ		
୬.	ଆକାଉଣ୍ଟ ନଂ.: ୦୦୧୧୦୩୧୭୧୨୦୦୦୦୨ / ଋଣଗ୍ରହୀତା: ନିରଞ୍ଜନ ବଳବନ୍ତରାୟ, ପିତା: ସୁରେନ୍ଦ୍ର ବଳବନ୍ତରାୟ, ସା: ଯଅଁରା, ପୋ: ସଲଙ୍ଗ, ଜିଲ୍ଲା: ପୁରୀ	Mahindra 475 DI Tractor (only Engine) , REGD NO.: OD-13-A-9334, ENGINE NO.: NJNWL1383, CHASSIS NO. NJNWL1383	ଟ.୧,୨୭,୫୦୦/- / ଟ.୬,୦୦୦/-
୭.	ଆକାଉଣ୍ଟ ନଂ.: ୦୦୧୧୦୩୧୭୧୨୦୦୦୦୯ / ଋଣଗ୍ରହୀତା: ଭାଗ୍ୟଧର ବାରିକ, ପିତା: ଫଗୁ ବାରିକ, ସା/ପୋ: ସଲଙ୍ଗ (ମଠସାହି), ଜିଲ୍ଲା: ପୁରୀ	Piaggio Auto D 35, REGD NO.: OD-13-1349, ENGINE NO.: RZJ2200240, CHASSIS NO.: MBX0001CFPJ577433	ଟ.୧୩,୫୦୦/- / ଟ.୩,୦୦୦/-
	ବାଙ୍ଗୁରୀଗାଁ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ		
୮.	ଆକାଉଣ୍ଟ ନଂ.: ୦୦୧୨୦୩୧୭୧୨୦୦୦୨୧ / ଋଣଗ୍ରହୀତା: ଶ୍ରୀମତୀ ଅମୀୟବାଳା ପ୍ରଧାନ, ସ୍ୱାମୀ: ପ୍ରଶାନ୍ତ କୁମାର ପ୍ରଧାନ, ସା: ଛେନୁଆଁ, ପୋ: ଶିଶୁଅ, ଥାନା: କୋଣାର୍କ, ଜିଲ୍ଲା: ପୁରୀ	Tata Indigo ECSLX Car, REGD NO.: OR-02-BY-8572, ENGINE NO.: 475IDT14EXYP31208, CHASSIS NO. MAT607161CWE28697	ଟ.୬୭,୫୦୦/- / ଟ.୬,୦୦୦/-
୯.	ଆକାଉଣ୍ଟ ନଂ.: ୦୦୧୨୦୩୬୪୧୧୦୦୦୦୯ / ଋଣଗ୍ରହୀତା: ସୁଧାକର ମହାନ୍ତି, ପିତା: ମାୟାଧର ମହାନ୍ତି, ସା: ପାଟସୁନ୍ଦରପୁର, ପୋ: କାକଟପୁର, ଜିଲ୍ଲା: ପୁରୀ	Mahindra 475 DI Tractor, REGD NO.: OR-13-H-3401, ENGINE NO.: SBTWL1659, CHASSIS NO.: SBTWL1659	ଟ.୯୩,୭୫୦/- / ଟ.୬,୦୦୦/-
୧୦.	ଆକାଉଣ୍ଟ ନଂ.: ୦୦୧୨୦୩୧୭୧୨୦୦୦୦୪ / ଋଣଗ୍ରହୀତା: ଶେଖ୍ ଜିଆଫତ୍ ରବାନି, ପିତା: ଶେଖ୍ କେଫାୟତୁଲ୍ଲା, ସା: ସୁହାଣପୁର, ପୋ: ଓଥକା, କାକାଟପୁର, ଜିଲ୍ଲା: ପୁରୀ	Mahindra Maximo Mini Van, REGD NO.: OR-02-BV-6604, ENGINE NO.: MCB6M31127, CHASSIS NO.: MA1FB2MCRB6M52763	ଟ.୬୦,୦୦୦/- / ଟ.୬,୦୦୦/-
	ଏରବଙ୍ଗ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ		
୧୧.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୧୧ / ଋଣଗ୍ରହୀତା: ଧଡା ବେହେରା, ପିତା: ଉଦୟନାଥ ବେହେରା, ସା: ଅଚ୍ୟୁତପୁର, ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ	APE Piaggio Auto, REGD NO.: OD-13-1839, ENGINE NO.: R2K2219241, CHASSIS NO. MBX0000ZFPK593488	ଟ.୧୩,୫୦୦/- / ଟ.୩,୦୦୦/-
୧୨.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୭୮ / ଋଣଗ୍ରହୀତା: ପ୍ରଶାନ୍ତି ସ୍ୱାଇଁ, ସ୍ୱାମୀ: କୈଳାଶ ସ୍ୱାଇଁ, ସା: ମାଙ୍କରଗୋରଡି, ପୋ: କୁଣେଇ, ଜିଲ୍ଲା: ପୁରୀ	Mahindra Maximo Load Carrier, REGD NO.: OD-13-0991, ENGINE NO.: HRC6J42048, CHASSIS NO.: MA1FA2HRRC6J24041	ଟ.୩୭,୫୦୦/- / ଟ.୬,୦୦୦/-
୧୩.	ଆକାଉଣ୍ଟ ନଂ.: ୦୦୩୪୦୩୬୪୧୩୦୦୦୩୧ / ଋଣଗ୍ରହୀତା: ସୌମ୍ୟରଞ୍ଜନ ପ୍ରଧାନ, ପିତା: ରାମ ଚନ୍ଦ୍ର ପ୍ରଧାନ, ସା/ପୋ: ଶିଶୁଅ, ଜିଲ୍ଲା: ପୁରୀ	Indigo ECS Car, REGD NO.: OD-02-G-6991, ENGINE NO.: 475IDTWYP24374, CHASSIS NO.: MAT60761DWE05119	ଟ.୬୭,୫୦୦/- / ଟ.୬,୦୦୦/-
୧୪.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୦୯ / ଋଣଗ୍ରହୀତା: ପ୍ରଭାତୀ ଭଟ୍ଟ, ସ୍ୱାମୀ: ପ୍ରମୋଦ ଭଟ୍ଟ, ସା: ସଫୀପୁର, ପୋ: ଗଡକରମଳା, ଜିଲ୍ଲା: ପୁରୀ	New Holland 3037 Tractor (Engine & Trolly), ENGINE NO.: D86031, CHASSIS NO.: 6205671	ଟ.୧,୧୨,୫୦୦/- / ଟ.୬,୦୦୦/-
୧୫.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୧୨୩ / ଋଣଗ୍ରହୀତା: ସନ୍ତୋଷ କୁମାର ପ୍ରଧାନ, ପିତା: ଲୋକନାଥ ପ୍ରଧାନ, ସା/ପୋ: ଏରବଙ୍ଗ, ଜିଲ୍ଲା: ପୁରୀ	Mahindra Maximo Load Carrier, REGD NO.: OD-13-2102, ENGINE NO.: HRC6HG0606, CHASSIS NO.: MA1FA2HRRC6H22126	ଟ.୩୭,୫୦୦/- / ଟ.୬,୦୦୦/-
୧୬.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୨୨ / ଋଣଗ୍ରହୀତା: ନକୁଳ କାଣ୍ଡି, ପିତା:: ପୂର୍ଣ୍ଣ କାଣ୍ଡି, ସା/ପୋ: ସାରଡା, ଜିଲ୍ଲା: ପୁରୀ	Mahindra Yubraj 215 Tractor (Engine & Trolly), ENGINE NO.: AF21925, CHASSIS NO.: AGR21820	ଟ.୬୦,୦୦୦/- / ଟ.୬,୦୦୦/-
୧୭.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୫୬ / ଋଣଗ୍ରହୀତା: ଦୀପକ କୁମାର ଦାଶ, ପିତା: ଗୋପାଳ ଚନ୍ଦ୍ର ରାମାନୁଜ ଦାଶ, ସା: କୁଶୁପୁର, ପୋ: ଗୋପ, ଜିଲ୍ଲା: ପୁରୀ	Mahindra 475 BP Tractor (Engine & Trolly), REGD NO.: OD-13-4234/4235, ENGINE NO.: NJNWL2021, CHASSIS NO.: NJNWL2021	ଟ.୯୩,୭୫୦/- / ଟ.୬,୦୦୦/-
୧୮.	ଆକାଉଣ୍ଟ ନଂ.: ୦୦୩୪୦୩୧୭୧୨୦୦୦୧୪ / ଋଣଗ୍ରହୀତା: ଶରତ କାଣ୍ଡି, ପିତା: ବାସୁ କାଣ୍ଡି, ସା/ପୋ: ସାରଡା, ଜିଲ୍ଲା: ପୁରୀ	Mahindra Yubraj 215 Tractor (Engine & Trolly), ENGINE NO.: 178322, CHASSIS NO.: AGR19288	ଟ.୫୨,୫୦୦/- / ଟ.୬,୦୦୦/-
	ନରିଶ ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ		
୧୯.	ଆକାଉଣ୍ଟ ନଂ.: ୦୦୬୯୦୩୧୭୧୨୦୦୦୪୩ / ଋଣଗ୍ରହୀତା: ନିରୁପମା ସ୍ୱାଇଁ, ସ୍ୱାମୀ: ସତ୍ୟନାରାୟଣ ସ୍ୱାଇଁ, ସା/ପୋ: ନହନ୍ତରା, ଜିଲ୍ଲା: ପୁରୀ	Mahindra 475 DI Tractor, ENGINE NO.: RJNY - 00284, CHASSIS NO.: RJNY - 00284	ଟ.୧,୧୨,୫୦୦/- / ଟ.୬,୦୦୦/-
	ପଶ୍ଚିମଦ୍ୱାର ଶାଖା, ନିଲାମ ସ୍ଥାନ ଏବଂ ତାରିଖ: ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି, ତା.୩୧.୦୮.୨୦୧୯ରିଖ		
୨୦.	ଆକାଉଣ୍ଟ ନଂ.: ୦୧୨୭୦୩୧୭୧୨୦୦୦୪୬ / ଋଣଗ୍ରହୀତା: ବାସୁଦେବ ସ୍ୱାଇଁ, ପିତା: ଯଦୁ ସ୍ୱାଇଁ, ସା: ଚକ୍ରବର୍ତ୍ତୀ ପାଟଣା, ପୋ: ଗୋପିନାଥପୁର, ଜିଲ୍ଲା: ପୁରୀ	Mahindra 475 DI Tractor (Engine With Trolly), REGD NO.: OD-13-0726/0727, ENGINE NO.: SBSWL2527, CHASSIS NO.: SBSWL2527	ଟ.୯୦,୦୦୦/- / ଟ.୬,୦୦୦/-

ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୧ ଏବଂ ୨ ନିମନ୍ତେ): ଆର୍‌ଆଇସି ପାର୍କିଂ ୟାର୍ଡ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଅସ୍ତରଙ୍ଗ ଶାଖା ପଛପାର୍ଶ୍ୱ, ଜିଲ୍ଲା: ପୁରୀ, ଯୋଗାଯୋଗ ବ୍ୟକ୍ତି: ରମେଶ ପ୍ରଧାନ, ମୋବାଇଲ୍ ନଂ: ୮୦୧୮୨୫୪୨୮୩
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୩, ୪, ୫, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮ ଏବଂ ୨୦ ନିମନ୍ତେ): ଆର୍‌ଆଇସି ପାର୍କିଂ ୟାର୍ଡ, ସା: ବ୍ରହ୍ମପୁରା, ୪୨ ମୌଜା, ଜିଲ୍ଲା: କଟକ, ଯୋଗାଯୋଗ ବ୍ୟକ୍ତି: ଜିତେନ୍ଦ୍ର ଦାସ, ମୋବାଇଲ୍ ନଂ: ୮୧୪୪୬୭୬୦୩୬
ପାର୍କିଂ ସ୍ଥାନ ସହିତ ଠିକଣା (କ୍ର. ନଂ. ୬, ୭ ଏବଂ ୧୯ ନିମନ୍ତେ): ଆଇଆଇସି, ମଙ୍ଗରାଜ ଷ୍ଟକ୍ ୟାର୍ଡ, ଡାଳଖାଇ ମନ୍ଦିର ନିକଟ, ଝାରପଡ଼ା, ଭୁବନେଶ୍ୱର ଯୋଗାଯୋଗ ବ୍ୟକ୍ତି: ପି.ସି. ପ୍ରଧାନ, ମୋବାଇଲ୍ ନଂ.: ୭୫୩୮୦୮୫୧୪୫

ଆଗ୍ରହୀ ନିଲାମଧାରୀମାନେ ଉପର ଦର୍ଶିତ ଗାଡ଼ି ଗୁଡିକ ସପକ୍ଷରେ ପଠାଇଥିବା ଜଉମୁଦ ଟେଣ୍ଡର ଲଫାପାଗୁଡିକ ସମ୍ପୃକ୍ତ ଶାଖା ନିମନ୍ତେ ଉପରଦର୍ଶିତ ନିଲାମ ତାରିଖ ଦିନ **ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲି ଠାରେ ଅପରାହ୍ନ ୦୨.୩୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ଉପରୋକ୍ତ ପାର୍କିଂ/ଷ୍ଟକ୍ ୟାର୍ଡର ମୋବାଇଲ୍ ନଂ. ରେ ଯୋଗାଯୋଗ କରି ଗାଡ଼ିଗୁଡ଼ିକ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମଧାରୀଙ୍କ ସପକ୍ଷରେ ନିଲାମ ଡ଼ାକ ଚୂଡ଼ାନ୍ତ ହେଲେ ସେ ବିକ୍ରୟ ମୂଲ୍ୟର ୧୦% **ଆବଶ୍ୟକ ଜିଏସ୍‌ଟି ସହିତ** ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ (ବିଯୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) **ଆବଶ୍ୟକ ଜିଏସ୍‌ଟି ସହିତ ୭ ଦିନ** ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/କ୍ୟାସ୍ ମାଧ୍ୟମରେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସପକ୍ଷରେ ସମ୍ପୃକ୍ତ ଶାଖାକୁ** ପୈଠ ଦର୍ଶାଇ **ସମ୍ପୃକ୍ତ ଶାଖା କାର୍ଯ୍ୟାଳୟରେ** ଜମା କରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନ କଲେ ନିଲାମଧାରୀମାନେ ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଉକ୍ତ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ/ବୈଧାନିକ ଦେୟ ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଏବଂ ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ତାରିଖ : ୨୦.୦୮.୨୦୧୯, ସ୍ଥାନ : ପିପିଲି — କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ସଂକ୍ଷେପରେ

ବୋହୂ ଆକ୍ରମଣରେ ଶାଶୁ ଆହତ

ମାର୍ଶାଘାଇ, ୨୦।୮ (ଡି.ଏନ୍.ଏ.): ମାର୍ଶାଘାଇ ଥାନା ତିଖିରୀ ପଞ୍ଚାୟତ ନୁଆଗାଁ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଜଣେ ୭୨ ବର୍ଷିୟା ବୃଦ୍ଧାଙ୍କୁ ତାଙ୍କ ବୋହୂ ଏକ ପନିକିରେ ଆକ୍ରମଣ କରିଛନ୍ତି। ବୃଦ୍ଧାଙ୍କୁ ଆହତ ଅବସ୍ଥାରେ ପଡୋଶୀମାନେ ଉଦ୍ଧାର କରି ତିଖିରି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୦।୮ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଅବସରପ୍ରାପ୍ତ ଶିକ୍ଷକ ସଂଗଠନ ପକ୍ଷରୁ ବ୍ଲକ ଅଧୀନ ପଲେଇ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବୋଧ କୁମାର ପରିଡାଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ସୁଭଦ୍ରାପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷକ ଦାମୋଦର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଘ ଉପଦେଷ୍ଟା ଭ୍ରମର ରାଉତ, ଭାସ୍କର ଚନ୍ଦ୍ର ଦାସ, ଜିଲା ସଂଘ ସଭାପତି ସୁଶାନ୍ତ କୁମାର ବେହୁରା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ରତ୍ନାକର ଦାସ, ରାଜକନିକା ବ୍ଲକ ସଂଘର ସୁବାସ ଚନ୍ଦ୍ର ନାୟକ, ମହାକାଳପଡ଼ା ବ୍ଲକ ସଂଘର ମନୋଜ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ପରିଡ଼ାଙ୍କୁ ମୁଖ୍ୟଅତିଥି ସ୍ୱାଇଁ ଉପଢ଼ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ହରେକୃଷ୍ଣ ମହାନ୍ତି, ରବୀନ୍ଦ୍ରନାଥ ବିହାରୀ, କ୍ଷୀରୋଦ ସାହୁ, ବିଦ୍ୟୁଲତା ପତି, ଅନାଦୀ ଚରଣ ଓଝା ଓ ଶାନ୍ତନୁ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ କ୍ଷେତ୍ରବାସୀ ସାହୁ ଧନ୍ୟବାଦ ଦେଇଥିଲେ।

■ ଆଇକନିକ୍ ଐତିହ୍ୟ ତାଲିକାରୁ ଭିତରକନିକା ବାଦ୍

ଜାତୀୟ ଉଦ୍ୟାନ ମାନ୍ୟତା ପ୍ରତି ବିପଦ

କେନ୍ଦ୍ରାପଡ଼ା ଅଫିସ, ୨୦।୮

■ ପୂର୍ବରୁ ବିଶ୍ୱ ଐତିହ୍ୟ ତାଲିକାରୁ ବାଦ୍ ପଡ଼ିଥିଲା
■ ସମସ୍ୟା ସୁଧାର ଲାଗି ମିଳୁନି ସରକାରୀ ପ୍ରୋତ୍ସାହନ
■ ଭୋଟ ବ୍ୟାଙ୍କ ଭାଙ୍ଗିଯିବା ଭୟରେ ରାଜନେତା ନୀରବ

ଆଇକନିକ୍ ଐତିହ୍ୟ ତାଲିକାରେ ସ୍ଥାନ ପାଇବ ଓଡ଼ିଶା। ଏ ନେଇ ମଙ୍ଗଳବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ ଘୋଷଣା କରିଛନ୍ତି। ଓଡ଼ିଶାର ପୁରୀ ଜିଲାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟମନ୍ଦିର ଏଥିରେ ସାମିଲ ହେବ ବୋଲି ଜଣାପଡ଼ିଛି। ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାକୁ ଏଥିରେ ସାମିଲ କରାଯାଇନାହିଁ। ୨୦୧୭ରେ ବିଶ୍ୱ ଐତିହ୍ୟ ମାନ୍ୟତା ତାଲିକାରୁ ଭିତରକନିକା ବାଦ୍ ପଡ଼ିଥିବା ବେଳେ ଏବେ ଆଇକନିକ ଐତିହ୍ୟସ୍ଥଳରୁ ମଧ୍ୟ ବାଦ୍ ପଡ଼ିଛି, ଯାହା ଜିଲାବାସୀଙ୍କୁ ନିରାଶ କରିଛି। ବେଆଇନ ଚିଙ୍ଗୁଡ଼ି ଘେରି ଓ ଜବରଦଖଲ ସମସ୍ୟା ଭିତରକନିକାକୁ ଏହିସବୁ ମାନ୍ୟତାରୁ ବଞ୍ଚିତ କରିଥିବା ବେଳେ ଆଗାମୀ ଦିନରେ ଏହା ଜାତୀୟ ଉଦ୍ୟାନ ମାନ୍ୟତା ପ୍ରତି ମଧ୍ୟ ବିପଦ ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ରାଜନଗର ତହସିଲ ଅଧୀନ ବଙ୍ଗୋପସାଗର ତଟବର୍ତ୍ତୀ ବ୍ରାହ୍ମଣୀ ଓ ବୈତରଣୀ ନଦୀର ମିଳିତ ତ୍ରିକୋଣଭୂମିରେ ଅବସ୍ଥିତ ଭିତରକନିକା ତାର ଜୈବ ବିବିଧତା ପାଇଁ ବିଶ୍ୱପ୍ରସିଦ୍ଧ। ଏହାର ୬୭୨ କିଲୋମିଟର ଅଞ୍ଚଳ ମଧ୍ୟରେ ୭୨ ପ୍ରକାର ହେନ୍ତାଳ ଜାତୀୟ ବିରଳ ବୃକ୍ଷ, ୨୪ ପ୍ରକାର ଔଷଧୀୟ ବୃକ୍ଷ ରହିଛି। ଏହାବ୍ୟତୀତ ଚିତ୍ରା ହରିଣ, ବଣୁଆ ବାର୍ହା, ମାଙ୍କଡ଼, ଶିଆଳ, ଜଙ୍ଗଲୀ ବିଲେଇ, ଗଧିଆ, ହାଇନା ଆଦି ବନ୍ୟଜନ୍ତୁ ସହିତ ପକ୍ଷୀଙ୍କ ବାସସ୍ଥାନ ବଗଗହଣ, ମାଠିଆଆଡ଼ି ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରେ। ସେହିପରି ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର ଓ ଅଲିଭ୍‌ରିଡଲେ କଇଁଛଙ୍କ ପ୍ରଜନନ ସ୍ଥଳ ଭାବେ ଏହା ପରିଚିତି ଲାଭ କରିଛି। ଗୋରୀ କୁମ୍ଭୀର ଓ ଅଲିଭ୍‌ରିଡଲେ କଇଁଛ ବହୁ ସମୟରେ ରାଜ୍ୟର ମାସ୍କଟ ହୋଇଛନ୍ତି। ଏଥିସହିତ ହୁକିଟୋଲା, ବଟିଘର ପରି ଐତିହାସିକ ସ୍ଥାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି। ହେଲେ ଏହି ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ନାହିଁ।

ଯାତାୟାତ ପଥ, ରହିବା, ଖାଇବା ଆଦି ସମସ୍ୟାର ସୁଧାର ହେଉ ନଥିବା ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି। ସେ କହିଛନ୍ତି, ଆଇକନିକ୍ ଐତିହ୍ୟ ତାଲିକାରେ ଭିତରକନିକା ସାମିଲ ହୋଇଥିଲେ ଏହାର ଉନ୍ନତି ହୋଇଥାନ୍ତା। ଏଠାରେ ଭିତରକନିକାର ସୌନ୍ଦର୍ଯ୍ୟ ସହିତ ପେଣ୍ଠର ଜିଓ ଟିଉବ ୱାଲ, ବରୁଣେଇ ବେଳାଭୂମି, ହୁକିଟୋଲା ଆଦି ସ୍ଥାନକୁ ପର୍ଯ୍ୟଟକଙ୍କ ଗମନାଗମନ ବଢ଼ିଥାନ୍ତା। କେନ୍ଦ୍ରାପଡା ଜିଲାର ଆର୍ଥିକ ବିକାଶ ଦିଗରେ ଉନ୍ନତି ଆଣିବା ପାଇଁ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ମିଳିଥାନ୍ତା। ତେବେ ରାଜନୈତିକ ଓ ପ୍ରଶାସନିକ ଉଦ୍ୟମ ନଥିବାରୁ ଏହି ପର୍ଯ୍ୟଟନ କ୍ଷେତ୍ରର ଜାତୀୟ ମାନ୍ୟତା ମଧ୍ୟ ବିପଦରେ ରହିଛି ବୋଲି ରାଉତ କହିଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି, ଭିତରକନିକା ଅଞ୍ଚଳରେ ଅନୁପ୍ରବେଶ ଓ ଚିଙ୍ଗୁଡି ଘେରି ଯୋଗୁ ଏହା ବିଶ୍ୱ ଐତିହ୍ୟ ତାଲିକାରୁ ବଞ୍ଚିତ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସ୍ଥାନୀୟ ରାଜନେତାଙ୍କ ଭୋଟ ବ୍ୟାଙ୍କ ଭାଙ୍ଗିଯିବା ଭୟରେ ଦୃଢ଼ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆଇକନିକ୍ ଐତିହ୍ୟ ମାନ୍ୟତା ମିଳିଥିଲେ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ପ୍ରଶାସନ ବାଧ୍ୟ ହୋଇଥାନ୍ତା। ଏଥିପାଇଁ ଏକ ବଡ଼ ଧରଣର ଆନ୍ଦୋଳନ ହେବା ଆବଶ୍ୟକ ବୋଲି ପାଢ଼ୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଜାତୀୟ ଉଦ୍ୟାନ ଭିତରକନିକାକୁ ଗୁରୁତ୍ୱ ଦିଆଯାଇ ଏକ ଡକୁମେଣ୍ଟ ପ୍ରସ୍ତୁତ ହେବ। ଏଥିସହ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚିଠି କରାଯିବ। ଏହାର ଉନ୍ନତିରେ କେନ୍ଦ୍ରାପଡା ଜିଲାର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଚହଚହକା, ମହମହକା
ପାଇ ଆଣିଥିଲି ତତେ
ଟାକୁଆ ଗାଲରେ ମାଉଁସ ଲାଗିଲା
ଜବାବ ଦେଉଛୁ ମତେ ?

ଯାହାକୁ ପାଳିପୋଷି ମଣିଷ କରାଯାଇଥାଏ ତା'ପ୍ରତି ସ୍ୱତଃପ୍ରବୃତ୍ତ ମନରେ ସ୍ନେହ ସରାଗ ଭରି ରହିଥାଏ, ଦରଦଭାବ ରହିଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ଅତୀତ କଥା ଭୁଲିଯାଇ ଉପକାର କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଚିତ୍ତ ଜାଣେ ପାପ,
ମାଆ ଜାଣେ ବାପ ।

ସନ୍ତାନର ପ୍ରକୃତ ପିତା କିଏ ତାହା କେବଳ ଜନ୍ମଦାତ୍ରୀ ମା' ହିଁ ଜାଣିଥାଏ। ନିଜର ପାପକଥା କେବଳ ନିଜ ମନ ହିଁ ଜାଣିଥାଏ। ଅନ୍ତରର ଗୋପନୀୟତା କେବଳ ଅନୁଭବୀ ହିଁ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

ମୋ ପଞ୍ଚାୟତ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ରାଜନଗର, ୨୦।୮ (ଡି.ଏନ୍.ଏ.)

ଆସନ୍ତା ୨୨ ତାରିଖରୁ ରାଜନଗର ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ପଞ୍ଚାୟତର ୨ ବିଦ୍ୟାଳୟର ଭିତିଭୂମି ବିକାଶ ସହିତ ଶୌଚାଳୟ ନିର୍ମାଣ କରାଯିବା ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ। ଏହାଛଡ଼ା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ବିଡିଓ ମନ୍ଦରଧର ମହାଳିକଙ୍କ ସମେତ ସହକାରୀ ଯନ୍ତ୍ରୀ ଜଳଧର ବେହେରା, କନିଷ୍ଠ ଯନ୍ତ୍ରୀ ଦେବରଞ୍ଜନ ବେହେରା, ପ୍ରଭାତ କୁମାର ମାଝି, ରଞ୍ଜନ କୁମାର ଶର୍ମା, ବିଶ୍ୱଭୂଷଣ ଭୂୟାଁଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ।

ବୈଠକରେ ବିଡିଓ ମନ୍ଦରଧର ମହାଳିକ ଓ ଅନ୍ୟମାନେ।

ସ୍ଲୁଇସ୍ ଗେଟ୍ ନିର୍ମାଣରେ ତ୍ରୁଟି ନିଷ୍କାସନ ହୋଇପାରୁନି ଉଦ୍‌ବୃତ୍ତ ବର୍ଷାଜଳ

ଡେରାବିଶ, ୨୦।୮ (ସ୍ୱ.ପ୍ର.)

ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳର ବସପୁରଠାରୁ ସଠିଲୋ ଘେରିବନ୍ଧରେ ଥିବା ସ୍ଲୁଇସ୍ ଗେଟ୍ ନିର୍ମାଣରେ ବୈଷୟିକ ତ୍ରୁଟି ଯୋଗୁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଜଳ ଚାଷ ଜମିରୁ ନିଷ୍କାସିତ ହୋଇ ନ ପାରି ପନିପରିବା ଫସଲ ନଷ୍ଟ ହେବାକୁ ବସିଲାଣି। ସ୍ଲୁଇସ୍ ଗେଟ୍ ପୁନଃନିର୍ମାଣ ବେଳେ ଠିକାଦାର ଜଣକ ଆବଶ୍ୟକତା ଠାରୁ କମ୍ ଚଉଡ଼ାର ଶୋଠ ବସାଇ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟସାରି ଦେଇଛନ୍ତି। ଫଳରେ ଦ୍ୱୀପାଞ୍ଚଳର ଚାଷ ଜମିରେ ପାଣି ଜମି ରହିଛି। ଅନ୍ୟପକ୍ଷରେ ନଦୀରେ ଜଳସ୍ତର କମିଲେ ବି ବର୍ଷାଜଳ ଓ ବନ୍ୟାଜଳ ଜମିରୁ ନିଷ୍କାସନ ହେବା ପାଇଁ ବହୁ ଦିନ ଲାଗୁଛି। ଏବେ ବନ୍ୟା ଜଳ ଚାଷ ଜମିଗୁଡ଼ିକରେ ଜମି ରହିଥିବା ବେଳେ ବହୁ ପନିପରିବା ଫସଲ ନଷ୍ଟ ହୋଇଗଲାଣି। ଏ ସମ୍ପର୍କରେ ଦ୍ୱିପାଞ୍ଚଳବାସୀ ଜଳସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଜଳସମ୍ପଦ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ବେଲେଶ୍ୱର ସାହୁ, ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜ୍ଞାନ ବେଉରିଆ ଦ୍ୱୀପାଞ୍ଚଳରେ ପହଞ୍ଚି ଜଳ ନିଷ୍କାସନ ଓ ପ୍ରବେଶକୁ ରୋକିବା ପାଇଁ ବ୍ୟବସ୍ଥା କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୋଲିସକୁ ଟଙ୍କା ଦେଇ ଖସିଯାଉଛନ୍ତି ଲୁଟେରା

କେନ୍ଦ୍ରାପଡା ଅଫିସ, ୨୦।୮

ସଦର ଥାନା ପୋଲିସକୁ ଟଙ୍କା ଦେଇ ଲୁଟେରା ଥାନାରୁ ଖସିଯାଉଥିବା ଅଭିଯୋଗ ଆଣିଛି ପାରାଦୀପ ଟ୍ରକ ମାଲିକ ଆସୋସିଏଶନ। ଗତ ୧୬ ତାରିଖରେ ଆସୋସିଏଶନର କେତେଜଣ ସଦସ୍ୟ ଜଣେ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ହେଲେ ସମ୍ପୃକ୍ତ ଲୁଟେରା ପୋଲିସକୁ ଲାଞ୍ଚ ଦେଇ ଖସି ଯାଇଥିବା ସଂଘ ଉପସଭାପତି ଶାରଦା ପ୍ରସନ୍ନ ରାଉତ କହିଛନ୍ତି। ସେ କହିଛନ୍ତି, ଡେରାବିଶ ଥାନା ଚାଟରା ଶାସନ ଗ୍ରାମର ବିଶ୍ୱରଞ୍ଜନ ମଲିକ ଗତ ୧୬ ତାରିଖ ବିଳମ୍ବିତ ରାତିରେ ସଦର ଥାନା ଅଧୀନ ଦୁହୁରିଆ ଆରଟିଓ ଅଫିସ ନିକଟରେ ଠିଆ ହୋଇଥିବା ଏକ ଟ୍ରକ (ନଂ.ଓଆର୍-୦୫-ଏକେ-୫୧୩୪)ରୁ ସେ ଚାଲାଣ ପେପର ଓ ୯ ହଜାର ଟଙ୍କା ଲୁଟି ନେଇ ଆପାଚି ବାଇକ୍ (ନଂ.-ଓଡି-୨୯-ଏଫ୍-୫୮୫୨)ରେ ଫେରାର ହୋଇଯାଉଥିଲେ। ଏହି ସମୟରେ ସେଠାରେ ଥିବା ଅନ୍ୟ କେତେଜଣ ଟ୍ରକ ଚାଳକ ବିଶ୍ୱରଞ୍ଜନଙ୍କୁ କାବୁ କରି ସଦର ଥାନାକୁ ନେଇଥିଲେ। ଏଥିସହ ତାଙ୍କ ନାମରେ ଏକ ଅଭିଯୋଗ କରିଥିଲେ। କିନ୍ତୁ ମଙ୍ଗଳବାର ସମ୍ପୃକ୍ତ ଅଭିଯୁକ୍ତ ଥାନାରେ ନଥିବା ଦେଖାଯାଇଛି। ସେହିପରି ଅଭିଯୋଗ ପତ୍ରର ନକଲ ମଧ୍ୟ ଅଦ୍ୟାବଧି ତାଙ୍କୁ ଦିଆଯାଇ ନଥିବା ଅଭିଯୋଗକାରୀ ରାଉତ କହିଛନ୍ତି। ଏ ନେଇ ଏସ୍‌ପି ଓ ଡିଜିପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆସୋସିଏଶନର ସମ୍ପାଦକ ଆଲୋକ ପରିଡ଼ା କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ଅଭିଯୋଗକାରୀଙ୍କ ଲୋକ କମ୍ପ୍ରମାଇଜ କରିବା ପରେ ଲୁଟେରାଙ୍କୁ ଛଡ଼ାଯାଇଛି ବୋଲି କହିଛନ୍ତି।

ଧନେଶ୍ୱରଙ୍କ ମାନବିକତା ଅବିସ୍ମରଣୀୟ

ରାଜନଗର,୨୦।୮(ଡି.ଏନ.ଏ.)

ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପିତା ଧନେଶ୍ୱର ସାହୁଙ୍କ ଦ୍ୱାଦଶାହ ଅବସରରେ ମଙ୍ଗଳବାର ତାଙ୍କ ଗାଁ ରାଜନଗର ବ୍ଲକର ବେଲପାଳଠାରେ ଏମପି, ମନ୍ତ୍ରୀ ଓ ବିଧାୟକଙ୍କ ଭିଡ ଜମିଥିଲା। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ବହୁ ରାଜ୍ୟସ୍ତରୀୟ ନେତା ଯୋଗ ଦେଇଥିଲେ । ସ୍ୱର୍ଗତ ସାହୁଙ୍କର ସଙ୍କୋଚପଣିଆ ଓ ମାନବିକତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ରାଜନଗର ଅଞ୍ଚଳର ବିକାଶ ପାଇଁ ସେ ଯେଉଁ କାର୍ଯ୍ୟ କରିଛନ୍ତି ତାହା ଚିରସ୍ମରଣୀୟ ହୋଇ ରହିବ ବୋଲି ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସ୍ମୃତି ଚାରଣ ସଭାରେ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା, କେନ୍ଦ୍ରାପଡା ଏମପି ଅନୁଭବ ମହାନ୍ତି, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କିଶୋର ଚନ୍ଦ୍ର ମହାନ୍ତି, ଗଣେଶ୍ୱର ବେହେରା, ପ୍ରଭାତ ଆଦିତ୍ୟ ମିଶ୍ର, ବିଜୟ ନାୟକ, ସୁବାଷ ସିଂ, କୃତିବାସ ପାତ୍ର, କିଶୋର ଚନ୍ଦ୍ର ତରାଇ, ଅଲେଖ କୁମାର ଜେନା ଯୋଗ ଦେଇଥିଲେ । ସେହିପରି ଏକାଦଶାହରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

■ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

୪ କୋର୍ଟ ଚାଲାଣ, ୪ ଫେରାର

ଡେରାବିଶ, ୨୦।୮ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟର ପଞ୍ଚାୟତ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଥାଟୋଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ସୋମବାର ରାତିରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦୁମୁକା ଗ୍ରାମର ସୁବାସ ଦାଶ, ମାଗୁଣି କାଣ୍ଡି, ହେମନ୍ତ କୁମାର ସମଲ ଓ ଗୁରୁଚରଣ କାଣ୍ଡି। ଏହି ଆକ୍ରମଣ ଘଟଣାରେ ୮ଜଣ ସମ୍ପୃକ୍ତ ଥିବା ବେଳେ ଏବେ ସୁଦ୍ଧା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିପାରିନାହିଁ।

ସୂଚନାଯୋଗ୍ୟ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୋଲରାହାଟ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଏମ୍‌ଜିଏନଆର୍‌ଇଜିଏସ୍‌ର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ୮ ଜଣ ଯୁବକ ସେଠାରେ ପହଞ୍ଚି କାର୍ଯ୍ୟନିର୍ବାହୀ ଅଧିକାରୀ ଥାଟୋଇଙ୍କୁ ଗାଳିଗୁଲଜ କରିଥିଲେ। ଗ୍ରାମର ଉଚ୍ଛବ କାଣ୍ଡି ଆବାସ ଯୋଜନା ବାବଦ ଟଙ୍କା ପାଇଥିଲେ ବି ସାନ ଭାଇ ଘରକୁ ଦେଖାଇ ବିଲ୍ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧମକ ଦେଇଥିଲେ। କିନ୍ତୁ ସେ ମନା କରିବାକୁ ସମ୍ପୃକ୍ତ ୮ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ତେବେ କାର୍ଯ୍ୟ ସାରି କାର୍ଯ୍ୟନିର୍ବାହୀ ଅଧିକାରୀ ଥାଟୋଇ ଫେରୁଥିବା ବେଳେ ସମ୍ପୃକ୍ତ ୮ ଯୁବକ ତାଙ୍କୁ ଅଟକାଇବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

ଅପରପକ୍ଷରେ ଆକ୍ରମଣର ଶିକାର ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଥାଟୋଇ ଓ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ତ୍ରିଲୋଚନ ରାଉତ ଗିରଫ ହୋଇଥିବା ହେମନ୍ତ କୁମାର ସାମଲଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ସେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୧୧୮/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W
(Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
୩ ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

FINANCE

ରଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠିକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

See Color Display Classified on every Tuesday & Friday

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସଂକ୍ଷେପରେ

ଓଡ଼ିଶାକୁ ନିଜ ଗୋଡ଼ରେ ଠିଆ କରିବାକୁ ୩୩୩୮ କୋଟିର ସହାୟତା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୮ (ବ୍ୟୁରୋ): ଚଳିତବର୍ଷ ବାତ୍ୟା 'ଫନୀ' ଦ୍ୱାରା ଗୁରୁତର ପ୍ରଭାବିତ ହୋଇଥିବା ଓଡ଼ିଶାର ପୁନରୁଦ୍ଧାର ଓ ଲୋକଙ୍କ ଜୀବନଜୀବିକା ପାଇଁ ୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ମିଳିଛି। ଏହି ଅର୍ଥକୁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହାସହ ମୋଦି ସରକାର ଓଡ଼ିଶାବାସୀଙ୍କ ପାଇଁ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି ବୋଲି ସାମାଜିକ ଗଣମାଧମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, ବାତ୍ୟା 'ଫନୀ' ଦ୍ୱାରା ପ୍ରଭାବିତ ଓଡ଼ିଶାର ଲୋକଙ୍କ ପାଇଁ ରିଲିଫ୍ ଓ ପୁନଃ ଥଇଥାନ ଲାଗି ରାଷ୍ଟ୍ରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏନ୍‌ଡିଆର୍‌ଏଫ୍)ରୁ ୩୩୩୮.୨୨ କୋଟି ଟଙ୍କା ମଞ୍ଜୁରୀ କାମକୁ ତ୍ୱରାନ୍ୱିତ କରିବା କେନ୍ଦ୍ର ସରକାରଙ୍କ ଏହି ଆର୍ଥିକ ସହାୟତା ପୂର୍ବାପେକ୍ଷା ଅଧିକ। ସାମୁଦ୍ରିକ ବାତ୍ୟା 'ଫନୀ' ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କୁ ୩୪୦ କୋଟି ଟଙ୍କାର ଅଗ୍ରିମ ରାଶି କେନ୍ଦ୍ର ତରଫରୁ ପ୍ରଦାନ କରାଯାଇଥିଲା । ଗତ ମେ ୬ ତାରିଖରେ ପ୍ରଧାନମନ୍ତ୍ରୀ ଫନୀ ପ୍ରଭାବିତ ଅଞ୍ଚଳ ବୁଲିବା ସହ ଆହୁରି ୧ ହଜାର କୋଟି ଟଙ୍କାର ତ୍ୱରିତ ସହାୟତା ରାଶି ଦେବା ପାଇଁ ଘୋଷଣା କରିଥିଲେ । ଓଡ଼ିଶାକୁ ନିଜ ଗୋଡ଼ରେ ଠିଆ ହେବା ପାଇଁ କେନ୍ଦ୍ର ସରକାର ଏହି ସହାୟତା ଯୋଗାଇ ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଦୁଇ ନକଲି ହୋମଗାର୍ଡ ପରୀକ୍ଷାର୍ଥୀ ଅଟକ

ଭଦ୍ରକ ଅଫିସ, ୨୦।୮: ମଙ୍ଗଳବାର ଚରମ୍ପା ରିଜର୍ଭ ପୋଲିସ ପଡିଆରେ ହୋମଗାର୍ଡ ନିଯୁକ୍ତି ପାଇଁ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ଜଣ ନକଲି ଆବେଦନକାରୀଙ୍କୁ ପୋଲିସ ଚିହ୍ନଟ କରିଥିବା ଜଣାପଡିଛି। ଟାଉନ ଥାନା ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ଚାଲିଥିବାରୁ ଏ ନେଇ ଅଧିକ ତଥ୍ୟ ଦେବାକୁ ଥାନାଧିକାରୀ ସରୋଜିନୀ ସିଂ ମନା କରି ଦେଇଛନ୍ତି। ଡ୍ରାଇଭିଂ ଓ କମ୍ପ୍ୟୁଟର ଅପରେଟର୍ ପାଇଁ ଏହି ୨ ନକଲି ଆବେଦନକାରୀ ସାକ୍ଷାତକାର ପରୀକ୍ଷା ଦେଉଥିବା ବେଳେ ଚିହ୍ନଟ ହୋଇଥିବା କୁହାଯାଉଛି।

ବ୍ଲିଚିଂମିଶା ପାଣି ପିଇ ୩ ଗୁରୁତର

ଭଦ୍ରକ ଅଫିସ, ୨୦।୮: ଭଦ୍ରକ ଜିଲାସ୍କୁଲର ୩ ଜଣ ଛାତ୍ରୀଛାତ୍ର ବ୍ଲିଚିଂ ମିଶା ପାଣି ପିଇ ଗୁରୁତର ହୋଇ ପଡିଛନ୍ତି । ସେମାନଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନଙ୍କ ମଧ୍ୟରେ ୨ ଜଣ ଛାତ୍ରୀ ଥିବା ବେଳେ ଜଣେ ଛାତ୍ର ରହିଛନ୍ତି। ସପ୍ତମ ଶ୍ରେଣୀରେ ପଢୁଥିବା ଏହି ୩ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇବା ପରେ ସ୍କୁଲ ପରିସରରେ ରଖାଯାଇଥିବା ଜନସ୍ୱାସ୍ଥ୍ୟ ବିଭାଗର ଏକ ଅସ୍ଥାୟୀ ଟାଙ୍କି ପାଖକୁ ଯାଇ ପାଣି ପିଇଥିଲେ। ସେଥିରେ ଅତ୍ୟଧିକ ବ୍ଲିଚିଂ ମିଶିଥିବା କୁହଯାଉଛି। ପାଣି ପିଇବା ପରେ ସେମାନେ ଅସୁସ୍ଥତା ଅନୁଭବ କରିଥିଲେ। ସ୍କୁଲରୁ ଘରକୁ ଫେରିବା ପରେ ମୁଣ୍ଡ ବୁଲାଇ ପେଟ କାଟିବାରୁ ପରିବାର ଲୋକେ ସେମାନଙ୍କୁ ଆଣି ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଜିଲାସ୍କୁଲର ଶିକ୍ଷକମାନେ ଚିକିତ୍ସାଳୟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୦।୮ (ବ୍ୟୁରୋ) ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପୂର୍ବାହ୍ଣରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଶକ୍ତିମନ୍ତ୍ରୀଙ୍କ ଘୋଷଣାକୁ ବିରୋଧ

ସ୍ମାର୍ଟ ସିଟିରେ ପ୍ରଥମେ ଲାଗୁ ସ୍ମାର୍ଟ ମିଟର

ସମ୍ବଲପୁର,୨୦।୮(ବ୍ୟୁରୋ)

ଏଣିକି ବିଦ୍ୟୁତ୍ ଚୋରି ରୋକିବା ପାଇଁ ରାଜ୍ୟରେ ସ୍ମାର୍ଟ ପ୍ରିପେଡ୍ ମିଟର ଲଗାଯିବ। ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ରାଉରକେଲାରୁ ଏହା ଆରମ୍ଭ କରାଯିବ। ସୋମବାର ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଏହି ଘୋଷଣା କରିଥିଲେ। ତେବେ ମନ୍ତ୍ରୀଙ୍କ ଏହି ଘୋଷଣାକୁ ସମ୍ବଲପୁରରେ ତୀବ୍ର ବିରୋଧ କରାଯାଇଛି। ସ୍ମାର୍ଟ ସିଟି ଭୁବନେଶ୍ୱରରେ ପ୍ରଥମେ ପାଇଲଟ ପ୍ରକଳ୍ପ ଭାବେ ସ୍ମାର୍ଟ ପ୍ରିପେଡ୍ ମିଟର ବ୍ୟବହାର କରାଯାଉ। ସେଠାରେ ସବୁ ସ୍ମାର୍ଟ ବ୍ୟବସ୍ଥା ରହିଛି। ତେଣୁ ମିଟର ମଧ୍ୟ ଲଗାଯିବା କଥା। ପ୍ରଥମେ କାହିଁକି ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ରାଉରକେଲାକୁ ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଛି। ପଶ୍ଚିମ ଓଡ଼ିଶାକୁ ସବୁ ସମୟରେ ଅବହେଳା କରାଯାଉଛି। ସବୁ ନିୟମ ଏଠାରୁ ଆରମ୍ଭ କରାଯାଉଛି। ଏହାଦ୍ୱାରା ପଶ୍ଚିମ ଓଡ଼ିଶାବାସୀଙ୍କୁ ହଇରାଣ କରିବାକୁ ସରକାର ଯୋଜନା କରୁଛନ୍ତି। କୌଣସି ଯୋଜନା କଲେ ପ୍ରଥମେ ଉପକୂଳ ଓଡ଼ିଶାରେ କାହିଁକି ଲାଗୁ କରାଯାଉ ନାହିଁ ବୋଲି ପ୍ରଶ୍ନ କରିଛି ସମ୍ବଲପୁର ଜିଲା ଓକିଲ ସଂଘ। ମନ୍ତ୍ରୀଙ୍କ ଘୋଷଣା ଅନୁସାରେ ସ୍ମାର୍ଟ ମିଟର ଲଗାଗଲେ ବିଦ୍ୟୁତ୍ ଚୋରି ରୋକାଯାଇପାରିବ। ଏହାର ଅର୍ଥ ସମ୍ବଲପୁରର ଉପଭୋକ୍ତାମାନେ ବିଦ୍ୟୁତ୍ ଚୋରି କରୁଛନ୍ତି। ପରୋକ୍ଷ ଭାବେ ମନ୍ତ୍ରୀ ଜିଲାବାସୀଙ୍କୁ ଚୋର ବୋଲି କହିଛନ୍ତି। ଏଥିପାଇଁ ମନ୍ତ୍ରୀ ମିଶ୍ର ତୁରନ୍ତ କ୍ଷମା ମାଗନ୍ତୁ। ନଚେତ୍ ଆଗାମୀ ଦିନରେ ମନ୍ତ୍ରୀ ଓ ସରକାର ଓକିଲ ସଂଘର ବିରୋଧର ସମ୍ମୁଖୀନ ହେବେ ବୋଲି ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଜିଲା ବାର୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଲେ ଯେ ମନ୍ତ୍ରୀ ମିଶ୍ର ପ୍ରଥମେ ନିଜ ବିଧାନସଭା କ୍ଷେତ୍ର ଓ ଜିଲାରେ ଏହି ବ୍ୟବସ୍ଥା ଲାଗୁ କରି ଉଦାହରଣ ସୃଷ୍ଟି କରନ୍ତୁ। ହୀରାକୁଦ ଡ୍ୟାମ୍ ନିର୍ମାଣ ସମୟରେ ଜିଲାବାସୀ ବିସ୍ଥାପିତ ହୋଇଛନ୍ତି। ସେମାନେ ଘର, ଜମି ସବୁ ହରାଇଛନ୍ତି। ଅନେକ ଲୋକଙ୍କୁ ଆଜିପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ହୀରାକୁଦ ଡ୍ୟାମ୍‌ରୁ ବିଦ୍ୟୁତ୍ ଉତ୍ପାଦନ ହେଉଛି। ତେଣୁ ଏଠାକାର ଲୋକଙ୍କୁ ମାଗଣାରେ ବିଦ୍ୟୁତ ଯୋଗାଇଦେବା କଥା। ସରକାର ତାହା ନ କରି ଓଲଟି ସ୍ମାର୍ଟ ପ୍ରିପେଡ୍ ମିଟର ଲଗାଇ ଜିଲାବାସୀଙ୍କୁ ହଇରାଣ କରିବାକୁ ଯୋଜନା କରିଛନ୍ତି ବୋଲି ପ୍ରଧାନ ଅଭିଯୋଗ କରିଥିଲେ। ସରକାର ତୁରନ୍ତ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରନ୍ତୁ। ନଚେତ୍ ଆନ୍ଦୋଳନର ସାମ୍ନା କରିବାକୁ ପ୍ରସ୍ତୁତ ରହନ୍ତୁ ବୋଲି ସେ ଚେତାବନୀ ଦେଇଥିଲେ।

ମନ୍ତ୍ରୀ ମିଶ୍ରଙ୍କ ଏହି ଘୋଷଣାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ମଧ୍ୟ ବିରୋଧ କରିଛି। ମଞ୍ଚ ନେତୃତ୍ୱରେ ବିଭିନ୍ନ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏଡିଏମ୍ ଅଜୟ କୁମାର ଜେନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ସମ୍ବଲପୁର ପଶ୍ଚିମାଞ୍ଚଳ ଏକତାମଞ୍ଚ ପକ୍ଷରୁ ବିକ୍ଷୋଭ ଓ ରାଲି।

ଇଚ୍ଛା ମୃତ୍ୟୁ ମାଗିଲେ ଦିବ୍ୟାଙ୍ଗ

ପ୍ରଶାସନ ଡକାଇ ଆଲୋଚନା କରି ସହାୟତା ପ୍ରତିଶ୍ରୁତି ଦେଲା

ଭଦ୍ରକ ଅଫିସ, ୨୦।୮

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତ ରଥପଦା ଗାଁର ଦିବ୍ୟାଙ୍ଗ ଯୁବକ ଉମାକାନ୍ତ ଦାସ(୩୧) ଟୁଇଟ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଭଦ୍ରକ ଜିଲାପାଳଙ୍କୁ ଇଚ୍ଛାମୃତ୍ୟୁ ଆଦେଶ ମାଗିଛନ୍ତି। ବି.କମ୍. ପାସ କରିବା ସତ୍ତ୍ୱେ ତାଙ୍କୁ ଚାକିରି ମିଳିନି କି ଭିନ୍ନକ୍ଷମ ଭତ୍ତା ମିଳି ନାହିଁ । ଏପରି ସ୍ଥଳେ ନିଜ ଭବିଷ୍ୟତ ନେଇ ସଂଶୟରେ ପଡିଛନ୍ତି ଉମାକାନ୍ତ । ସେ ମା' ବାପାଙ୍କର ଏକମାତ୍ର ସନ୍ତାନ ହୋଇଥିବାରୁ ସେମାନଙ୍କ ଅନ୍ତେ ତାଙ୍କୁ ଭିକ ମାଗିବାକୁ ପଡିବ ବୋଲି ସାହିପଡିଶା ଲୋକେ କହି ଟାହିଟାପରା କରୁଥିବାରୁ ଏହା ତାଙ୍କ ଲାଗି ଅସହ୍ୟ ହୋଇ ପଡିଛି ବୋଲି ସେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ଉମାକାନ୍ତ ଗତ ୧୪ ତାରିଖରେ ସୋସିଆଲ ମିଡିଆରେ ଟୁଇଟ୍ କରି ଇଚ୍ଛାମୃତ୍ୟୁ ମାଗିବା ପରେ ଏହା ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ଦୃଷ୍ଟିକୁ ଆସିଥିଲା। ସେ ରି-ଟୁଇଟ୍ କରି ଜିଲା ପ୍ରଶାସନକୁ ଆସି ଦେଖା କରନ୍ତୁ ବୋଲି ତାଙ୍କୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଦିବ୍ୟାଙ୍ଗ ଉମାକାନ୍ତ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆସି ପହଞ୍ଚିଥିଲେ। ଜିଲାପାଳ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଅତିରିକ୍ତ ଉପଜିଲାପାଳ ମନୋରମା ଭୂୟାଁ, ଅବସରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଉମାକାନ୍ତଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ସାଙ୍ଗକୁ ଭତ୍ତା ପ୍ରଦାନ ଏବଂ ମୁଖ୍ୟସ୍ରୋତରେ ତାଙ୍କୁ ସାମିଲ କରିବା ସକାଶେ ଯଥାସମ୍ଭବ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦିଆଯାଇଥିଲା। ଏଭଳି ପ୍ରତିଶ୍ରୁତି ପାଇ ସେ ଘରକୁ ଫେରିଯାଇଛନ୍ତି। ଉମାକାନ୍ତ ୬ ବର୍ଷର ହୋଇଥିବା ବେଳେ ପୋଲିଓରେ ଆକ୍ରାନ୍ତ ହେବା ଯୋଗୁ ତାଙ୍କ ବାମ ଗୋଡ ସରୁ ହୋଇଯାଇଛି। ସେ ଭଲରେ ଚଲାବୁଲା କରି ପାରନ୍ତି ନାହିଁ କି କଥାବାର୍ତ୍ତା କହି ପାରନ୍ତି ନାହିଁ । ସେ ପ୍ରଶାସନଠାରୁ ପାଇଥିବା ଭିନ୍ନକ୍ଷମ ପ୍ରମାଣପତ୍ରକୁ କେବଳ ଘରେ ସାଇତି ରଖିଥିବା କହିଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବ୍ୟାଙ୍ଗ ଉମାକାନ୍ତ।

ନାତିକୁ ୨୦ ହଜାର ଟଙ୍କାରେ ବିକିଦେଲେ ଆଈ

ଖଇରା, ୨୦।୮ (ଡି.ଏନ.ଏ.)

ଜଣେ ମହିଳା ନିଜ ଦେଢବର୍ଷର ନାତିକୁ ୨୦ହଜାର ଟଙ୍କାରେ ବିକ୍ରି କରିବା ଘଟଣା ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ନୟାଗଡ ଜିଲା ରଣପୁର ଥାନା ବନ୍ଧପଲା ଗ୍ରାମର ପ୍ରଭାକର ବେହେରା, ତାଙ୍କ ସ୍ତ୍ରୀ ମାମି ବେହେରା ଓ ଝିଅ ସିଲୁ ମହାରାଷ୍ଟ୍ରର ପନବିର ଅଞ୍ଚଳରେ ଦୀର୍ଘଦିନ ହେଲା ବସବାସ କରି ଆସୁଛନ୍ତି। ପ୍ରଭାକର ସେହି ଅଞ୍ଚଳର ଇଷ୍ଟନ ସାଙ୍ଗମାଙ୍କ ସହିତ ସିଲୁଙ୍କୁ ବିବାହ ଦେଇଥିଲେ। ବିବାହ ପରେ ସିଲୁଙ୍କ ୨ଟି ପୁତ୍ର ସନ୍ତାନ ହୋଇଥିଲା। ସାନପୁଅର ବୟସ ଦେଢବର୍ଷ। ଗତ ଜୁନ ମାସରେ ସିଲୁଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଏକ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ତାଙ୍କର ୨ପିଲାଙ୍କୁ ମା' ମାମିଙ୍କ ଦାୟିତ୍ୱରେ ଛାଡି ଦେଇ ଯାଇଥିଲେ। ଏହି ସମୟ ମଧ୍ୟରେ ମାମି ତାଙ୍କ ଦେଢବର୍ଷର ନାତି କିଆନ ସାଙ୍ଗମାଙ୍କୁ ବାଲେଶ୍ୱର ଜିଲା ଖଇରା ଥାନା ଖରିଦା ଗ୍ରାମକୁ ଆସି ଗଣେଶ୍ୱର ଜେନାଙ୍କୁ ୨୦ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ବିକ୍ରି ବେଳେ ମାମି କହିଥିଲେ ଯେ, ତାଙ୍କ ଝିଅ ପ୍ରଥମ ସ୍ୱାମୀଙ୍କୁ ଛାଡି ଅନ୍ୟଜଣଙ୍କ ସହ ପଳାଇ ଯାଇଥିବାରୁ ସେ ୨ଟି ଶିଶୁପୁତ୍ରଙ୍କୁ ଲାଳନପାଳନ କରିବାକୁ ଅକ୍ଷମ। ଏଥିପାଇଁ ସେ ସାନନାତିକୁ ବିକ୍ରି କରୁଛନ୍ତି। ସେହି ଅନୁସାରେ ସୋର ନୋଟାରୀରେ ଏକ ଚୁକ୍ତିପତ୍ର ମଧ୍ୟ ଗଣେଶଙ୍କ ସହ କରିଥିଲେ। ସେପଟେ ଡାକ୍ତରଖାନାରୁ ଫେରିବା ପରେ ସିଲୁ ପୁଅକୁ ନ ପାଇ ବହୁତ ଖୋଜାଖୋଜି କରିଥିଲେ। ତାଙ୍କ ମା' ଏଣୁତେଣୁ କଥା କହି ଭୁଲାଇବାକୁ ଚେଷ୍ଟା କରିଥିଲେ। ଶେଷରେ କନ୍ଦାକଟା କରିବା ପରେ ବାପା ପ୍ରଭାକର ଏ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ସିଲୁ ଏକୁଟିଆ ଭୁବନେଶ୍ୱର ଆସି ପୂର୍ବରୁ ଜଣାଶୁଣା ଥିବା ବିଜେଡି ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିଜୟ ବସନ୍ତିଆ ଓ ତାଙ୍କ ସହଯୋଗୀ ପ୍ରଭାକର ସାମନ୍ତରାୟଙ୍କୁ ଜଣାଇଥିଲେ। ସେଠାରୁ ସମସ୍ତେ ଖଇରା ଆସି ପୋଲିସକୁ ଲିଖିତ ଭାବେ ଜଣାଇବା ପରେ ପୋଲିସ ଖଇରା ଚାଇଲ୍ଡଲାଇନ ସହ ଗ୍ରାମକୁ ଯାଇ ଶିଶୁ କିଆନଙ୍କୁ ଉଦ୍ଧାର କରିଥିଲେ। ପରେ ଶିଶୁକୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି।

ମା' କୋଳରେ ଉଦ୍ଧାର ଶିଶୁ।

ଇ-ବିଧାନ କାର୍ଯ୍ୟକାରୀତା ନେଇ ଅଧ୍ୟୟନ କରିବ ଗୃହ କମିଟି

ବାଚସ୍ପତିଙ୍କ ନେତୃତ୍ୱରେ ଗସ୍ତ କଲା ଦଳ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ନେତୃତ୍ୱରେ କମ୍ପ୍ୟୁଟରୀକରଣ ସମ୍ପର୍କିତ ଗୃହ କମିଟି ମଙ୍ଗଳବାର ହିମାଚଳ ପ୍ରଦେଶ ଯାତ୍ରା କରିଛନ୍ତି। ଶିମ୍ଲାଠାରେ ହିମାଚଳପ୍ରଦେଶ ବିଧାନସଭାର ବାଚସ୍ପତିଙ୍କୁ ସାକ୍ଷାତ୍ କରିବା ସହ ବିଧାନସଭାର ପଦାଧିକାରୀଙ୍କ ସହିତ ଇ- ବିଧାନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଏହି କମିଟି ଆଲୋଚନା କରିବ। ଏହା ଛଡ଼ା କମିଟି ହିମାଚଳ ପ୍ରଦେଶ ବିଧାନସଭା ଅଧିବେଶନର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବ ଓ ବିଧାନସଭାର ବିଭିନ୍ନ ଶାଖା ପରିଦର୍ଶନ କରିବ । ଏଥି ସହିତ ଏହି କମିଟି ମଧ୍ୟ ପଞ୍ଜାବ ଓ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି କମିଟିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତାରାପ୍ରସାଦ ବାହିନୀପତି, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଧାନସଭା ସଚିବ ଦାଶରଥି ଶତପଥୀ, ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳାଇ, ଉପବିଭାଗ ଅଧିକାରୀ ଆଶିଷ ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଗସ୍ତରେ ଯାଇଛନ୍ତି।

ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ସମୟ ପରିବର୍ତ୍ତନ

ସେପ୍ଟେମ୍ବର ପହିଲାରୁ ଲାଗୁ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ନଂ.୧୨୮୯୪ର ସମୟକୁ ପରିବର୍ତ୍ତନ କରାଯାଇଛି। କେବଳ ବଲାଙ୍ଗୀରରୁ ଭୁବନେଶ୍ୱର ଯାତ୍ରା ସମୟରେ ପରିବର୍ତ୍ତନ କରାଯାଇଥିବାବେଳେ ଭୁବନେଶ୍ୱରରୁ ବଲାଙ୍ଗୀର ଯାତ୍ରା ସମୟକୁ ସ୍ଥିର ରଖାଯାଇଛି। ଆସନ୍ତା ସେପ୍ଟେମ୍ବର ପହିଲାରୁ ପରିବର୍ତ୍ତିତ ସମୟରେ ଏହି ଏକ୍ସପ୍ରେସ ଚଳାଚଳ କରିବ। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଅପରାହ୍ଣ ୨ଟା ୩୦ ପରିବର୍ତ୍ତେ ୨ଟା ୪୫ରେ ବଲାଙ୍ଗୀରରୁ ଯାତ୍ରାରମ୍ଭ କରିବ। ସେହି ଅନୁସାରେ ଭୁବନେଶ୍ୱରରେ ରାତି ୯ଟା ୪୦ ପରିବର୍ତ୍ତେ ୯ଟା ୪୫ରେ ପହଞ୍ଚିବ। ସେହିଭଳି ବଲାଙ୍ଗୀର ଓ ଭୁବନେଶ୍ୱର ମଧ୍ୟରେ ଏହି ଏକ୍ସପ୍ରେସ ପାଇଁ ବିଭିନ୍ନ ଷ୍ଟେଶନରେ ସ୍ଥିରୀକୃତ ସମୟକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଲୋଇସିଂହାରୁ ଅପରାହ୍ଣ ୩ଟା ୦୩, ବରଗଡ଼ ରୋଡ୍‌ରୁ ଅପରାହ୍ଣ ୩ଟା ୪୯, ସମ୍ବଲପୁରରୁ ଅପରାହ୍ଣ ୪ଟା ୫୦, ରେଢ଼ାଖୋଲରୁ ଅପରାହ୍ଣ ୫ଟା ୫୭, ଅନୁଗୋଳରୁ ରାତି ୭ଟା ୨୯, ତାଳଚେର ରୋଡ୍‌ରୁ ରାତି ୭ଟା ୪୧, ଢେଙ୍କାନାଳରୁ ରାତି ୮ଟା ୩୧ ଓ ନରାଜ ମାର୍ଥାପୁରରୁ ରାତି ୯ଟା ୧୭ ମିନିଟ୍‌ରେ ଟ୍ରେନ୍‌ଟି ଭୁବନେଶ୍ୱର ଅଭିମୁଖେ ବାହାରିବ। ତେବେ ଭୁବନେଶ୍ୱରରୁ ସକାଳେ ଛାଡୁଥିବା ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ (ନଂ.୧୨୮୯୩)ର ସମୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବର ଧାର୍ଯ୍ୟ ସମୟ ଅନୁସାରେ ସକାଳ ୬ଟା ୩୦ରେ ଭୁବନେଶ୍ୱରରୁ ଯାତ୍ରା କରି ବଲାଙ୍ଗୀରରେ ଅପରାହ୍ଣ ୧ଟା ୨୫ରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ବଲାଙ୍ଗୀର ମଧ୍ୟରେ ଥିବା ଷ୍ଟେଶନଗୁଡିକରେ ପୂର୍ବ ସ୍ଥିରୀକୃତ ସମୟରେ ଏହି ଏକ୍ସପ୍ରେସ ଯାତ୍ରା କରିବ ବୋଲି ରେଳପଥ ପକ୍ଷରୁ ସୂଚନା ମିଳିଛି।

ବ୍ରହ୍ମପୁରରେ ବର୍ଷା ବିପ୍ରାତ

- କେସି ଟାଉନ ହାଇସ୍କୁଲରେ ପଶିଲା ନର୍ଦ୍ଦମାପାଣି
- ଦେଢ଼ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଫସି ରହିଲେ ଛାତ୍ରୀଛାତ୍ର, ଶିକ୍ଷକ

ବ୍ରହ୍ମପୁର ଅଫିସ,୨୦।୮

ବ୍ରହ୍ମପୁରରେ ମୌସୁମୀ ପ୍ରଭାବରେ ମଙ୍ଗଳବାର ଅପରାହ୍ଣରେ ହୋଇଥିବା ବର୍ଷା ବିପ୍ରାତରୁ ବାଦ ପଡି ନ ଥିଲା ଶିକ୍ଷାନୁଷ୍ଠାନ। ରାମଲିଙ୍ଗମ ଟେମ୍ପୁଲରୋଡସ୍ଥିତ କେସି ଟାଉନ ହାଇସ୍କୁଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା । ମାତ୍ର ଦେଢଘଣ୍ଟା ବର୍ଷାରେ ଅଞ୍ଚଳର ଡ୍ରେନ୍ ଜଳ ସ୍କୁଲର ବିଭିନ୍ନ କୋଠରି ମଧ୍ୟରେ ପ୍ରବେଶ କରିଥିଲା । ସ୍କୁଲ ପ୍ରଧାନ ଶିକ୍ଷକଙ୍କ ପ୍ରକୋଷ୍ଠ ସମେତ ଅଫିସ, ଲାଇବ୍ରେରୀ, ଶିକ୍ଷକଙ୍କ ପ୍ରକୋଷ୍ଠ, ଶ୍ରେଣୀଗୃହରେ ନର୍ଦ୍ଦମା ମିଶା ବର୍ଷା ଜଳ ପଶି ଯାଇଥିଲା। ଭୟରେ ଛାତ୍ରୀଛାତ୍ର, ଶିକ୍ଷକମାନେ ଟେବୁଲ ଉପରକୁ ଚଢି ଯାଇଥିଲେ। ପ୍ରାୟ ୨ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ସ୍କୁଲ ମଧ୍ୟରେ ବର୍ଷାଜଳ ଜମାହୋଇ ରହିଥିଲା। ଏଣୁ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ସ୍କୁଲ ମଧ୍ୟରେ ଫସି ରହିଥିଲେ। ଅପରାହ୍ଣ ପ୍ରାୟ ୫.୪୦ ମିନିଟ୍ ପରେ ସ୍କୁଲ ଭିତରୁ ବର୍ଷାଜଳ କମିବା ପରେ ଛାତ୍ରୀଛାତ୍ରମାନେ ଘରକୁ ଫେରିଥିବା ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି।

ବାଉଁଶ ଉତ୍ପାଦନ, ପ୍ରକ୍ରିୟାକରଣକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱ

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ରାଜ୍ୟରେ ବାଉଁଶଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରିତାକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏନେଇ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବାଉଁଶ ସମ୍ପର୍କିତ କାର୍ଯ୍ୟକଳାପ ଏବଂ ଯୋଜନା ପାଇଁ ୨୭୩୩ ଲକ୍ଷ ଟଙ୍କା ଅନୁଦାନକୁ ମଞ୍ଜୁର କରାଯାଇଛି। ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ମୁଖ୍ୟ ଶାସନ ସଚିବ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା(ଓବିଡିଏ)କୁ ନିର୍ଦ୍ଦେଶ ଦେଇଛନ୍ତି।

ତୃଣମୂଳସ୍ତରରେ ଏହି ଉନ୍ନୟନ ସଂସ୍ଥାକୁ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି, ଜୈବ ଉନ୍ନୟନ କମିଟି ଏବଂ କୃଷକ ଫାର୍ମ ଇତ୍ୟାଦି ସହଯୋଗ କରିବେ। ସେହିପରି ପୂର୍ବ ଯୋଜନା ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ନା ନାହିଁ, ସେ ନେଇ ତୃତୀୟ ପକ୍ଷ ସମୀକ୍ଷା ମଧ୍ୟ କରିବେ। ବୈଠକରେ ଜଙ୍ଗଲ ଓ ପରିବେଶ ପ୍ରମୁଖ ଶାସନ ସଚିବ ମୋନା ଶର୍ମା ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ସେହିପରି ଓବିଡିଏ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏ.କେ. ପାଠକ କହିଥିଲେ ଯେ, ସରକାରୀ ଅଣଜଙ୍ଗଲ ଜମି ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନ ତଥା ଘରୋଇ ମାଲିକାନାରେ ଥିବା ଜମିରେ ବାଉଁଶ ଉତ୍ପାଦନକୁ ଗୁରୁତ୍ୱ ଦିଆଯିବ। ଏହା ଦ୍ୱାରା ବାଉଁଶଭିତ୍ତିକ ଶିଳ୍ପ ପାଇଁ କଞ୍ଚାମାଲର ଅଭାବ ଅନୁଭୂତ ହେବ ନାହିଁ। ସେହିପରି ତୁଲ୍‌ଦା, ଭଲଗାରିଜ୍ ଏବଂ ନୁଟନ୍ସ ପ୍ରଭୃତି ପ୍ରଜାତି ରୋପଣ କରାଯିବ। ୩ ବର୍ଷ ପାଇଁ ଏକ ହେକ୍ଟର ଖେତରେ ବାଉଁଶ ଉତ୍ପାଦନ ପିଛା ୫୦,୦୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏକ ହେକ୍ଟର ଜମିରେ ପ୍ରାୟ ୪୧୭ଟି ମଞ୍ଜି ରୋପଣ କରାଯାଇପାରିବ। ପ୍ରତି ଚାରା ପିଛା ୧୨୦ ଟଙ୍କା ହିସାବରେ ସହାୟତା ପ୍ରଦାନ କରାଯିବ। ପିସିସିଏଫ୍ ସନ୍ଦୀପ ତ୍ରିପାଠୀଙ୍କ ପକ୍ଷରୁ ଗତବର୍ଷ ବାଉଁଶ ଉତ୍ପାଦନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ୨୦୧୭-୧୮ରେ ବାଉଁଶ ଉତ୍ପାଦନ ୧୧.୨ ଲକ୍ଷ ହେକ୍ଟର ଜମିରେ ହୋଇଥିବାବେଳେ ୨୦୧୮-୧୯ରେ ଏହା ୧୪ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଥିଲା।

■ ଫିଲ୍ମ ପୋଷ୍ଟର ବିବାଦ

ଭାଇରାଲ ଅଡିଓକୁ ନେଇ ଧମକ ଦେଲେ ଦୂତୀ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

- ପପୁଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବାକୁ ଫେସ୍‌ବୁକ୍‌ରେ ପୋଷ୍ଟ କଲେ
- ପ୍ରଯୋଜକ ସଂସ୍ଥା, ଲିଙ୍କନ ସୁବୁଦ୍ଧିଙ୍କୁ ନୋଟିସ କଲା କମିଶନରେଟ ପୋଲିସ

ଗଣେଶ ପୂଜାରେ ରିଲିଜ ହେବାକୁ ଥିବା ଓଡ଼ିଆ ଫିଲ୍ମ 'ମିଷ୍ଟର କହ୍ନେୟା' ପୋଷ୍ଟରକୁ ନେଇ ବିବାଦ ଥମି ନ ଥିବାବେଳେ ପୁଣି ଆଉ ଏକ ବିବାଦ ଆରମ୍ଭ ହୋଇଛି। ପୋଷ୍ଟରକୁ ବିରୋଧ କରୁଥିବା ଦୌଡରାଣୀ ଦୂତି ଚାନ୍ଦଙ୍କ ବିରୋଧରେ ବିଷୋଦାଗାର କରାଯାଇଥିବା ଏକ ଅଡିଓ ଏବେ ଭାଇରାଲ ହୋଇଛି। ଉକ୍ତ ଅଡିଓରେ କେହିଜଣେ ଦୂତୀ ପ୍ରଥମେ ନିଜ କଥା ସମ୍ଭାଳନ୍ତୁ ବୋଲି ପରାମର୍ଶ ଦେବାସହ ତାଙ୍କ ମା' ଓ ପରିବାର ସମ୍ପର୍କରେ ମଧ୍ୟ କହୁଥିବା ଶୁଣିବାକୁ ମିଳୁଛି। ତେବେ ଉକ୍ତ ଅଡିଓଟି କାହାର ଓ କିଏ ଏହାକୁ ଭାଇରାଲ କଲେ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ନେଇ ଦୂତୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଛନ୍ତି। ଉକ୍ତ ଅଡିଓ ମାଧ୍ୟମରେ ପପୁ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା କଥା ସେ ଉଲ୍ଲେଖ କରିଛନ୍ତି। ଏପରିକି ପପୁଙ୍କ ବିରୋଧରେ ସେ କୋର୍ଟକୁ ଯିବେ ବୋଲି ଧମକ ମଧ୍ୟ ଦେଇଛନ୍ତି ଦୂତୀ।

ଦୂତୀ କହିଛନ୍ତି, ପପୁ ଏହି ଅଡିଓରେ ମୋର ବ୍ୟକ୍ତିଗତ କଥାକୁ ଉଠାଇଛନ୍ତି। ତାଙ୍କ ସହ ବ୍ୟକ୍ତିଗତ ସ୍ତରରେ ମୋର କୌଣସି ଶତ୍ରୁତା ନାହିଁ କିମ୍ବା ତାଙ୍କ ସହ କଥାବାର୍ତ୍ତା ମଧ୍ୟ ହୁଅନ୍ତି ନାହିଁ। ଫିଲ୍ମ ପୋଷ୍ଟରଟି ନାରୀ ସମାଜକୁ ବଦନାମ କରୁଥିବାରୁ ମୁଁ ଏହାକୁ ବିରୋଧ କରିଥିଲି। କେଉଁ କାରଣ ପାଇଁ ପପୁ ଏଭଳି ତାଙ୍କୁ ଲଜ୍ଜିତ କଲେ ସେ ଜାଣିନାହାନ୍ତି। ଯେହେତୁ ମୋ ମାନସମ୍ମାନ ଉପରେ ଆଞ୍ଚ ଆସିଛି ତେଣୁ ଆଇନର ଆଶ୍ରୟ ନେବି। ମୋର ଅନେକ ସେଲିବ୍ରେଟି ଅଛନ୍ତି, ସେମାନେ ତାଙ୍କୁ ଫୋନ୍ କରି ଏ ବିଷୟରେ ପଚାରୁଛନ୍ତି। ଯଦି ସେ ନିଜ ଭୁଲ ସ୍ୱୀକାର ନ କରନ୍ତି ମୁଁ କୋର୍ଟରେ ମାନହାନି ମକଦ୍ଦମା କରିବି ବୋଲି ଦୂତୀ କହିଛନ୍ତି।

ଅନ୍ୟପକ୍ଷରେ ପୋଷ୍ଟର ବିବାଦ ମାମଲାରେ ଫିଲ୍ମ ପ୍ରଡକ୍ସନ ୟୁନିଟ୍‌କୁ ନୋଟିସ ଜାରି କରିଛି କମିଶନରେଟ ପୋଲିସ। ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ମଗାଯାଇଥିବାବେଳେ ଥାନାରେ ପପୁଙ୍କ ସହ ପୂରା ୟୁନିଟ୍‌ରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କର ବୟାନ ସହ ଭିଡିଓ ରେକର୍ଡ ହେବ। ସେହିପରି ମହିଳା ଥାନାରେ ଅଭିଯୋଗ କରିଥିବା ସମାଜସେବୀ ଲିଙ୍କନ ସୁବୁଦ୍ଧିଙ୍କୁ ବି ପୋଲିସ ନୋଟିସ କରିଛି। କେଉଁ ମାଧ୍ୟମରୁ ସେ ଏହି ପୋଷ୍ଟର ପାଇଲେ ସେନେଇ ମଧ୍ୟ ସବିଶେଷ ତଥ୍ୟ ରଖିବାକୁ କୁହାଯାଇଥିବା ଜଣାପଡିଛି।

ମଙ୍ଗଳବାର ମହିଳା କମିଶନ ଅଧ୍ୟକ୍ଷା ଭାବେ ମିନତି ବେହେରା ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ ଏସବୁ ଘଟଣାକୁ ନିନ୍ଦା କରୁଛନ୍ତି ବୋଲି କହିଛନ୍ତି। ମହିଳାଙ୍କୁ ଏଭଳି ଚିତ୍ରିତ କରିବା ଠିକ୍ ହୋଇନି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଫିଲ୍ମ 'ମିଷ୍ଟର କହ୍ନେୟା'କୁ ନେଇ ପ୍ରସ୍ତୁତ ଏକ ପୋଷ୍ଟର ଭାଇରାଲ ହୋଇଥିଲା। ଏଥିରେ ୭ଜଣ ଯୁବତୀଙ୍କୁ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ ଓରଫ ପପୁ ଘୋଡା ପରି ଆଣ୍ଠେଇବା ସହ ନିଜେ କୃଷ୍ଣଙ୍କ ପରି ଚକ୍ର ଧରିବା ପୋଜ୍ ଦେଇଥିଲେ। ଏପରିକି ଆଣ୍ଠେଇଥିବା ୭ଜଣ ଯୁବତୀଙ୍କ ବେକରେ ରଶି ବନ୍ଧା ହେବା ସହ ଏହାର ଲଗାମ ପପୁ ଧରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସମାଜସେବୀ ଲିଙ୍କନ ସୁବୁଦ୍ଧି ମହିଳା କମିଶନ ଓ ମହିଳା ଥାନାରେ ଅଭିଯୋଗ କରିଥିଲେ। ମହିଳା ଥାନାରେ ମାମଲା (ନଂ-୮୯/୧୯) ରୁଜୁ କରାଯାଇଥିଲା। ପରଦିନ ପପୁ ଏକ ଭିଡିଓରେ ସଫେଇ ଦେଇ ଉକ୍ତ ପୋଷ୍ଟର ତାଙ୍କ ପ୍ରଡକ୍ସନ ହାଉସ୍‌ର ନୁହେଁ ଓ ତାଙ୍କୁ ଦୋଷ ଦିଆଯିବା ଠିକ୍ ନୁହେଁ ବୋଲି କହିଥିଲେ। ହେଲେ ପପୁ ମିଛ କହୁଛନ୍ତି ବୋଲି ଲିଙ୍କନ କହିବା ସହ ଫିଲ୍ମ ପ୍ରମୋଶନ ପାଇଁ ପପୁ ଓ ପ୍ରଡକ୍ସନ ସଂସ୍ଥା ଜାଣିଶୁଣି ଏଭଳି ବିବାଦ ତିଆରି କରିଥିବା କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଅଗଷ୍ଟ,୨୦୧୯

ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଳବ୍ୟ

ସଂକ୍ଷେପରେ

ଚେକ୍ ବାଉନ୍ସ ମାମଲା, ଅଭିଯୁକ୍ତ କୋର୍ଟ ଚାଲାଣ

ରସୁଲପୁର,୨୦।୮(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ମଙ୍ଗଳବାର କୁଆଖିଆ ପୋଲିସ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚଲାଣ କରାଯାଇଛି। ଛଣ୍ଡିଖୋଲ ଜେଏମ୍‌ଏଫସି କୋର୍ଟ ପକ୍ଷରୁ ଜାରି କରାଯାଇଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମାନନ୍ଦଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଯାଜପୁର ସଦର ଥାନା ଅନ୍ତର୍ଗତ ଚଅପୋଇ ଗ୍ରାମର କାଦମ୍ବିନୀ ବେହେରା ଆଇସିସି ନଂ-୩୯୪/୨୦୧୬ ଏବଂ ଆଇସିସି ନଂ-୪୭/୨୦୧୭ରେ ଦୁଇଟି ପୃଥକ ଚେକ୍ ବାଉନ୍ସ ମାମଲା କୋର୍ଟରେ କରିଥିଲେ। ଅଭିଯୋଗକାରିଣୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିବା ପରେ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଭିଯୁକ୍ତ ବ୍ରହ୍ମାନନ୍ଦ କୋର୍ଟରେ ହାଜର ନେବାରୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ଅଭିଯୋଗକାରିଣୀଙ୍କ ପକ୍ଷରୁ ଆଇନଜୀବୀ ଉଦୟନାଥ ସାହୁ ମାମଲାକୁ ପରିଚାଳନା କରୁଛନ୍ତି।

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ଚଣ୍ଡିଖୋଲ,୨୦।୮(ଡି.ଏନ୍.ଏ.): ବୈରୀ ଥାନା ଛତିଆ ଫାଣ୍ଡି ଅଧିନସ୍ଥ ଛତିଆ ଭଟିଆ ଛକ ନିକଟରେ ବିଦ୍ଯୁତ ସଂସ୍ପର୍ଶରେ ଆସି ମଙ୍ଗଳବାର ସନ୍ଧ୍ୟାରେ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଛତିଆ ବିଦ୍ୟୁତ୍ ସେକ୍ସନର ଏହି ଛକଦେଇ ଯାଇଥିବା ୧୧କେଭି ବିଦ୍ୟୁତ ଖୁଣ୍ଟରେ ବୃଦ୍ଧଜଣକ କୌଣସି କାରଣ ପାଇଁ ଚଢ଼ିଥିଲେ। ଏହା ଦେଖି ରାସ୍ତାରେ ଯାଉଥିବା ଲୋକମାନେ ବୃଦ୍ଧଙ୍କୁବାରଣ କରିଥିଲେ। ତେବେ ହଠାତ ବୃଦ୍ଧଜଣକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ତଳକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳିପାରି ନାହିଁ।

ବାଇକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା, ୨ ଆରୋହୀ ଗୁରୁତର

ରସୁଲପୁର,୨୦।୮(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଦୁର୍ଗାଦେବୀ ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନ ୪ଘଟିକା ସମୟରେ ବାଇକ ସହ ଅନ୍ୟ ଏକ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ବାଇକ୍‌ର ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ମାନପୁର ଗ୍ରାମର ବାଇକ୍ ଚାଳକ ସ୍ୱପ୍ନେଶ୍ୱର ମଲ୍ଲିକ(୨୪), ପ୍ରଥମାଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମର ସ୍କୁଟି ଚାଳକ ପ୍ରଦୀପ ନାୟକ(୫୦)। ଉଭୟଙ୍କୁ ଧର୍ମଶଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବାପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ୧୦୮ ଆମ୍ବୁଲାନ୍ସ ଆସି ଘଟଣା ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବାରୁ ଗୁରୁତର ଆହତ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କୁ ବାଇକରେ ଓ ପରେ ଅନ୍ୟଜଣଙ୍କୁ ଆମ୍ବୁଲାନ୍ସରେ ଧର୍ମଶାଳା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା।

ପାଟରା ସମ୍ପ୍ରଦାୟ ପକ୍ଷରୁ ସ୍ୱତନ୍ତ୍ର ପୂଜା

ଯାଜପୁର ଟାଉନ ୨୦।୮(ଡି.ଏନ୍.ଏ.): ପାଟରା ସମ୍ପ୍ରଦାୟ ପକ୍ଷରୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ରାକ୍ଷୀ ପୂର୍ଣ୍ଣମୀ ଠାରୁ ୫ଦିନ ଧରି ପୂଜାର୍ଚ୍ଚନା କରାଯାଇଛି। ଯାଜପୁର ବ୍ଲକ ଅନ୍ତର୍ଗତ ଚଇନପୁର ଗ୍ରାମରେ ଏହି ୫ଦିନ ଧରି ପାଟରା ସମ୍ପ୍ରଦାୟ ପକ୍ଷରୁ ଘରେ ଘରେ ଏହି ପୂଜା ବହୁ ଆଡ଼ମ୍ବର ସହକାରେ କରାଯାଇଛି। ଏହି ପର୍ବକୁ ବହୁ ବର୍ଷ ଧରି ଚଇନ୍‌ପୁରସ୍ଥିତ ଅଖାଘର ସାହି ଓ ଖଇରାବାଦ ମଙ୍ଗଳପୁର ସମେତ ବିଭିନ୍ନ ଅଞ୍ଚଳରେ ଥିବା ପାଟରାମାନେ ପୂଜା କରୁଛନ୍ତି। ପରମ୍ପରା ଅନୁଯାୟୀ ପାଟରା ମାନେ ବିଦେଶକୁ ବାଣିଜ୍ୟ କରି ଯିବା ପୂର୍ବରୁ ପ୍ରଭୁ ବଳଦେବ, ଭାଇ ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କୁ ରାକ୍ଷୀ ପୂର୍ଣ୍ଣିମା ଠାରୁ ପୂଜା ଆରମ୍ଭ କରିଥାନ୍ତି। ପୂଜାର ଦ୍ୱିତୀୟ ଦିନକୁ ବଡ଼ପୂଜା ନାମରେ ପ୍ରଭୁଙ୍କୁ ବହୁ ପ୍ରକାର ପିଠା ଓ କ୍ଷୀରି ଭୋଗ ଅର୍ପଣ କରାଯାଇଥାଏ। ପ୍ରତ୍ୟେହ ବିଭିନ୍ନ ପ୍ରକାର ବେଞ୍ଜନ ପ୍ରସ୍ତୁତ କରି ନୈବିଦ୍ୟ ଅର୍ପଣ କରାଯାଇଥାଏ। ଶେଷଦିନ ଅର୍ଥାତ୍ ୫ମ ଦିବସରେ ଶାଗ ଭାତରେ ନାମିତ କରାଯାଇଥାଏ।

■ ଭାରତ ସିକ୍ୟୁରିଟି ସଂସ୍ଥାର ବେଆଇନ କାରବାର

ସ୍ୱୀକୃତି ନ ଥାଇ ଦିଆଯାଉଛି ନିଯୁକ୍ତି ସମ୍ବନ୍ଧୀୟ ପତ୍ର

ଯାଜପୁର ଅଫିସ,୨୦।୮

ରାଜ୍ୟରେ ଦିନକୁ ଦିନ ବେକାରି ସମସ୍ୟା ବଢ଼ିବାରେ ଲାଗିଛି। ଆବଶ୍ୟକ ଅନୁସାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଚାକିରିଟିଏ ପାଇଁ ଯୁବତୀଯୁବକମାନେ ସରକାରୀ ଦପ୍ତରଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ସଂସ୍ଥାର ଦ୍ୱାରସ୍ଥ ହେଉଛନ୍ତି। ଆଉ ଏହାର ସୁଯୋଗ ନେଇ କିଛି ଘରୋଇ ଠିକା ସଂସ୍ଥା ବେକାର ଯୁବତୀଯୁବକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଏପରିକି କିଛି ସଂସ୍ଥା ସ୍ୱୀକୃତି ନ ଥାଇ ମଧ୍ୟ ଯୁବତୀଯୁବକଙ୍କୁ ନିଯୁକ୍ତି ସଂକ୍ରାନ୍ତୀୟ ପତ୍ର ପ୍ରଦାନ କରି ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ପାଣିକୋଇଲି ନିକଟରେ ଥିବା ଭାରତ ସିକ୍ୟୁରିଟି ଠିକା ସଂସ୍ଥାରେ। ଦୀର୍ଘଦିନ ଧରି ଏହି ଠିକା ସଂସ୍ଥା ଚଞ୍ଚକତା କରି ବିଭିନ୍ନ ସରକାରୀ ସଂସ୍ଥାରେ ଠିକା ଶ୍ରମିକ (ଆଉଟ ସୋର୍ସିଂ) ଯୋଗାଇ ଦେବା ନାମରେ ବେକାର ଶିକ୍ଷିତ ଯୁବତୀଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଅସୁଲ କରୁଥିବା ଅଭିଯୋଗ ହୋଇଛି। ଏପରିକି ସ୍ୱୀକୃତି ପାଇବା ପୂର୍ବରୁ ଯୁବତୀଯୁବକଙ୍କୁ ଟଙ୍କା ଦେବାକୁ ବାଧ କରାଯାଉଛି ବୋଲି କେତେକ ବେକାର ଯୁବତୀଯୁବକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ପାଣିକୋଇଲି ଥାନା ଏବଂ ଯାଜପୁର

■ ନିଯୁକ୍ତି ଦେବା ନାମରେ ଲକ୍ଷାଧିକ ଟଙ୍କା ଆଦାୟ
■ ପାଣିକୋଇଲିରୁ ବଲାଙ୍ଗୀର, ରାୟଗଡା ଆଦି ଜିଲାକୁ ଲମ୍ବିଛି ଚେର

ଏସ୍‌ପିଙ୍କ କାର୍ଯ୍ୟାଳୟର ମାତ୍ର ୩୦୦ମିଟର ମଧ୍ୟରେ ଏହି ଠିକା ସଂସ୍ଥା ଏଭଳି କାର୍ଯ୍ୟ କରୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ପୋଲିସ ପ୍ରଶାସନ ଏବଂ ସ୍ଥାନୀୟ ଲୋକପ୍ରତିନିଧି ସବୁ କିଛି ଜାଣି ସୁଦ୍ଧା ଚୁପ ରହିବା ଫଳରେ ଏହି ସଂସ୍ଥାର ଚେର ରାଜ୍ୟର ମୟୁରଭଞ୍ଜ, ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଜଗତସିଂହପୁର, କୋରାପୁଟ, ରାୟଗଡ଼ା, ବଲାଙ୍ଗୀର, ମାଲକାନଗିରି ଆଦି ଜିଲାକୁ ଲମ୍ବିଛି।

ମିଳିଥିବା ସୂଚନା ଅନୁସାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଠିକା ଶ୍ରମିକ ଯୋଗାଇ ଦେବାକୁ ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ଅନ୍ୟ ଘରୋଇ ସଂସ୍ଥା ଭଳି ପାଣିକୋଇଲିର ଭାରତ ସିକ୍ୟୁରିଟି ସଂସ୍ଥା ଟେଣ୍ଡର ପେପର ଦାଖଲ କରିଛି। ଏପରି କି ଏହି ସଂସ୍ଥା କାର୍ଯ୍ୟ ହାତେଇବା ପାଇଁ ଅନ୍ୟ ସଂସ୍ଥା ନାମରେ ମଧ୍ୟ ଟେଣ୍ଡର ଦାଖଲ କରିଥିବା ଜଣାପଡ଼ିଛି। ତେବେ ସ୍ୱୀକୃତି ପାଇବା ପୂର୍ବରୁ ଏହି ସଂସ୍ଥା ବିଭିନ୍ନ ଜିଲାର କେତେକ ବେକାର ଯୁବତୀଯୁବକଙ୍କଠାରୁ ଚାକିରି ଦେବା ନାମରେ ଲକ୍ଷାଧିକ ଟଙ୍କା ଅସୁଲ କରୁଥିବା ଅଭିଯୋଗ ହେଉଛି। ୧୮୭/୯୭/୦୪/୨୦୦୨ ନମ୍ବରରେ ରେଜିଷ୍ଟ୍ରେଶନ ଦର୍ଶାଯାଇଥିବା


Tel. : 06726 - 240519
Fax : 06726 - 240850
M/s. BHARAT SECURITY SERVICE
AT/P.O. - PANIKOILI, DIST. - JAJPUR, PIN - 755043
Regd. No. 187/97/04/2002
Date 31/07/2019
To,
Mr. Brushabha Bhue
S/o - Chakradhar Bhue
At/P.O.- Tamamura,
P.S.- Dunguripali, Dist.- Balangir
Pin - 767023 (Odisha)
Sub: Provisional Offer Letter for the post of Male Attendant for The Bhima Bhoi Medical College & Hospital, Balangir.
Dear Brushabha,
We are glad to inform you that, you have been selected provisionally to attend the Interview for Certificate Verification and Skill Test for the Post of Male Attendant for The Bhima Bhoi Medical College & Hospital, Balangir on out sourcing basis. The venue, time & date of the Certificate Verification by telephonic or by Email.
You are request to bring the photocopy of Educational & Technical Certificate, Aadhar Card (ID Proof) along with the Original Certificate for verification after the skill test.
The final joining letter will be issued to you only after receiving the selection list from the concern authority after the skill test.
Thanking you,
Yours faithfully,
BHARAT SECURITY SERVICE

ଏକ ଲେଟରପ୍ୟାଡରେ ଯୁବତୀଯୁବକଙ୍କୁ ନିଯୁକ୍ତି ସମ୍ପର୍କରେ ସୂଚନା ଦିଆଯାଉଛି। ୩୧।୭।୧୯ରେ ଏହି ସଂସ୍ଥାର ପତ୍ର ସଂଖ୍ୟା ୪୨୪୨/୧୯ରେ ଡୁଙ୍ଗୁରିପାଲି ଅଞ୍ଚଳର ଜନୈକ ଯୁବକଙ୍କୁ ଦିଆଯାଇଥିବା ପତ୍ରରେ ଦର୍ଶାଯାଇଛି ଯେ, ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଆଉଟ ସୋର୍ସିଂରେ ଆପଣ ପୁରୁଷ ଆଟେଣ୍ଡାଣ୍ଟ ଭାବେ ନିଯୁକ୍ତି ପାଇବାକୁ ପ୍ରାଥମିକଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଇଣ୍ଟରଭ୍ୟୁ ଓ ପ୍ରମାଣପତ୍ର ଯାଞ୍ଚ ସହ ଦକ୍ଷତା ପରୀକ୍ଷା ଦେବାକୁ ପଡିବ। ତେଣୁ ଫଟୋ, ଶିକ୍ଷାଗତ ଯୋଗ୍ୟତା, ଆଧାରକାର୍ଡ ଆଦି ନେଇ ଉପସ୍ଥିତ ରହିବାକୁ ପଡ଼ିବ। ଏଥିପାଇଁ ସ୍ଥାନ, ତାରିଖ ଓ ସମୟ ଫୋନ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ଦର୍ଶାଯାଇଛି। ଉକ୍ତ ଯୁବକଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ନେଇ ଏଭଳି ପତ୍ର ଦିଆଯାଇ ଗତ ଅଗଷ୍ଟ ୫ ତାରିଖ ସୁଦ୍ଧା ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଉକ୍ତ ଯୁବକଙ୍କୁ ଏଯାଏ କୌଣସି ନିଯୁକ୍ତି ମିଳିନାହିଁ। ଏ ସଂକ୍ରାନ୍ତରେ ଉକ୍ତ ଯୁବକ ଜଣକ ବାରମ୍ବାର ଭାରତ ସିକ୍ୟୁରିଟି ସଂସ୍ଥାର ଏଜେଣ୍ଟଙ୍କ ନିକଟକୁ ଦୌଡୁଥିଲେ ହେଁ ଦିନ ଗଡ଼ି ଗଡ଼ି ଚାଲିଛି। ଏଭଳି ଶତାଧିକ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସେହିପରି କୋରାପୁଟ ଜିଲାର ଇଗ୍ନୋରେ ୧।୮।୨୦୧୯ ତରିଖରେ ଟାଇପିଷ୍ଟ, ଡ୍ରାଇଭର ଓ ଆଟେଣ୍ଡାଣ୍ଟ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ମଧ୍ୟ ଲକ୍ଷାଧିକ ଟଙ୍କାର କାରବାର ହୋଇଛି। ଏହାବାଦ ନେସ୍କୋ, ଓପିଟିସିଏଲ୍, ଯାଜପୁର ଜିଲାର ପ୍ରାୟ ସମସ୍ତ ସରକାରୀ ଡାକ୍ତରଖାନା ପ୍ରଭୃତି ସ୍ଥାନରେ ଠିକାଶ୍ରମିକ ଯୋଗାଇ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଅସୁଲ କରାଯାଇଛି। ଏହାସହ ବିରଜା/ଭାରତ ସିକ୍ୟୁରିଟି ସଂସ୍ଥାରେ ବ୍ୟବହାର ହେଉଥିବା ରେଜିଷ୍ଟରରେ ମଧ୍ୟ ଚଞ୍ଚକତା ହୋଇଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଭାରତ ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ବିଜୟ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରୁ ଏଯାଏ ସ୍ୱୀକୃତି ମିଳିନାହିଁ। କେହି ଜଣେ ଚଞ୍ଚକତା କରି ଭାରତ ସିକ୍ୟୁରିଟି ନାମରେ ଲେଟରପ୍ୟାଡ ତିଆରି କରି ଏଭଳି ନୋଟିସ ଦେଇଛି ବୋଲି ସେ କହିଛନ୍ତି। ଭାରତ ସିକ୍ୟୁରିଟି ସଂସ୍ଥା ତରଫରୁ ଏଭଳି କିଛି ପତ୍ର ଦିଆଯାଇ ନ ଥିବା ବିଜୟ ସଫେଇ ଦେଇଛନ୍ତି। ତେବେ ଯଦି ଭାରତ ସିକ୍ୟୁରିଟି ସଂସ୍ଥା ନାମରେ ଅନ୍ୟ କେହି ଲେଟରପ୍ୟାଡ ପ୍ରସ୍ତୁତ କରି ଏଭଳି ଅପବ୍ୟବହାର କରୁଛନ୍ତି, ତେବେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏପରି କି ଥାନାରେ ମଧ୍ୟ ଏନେଇ କୌଣସି ଅଭିଯୋଗ ହେଉନାହିଁ। ଏଭଳି ଘଟଣା ଦ୍ୱାରା ଅନେକ ଯୁବତୀଯୁବକ ଠକେଇର ଶିକାର ହେବାରେ ଲାଗିଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଧରିତ୍ରୀ ଖବରରେ ତତ୍ପର ହେଲା ପ୍ରଶାସନ

ନାବାଳିକାଙ୍କୁ ମିଳିଲା ପୃଷ୍ଟପୋଷକତା ରାଶି

ରସୁଲପୁର,୨୦।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ୱାହେଦା ବାନେଙ୍କ ନାବାଳିକା ଝିଅକୁ ପୃଷ୍ଟପୋଷକତା ରାଶି ମିଳିଛି। ଧରିତ୍ରୀରେ ଖବର ପ୍ରସାରଣ ପରେ ଏ ଦିଗରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ନାବାଳିକାର ବକେୟା ଥିବା ପୃଷ୍ଟପୋଷକତା ରାଶିକୁ ଏକକାଳୀନ ପ୍ରଦାନ କରାଯାଇଛି। ଏ ବାବଦରେ ୬ମାସକୁ ୧୨ହଜାର ଟଙ୍କା ପ୍ରଦାନ କରାଯାଇଛି। ଯାଜପୁର ଜିଲାପାଳଙ୍କ ଅନୁମୋଦନ ପରେ ଏହି ସହାୟତା ନାବାଳିକାଙ୍କ ନାମରେ ଥିବା ଜମାଖାତାରେ ଜମା ହୋଇଯାଇଛି। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ୱାହେଦାଙ୍କୁ ସ୍ୱାବଲମ୍ବି କରିବା ସକାଶେ ଏକ ଋଣ ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତିଦିଆଯାଇଛି। ଏହା ଜାଣିୱାହେଦା ଓ ତାଙ୍କର ଏକମାତ୍ର ନାବାଳିକା ଝିଅ ଖୁସି ବ୍ୟକ୍ତ କରିବା ସହ ଜିଲା ପ୍ରଶାସନ ଓ ଧରିତ୍ରୀକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସ୍ୱାମୀ ପରିତ୍ୟକ୍ତା ୱାହେଦାଙ୍କ ୧୨ବର୍ଷର କନ୍ୟା ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ତାଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୃଷ୍ଟପୋଷକତା ସହାୟତା ରାଶି ବାବଦକୁ ମାସକୁ ୨ହଜାର ଟଙ୍କା ମିଳୁଥିଲା। ଏହି ଟଙ୍କାରେ ଝିଅର ପାଠପଢା ସହ ପରିବାର ଚଳିବାରେ ସହାୟକ ହେଉଥିଲା। ଏହି ଯୋଜନା ସହାୟତା ୩ବର୍ଷ ପର୍ଯ୍ୟନ୍ତ ନିୟମ ରହିଛି। ମାତ୍ର ପ୍ରଶାସନ ପକ୍ଷରୁ ୧ବର୍ଷ ସହାୟତା ପ୍ରଦାନ କରାଯାଇ ବନ୍ଦ କରିଦିଆଯାଇଥିଲା। ଫଳରେ ଅସହାୟ ପରିବାରକୁ ଭୋକ ଉପାସରେ ସମୟ କାଟିବାକୁ ପଡିଥିଲା। ଏନେଇ ଜୁଲାଇ ୨୭ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାଜାଣି ଜିଲା ପ୍ରଶାସନ ତତ୍ପର ହୋଇଉଠିଥିଲା। ରସୁଲପୁର ତହସିଲଦାର ପହଞ୍ଚି ଅସହାୟ ପରିବାରରକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ବିଭିନ୍ନ ଶୁଖିଲା ଖାଦ୍ୟ ଓ ପଲିଥିନ ପ୍ରଦାନ କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆର୍ଥିକ ସହାୟତା ଓ ଶୁଖିଲା ଖାଦ୍ୟ ମଧ୍ୟ ଦିଆଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ବାବଦକୁ ଥିବା ବକେୟା ବିଲ ମଧ୍ୟ ପ୍ରଦାନ କରାଯାଇଛି। ଉକ୍ତ ପରିବାରରକୁ ସାମାଜିକ ନିରାପତ୍ତା ଯୋଗାଇ ଦେବାରେ ସବୁ ପ୍ରକାର ପ୍ରୟାସ କରାଯାଇଛି। ଜିଲା ପ୍ରଶାସନର ଦ୍ରୁତ ପଦକ୍ଷେପ ନେବା ସହ ନିର୍ଦ୍ଧାରିତ ସମୟସୀମା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବା ଘୋଷଣାକୁ ସାମାଜିକ କର୍ମୀ ମଣ୍ଟୁ ଦାସ ସ୍ୱାଗତ କରିଛନ୍ତି।

ଟେଷ୍ଟହାଉସରୁ ଚୋରି, ଥାନାରେ ମାମଲା

ରସୁଲପୁର,୨୦।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ଛକରୁ ସୋମବାର ରାତିରେ ଶଙ୍କର୍ଷଣ ପଣ୍ଡାଙ୍କ ଟେଷ୍ଟ ହାଉସରୁ ଚୋରି ହୋଇଯାଇଛି। କେହି ଦୁର୍ବୃତ୍ତ ଟେଷ୍ଟ ହାଉସ କବାଟ ଭାଙ୍ଗି ୨ଟି ମେଶିନ, ୨ଟି ଷ୍ଟେରିଓ ବକ୍ସ ଓ ଅନ୍ୟାନ୍ୟ ମାଇକ୍ ସାମଗ୍ରୀ ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ-୨୦୫/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାର ଦୁଇଦିନ ପୂର୍ବରୁ ଅର୍ଥାତ ଶୁକ୍ରବାର କିଛି ଦୁର୍ବୃତ୍ତ ଏହି ଛକରେ ଥିବା ଏକ ଜଳଖିଆ ଦୋକାନ କବାଟ ଭାଙ୍ଗି ଗୋଟିଏ ଗ୍ୟାସ ଟାଙ୍କି, ଗୋଟିଏ ଗ୍ରାଇଣ୍ଡର ଚୋରି କରିନେଇଥିଲେ। ଏଥିସହ ପାଖରେ ଥିବା ଏକ ପାନ ଦୋକାନର ଚାବି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଗତ କିଛି ଦିନ ହେବ ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ପୋଲିସ ପାଟ୍ରୋଲିଂକୁ ଜୋରଦାର କରାଯିବାକୁ ସାଧାରଣରେ ଦାବି ହେଉଛି।

■ ୟୁକୋ ବ୍ୟାଙ୍କ ଏଟିଏମ୍‌ରେ ତାଲା

କାର୍ଯ୍ୟକାରୀ ହେଉନି ଆର୍‌ବିଆଇ ନିର୍ଦ୍ଦେଶ

ରସୁଲପୁର,୨୦।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗଣେଶ ବଜାର ନିକଟରେ ଥିବା ୟୁକୋ ବ୍ୟାଙ୍କ ଏଟିଏମ୍ ଖୋଲୁଛି କମ୍ ବନ୍ଦ ରହୁଛି ବେଶୀ। ବ୍ୟାଙ୍କ ଶାଖା ସହ ଯୋଡ଼ି ହୋଇଥିବା ଏଟିଏମ୍‌ରେ ଅଧିକାଂଶ ସମୟରେ ଟଙ୍କା ରହୁନାହିଁ। ଫଳରେ ଏମଟିଏମ୍ ବହୁ ସମୟରେ ବନ୍ଦ ରହୁଛି। ଆଉ ଏଥିପାଇଁ ବ୍ୟାଙ୍କ ତରଫରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ଦିଗରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ(ଆରବିଆଇ) ପକ୍ଷରୁ ରହିଥିବା ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବରେ ପାଳନ କରାଯାଉ ନାହିଁ। ବ୍ୟାଙ୍କ ପରିଚାଳକଙ୍କ ଖାମଖିଆଲ ନୀତି ଯୋଗୁ ସାଧାରଣ ଜନତାଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆରବିଆଇ ପକ୍ଷରୁ ଜାରି କରାଯାଇଥିବା ନୂଆ ନିୟମାବଳୀ ଅନୁଯାୟୀ ଏଟିଏମ୍ ଜରିଆରେ ଟଙ୍କା ଉପଲବ୍ଧ ହେବାରେ ୩ଘଣ୍ଟା ବିଳମ୍ବ ହେଲେ ବ୍ୟାଙ୍କକୁ ଜରିମାନା ଦେବାକୁ ପଡିବ। ବ୍ୟାଙ୍କ ପରିଚାଳକ ଏଟିଏମ୍‌ର ସ୍ଥିତି ସମୀକ୍ଷା କରିବା ପାଇଁ ଏଟିଏମ୍‌ରେ ଏକ ସେନ୍ସର ଲଗାଯାଇଛି। ଉକ୍ତ ସେନ୍ସର ବଳରେ ଏଟିଏମ୍‌ରେ କେତେ ଟଙ୍କା ଅଛି ଓ ମେଶିନରେ କେଉଁଠି ତ୍ରୁଟି ରହିଛି ସେସବୁ ସମ୍ପର୍କରେ ସୂଚନା ପାଇପାରିବେ। ସେହି ମୁତାବକ ଶାଖା ପରିଚାଳକମାନେ ଏଟିଏମ୍‌ର ସ୍ଥିତି ପରଖିବା ସହ ଟଙ୍କା ଭର୍ତ୍ତି କରିବେ ଅଥବା ମେଶିନ୍‌ରେ ଥିବା ତ୍ରୁଟିକୁ ସଜାଡି ଗ୍ରାହକଙ୍କୁ ଟଙ୍କା ଉଠାଇବା ଓ ଡିପୋଜିଟ୍ ଆଦି କରାଇବା ଦିଗରେ ନିଶ୍ଚିତ କରାଇବେ। ମାତ୍ର ଏଠାରେ ଏହି ନିୟମକୁ ଖୋଲାଖୋଲି ଭାବରେ ଉଲଙ୍ଘନ କରାଯାଉଛି। ଗ୍ରାହକଙ୍କୁ ଠିକ୍ ସେବା ମିଳୁନାହିଁ। ଏହା ପରିଚାଳକଙ୍କ ତ୍ରୁଟି ଯୋଗୁ ହେଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଶାଖା ପରିଚାଳକ ଚନ୍ଦୁ କୁମାରଙ୍କୁ ପଚାରିବାରୁ ଏଟିଏମ୍ ଦିନରାତି ଖୋଲିବାକୁ ନିୟମ ନାହିଁ ବୋଲି କହିଛନ୍ତି। ଏଟିଏମଏ ସମ୍ମୁଖରେ ୨୪ଘଣ୍ଟା ଲେଖାଯାଇଛି। ତେଣୁ ରାତିରେ କାହିଁକି ଖୋଲାଯିବ ନାହିଁ ବୋଲି ପଚାରିବାରୁ ସେ ଏହା ଉତ୍ତର ଦେବାକୁ ମନା କରିଦେଇଛନ୍ତି।

ବିବାହ ପ୍ରଲୋଭନ ଦେଖାଇ ଅପହରଣ

ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଯାଜପୁର ଟାଉନ ୨୦।୮(ଡି.ଏନ୍.ଏ.)

ଯାଜପୁରସହର ହାବେଳି ବଜାରର ଜନୈକା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ ଘଟଣାରେ ଅପହରଣକାରୀ ଯୁବକଙ୍କୁ ଯାଜପୁର ପୋଲିସ ମଙ୍ଗଳବାର ଗିରଫ କରିଛି। ଗତ ଜୁଲାଇ ୩୦ତାରିଖରେ ଯାଜପୁର ସହର ନିକଟସ୍ଥ ମୋଟରଙ୍ଗପାଳ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ରାକେଶ ନାୟକ(୩୪) ହାବେଳିବଜାରର ଜନୈକା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିଲେ। ନାବାଳିକାଙ୍କ ବାପା ଅନେକ ସ୍ଥାନରେ ଖୋଜାଖୋଜି କରିବାପରେ ଅଗଷ୍ଟ ୨ତାରିଖରେ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୧୬/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପରେ ରାଜ୍ୟ ବାହାରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କ ଡାକ୍ତରୀମାଇନା କରିବା ପରେ ବୁଧବାର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବ ଏବଂ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯିବ ବୋଲି ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

ଯାଜପୁର ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ କୃଷକ ମେଳା ଅନୁଷ୍ଠିତ



କୃଷକ ମେଳା ବୈଠକରେ ଉପସ୍ଥିତ ଅଧିକାରୀ।

ଯାଜପୁର ଟାଉନ ୨୦।୮(ଡି.ଏନ୍.ଏ.)

ଯାଜପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ବୁଧବାର ସିମିଳିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କୃଷକ ମେଳାକୁଯାଜପୁର ଷ୍ଟେଟ୍‌ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଜନ୍ମେଜୟ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଷ୍ଟେଟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ରବୀନ୍ଦ୍ର ଚନ୍ଦ୍ର ସାହୁ ଯୋଗଦେଇ ବ୍ୟାଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ମିଳୁଥିବା ବିଭିନ୍ନ କୃଷି ଭିତ୍ତିକ ଋଣ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀମାନେ କୃଷି ଋଣ ଠିକ୍ ସମୟରେ ପରିଶୋଧ କଲେ ସୁଧ ହାର ଶତକଡ଼ା ୨ପ୍ରତିଶତ ପଡ଼ିବା ସହ କୃଷି ବୀମା ଉପରେ ସୂଚନା ପ୍ରଦାନ କରିଥିଲେ। ଏହି କୃଷକ ମେଳାରେ ମ୍ୟାନେଜର ପ୍ରମୋଦ ମଣ୍ଡଳ, ପ୍ରଦୀପ କୁମାର ପୃଷ୍ଟି, ଦୁଷ୍ମନ୍ତ ବେହେରାଙ୍କ ସମେତ ଶତାଧିକ କୃଷକ ଉପସ୍ଥିତ ଥିଲେ।

■ ଋଣ କରି ବୀମା ଅର୍ଥରୁ ବଞ୍ଚିତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ଆଜିଠୁ ଅନଶନରେ ବସିବାକୁ ଚେତାବନୀ

ଦଶରଥପୁର,୨୦।୮(ଡି.ଏନ୍.ଏ.)

ମଙ୍ଗଳପୁର ପ୍ରାଥମିକ ସମବାୟ ସମିତି

କଟକ ସେଣ୍ଟ୍ରାଲ କୋଅପରେଟିଭ ଅଧୀନରେ ଥିବା ଦଶରଥପୁର ସମବାୟ ବ୍ୟାଙ୍କର ମଙ୍ଗଳପୁର ପ୍ରାଥମିକ ସମବାୟ ସମିତିରୁ ଚାଷ ଲାଗି ଋଣ କରି କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ମଧ୍ୟରୁ କେତେକ ବୀମା ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ବୁଧବାର ସମ୍ପୃକ୍ତ ଚାଷୀମାନେ ମଙ୍ଗଳପୁର ପ୍ରାଥମିକ ସମବାୟ ସମ୍ମୁଖରେ ଧାରଣାଦେବେ ବୋଲି ଯାଜପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସୂଚନା ଯେ, ମଙ୍ଗଳପୁର ପ୍ରାଥମିକ ସମବାୟର ୪ ପଞ୍ଚାୟତ ମଧ୍ୟରୁ ୨୦୧୭-୧୮ ଆର୍ଥିକ ବର୍ଷରେ ଥାଲକୁଡି ପଞ୍ଚାୟତର ଚାଷୀମାନେ ଖରିପ ଚାଷରେ ମରୁଡି ଲାଗି ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲେ। ଏହି ପର୍ଯ୍ୟାୟରେ ଋଣ କରି ଚାଷରେ କ୍ଷତିଗ୍ରସ୍ତ ହୋଇଥିବା ବାବଦକୁ ବୀମା କମ୍ପାନୀ ପକ୍ଷରୁ ତଦନ୍ତ କରାଯାଇ ଉକ୍ତ ପ୍ରାଥମିକ ସମବାୟ ପକ୍ଷରୁ ଚାଷରେ କ୍ଷତିଗ୍ରସ୍ତ ହୋଇଥିବା ଥାଲକୁଡି ପଞ୍ଚାୟତର ୧୪୭ଜଣ ଚାଷୀଙ୍କୁ ଶତକଡ଼ା ୪୬ଭାଗ କ୍ଷତି ହୋଇଥିବାନେଇ ବୀମା କମ୍ପାନୀ ଦଶରଥପୁର ସମବାୟକୁ ବୀମା ଅର୍ଥ ପ୍ରଦାନ କରିଛନ୍ତି। ମାତ୍ର ଉକ୍ତ ପଞ୍ଚାୟତର ୨୫୭ଚାଷୀ ୨୦୧୭-୧୮ ଆର୍ଥିକ ବର୍ଷରେ ନୂଆ ଋଣନେଇ ଋଣ କରିଥିବା ଚାଷଲାଗି ବୀମାପାଇଁ ଅର୍ଥ ଦେଇଥିବାବେଳେ ଏହି ଚାଷୀମାନଙ୍କ ମଧ୍ୟରୁ ୧୪୭ ଜଣ ଚାଷୀଙ୍କ ବୀମା ଅର୍ଥ ପାଇବାଲାଗି ଚିଠା ଆସିଥିବାବେଳେ ଏଥିରୁ ବାଦ ପଡିଥିବା ଚାଷୀମାନଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୫୭ଜଣ ଚାଷୀ ଚାଷଲାଗି କରିଥିବା ଋଣରେ ବୀମା କରିଥିଲେ ହେଁ ମାତ୍ର ୧୪୭ ଜଣ ଚାଷୀଙ୍କ ବୀମା ଅର୍ଥ ଆସିଛି। ତେଣୁ ବୀମା ଅର୍ଥ ପାଇବାରୁ ବାଦ୍ ପଡ଼ିଥିବା ୧୧୦ଜଣ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳପୁର ପ୍ରାଥମିକ ସମିତିରେ ସେ ସମୟରେ କାର୍ଯ୍ୟରତ ଅଧିକାରୀଙ୍କ ଚଞ୍ଚକତା ହେଉ କିମ୍ବା ବୀମା କମ୍ପାନୀକୁ ବୀମା ଅର୍ଥ ପ୍ରଦାନ କରିବାରେ ଦଶରଥପୁର ସମବାୟ ବ୍ୟାଙ୍କର ଦାୟିତ୍ୱହୀନତାରୁ ୧୧୦ଜଣ ଚାଷୀ ବାଦ୍ ପଡ଼ିଛନ୍ତି ବୋଲି ଥାଲକୁଡି ପଞ୍ଚାୟତର ଚାଷୀ ନିତ୍ୟାନନ୍ଦ ମଲ୍ଲିକ, ଭରତ ମଲ୍ଲିକ, ସୌଭାଗ୍ୟରଞ୍ଜନ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଶଙ୍କର୍ଷଣ ସାହୁ ପ୍ରମୁଖ ଶତାଧିକ ଚାଷୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବୀମା ଅର୍ଥରୁ ବଞ୍ଚିତ ଚାଷୀଙ୍କ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ବୁଧବାର ଠାରୁ ମଙ୍ଗଳପୁର ପ୍ରାଥମିକ ସମବାୟ ସମ୍ମୁଖରେ ଶାନ୍ତି ପୂର୍ଣ୍ଣଭାବେ ଧାଣାରେ ବସିବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫ୍ୟାକ୍ସ ଯୋଗେ ଜଣାଇଛନ୍ତି। ଏଥିସହ ମଙ୍ଗଳପୁର ଥାନାଅଧିକାରୀଙ୍କୁ ଭେଟି ମଧ୍ୟ ଲିଖିତ ପ୍ରଦାନ କରିଛନ୍ତି। ଏନେଇ ଯାଜପୁର ସମବାୟ ମୁଖ୍ୟ ଏଆରସିଏସ୍ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ୨୫୬ ଚାଷୀ ଯଦି ବୀମା କରିଥାଅନ୍ତି ତେବେ ସେମାନେ ସମସ୍ତେ ବୀମା ଅର୍ଥ ପାଇବା କଥା। ମାତ୍ର ମଙ୍ଗଳପୁର ପ୍ରାଥମିକ ସମବାୟ କିମ୍ବା ଦଶରଥପୁର ସମବାୟ ବ୍ୟାଙ୍କ ପକ୍ଷରୁ ଯଦି କିଛି ଅନିଚ୍ଛାକୃତ ତ୍ରୁଟି ରହିଥାଏ ତେବେ ଖୁବ୍ ଶୀଘ୍ର ଏହାର ସମାଧାନ ଉପରେ ପଦକ୍ଷେପ ନେବାକୁ ଚେଷ୍ଟା କରାଯିବ ବୋଲି ମଲ୍ଲିକ କହିଛନ୍ତି।

ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
- ସନ୍ଥ ଏକନାଥ

ସଂକ୍ଷେପରେ

ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଧାରଣା

ଜେନାପୁର,୨୦।୮(ଡି.ଏନ୍.ଏ.)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ସୋମବାର ସକାଳେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ପ୍ରଧାନ ଶିକ୍ଷକ, ପରିଚାଳନା କମିଟିର ସଭାପତି, ସ୍ଥାନୀୟ ବୁଦ୍ଧିଜୀବୀ ଜେନାପୁର ଥାନା ପୋଲିସ ପହଞ୍ଚିଥିଲେ। ଶିକ୍ଷା ଅଧିକାରୀଙ୍କୁ ଫୋନ ଯୋଗେ କଥାବାର୍ତ୍ତା ହୋଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ଣରେ ଏବିଓ ରମାକାନ୍ତ ସେଠୀ ପହଞ୍ଚି ସମସ୍ୟା ସମ୍ପର୍କରେ ବୁଝି ୭ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଚଣ୍ଡ, ପରିଚାଳନା କମିଟିର ସଭାପତି ହଳଧର କୁଣ୍ଡଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ବିଦ୍ୟାଳୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଧାରଣାରେ ଉପସ୍ଥିତ ରହି ବିଦ୍ୟାଳୟ ସମସ୍ୟାଉପରେ ଆଲୋକ ପାତ କରିଥିଲେ।

ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଚାଳକ

କୋରେଇ,୨୦।୮(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବେଣାପୁର ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଟ୍ରକ ପଛକୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଛି। ଫଳରେ ପଛ ଟ୍ରକ୍‌ଟିର ଆଗ ଚୂରମାର ହେବା ସହ ଚାଳକଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳେ ପହଞ୍ଚି ଟ୍ରକ୍ ୨ଟିକୁ ଜବତ କରିଛି।

ଧର୍ମପରାୟଣା ମହିଳାଙ୍କ ପରଲୋକ

ସିଂହପୁର,୨୦।୮(ଡି.ଏନ୍.ଏ.)- ବଞ୍ଚାରପୁର ବ୍ଲକ ଅନ୍ତର୍ଗତ କଣଛନ୍ଦା ଗ୍ରାମର ଧର୍ମପରାୟଣା ମହିଳା ଆରୁଆଣୀ(୯୬)ଙ୍କର ସୋମବାର ପରଲୋକ ହୋଇଛି। ସେ ଜଣେ ପରୋପକାରୀ ଓ ସ୍ନେହି ଥିଲେ। ତାଙ୍କ ବିୟୋଗରେ ନିରଞ୍ଜନ ଦାସ, ଚକ୍ରଧର ଦାସ, ଅଶୋକ ଦାସ, ଅକ୍ଷୟ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

କୋରାଇ ନୋଡାଲ ହାଇସ୍କୁଲରେ ପରିଚାଳନା କମିଟି ଗଠନ

କୋରେଇ,୨୦।୮(ସ୍ୱ.ପ୍ର.)- କୋରାଇ ନୋଡାଲ ହାଇସ୍କୁଲରେ ପରିଚାଳନା କମିଟି ଗଠିତ ହୋଇଛି। ଅଭିଭାବକଙ୍କ ମଧ୍ୟରୁ ୧୨ ଜଣ ୨ ଜଣ ଛାତ୍ରୀଛାତ୍ର ପ୍ରତିନିଧି ଓ ସମ୍ପୃକ୍ତ ୱାର୍ଡର ୱାର୍ଡ ସଭ୍ୟ ମୋଟ ୧୫ ଜଣ ସଭ୍ୟ ମନୋନୀତ ହୋଇଥିଲେ। ପରେ ଏହାକୁ ନେଇ ସଭାପତି ଓ ଉପସଭାପତି ନିର୍ବାଚନ କରାଯାଇଥିଲା। ସଭାପତି ପଦ ପାଇଁ ମହମ୍ମଦ ରିଜୱାନ ଓ କଲିମୁଦ୍ଦିନ ଖାଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତା ହୋଇଥିଲା। ମହମ୍ମଦ ରିଜୱାନ ୯ଖଣ୍ଡ ଭୋଟ ପାଇ ବିଜୟ ହୋଇଥିବା ବେଳେ ୫ ଖଣ୍ଡ ଭୋଟ ପାଇ କଲିମୁଦ୍ଦିନ ପରାସ୍ତ ହୋଇଥିଲେ। ଉପସଭାପତି ପାଇଁ ଫମିଦା ବେଗମ ଓ ଦୁଲାରୀ ବେଗମ ମଧ୍ୟର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଫମିଦା ବେଗମ ୮/୬ ଭୋଟରେ ବିଜୟୀ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଶେଷରେ ସ୍ୱାଗତ କରାଯାଇଛି।

ଚଣ୍ଡିଆ, ଧାଉଡ଼ିଆପଦା ପାହାଡ଼

ବେଆଇନ ଖାଦାନ ଯୋଗୁ ବ୍ୟାପକ ରାଜସ୍ୱ ଲୁଟ

ଚଣ୍ଡିଖୋଲ , ୨୦।୮(ଡି.ଏନ.ଏ)

ଯାଜପୁରର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଅସିହା ପର୍ବତମାଳାର ଅଂଶ ବିଶେଷ ଭାବେ ପରିଚିତ ଚଣ୍ଡିଆ ପାହାଡ଼ ଓ ଧାଉଡ଼ିଆପଦା ପାହାଡ଼ରୁ ଏବେ ଦୈନିକ ଶହ ଶହ ଟ୍ରକ୍‌ରେ ବେଆଇନ ମୋରମ ଚାଲାଣ କରାଯାଉଛି। ଏପରିକି ଚଣ୍ଡିଆ ପାହାଡ଼ରୁ ଦାମୀ ମୂର୍ତ୍ତି ପଥରକୁ ପାହାଡ଼ ମାଫିଆମାନେ ରାତିରେ ବାହାରକୁ ଚାଲାଣ କରୁଛନ୍ତି। ଏସମ୍ପର୍କରେ ପ୍ରଶାସନ ପାଖରେ ଖବରଥିଲେ ମଧ୍ୟ ପୋଲିସ କିମ୍ବା ତହସିଲ ପ୍ରଶାସନ ତରଫରୁ ଚଢ଼ାଉ କରାଯାଉ ନାହିଁ। ସୁଚନାଥାଉକି ଗତ ବର୍ଷକ ତଳେ ଟିଟୋ ଗ୍ୟାଙ୍ଗ ତରଫରୁ ଏହି ଅଞ୍ଚଳର ଅଚ୍ୟୁତବସନ୍ତ ଓ ମାଣ୍ଡୁକା ପାହାଡ଼ରେ ଖାଦାନ ଚାଲୁଥିଲା। ମାତ୍ର କ୍ରାଇବ୍ରାଞ୍ଚ ଟିଟୋଙ୍କୁ ଗିରଫ କରିବା ପରେ

ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ପାହାଡ଼ ।

ଏହି ଖାଦାନଗୁଡ଼ିକ ବନ୍ଦ ହୋଇଯାଇଥିଲା। ଏବେ ବେଆଇନ ଭାବେ କିଛି ପଥର ମାଫିଆମାନେ ସମ୍ପୃକ୍ତ ପାହାଡ଼ ଉପରେ ନଜର ପକାଇ ଦିନ ବଦଳରେ ରାତିରେ ଖନନ କରି ଶତାଧିକ ଟ୍ରକ୍ ବାହାରକୁ ଚାଲାଣ କରୁଛନ୍ତି। ଏସମ୍ପର୍କରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗତ ମାସକ ତଳେ ସମ୍ପୃକ୍ତ ପାହାଡ଼ରେ ଚଢାଉ କରିଥିଲେ। ଚଢ଼ାଉ ସମୟରେ କେତେକ ଟ୍ରକ୍ ଖାଦାନ ଛାଡ଼ି ପଳାଇ ଯାଇଥିଲେ। ଯେଉଥିପାଇଁ ସେମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ତେବେ ଗତ ୮ଦିନ ହେବ ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ସଂଲଗ୍ନ ଚଣ୍ଡିଆ ଓ ଧାଉଡ଼ିଆପଦା ଆଦି ଦୁଇଟି ପାହାଡ଼ରୁ ବେଆଇନ ଖନନ କରାଯାଉଛି। କୌଣସିଠାରେ ନିଲାମ ଦିଆଯାଇ ନ ଥିବାବେଳେ କେତେକ ପାହାଡ଼ ମାଫିଆ ଏଠାରୁ ରାତିରେ ବ୍ୟାପକ ଅଂଶରେ ଖନନ କରି ବାହାରକୁ ଚାଲାଣ କରୁଛନ୍ତି। ଯେଉଥିପାଇଁ ଲକ୍ଷ ଲକ୍ଷର ରାଜସ୍ୱ କ୍ଷତି ଘଟୁଛି। ସୂଚନା ଥାଉକି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପାଇଁ ବେଆଇନ ଖନନକୁ ରୋକିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା ପାଳନ କରାଯାଉ ନାହିଁ। ଏହାକୁ ବିଶ୍ୱ ଐତିହ୍ୟରେ ସ୍ଥାନ ଦେବାକୁ ହେଲେ ପାହାଡ଼ ଖନନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସବୁଜ ବନାନିରେ ପରିଣତ କରିବାର ଆବଶ୍ୟକ ରହିଛି। କିନ୍ତୁ ଏହାକୁ ସମ୍ପୃକ୍ତ ବେଆଇନ ଖନନକାରୀମାନେ ନ ମାନି ବୌଦ୍ଧପୀଠର ମାତ୍ର ତିନିଶହ ମିଟର ଦୂରରେ ଏହି ଖନନ କରୁଛନ୍ତି। ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କୁ ପଚାରିବାରେ ସେ କୁହନ୍ତି ଆମେ ବାରମ୍ବାର ଚଢାଉ କରୁଛୁ। ଗତ ୨ମାସତଳେ ସେଠାରୁ ତିନୋଟି ଟ୍ରକ୍‌କୁ ଜବତ କରିଥିଲୁ। କିନ୍ତୁ ବେଆଇନ ଖନନକାରୀମାନେ ଲୁଚି ଛପି ଏଭଳି କାମ କରୁଛନ୍ତି। ତୁରନ୍ତ ପୁର୍ନବାର ଚଢାଉ କରାଯିବ ବୋଲି ଦାସ କହିଛନ୍ତି।

ଅସଦାଚରଣ ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

କଳିଙ୍ଗନଗର, ୨୦।୮ (ଡି.ଏନ୍.ଏ.)

ଯଖପୁରା ଥାନା ଅଞ୍ଚଳର ଜଣେ ଦଳିତ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ପଙ୍କପାଳ ଗ୍ରାମର ଦୁର୍ଯ୍ୟୋଧନ ବେହେରା। ପ୍ରକାଶ ଯେ, ଗତ ୧୬ ତାରିଖରେ ଦୁର୍ଯ୍ୟୋଧନ ଉକ୍ତ ଯୁବତୀଙ୍କୁ ଘରେ ପଶି ଅପହରଣ କରିବାରୁ ଚେଷ୍ଟା କରିଥିଲେ। ଏହି ସମୟରେ ଯୁବତୀଙ୍କ ବାପା ପହଞ୍ଚି ଯିବାରୁ ସେଠାରୁ ପଳାଇଥିଲେ । କିନ୍ତୁ ସୋମବାର ରାତିରେ ପୁଣି ଯୁବତୀ ଜଣଙ୍କୁ ଏକାକୀ ପାଇ ତାଙ୍କୁ ଅପହରଣକରିବାକୁ ଚେଷ୍ଟା କରିଥିବା ବେଳେ ଘର ଲୋକଙ୍କ ହାତରେ ଧରାପଡିଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୬୧/୧୯) ରୁଜୁକରି ମଙ୍ଗଳବାର ଦୁର୍ଯ୍ୟୋଧନଙ୍କୁ ଗିରଫ କରିଥିଲା। ଏହି ଘଟଣାଟି ଦଳିତ ଯୁବତୀଙ୍କ ମାମଲା ହୋଇଥିବାରୁ ତଦନ୍ତ ଭାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଂଗ୍ରାମ ଟୁଡୁ ନିଜ ହାତକୁ ନେଇଥିଲେ।

ସାପକାମୁଡାରେ ମହିଳାଙ୍କ ମୃତ୍ୟୁ

ବିଞ୍ଝାରପୁର,୨୦।୮(ଡି.ଏନ୍.ଏ.)

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ମାଁସତା ପଞ୍ଚାୟତ ଦଧିବାମନପୁର ଗ୍ରାମର ନରେନ୍ଦ୍ର ସାହୁଙ୍କ ସ୍ତ୍ରୀ ସୀତା ସାହୁ(୫୨)ଙ୍କ ସୋମବାର ସାପକାମୁଡାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ତାଙ୍କ ମୃତଦେହକୁ ଗ୍ରାମ ମଶାଣୀରେ ଅନ୍ତିମ ସଂସ୍କାର କରାଯାଇଛି। ଅପରପକ୍ଷରେ ସ୍ନେକ ହେଲ୍ପାଇନର କାର୍ମଚାରୀ ନରେନ୍ଦ୍ର ଘଷିଗଦାରୁ ଉକ୍ତ ଗୋଖର ସାପକୁ ଉଦ୍ଧାର କରିଥିବା ଜଣାପଡିଛି। ସୋମବାର ମଧ୍ୟାହ୍ନରେ ସୀତା ଉକ୍ତ ଘଷିକ୍‌ଗଦାରୁ ଘସି ଆଣୁବାକୁ ଯାଇଥିଲେ। ଏହି ସମୟରେ ଏକ ଗୋଖର ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ତୁରନ୍ତ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅତିରିକ୍ତ ଜିଲାପାଳଙ୍କୁ ଜମିହରାଙ୍କ ଦାବିପତ୍ର

ଅତିରିକ୍ତ ଜିଲାପାଳଙ୍କୁ ଜମିହରା ବାସିନ୍ଦାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଯାଜପୁର ରୋଡ,୨୦।୮(ନି.ପ୍ର.)

କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଳିଆପାଳ ମୌଜାରେ ପ୍ରତିଷ୍ଠିତ ବାଳିଆପାଳ ଫେରୋକ୍ରୋମ କାରଖାନା ଉତ୍ପାଦନ କ୍ଷମ ହେବାର ଦୀର୍ଘ ବର୍ଷ ବିତି ଥିଲେ ମଧ୍ୟ ସ୍ଥାନୀୟ ପାରିପାର୍ଶ୍ୱିକ ଉନ୍ନୟନ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କାରଖାନା ପାଇଁ ବିସ୍ଥାପିତ ହୋଇଥିବା ପରିବାରକୁ ଅଦ୍ୟାବଧି ନିଯୁକ୍ତି ପ୍ରଦାନ କରାଯାଇ ନାହିଁ । ପଞ୍ଚାୟତର ମୁଖ୍ୟ ରାସ୍ତାକୁ କାରଖାନା କର୍ତ୍ତୃପକ୍ଷ ବ୍ୟବହାର କରିବା ସହ ବିଭିନ୍ନ ପ୍ରକାର ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛନ୍ତି। ବେକାରୀ ଯୁବତୀ ଓ ଯୁବକଙ୍କୁ କାର ଖାନାରେ ନିଯୁକ୍ତି , ପ୍ରଦୂଷଣ ସମସ୍ୟା ଓ ପାରପାର୍ଶ୍ୱିକ ଉନ୍ନୟନ, ଭୂତଳଜଳ ବ୍ୟବହାର ବନ୍ଦ, ପ୍ରଦୂଷଣ ପାଇଁ ପ୍ରଭାବିତ ଗ୍ରାମଗୁଡିକରେ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସେବା କାରଖାନା ପକ୍ଷରୁ ଯୋଗାଇଦିଆଯାଉ, କାରଖାନାକୁ ଆସୁଥିବା ପଣ୍ୟଦ୍ରବ୍ୟ ମେଶିନରେ ନ କରି ଲୋକଙ୍କ ଦ୍ୱାରା କରିବା, ଜମି ଓ ଘରବାଡି ହରାଇ ନ ଥାଇ କାରଖାନାରେ ଚାକିରି ପାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ କାର୍ଯ୍ୟରୁ ହଟାଇବା ଆଦି ବିଭିନ୍ନ ୧୨ ଦଫା ଦାବିରେ ମଙ୍ଗଳବାର ଗ୍ରାମବାସୀ ଯାଜପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୧୫ ଦିନ ମଧ୍ୟରେ ବିହିତ ପଦକ୍ଷେପ ନ ନେଲେ ଜମିହରାମାନେ କାରଖାନା ଫାଟକ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଏଥିସହ ସୁକିନ୍ଦା ବିଧାୟକ, ଯାଜପୁର ଏସ୍‌ପି, ଦାନଗଦୀ ତହସିଲ୍‌ଦାର, କଳିଙ୍ଗନଗର ଥାନାଧିକାରୀଙ୍କୁ ମଧ୍ୟ ଗ୍ରାମବାସୀଙ୍କ ତରଫରୁ ଅବଗତ କରାଯାଇଛି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତେଷ କୁମାର ମିଶ୍ରଙ୍କୁ ପଚାରିବାରୁ ଦାବି ସମ୍ପର୍କରେ ତଦନ୍ତ କରାଯାଇ କାରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷପ ନିଆଯିବ ବୋଲି କହିଛନ୍ତି।

ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ପାଳିତ

ଯାଜପୁର ରୋଡ,୨୦।୮(ନି.ପ୍ର.)

ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସଭାନେତ୍ରୀ ତଥା କୋରେଇ ବିଧାନସଭା ପ୍ରାର୍ଥୀନୀ ବନ୍ଦିତା ପରିଡାଙ୍କ ନେତୃତ୍ୱରେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଥିବା ସ୍ୱର୍ଗତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବ୍ୟାସନଗର କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଏକ ସଭା କରାଯାଇଥିଲା। ଏଥିରେ ଜିଲା ମହିଳା କଂଗ୍ରେସ ସଭା ନେତ୍ରୀ ରିତାଶ୍ରୀ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ନିର୍ମଳା ମଲ୍ଲିକ, ଜିଲା ମହିଳା କଂଗ୍ରେସ ଉପସଭାପତି ହୃଦାନନ୍ଦ ସାମଲ, ଦିଲୀପ କୁମାର ମଲ୍ଲିକ, ମଧୁସୁଧନ ସାହୁ, ଯୋଗେନ୍ଦ୍ର ପାଣିଗ୍ରାହୀ, କୁମାର ଗୌରବ, ଦୁଃସାସନ ଦାସ, ବିଦ୍ଧୁବତି ବେହେରା, ସନ୍ତୋଷ କୁମାର ବରାଳ, ଲୋକନାଥ ବେଗ, ହୃଷୀକେଶ ସ୍ୱାଇଁ, ସନ୍ତୋଷ ମହାନ୍ତି, ବିଜୟ ବୋଇତେଇ, ଅଭିନାସ ନାୟକ, ଅରୁପନନ୍ଦ ମଲ୍ଲିକ, ଭରତ ଓଝା ପ୍ରମୁଖ ବହୁ କଂଗ୍ରେସ ନେତା ଓ ନେତ୍ରୀ ଯୋଗଦେଇଥିଲେ।

ଲୋକନାଥ ଧୀର ହେଲେ ଦାନଗଦୀ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି

କଳିଙ୍ଗନଗର,୨୦।୮(ଡି.ଏନ୍.ଏ.)- ସୁକିନ୍ଦା ନିର୍ବାଚନମଣ୍ଡଳୀ ତ୍ରୀଜଙ୍ଗା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବରିଷ୍ଠ ବିଜେଡି ନେତା ଲୋକନାଥ ଧୀରଙ୍କୁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଦାନଗଦୀ ବ୍ଲକ ପ୍ରତିନିଧୀ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ନିଯୁକ୍ତି ପତ୍ର ପାଇବାପରେ ଧୀର ଏମ୍‌ପି ଓ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜେଡି ସଂଗଠନକୁ ଦାନଗଦୀ ବ୍ଲକରେ ସୁଦୃଢ କରିବା ସହ ଯୁବକ,ମହିଳା ଓ ବରିଷ୍ଠ କର୍ମୀଙ୍କୁ ନେଇ ଦଳକୁ ଆହୁରି କିଭଳି ଭାବେ ମଜଭୁତ କରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ହତ୍ୟା ସନ୍ଦେହରେ ଥାନାରେ ଅଭିଯୋଗ

ବିଞ୍ଝାରପୁର,୨୦।୮(ଡି.ଏନ.ଏ.)

ବୃଦ୍ଧଙ୍କ ନିଖୋଜ ଘଟଣା

ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ପଞ୍ଚାୟତ ଦେୱାନସାହିର ହରି ବେହେରା(୮୦)ଙ୍କୁ ବଡ଼ଭାଇଙ୍କ ପରିବାର ଅର୍ଥ ହଡପ କରିବା ଉଦ୍ଦେଶ୍ୟରେ ନିଖୋଜ କିମ୍ବା ହତ୍ୟା କରି କେଉଁଆଡେ ପକାଇ ଦେଇଥିବା ସନ୍ଦେହରେ ସୋମବାର ସାନ ଭାଇ ଅଭିନ୍ନ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବଡଭାଇଙ୍କ ପରିବାରକୁଥାନାକୁଡକାଇ ପଚରାଉଚରା କରିଛି । ଏଥିସହ ଖଡଗପୁରଠାରେ ନାତି ମନୋଜ ବସାଘରୁ ଅଗଷ୍ଟ ୧୫ ତାରିଖରେ ହରି ବଜାରକୁ ଆସି ଫେରି ନ ଥିବା ଖଡଗପୁର ଥାନାରେ ଅଭିଯୋଗ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଏହି ଘଟଣା ଦିନକୁ ଦିନ ରୋଚକ ମୋଡ ନେଉଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଥିବା ତଦନ୍ତ ଅଧିକାରୀ ଏଏସ୍ଆଇ ଯୁଧୀଷ୍ଠିର ମଲ୍ଲିକ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ହରି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଟନ୍ତି। ସେ ସାନପୁଅ ଅଭିନ୍ନଙ୍କ ନିକଟରେ ରହୁଥିଲେ। ତାଙ୍କୁ ଗତ ୨ ମାସ ତଳେ ବଡ଼ପୁଅ ଶିବ ଓ ବୋହୁ ନିଜ ବାସଗୃହକୁ ନେଇଯାଇଥିଲେ। ପରେ ବଡପୁଅଙ୍କ ପାଖରୁ ହରିଙ୍କୁ ନାତି ମନୋଜ ଖଡଗପୁରକୁ ନେଇଥିଲେ। ସେଠାରେ ସେ ଗତ ୧୫ ତାରିଖରୁ ନିଖୋଜ ଅଛନ୍ତି। ହେଲେ ଏ ସମ୍ପର୍କରେ ବଡଭାଇ କିମ୍ବା ପୁତୁରା ଅଭିନ୍ନଙ୍କୁ ଜଣାଇ ନ ଥିଲେ। କୌଣସି ସୂତ୍ରରୁ ବାପାଙ୍କ ନିଖୋଜ ଖବର ପାଇ ଅଭିନ୍ନ ବଡଭାଇଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ବାପାଙ୍କ ନିକଟରୁ ଅର୍ଥ ହଡପ କରିବା ଉଦ୍ଦେଶ୍ୟରେ ନିଖୋଜ କିମ୍ବା ହତ୍ୟା କରାଯାଇଥିବା ସନ୍ଦେହରେ ଥାନାରେ ଅଭିଯୋଗ କରିଛନ୍ତି।

ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା/ଚଢେଇଧରା/ଜେନାପୁର, ୨୦।୮(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମାଗଡ ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ କମାଗଡ଼ ଗ୍ରାମର ଶୁକଦେବ ସାହୁ(୯୩)। ଏ ନେଇ ଜେନାପୁର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୯/୧୯)ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ସକାଳେ ଶୁକଦେବ ଶୌଚ ହେବାକୁ ପୋଖରୀକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ପରିବାର ଓ ଗ୍ରାମବାସୀ ପାଣିରୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ଖଣି ଅଞ୍ଚଳରେ ଛେଳି ମଡ଼କ, ଚିନ୍ତାରେ ଚାଷୀ

କାଳିଆପାଣି,୨୦।୮(ଡି.ଏନ୍.ଏ.)

କାଳିଆପାଣି ଖଣି ଅଞ୍ଚଳ କାଙ୍କଡ଼ପାଳ ପ୍ରାଣୀଧନ ଚିକିତ୍ସାଳୟ ଅଧୀନରେ ଥିବା ରାଁସୋଳ, କାଳିଆପାଣି , କଂସ, ଚିଙ୍ଗୁଡ଼ିପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଛେଳି ମଡ଼କ ଦେଖାଦେଇଛି। ବିଶେଷକରି ଫାଟୁଆ, ବଜବଜିଆ ରୋଗରେ ବହୁ ଗୋରୁ, ଗାଇ, ଛେଳି ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବା ଜଣାପଡ଼ିଛି। ଗତ ଜୁନ୍ ଓ ଜୁଲାଇରେ ସୁକିନ୍ଦା ପ୍ରାଣୀଧନ ଚିକିତ୍ସାୟଳ ପକ୍ଷରୁ କିଛି ଗ୍ରାମରେ ଭ୍ୟାକ୍ସିନ ଦିଆଯାଇଥିଲା। ବିନା ପ୍ରଚାର ପ୍ରସାରରେ ଭ୍ୟାକ୍ସିନ ଦିଆଯାଇଥିବାରୁ ବହୁ ଲୋକେ ନିଜ ପ୍ରାଣୀଧନଙ୍କୁ ଭ୍ୟାକ୍ସିନ ଦେଇପାରି ନ ଥିଲେ। ଫଳରେ ବର୍ଷା ଦିନ ଆରମ୍ଭରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଗୋରୁ ଛେଳି ମରୁଥିବା ଗ୍ରାମବାସୀ କହିଛନ୍ତି। ଖଣି ଅଞ୍ଚଳର ଏକ ବର୍ଷ ହେବ ନିଯୁକ୍ତି ପାଇଥିବା ପ୍ରାଣୀଧନ ନିରୀକ୍ଷକ ଖଣି ଅଞ୍ଚଳକୁ ଆସୁ ନାହାନ୍ତି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋରୁ ମୃତ୍ୟୁକୁ ନେଇ ପ୍ରାଣୀଧନ ଚିକିତ୍ସକଙ୍କ ନିକଟରେ ଅଭିଯୋଗ କରି ହତାସ ହେବା ପରେ ଭୀମଟାଙ୍ଗର ଗ୍ରାମର ମନୋଜ ମହାନ୍ତ ପ୍ରାଣୀଧନ ନିରୀକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିବା ଜଣାପଡିଛି। ଅପରପକ୍ଷେ ଗ୍ରାମଗୁଡ଼ିକରେ ଛେଳି ମୃତ୍ୟୁକୁ ନେଇ ଛେଳିଚାଷୀ ଚିନ୍ତାରେ ପଡିଛନ୍ତି। ଏହାର ତୁରନ୍ତ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସୁକିନ୍ଦା ଭିଏସ୍ ସୁଖେନ୍ଦୁ ରାୟଙ୍କୁ ପଚାରିବାରୁ, ନୂତନ ଭାବେ ନିଯୁକ୍ତି ପାଇଥିବା ଏଲ୍‌ଆଇ ଟ୍ରେନିଂରେ ରହିଛନ୍ତି। ଆଗାମୀ ଦିନରେ ଏହାର ସମାଧାନ ହୋଇଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ଗତ କିଛି ଦିନ ତଳେ ରାଁସୋଳ ଗ୍ରାମର ତାରାଚାନ୍ଦ ମହାନ୍ତର ୫ଟି ଛେଳି ଛୁଆ ମରିଥିବା ବେଳେ ମଙ୍ଗଳବାର ଧ୍ରୁବ ମହନ୍ତ, ଇଶ୍ୱର ମହାନ୍ତଙ୍କ ୨ ଛେଳି ମରିଥିବା କହିଛନ୍ତି। ଏହିପରି କଲରଙ୍ଗି ଗ୍ରାମର ଧନଞ୍ଜୟ ମହାନ୍ତଙ୍କ ଗୋଟିଏ ଗାଇ ମୃତ୍ୟୁ ହୋଇଛି। ଏବେ ଧୀରେଧୀରେ ଛେଳି ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବହୁ ଗୋରୁ, ମେଣ୍ଢା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମରେ କୁକୁଡ଼ା ମଡ଼କ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି।

ଫନୀ ବାତ୍ୟାରେ ଭାଙ୍ଗିଥିଲା ଘର

୩ ମାସ ପରେ ବି ମିଳିପାରିନି ସହାୟତା

ଚଣ୍ଡିଖୋଲ,୨୦।୮(ଡି.ଏନ୍.ଏ.)

ଫନୀ ବାତ୍ୟାରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ତହସିଲ ଅଧୀନସ୍ଥ ଦକ୍ଷିଣକୂଳ ଗ୍ରାମର ଲତିକା ନାୟକଙ୍କ ଗତ ଫନୀ ବାତ୍ୟାରେ ଗଛପଡ଼ିଘର ଭାଙ୍ଗିଯାଇଥିଲା। ଏ ନେଇ ସେ ଦର୍ପଣ ତହସିଲରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତହସିଲଦାର ଅଶୋକ କୁମାର ଦାସ ତଦନ୍ତ କରି ରିପୋର୍ଟ ଦେବାକୁ ବାଇଶିମୌଜା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ତହସିଲରେ ଦାଖଲ କରିଛନ୍ତି। ହେଲେ ଅଦ୍ୟାବଧି ଲତିକାଙ୍କୁ ଘର ଭଙ୍ଗା ସହାୟତା ମିଳିପାରି ନାହିଁ। ଲତିକା ଜଣେ ବିଧବା ମହିଳା ହୋଇଥିବାରୁ ଘର ଭଙ୍ଗା ସହିତ ବିଜୁ ପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ଆଶା ରଖିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଘର ଭଙ୍ଗା ଟଙ୍କା ପାଇ ପାରି ନାହାନ୍ତି। ଏ ନେଇ ଦୁଇ ଥର ତହସିଲଦାରଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତଥାପି ସାଢେ ତିନିମାସ ଅତିକ୍ରମ କରିଥିଲେ ମଧ୍ୟ ସହାୟତାରୁ ବଞ୍ଚିତ ହୋଇଥିବା ଲତିକା କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦାସଙ୍କୁ ପଚାରିବାରୁ, ଘର ଭଙ୍ଗା ସହାୟତା ଅର୍ଥରାଶି କେତେଜଣ ଲୋକଙ୍କୁ ଦିଆ ସରିଛି। ଯଦି କେହି ବାକି ଅଛନ୍ତି ତାହାଲେ ନିଶ୍ଚିତ ପାଇବେ ବୋଲି କହିଛନ୍ତି।

ଯୁବକଙ୍କ ମୃତଦେହ ଉଦ୍ଧାର

ଛତିଆ,୨୦।୮(ଡି.ଏନ୍.ଏ)

ବୈରୀ ଥାନା ଅନ୍ତର୍ଗତ ବନ୍ତଲା ପଞ୍ଚାୟତର ବରୀ ଠେଙ୍ଗଡ ଗ୍ରାମ କୋଲସାହି କାଜୁ ବଗିଚା ନିକଟ ପଥର ଛଇ ଭିତରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଛି। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ତେବେ ଉକ୍ତ ଯୁବକଟି ଦୁଇ ତିନି ଦିନ ହେବ ଅଭୟପୁର, କାଇମାଟିଆ, ପଇଦା, ନଳିଦା ଆଦି ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ପ୍ରକାଶ ଯେ, ସକାଳେ ଠେଙ୍ଗଡ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଥିବା ପଥର ଖାଦାନ ଭିତରେ ଉକ୍ତ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ବୈରୀ ଥାନାଧିକାରୀ ନିରଞ୍ଜନ ଶବର, ଏସ୍ଆଇ ବିଶ୍ୱଜିତ୍ ବିଶ୍ୱାଳ, ଏଏସ୍ ଆଇ ଅଯୋଧ୍ୟା ନାୟକ, ହାବିଲଦାର ପ୍ରମୋଦ ସାହୁ, ମୁରଲଧର ନାୟକ, ହୃଷୀକେଶ ପୃଷ୍ଟି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

ଶ୍ରମିକଙ୍କ ଯନ୍ତ୍ରପାତି କ୍ରୟ ବିଲ୍ ସଂଶୋଧନ ଦାବିରେ ଧାରଣା

ଯାଜପୁର ରୋଡ,୨୦।୮(ନି.ପ୍ର.)

ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକଙ୍କ ଯନ୍ତ୍ରପାତି କ୍ରୟ ବିଲ୍ ଉପରେ ବାଣିଜ୍ୟକର ବିଭାଗ ପ୍ରଦାନ କରିଥିବା ତଥ୍ୟର ସଂଶୋଧନ ଦାବିରେ ମଙ୍ଗଳବାର ଉପ ବାଣିଜ୍ୟକର ଆୟୋଗ ଯାଜପୁର ରୋଡ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଶ୍ରମିକ ସଂଘର ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଏଥିରେ ୩୨୨ଜଣ ନିର୍ମାଣ ଶ୍ରମିକ ହିତାଧିକାରୀ ଯନ୍ତ୍ରପାତି ୨ ବର୍ଷଧରି କ୍ରୟକରି ଯାଜପୁର ରୋଡ୍ ଜିଲା ଶ୍ରମ ଦପ୍ତରରେ ବିଲ୍ ପୈଠ କରିଥିଲେ। ଉକ୍ତ ବିଲ୍‌ଗୁଡ଼ିକୁ ଜିଲା ଶ୍ରମବିଭାଗ ଯାଞ୍ଚ ପାଇଁ ବାଣିଜ୍ୟକର ବିଭାଗକୁ ପ୍ରଦାନ କରିଥିଲେ। ବାଣିଜ୍ୟକର ବିଭାଗ କ୍ରୟବିଲ୍ ଉପରେ ଭୁଲ୍ ତଥ୍ୟ ଦେଇଥିବାରୁ ଶ୍ରମବିଭାଗ ହିତାଧିକାରୀଙ୍କର ବିଲ୍ କରି ନାହାନ୍ତି। ଫଳରେ ୩୨୨ଜଣ ଶ୍ରମିକ ଅନୁଦାନରୁ ବଞ୍ଚିତ ହୋଇଛନ୍ତି । ଏହି

ନିଖିଳ ଉତ୍କଳ ଶ୍ରମିକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

ବିଲ୍‌କୁ ପୂର୍ଣ୍ଣ ବିଚାର କରାଯାଇ ଶ୍ରମଆଇନ ଯୋଜନାରେ ଶ୍ରମିକଙ୍କୁ କ୍ରୟ ବାବଦ ସହାୟତା ରାଶି ଯୋଗାଇ ଦେବାପାଇଁ ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଛି। ଖରା ଓ ବର୍ଷାରେ ଶ୍ରମିକମାନେ ଧାରଣା ଦେଇଥିଲେ। ହେଲେ ବାଣିଜ୍ୟକର ବିଭାଗର ଅଧିକାରୀ ଧାରଣା ସ୍ଥଳକୁ ନ ଆସିବାରୁ ଧାରଣାକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ପରମାନନ୍ଦ ସେଠୀ, ଶିବ ପ୍ରସାଦ ନାଥ, ପ୍ରବୀଣ କୁମାର ନାୟକ, କୁନୀ ଓଝା, ସଞ୍ଜୁଲତା ଦାସ୍, ବିଜୟ ବୋଇତେଇ, ପ୍ରଫୁଲ୍ଲ ଜେନା, ଶତ୍ରୁଘନ ମଳିକ, କବିତା ପାତ୍ର, ଲତା ଜେନା, ସୁନିତା ଦାସ ପ୍ରମୁଖ ବହୁ ହିତାଧିକାରୀ ଯୋଗଦେଇଥିଲେ। ଯାଜପୁର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗତ ଫେବୃୟାରୀ ୩୦ତାରିଖରେ ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ହିତାଧିକାରୀଙ୍କ ଅର୍ଥ ପୈଠ ନିଷ୍ପତ୍ତି ନିଆଯାଇଥିଲା। ଶ୍ରମବିଭାଗ ଓ ବାଣିଜ୍ୟକର ବିଭାଗର ଟାଳଟୁଳ ନୀତିଯୋଗୁ ହିତାଧିକାରୀମାନେ ଅର୍ଥ ପାଇବା ପାଇଁ ବଞ୍ଚିତ ହେଉଥିବା ଧାରଣାରେ କୁହାଯାଇଛି। ଏ ଦିଗରେ ସମାଧାନ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିବ। ବୁଧୁବାର ନିର୍ମାଣ ଶ୍ରମିକମାନେ ଉପ ବାଣିଜ୍ୟକର ଆୟୋଗଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ନେଇ ଧାରଣାକାରୀ କହିଛନ୍ତି। ଏ ସମ୍ପର୍କରେ ଉପବାଣିଜ୍ୟକର ଆୟୋଗ ପୂର୍ଣ୍ଣଚନ୍ଦ୍ର ଯେନାଙ୍କୁ ପଚାରିବାରୁ, ନିର୍ମାଣ ଶ୍ରମକଙ୍କ ବିଲ୍‌ଗୁଡିକ ଯାଞ୍ଚ କରିବା ପାଇଁ ଶ୍ରମ ବିଭାଗ ବାଣିଜ୍ୟକର ବିଭାଗକୁ ପଠାଇଥିଲା। ଯାଜପୁର ଟାଉନ ୟୁନିଟି ବିଲ୍‌ଗୁଡିକୁ ଯାଞ୍ଚକରି ତ୍ରୁଟିପୂର୍ଣ୍ଣ ଦର୍ଶାଇ ଶ୍ରମବିଭାଗକୁ ପଠାଇଥିବାରୁ ଶ୍ରମବିଭାଗ ନିର୍ମାଣ ଶ୍ରମିକଙ୍କ ବିଲ୍ ଉପରେ ନିଷ୍ପତ୍ତି ନେବେ। ବାଣିଜ୍ୟକର ବିଭାଗ ଏ ଦିଗରେ କିଛି କରିପାରିବେ ନାହିଁ ବୋଲି କହିଛନ୍ତି।

ଆଲୋଚନା ଜରିଆରେ କଶ୍ମୀର ପ୍ରସଙ୍ଗର ସମାଧାନ କରାଯିବା ଉଚିତ। ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ କରିବା ପାଇଁ ଭାରତ ସରକାର ସକ୍ଷମ ବୋଲି ନେପାଳ ବିଶ୍ୱାସ କରେ।

-ପ୍ରଦୀପ ଗ୍ୟାୱାଲି, ନେପାଳ ବହିର୍ବ୍ୟାପାର ମନ୍ତ୍ରୀ

ବୁଲୁଛନ୍ତି ୪ ଆତଙ୍କବାଦୀ

ନୂଆଦିଲ୍ଲୀ, ୨୦।୮ (ପି.ଟି.)

୩୭୦ ଉଚ୍ଛେଦ ପରେ ଭାରତ– ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଆତଙ୍କବାଦୀ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ନିୟନ୍ତ୍ରଣରେଖା (ଏଲ୍ଓସି)ରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଏହା ସତ୍ତ୍ୱେ ୪ ଆତଙ୍କବାଦୀ ଭାରତକୁ ଅନୁପ୍ରବେଶ କରିଥିବା ଗୋଇନ୍ଦା ରିପୋର୍ଟ ମିଳିଛି। ଆତଙ୍କବାଦୀମାନେ ଭାରତରେ ଆକ୍ରମଣ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ମଧ୍ୟପ୍ରଦେଶ(ଏମ୍‌ପି),

ରାଜସ୍ଥାନ ଓ ଗୁଜରାଟରେ ହାଇଆଲର୍ଟ ଜାରି କରାଯାଇଛି। ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ଏଜେଣ୍ଟଙ୍କ ସହ ୪ ଆଫଗାନ୍ ଆତଙ୍କବାଦୀ ପଶ୍ଚିମ ମଧ୍ୟପ୍ରଦେଶ ଅଞ୍ଚଳରେ ରହିଥିବାରୁ

ଆକ୍ରମଣ ଆଶଙ୍କା: ଏମ୍‌ପି, ରାଜସ୍ଥାନ ଓ ଗୁଜରାଟରେ ହାଇଆଲର୍ଟ

କିଛି ଅଘଟଣ ଆଶଙ୍କାରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସୀମାନ୍ତ ଝାବୁଆ, ଅଲିରାଜପୁର, ଧର୍, ରତ୍‌ଲାମ, ମଣ୍ଡସୌର, ନୀମୁଚ୍ ଓ ଅଗର–ମାଲୱା ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକ୍‌ପୋଷ୍ଟ କରାଯାଇ ତଲାସି ଚାଲିଛି। ରାଜସ୍ଥାନ, ଗୁଜରାଟରୁ ଆସୁଥିବା ଟ୍ରେନଗୁଡ଼ିକର ମଧ୍ୟ ତଲାସି କରାଯାଉଛି।

ସେହିଭଳି ରାଜସ୍ଥାନରେ ହାଇଆଲର୍ଟ ଜାରି କରାଯିବା ସହ ପାକ୍ ସୀମାକୁ ଲାଗିଥିବା ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ଜିଲା ଏସ୍‌ପି ଏଥିଲାଗି ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭାରତ ଭିତରକୁ ପଶି ଆସିଥିବା ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରାଯାଇଥିବାବେଳେ ରେଲଷ୍ଟେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲ ଓ ବିଭିନ୍ନ ଜନବହୁଳ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେଶନ ଜାରିରହିଛି।

ଗୁଜରାଟ– ଏମ୍‌ପି ସୀମା କେତେକ ସ୍ଥାନରେ ସିଲ୍ କରାଯାଇଥିବା ଜଣାପଡ଼ିଛି। ଗୁଜରାଟ ସୀମା ରତନ୍‌ପୁରଠାରେ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ଏହି ୪ ଆତଙ୍କବାଦୀ ସୀମାନ୍ତବର୍ତ୍ତୀ ଜିଲାରେ ଅଘଟଣ ଘଟାଇପାରନ୍ତି ବୋଲି ଗୁଜରାଟ ଏଟିଏସ୍ ପକ୍ଷରୁ ଆଶଙ୍କା କରାଯାଉଛି। ସେଥିଲାଗି ୩ ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପ୍ରକାଶ।

ଏଲ୍ଓସିରେ ଗୁଳିବର୍ଷା: ଯବାନ ଶହୀଦ

ଜମ୍ମୁ, ୨୦।୮ (ପି.ଟି./ଆଇଏଏନ୍ଏସ୍)

ରବିରଞ୍ଜନ କୁମାର ସିଂ

ଜମ୍ମୁ–କଶ୍ମୀରର ପୁଞ୍ଛ ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ପାକିସ୍ତାନୀ ସେନା ପୁଣି ଘନଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରିଛି। ପ୍ରତିପକ୍ଷର ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଥିବାବେଳେ ୪ ଆହତ ହୋଇଛନ୍ତି। ଅସ୍ତ୍ରବିରତି ଉଲ୍ଲଂଘନର କଡ଼ା ଜବାବ ଦେଇଛି ଭାରତୀୟ ସେନା। ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀଙ୍କ ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପୁଞ୍ଛ ଜିଲା କ୍ରିଷ୍ଣାଘାଟି ଓ ମେନ୍ଧାର ସେକ୍ଟରରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ସୀମାପାର ଗୁଳିରେ ନାଏକ ରବିରଞ୍ଜନ କୁମାର ସିଂ ଶହୀଦ ହୋଇଛନ୍ତି। ବିହାରସ୍ଥିତ ରୋହତାସ୍ ଅନ୍ତର୍ଗତ ଗୋପ୍ ବିଘା ଗ୍ରାମର ନିବାସୀ ୩୬ ବର୍ଷୀୟ ରବିରଞ୍ଜନଙ୍କ ସ୍ତ୍ରୀ ରୀତା ଦେବୀ ଅଛନ୍ତି। ରବିରଞ୍ଜନ ଜଣେ ବୀର ଯବାନ ଥିଲେ। ଦେଶ ତାଙ୍କ ତ୍ୟାଗକୁ ସବୁଦିନ ପାଇଁ ମନେରଖିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ସୁରକ୍ଷା ବଳଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ସେନାର ଅନେକ ସୈନ୍ୟ ମୃତାହତ ହୋଇଥିବାବେଳେ କେତେକ ଘାଟି ଧ୍ୱଂସ ହୋଇଯାଇଛି। ସୋମବାର ମଧ୍ୟ ପାକିସ୍ତାନ ରାଜୌରି ଜିଲା ନୌଶେରା ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା।

ଆଜାଦ୍‌ଙ୍କୁ ଜମ୍ମୁରୁ ଦିଲ୍ଲୀ ପଠାଇଦିଆଗଲା

ଜମ୍ମୁ/ନୂଆଦିଲ୍ଲୀ, ୨୦।୮ (ପି.ଟି.)



ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍‌ଙ୍କୁ ମଙ୍ଗଳବାର ଜମ୍ମୁ ବିମାନବନ୍ଦରରେ ଅଟକାଇ ଦିଲ୍ଲୀ ପଠାଇଦିଆଯାଇଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଆଜାଦ୍‌ଙ୍କୁ ଉପତ୍ୟକାରେ ପ୍ରବେଶ କରାଇ ନ ଦେବାରେ ମାସକ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଘଟଣା। ଆଜାଦ୍ ଦିଲ୍ଲୀରୁ ଜମ୍ମୁ ବିମାନବନ୍ଦରରେ ଅପରାହ୍ନ ୨ଟା ୪୫ରେ ପହଞ୍ଚିଥିଲେ। କିନ୍ତୁ ତାଙ୍କୁ ବିମାନବନ୍ଦରରୁ ବାହାରକୁ ଯିବା ପାଇଁ ଅନୁମତି ଦିଆ ନ ଯାଇ ଗୋଏୟାର ବିମାନରେ ଦିଲ୍ଲୀକୁ ୪ଟା ୧୦ରେ ପଠାଇ ଦିଆଯାଇଥିବା ରାଜ୍ୟ କଂଗ୍ରେସ ମୁଖପାତ୍ର ରବୀନ୍ଦ୍ର ଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୮ ତାରିଖରେ ଆଜାଦ୍ ଶ୍ରୀନଗର ଯାଇଥିବାବେଳେ ତାଙ୍କୁ ଅଟକ ରଖି ଦିଲ୍ଲୀ ପଠାଇଦିଆଯାଇଥିଲା। ଅନୁଚ୍ଛେଦ ୩୭୦ ହଟିବା ପରେ ଉପତ୍ୟକାରେ ସ୍ଥିତି ବିଗିଡ଼ିବା ଆଶଙ୍କାରେ ଏପରି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

ଆଇସିଜେ ଯିବ ପାକିସ୍ତାନ

ଇସ୍‌ଲାମାବାଦ, ୨୦।୮ (ପି.ଟି.)- ଜମ୍ମୁ-କଶ୍ମୀରରୁ ଭାରତ ସ୍ୱତନ୍ତ୍ର ପାହ୍ୟା ପ୍ରତ୍ୟାହାର କରିବାର ଦୁଇ ସପ୍ତାହ ପରେ ପାକିସ୍ତାନ ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ଙ୍କ ଦ୍ୱାରସ୍ଥ ହେବାକୁ ଯାଉଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ମଙ୍ଗଳବାର ଏକ ଟିଭି ଚ୍ୟାନେଲ୍‌କୁ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦

ଉଚ୍ଛେଦ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହାର ଦିନକ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏହି ପ୍ରସଙ୍ଗକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି) ସମେତ ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଉଠାଯିବ ବୋଲି ସେଠାକାର ପାର୍ଲାମେଣ୍ଟର ଜରୁରୀ ଅଧିବେଶନରେ କହିଥିଲେ। ପାକିସ୍ତାନର ଅନୁରୋଧକ୍ରମେ ଚାଇନା କଶ୍ମୀର ପ୍ରସଙ୍ଗକୁ ଶୁକ୍ରବାର ୟୁଏନ୍ଏସ୍‌ସିକୁ ଟାଣିଥିଲା। ସେଠାରେ ଅନୌପଚାରିକ ଆଲୋଚନା ବେଳେ ପାକିସ୍ତାନକୁ ଚାଇନା ବ୍ୟତୀତ କୌଣସି ରାଷ୍ଟ୍ର ସମର୍ଥନ କରି ନ ଥିଲେ। ଫଳରେ ଏବେ ଆଇସିଜେରେ ଫେରାଦ ହେବା ପାଇଁ ପାକିସ୍ତାନ ପ୍ରସ୍ତୁତ ହେଉଛି।

■ ସୁପ୍ରିମକୋର୍ଟରେ ଅନୁଚ୍ଛେଦ ୩୭୦ ରଦ୍ଦ ମାମଲା

ପିଟିଶନ ବିରୋଧରେ କ୍ୟାଭିଟ୍ ଦାଖଲ

ନୂଆଦିଲ୍ଲୀ, ୨୦।୮ (ଆଇଏଏନ୍ଏସ୍)

ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ୬ ଜଣ ଅବସରପ୍ରାପ୍ତ ପ୍ରଶାସନିକ ଓ ସେନା ଅଧିକାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବା ବେଳେ ଏହା ବିରୋଧରେ କଶ୍ମୀରୀ ପଣ୍ଡିତମାନଙ୍କର ଏକ ସଂଗଠନ ମଙ୍ଗଳବାର କ୍ୟାଭିଟ୍ ଦାଖଲ କରିଛି। କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ରୁଟ୍ସ ଇନ୍ କଶ୍ମୀର (ଆର୍ଆଇକେ) ଆଇନଜୀବୀ ବିମଲ ରାୟ ଜାଦ୍‌ଙ୍କ ଜରିଆରେ ସୁପ୍ରିମକୋର୍ଟରେ ଏହି କ୍ୟାଭିଟ୍ ଦାଖଲ କରିଛି। ଶୁଣାଣିରେ ସେମାନଙ୍କୁ ସାମିଲ ନ କରି ପିଟିଶନ ଉପରେ କୌଣସି ରାୟ ପ୍ରଦାନ ନ କରିବାକୁ ଉକ୍ତ ସଂଗଠନ ଅନୁରୋଧ କରିଛି। ସୂଚନାଯୋଗ୍ୟ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ଅବସରପ୍ରାପ୍ତ ଏୟାର ଭାଇସ୍ ମାର୍ଶାଲ କପିଲ କାକ୍, ଅବସରପ୍ରାପ୍ତ ମେଜର ଜେନେରାଲ ଅଶୋକ କୁମାର ମେହେଟ୍ଟା, ପୂର୍ବତନ ଆଇଏଏସ୍ ଅଫିସର ହିନ୍ଦାଲ ହାଇଦର ତୟାବ୍‌ଜୀ, ଅମିତାଭ ପାଣ୍ଡେ, ଗୋପାଳ ପିଲାଇ ଏବଂ ଜମ୍ମୁ–କଶ୍ମୀର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମଧ୍ୟସ୍ଥ କମିଟିର ପୂର୍ବତନ ସଦସ୍ୟ ରାଧା କୁମାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

ଉଚ୍ଛୁଳିଲା ଯମୁନା: ୧୦ ହଜାର ସ୍ଥାନାନ୍ତର

ନୂଆଦିଲ୍ଲୀ/ସିମ୍ଲା/ ଥିରୁଭାନନ୍ତପୁରମ୍, ୨୦।୮ (ପି.ଟି.)

ଦିଲ୍ଲୀରେ ଯମୁନା କମିବାର ନାଁ ନେଉନାହିଁ। ଏହା ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ରିଲିଫ କ୍ୟାମ୍ପରେ ପ୍ରପୀଡ଼ିତଙ୍କୁ ରଖାଯାଇ ଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

ଉତ୍ତର ଭାରତରେ ବନ୍ୟା ପ୍ରକୋପ ଜାରି ରହିଥିବାବେଳେ କେବଳ ହିମାଚଳ ପ୍ରଦେଶରେ ୬୩ ଜଣ ପ୍ରାଣ ହରାଇଥିବା ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ମଙ୍ଗଳବାର ବିଧାନସଭାରେ ସୂଚନା ଦେଇଛନ୍ତି। ଲଗାଣ ବର୍ଷାଜନିତ ବନ୍ୟା ଯୋଗୁ ରାଜ୍ୟରେ ୬୨୫ କୋଟି ଟଙ୍କାର କ୍ଷତି ହୋଇଥିବା ସେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଗୃହରେ କହିଛନ୍ତି। ବନ୍ୟା ଦ୍ୱାରା ବହୁ ରାସ୍ତା ସହ ୧ ହଜାରରୁ ଊର୍ଦ୍ଧ୍ୱ ପୋଲ କ୍ଷତିଗ୍ରସ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି।

ବନ୍ୟା ପ୍ରକୋପରେ ରାଜ୍ୟବାସୀ ସନ୍ତୁଳି ହେଉଥିବାବେଳେ କେରଳର ଏକ ୩୦ଜଣିଆ ଫିଲ୍ମ ଟିମ୍ ସେଠାରେ ଫସିଯାଇଥିବା ଜଣାପଡ଼ିଛି। ଲୋକପ୍ରିୟ ଅଭିନେତ୍ରୀ ମଞ୍ଜୁ ୱାରିୟର ମଧ୍ୟ ସେମାନଙ୍କ ମଧ୍ୟରେ ରହିଛନ୍ତି। ହିମାଚଳ ପ୍ରଦେଶର ଏକ ଉପାନ୍ତ ଗ୍ରାମରେ ସେମାନେ ଫସି ରହିଛନ୍ତି।

■ହିମାଚଳ ବନ୍ୟା ମୃତ୍ୟୁସଂଖ୍ୟା ୬୩

■ଫସିଛନ୍ତି କେରଳ ଅଭିନେତ୍ରୀଙ୍କ ସହ ୩୦ ଜଣିଆ ଟିମ୍

ସାଟେଲାଇଟ୍ ଫୋନ୍ ଯୋଗ ଅଭିନେତ୍ରୀ ତାଙ୍କ ଘରକୁ ଜଣାଇବା ପରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରାଲିଧରନ୍‌ଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗକ୍ରମେ ସେମାନଙ୍କୁ ଉଦ୍ଧାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଉତ୍ତରାଖଣ୍ଡରେ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ବନ୍ୟାକ୍ଲିଷ୍ଟ ଅଞ୍ଚଳ ବୁଲି ରିଲିଫ ଅପରେଶନର ତଦାରଖ କରିଛନ୍ତି। ଭାରତୀୟ ବାୟୁସେନା ବିମାନରେ ଖାଦ୍ୟ ପୁଡ଼ିଆ, କମ୍ବଳ, ପିଇବା ପାଣି, ଔଷଧ ଆଦି ପ୍ରପୀଡ଼ିତଙ୍କୁ ଯୋଗାଯାଉଥିବା ଜଣାପଡ଼ିଛି। ଗୁଜରାଟରେ ନର୍ମଦା ଡ୍ୟାମ୍‌ରେ ଜଳସ୍ତର ବଢ଼ିବାରେ ଲାଗିଛି।

ଗିରିରାଜଙ୍କୁ ବିରୋଧୀଙ୍କ ଚ୍ୟାଲେଞ୍ଜ

ପିଓକେ ଦଖଲ କର

ନୂଆଦିଲ୍ଲୀ, ୨୦।୮ (ଆଇଏଏନ୍ଏସ୍)

କଥା କଥାକେ ଲୋକଙ୍କୁ ପାକିସ୍ତାନ ପଠାଇବା ପାଇଁ କହୁଥିବା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ବିହାରର ବିରୋଧୀ ଦଳଗୁଡ଼ିକ ଚ୍ୟାଲେଞ୍ଜ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ଗିରିରାଜ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ମନ୍ତବ୍ୟ ଦେବା ପରିବର୍ତ୍ତେ ନିୟନ୍ତ୍ରଣରେଖା ଅତିକ୍ରମ କରି ପିଓକେ ଦଖଲ କରନ୍ତୁ ବୋଲି ବିରୋଧୀ କହିଛନ୍ତି। ଗିରିରାଜ ମଙ୍ଗଳବାର ପିଓକେ ସମ୍ପର୍କରେ ଏକ ଟୁଇଟ୍ କରିଥିଲେ। ଉକ୍ତ ପୋଷ୍ଟରେ ସେ ଲେଖିଥିଲେ, ଜୟ କଶ୍ମୀର, ଜୟ ଭାରତ, ଅବ୍‌କୀ ବାର୍ ଉସ୍ ପାର୍। କଂଗ୍ରେସ ନେତା ପ୍ରେମଚନ୍ଦ୍ ମିଶ୍ର ଏବଂ ଆର୍‌ଜେଡି ନେତା ବିଜୟ ପ୍ରକାଶ ଯାଦବ ଏହାକୁ ନେଇ କହିଛନ୍ତି, ଗିରିରାଜଙ୍କ ସତ୍‌ସାହସ ଥିଲେ ପିଓକେ ଯିବା ପାଇଁ କିଏ ରୋକୁଛି। କେନ୍ଦ୍ର ସରକାର ଏନେଇ ନିଷ୍ପତ୍ତି ନିଅନ୍ତୁ ।

କମଳନାଥଙ୍କ ପୁତୁରା ଗିରଫ

ନୂଆଦିଲ୍ଲୀ, ୨୦।୮ (ପି.ଟି.)

ରାତୁଲ ପୁରୀ

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁତୁରା ତଥା ବିଶିଷ୍ଟ ବ୍ୟବସାୟୀ ରାତୁଲ ପୁରୀଙ୍କୁ ସୋମବାର ରାତିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ୩୫୪ କୋଟି ଟଙ୍କା ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ସମ୍ପୃକ୍ତି ନେଇ ତାଙ୍କୁ ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍ଏଲ୍ଏ)ରେ ଗିରଫ କରାଯାଇଥିବା ଜଣେ ଅଧିକାରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ପୂର୍ବରୁ ଇଡି ତାଙ୍କୁ ସମନ ଜାରି କରିଥିଲା।

ବ୍ୟାଙ୍କ ଋଣ ଦୁର୍ନୀତି ନେଇ ରାତୁଲଙ୍କ ଘର ଓ କାର୍ଯ୍ୟାଳୟ ସମେତ ତାଙ୍କ ବାପା ତଥା ମୋସେର ବାଏର୍ କମ୍ପାନୀର ପ୍ରମୋଟର ଦୀପକ ପୁରୀ, ମାଆ ନୀତା ପୁରୀ ଓ ଅନ୍ୟମାନଙ୍କ ଘର ଉପରେ ସିବିଆଇ ଚଢ଼ାଉ କରିବା ପରେ ଗତ ୧୮ ତାରିଖରେ ମାମଲା ରୁଜୁ କରିଥିଲା। ମନିଲଣ୍ଡରିଂକୁ ନେଇ ଇଡି ମାମଲା ରୁଜୁ କରିବା ସହ ରାତୁଲଙ୍କୁ ଗିରଫ କରିଛି। ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ମଧ୍ୟ ତାଙ୍କ ବିରୋଧରେ ତଦନ୍ତ ଚାଲିଛି।

■ ହତ୍ୟା ଉଦ୍ୟମ ମାମଲା

ଛୋଟା ରାଜନ୍‌ଙ୍କୁ ୮ ବର୍ଷ ଜେଲ୍

ମୁମ୍ବାଇ, ୨୦।୮ (ପି.ଟି.): ଏକ ହତ୍ୟା ଉଦ୍ୟମ ମାମଲାରେ ଗ୍ୟାଙ୍ଗଷ୍ଟର ଛୋଟା ରାଜନ୍ ଓ ଅନ୍ୟ ୫ ଜଣଙ୍କୁ ୮ ବର୍ଷ ଜେଲ୍‌ଦଣ୍ଡ ମିଳିଛି। ୨୦୧୨ରେ ଏହି ଗ୍ୟାଙ୍ଗଷ୍ଟର ଏକ ହୋଟେଲ୍‌ର ମାଲିକଙ୍କୁ ହତ୍ୟା ଉଦ୍ୟମ କରିଥିବା ନେଇ ମାମଲା ଦାଏର ହୋଇଥିଲା। ସ୍ୱତନ୍ତ୍ର କୋର୍ଟର ବିଚାରପତି ଏ.ଟି. ୱାଙ୍ଖେଡେ ମକୋକା ଏବଂ ଭାରତୀୟ ପେନାଲ କୋଡ୍‌ର ବିଭିନ୍ନ ଧାରାରେ ୬ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ୮ ବର୍ଷ ଜେଲ୍ ସମେତ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ହୋଟେଲ ବ୍ୟବସାୟୀ

ବି.ଆର୍. ସେଟ୍ଟୀ ୨୦୧୨ ଅକ୍ଟୋବରରେ ତାଙ୍କର ଜଣେ ବନ୍ଧୁଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ଅନ୍ଧେରିଠାରେ ତାଙ୍କୁ ଗୁଳି କରାଯାଇଥିଲା। ଏହି ମାମଲାରେ ନିତ୍ୟାନନ୍ଦ ନାୟକ, ସେଲଭିନ ଡାନିଏଲ, ରୋହିତ ଥାଙ୍ଗାପ୍ପାନ ଜୋସେଫ ଓରଫ ସତୀଶ କାଲିଆ, ଦିଲୀପ ଉପାଧ୍ୟାୟ ଏବଂ ତଲଭିନ୍ଦର ସିଂ ଦଣ୍ଡିତ ହୋଇଛନ୍ତି।

କ୍ଷମା ମାଗିଲେ ଜାକିର ନାଏକ

କୁଆଲାଲମ୍ପୁର, ୨୦।୮

ମାଲେସିଆରେ ରହୁଥିବା ବିବାଦୀୟ ଭାରତୀୟ ଇସ୍‌ଲାମ ଧର୍ମ ପ୍ରଚାରକ ଜାକିର ନାଏକ ତାଙ୍କର ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ପାଇଁ ମଙ୍ଗଳବାର କ୍ଷମା ମାଗିଛନ୍ତି। ତେବେ ସେ ଜାତିବାଦୀ ନୁହନ୍ତି ବୋଲି କହିଛନ୍ତି। ସମାଲୋଚକମାନେ ତାଙ୍କ ମନ୍ତବ୍ୟର ଭୁଲ୍ ତଥ୍ୟ ଉପସ୍ଥାପନ କରିଛନ୍ତି। କୌଣସି ଧର୍ମ କିମ୍ବା ବ୍ୟକ୍ତିବିଶେଷଙ୍କୁ ଅସନ୍ତୁଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ ବୋଲି ଜାକିର କହିଛନ୍ତି।

ସର୍ବସାଧାରଣରେ ତାଙ୍କର ବକ୍ତବ୍ୟ ଉପରେ ମାଲେସିଆ ପୋଲିସ ନିଷେଧାଦେଶ ଲଗାଇବା ସହ ସୋମବାର ୧୦ ଘଣ୍ଟା ଜେରା କରିଥିଲା। ଭାରତରେ



ତାଙ୍କ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଓ ମନିଲଣ୍ଡରିଂ ମାମଲାର ବିଚାର ଚାଲିଥିବାବେଳେ ସେ ମାଲେସିଆ ପଳାଇଥିଲେ। ସେଠାରେ ସେ ଜାତିଆଣ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଛନ୍ତି। ଭାରତର ସଂଖ୍ୟାଲଘୁ ମୁସଲମାନଙ୍କ ତୁଳନାରେ ମାଲେସିଆରେ ହିନ୍ଦୁମାନଙ୍କର ଅଧିକାର ୧୦୦ ଗୁଣ ଅଧିକ ବୋଲି

ବିବାଦୀୟ ମନ୍ତବ୍ୟ

ସର୍ବସାଧାରଣରେ ଭାଷଣ ଦେଇପାରିବେ ନାହିଁ

ଜାକିର ମନ୍ତବ୍ୟ ଦେଇଥିଲେ। ଜାତି ଓ ଧର୍ମ ମାଲେସିଆରେ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସେଠାର ୬୦ ପ୍ରତିଶତ ଲୋକ ମୁସଲମାନ ହୋଇଥିଲାବେଳେ ଅବଶିଷ୍ଟ ଚାଇନା ଓ ଭାରତୀୟ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁ। ପ୍ରକାଶ ଯେ, ଜାକିରଙ୍କ ନାଗରିକତ୍ୱ ରଦ୍ଦ ପାଇଁ ମାଲେସିଆର ୫ କ୍ୟାବିନେଟ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦଙ୍କୁ ପତ୍ର ଲେଖିଥିଲେ।

■ ୟେଦ୍ଦୁରପ୍ପାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ଶପଥ ନେଲେ ୧୭ ମନ୍ତ୍ରୀ

ବେଙ୍ଗାଲୁରୁ, ୨୦।୮ (ପି.ଟି.)

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ବି.ଏସ୍. ୟେଦୁରପ୍ପା ଶପଥ ନେବାର ୩ ସପ୍ତାହ ପରେ ମଙ୍ଗଳବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ସେ ୧୭ ଜଣ ମନ୍ତ୍ରୀଙ୍କୁ ତାଙ୍କ କ୍ୟାବିନେଟରେ ସ୍ଥାନ ଦେଇଛନ୍ତି। ରାଜଭବନ ପରିସରରେ ରାଜ୍ୟପାଳ ବଜୁଭାଇ ଭାଲା ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ନୂଆ ମନ୍ତ୍ରୀମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ଶେଟ୍ଟାର, ଦୁଇ ପୂର୍ବତନ ଉପମୁଖ୍ୟମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପା, ଆର୍. ଅଶୋକ, ସ୍ୱାଧୀନ ବିଧାୟକ ଏଚ୍. ନାଗେଶ୍, ଲକ୍ଷ୍ମଣ ସାଙ୍ଗାପ୍ପା ସଭାଡି ଏବଂ ବିଧାନ ପରିଷଦ ସଦସ୍ୟ କୋଟା ଶ୍ରୀନିବାସ ପୂଜାରୀ। ସଭାଡି ବିଧାନସଭା କିମ୍ବା ବିଧାନ ପରିଷଦର ସଦସ୍ୟ ନାହାନ୍ତି। ଜେ.ସି. ମଧୁ ସ୍ୱାମୀ ଭୁଲ୍‌ବଶତଃ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ବାରମ୍ବାର ତାଙ୍କର ତୁଣ୍ଡ ଖସିବା ଘଟଣାରେ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ହସିବା ସହ ତାଙ୍କୁ କୁଣ୍ଢାଇ ଧରିଥିଲେ।

ଭୁଲରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ମଧୁ ସ୍ୱାମୀ

୩ ରାଜ୍ୟକୁ ୪,୪୩୨ କୋଟି ସହାୟତା ମଞ୍ଜୁର

ନୂଆଦିଲ୍ଲୀ, ୨୦।୮ (ପି.ଟି.)

ଓଡ଼ିଶା, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶରେ ଗତ ଆର୍ଥିକ ବର୍ଷରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତି ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର ୪,୪୩୨ କୋଟି ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଓଡ଼ିଶାକୁ ୩,୩୩୮.୨୨ କୋଟି, କର୍ଣ୍ଣାଟକକୁ ୧୦୨୯.୩୯ କୋଟି ଓ ହିମାଚଳ ପ୍ରଦେଶକୁ ୬୪.୪୯ କୋଟି ଅତିରିକ୍ତ ଟଙ୍କା ମଞ୍ଜୁର କରିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

୭୫% ଲିଭର ନଷ୍ଟ ସ୍ୱୀକାର କଲେ ବିଗ୍ ବି

ମୁମ୍ବାଇ: ମେଗାଷ୍ଟାର ଅମିତାଭ ବଚ୍ଚନଙ୍କର ୭୫ ପ୍ରତିଶତ ଲିଭର ନଷ୍ଟ ହୋଇଯାଇଥିବା ସେ ସ୍ୱୀକାର କରିଛନ୍ତି। ଏକ ଘରୋଇ ଟିଭି ଚ୍ୟାନେଲ୍‌ର 'ସ୍ୱାସ୍ଥ୍ୟ ଇଣ୍ଡିଆ ଲଞ୍ଚ୍'ରେ ଯୋଗଦେଇ ବିଗ୍ ବି କହିଲେ, ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କରେ ସବୁବେଳେ କହିଆସିଛି। କାରଣ ଅନ୍ୟମାନେ ବି ନିଜର ରୋଗର ଲକ୍ଷଣ ଚିହ୍ନଟ କରି ସ୍ୱାସ୍ଥ୍ୟ ସଚେତନ ହୁଅନ୍ତୁ। ମୁଁ ଟିବି, ହେପାଟାଇଟିସ୍ ବି'ରୁ ବର୍ତ୍ତିବା ସହିତ ମୋର ଦୂଷିତ ରକ୍ତ ବଦଳାଯାଇଛି ଏବଂ ୭୫ ପ୍ରତିଶତ ଲିଭର ନଷ୍ଟ ହୋଇଯାଇଛି। ତଥାପି ୨୫ ପ୍ରତିଶତ ଲିଭର ପାଇଁ ବଞ୍ଚିରହିଛି।'

୭୬ବର୍ଷୀୟ ଅମିତାଭ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା ଅଭିଯାନରେ ଯୋଗଦେଇ



ଲୋକଙ୍କୁ ରୋଗ ପରୀକ୍ଷା କରାଇନେଇ ଚିକିତ୍ସା କରିବାକୁ ପରାମର୍ଶ ଦେଇଥାଆନ୍ତି। ଏପରି କି ତାଙ୍କୁ ଟିବି ହୋଇଥିବା ବିଷୟ ୮ବର୍ଷ ପର୍ଯ୍ୟନ୍ତ ଜାଣିପାରି ନ ଥିଲେ ବୋଲି ସ୍ୱୀକାର କରିଛନ୍ତି।

ଇତିହାସର ଆଇନାରେ

ଅଗଷ୍ଟ ୨୧ର ପ୍ରମୁଖ ଘଟଣା

୧୯୯୪ ଅଗଷ୍ଟ ୨୧ରେ ରୟାଲ ଏୟାର ମରକ୍କୋ ଫ୍ଲାଇଟ ୬୩୦ ମରକ୍କୋର ଡୋଉଆର ଇଜୋଉନାଇନ୍‌ରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୪ ବିମାନ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

୨୦୧୩ ଅଗଷ୍ଟ ୨୧ରେ ସିରିଆର ଘୋଉଟା ଅଞ୍ଚଳରେ ରାସାୟନିକ ଆକ୍ରମଣ ଯୋଗୁ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଥିଲା। ସିରିଆ ଗୃହଯୁଦ୍ଧ ବେଳେ ଏହି ଆକ୍ରମଣ କରାଯାଇଥିଲା। ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ରହିଥିବା ଦାମାସ୍କସ୍‌ର ସହରତଳି ଅଞ୍ଚଳରେ ରାସାୟନିକ ଆକ୍ରମଣ ଯୋଗୁ ପାଖାପାଖି ୧୮୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

'କୁଲି ନମ୍ବର-୧'ରେ ରଜତ ରାୱଲ

ମୁମ୍ବାଇ: 'ବଡିଗାର୍ଡ'ରେ ହାସ୍ୟ ଅଭିନୟ କରି ଦର୍ଶକଙ୍କ ମନରେ ଗଭୀର ଛାପ ପକାଇଥିବା ଅଭିନେତା ରଜତ ରାୱଲ ପୁଣିଥରେ ବରୁଣ ଧାୱନଙ୍କ ଅଭିନୀତ 'କୁଲି ନମ୍ବର-୧'ରେ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ବରୁଣ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ମେସେଜ୍ ଟୁଇଟ କରି ଲେଖିଛନ୍ତି, 'ପ୍ରିୟ କଳାକାର ରଜତଙ୍କ ସହ କାମ କରିବାର ସୁଯୋଗ ମିଳିଛି।' ଏଥିସହିତ ସେ ଏକ ଫଟୋଗ୍ରାଫ୍ ମଧ୍ୟ ଶେୟାର କରିଛନ୍ତି ଯେଉଁଥିରେ ଉଭୟ ହସୁଥିବାର ଦେଖିବାକୁ ମିଳୁଛି। ଉକ୍ତ ଫିଲ୍ମ ଡାଭିଡ ଧାୱନଙ୍କ ୧୯୯୫ ହିଟ୍ ଫିଲ୍ମ 'କୁଲି ନମ୍ବର–୧'ର ଦ୍ୱିତୀୟ ଭାଗ। ମୂଳ ଫିଲ୍ମରେ କରିସ୍ମା କପୁର ଓ ଗୋବିନ୍ଦା ଅଭିନୟ କରିଥିବାବେଳେ ନୂଆ ଫିଲ୍ମରେ ବରୁଣ ଏବଂ ସାରା ଅଲି ଖାନ୍ ଅଭିନୟ କରୁଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି ପରେଶ ରାୱଲ, ରାଜପାଲ ଯାଦବ ଏବଂ ଜାଭେଦ ଜାଫରି।

ସଂକ୍ଷେପରେ

ବିଶ୍ୱ ଫଟୋଗ୍ରାଫି ଦିବସରେ ଚାରାରୋପଣ

ବାଲିକୁଦା,୨୦।୮(ସ୍ୱ.ପ୍ର.): ବାଲିକୁଦା ହାଟଗଡ଼ାସ୍ଥିତ ଶିବମ ଷ୍ଟୁଡିଓ ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଛି। ଏହି ଅବସରରେ ରାସ୍ତା ପାର୍ଶ୍ୱ ସଫେଇ କରାଯିବା ସହିତ ସ୍ୱଚ୍ଛତା ଉପରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। କେହି ବାହାରେ ଶୌଚ ନ ଯିବାକୁ ପରାମର୍ଶ ଦିଆଯିବା ସହିତ ନିଜ ଘରେ ପାଇଖାନା ନିର୍ମାଣ କରି ଏହାକୁ ବ୍ୟବହାର କରିବାକୁ କୁହାଯାଇଥିଲା। ଏହି ଅବସରରେ ଷ୍ଟୁଡିଓ ପ୍ରତିଷ୍ଠାତା ମାନସ ମଲ୍ଲିକଙ୍କ ନେତୃତ୍ୱରେ ରାସ୍ତାର ଉଭୟ ପାର୍ଶ୍ୱରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ସୂର୍ଯ୍ୟକାନ୍ତ ମହାନ୍ତି, ବିରୁପାକ୍ଷ ସାହୁ, ସୁଧିର ଗୋଚ୍ଛାୟତ, ଭରତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ଶିକ୍ଷକଙ୍କ ସ୍ମୃତିସଭା

ବାଲିକୁଦା,୨୦।୮(ସ୍ୱ.ପ୍ର.): ଥାଇଲୋସ୍ଥିତ ଚମ୍ପେଶ୍ୱର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଦେବେନ୍ଦ୍ରନାଥ ମିଶ୍ରଙ୍କ ଏକାଦଶାହରେ ମଙ୍ଗଳବାର ତାଙ୍କ ବାସଭବନରେ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ପୂଜ୍ୟପୂଜା ସଂସଦ ସଭାପତି କୈଳାସ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଜିଲା ମାଧମିକ ଶିକ୍ଷକ ସଂଘ ପୂର୍ବତନ ସଭାପତି ନିରଞ୍ଜନ ପଣ୍ଡା, ସଂସଦ ସମ୍ପାଦକ ଅରୁଣ ମହାନ୍ତି, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସରପଞ୍ଚ ଯତୀନ ପରିଡା, ସମିତିସଭ୍ୟ ପ୍ରଫୁଲ୍ଲ ବାହାଲିଆ, ବ୍ଲକ ଓଷ୍ଟା ସଂଘ ସଭାପତି ନିହାର ରଞ୍ଜନ ନାୟକ, ସମ୍ପାଦକ ସ୍ୱେତକୁମାର ସ୍ୱାଇଁ, ଜିଲ୍ଲା ସଂଘ ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ଜିଲା ସଂଘ କାର୍ଯ୍ୟକାରୀ ସଭ୍ୟ ନାରାୟଣ ସାହୁ, ଅନିଲ କୁମାର ଜେନା, ଜିଲ୍ଲା ସମ୍ପାଦକ ନାରାୟଣ ବାରିକ, ରାଜ୍ୟ ସଂଘ କାର୍ଯ୍ୟକାରୀ ସଦସ୍ୟ ଅତୁଲ ବିକ୍ରମ ପ୍ରଧାନ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

ଶଟ୍ ସର୍କିଟରୁ ଜଳିଗଲା ୩ ବଖରା

ଏରସମା,୨୦।୮(ସ୍ୱ.ପ୍ର.): ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତସ୍ଥିତ ବଡ଼ବେଲାରୀ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ୍ ଶଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଶଙ୍କର୍ଷଣ ବିଜୁଳିଙ୍କ ୩ ବଖରା ପୋଡ଼ିଯାଇଛି। ପରିବାର ଲୋକେ ବାଡ଼ିପଟେ ଥିବାବେଳେ ହଠାତ୍ ଘର ଜଳି ଉଠିଥିଲା। ଏହାଦେଖି ସେମାନେ ଡାକ ପକାଇଥିଲେ। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ସଫଳ ହୋଇ ନ ଥିଲେ। ନିଆଁରେ ଘରର ଆସବାବପତ୍ର, ଦରକାରୀ କାଗଜପତ୍ର, ଧାନ, ଚାଉଳ ଆଦି ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଶଙ୍କର୍ଷଣ ରାମତରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଛନ୍ତି।

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା

ଏରସମା,୨୦।୮(ସ୍ୱ.ପ୍ର.): ଏରସମା ବ୍ଲକ ସଦରମହକୁମାରେ ମଙ୍ଗଳବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ରବ ପରିକ୍ରମା ଅନୁଷ୍ଠିତ ହୋଇଛି। ସହପ୍ରତିରତିକ ନିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ନିତ୍ୟାନନ୍ଦ ସ୍ୱାଇଁ, ଅତୁଲ ତ୍ରିପାଠୀ, ବାବାଜୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନ ବୃତାନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଲକ୍ଷ୍ମୀଧର ଛାଟୋଇ ସଂକୀର୍ତ୍ତନ ପରିବେଷଣ କରିବା ପରେ ସଭା ଆରମ୍ଭ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ଚିନ୍ମୟ ମହାନ୍ତି, ସୌଭାଗ୍ୟ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ମହେଶ୍ୱର ସ୍ୱାଇଁ ପ୍ରମୁଖ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ବାଇକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

ବଡ଼ମ୍ବା,୨୦।୮(ଡି.ଏନ.ଏ.): ବଡ଼ମ୍ବା ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବ୍ଲକ ଅନ୍ତର୍ଗତ ରଗଡ଼ିପଡ଼ା ଗ୍ରାମର ଶ୍ରୀଧର ମଲ୍ଲିକ। ଗୁରୁତର ଦ୍ୱୟ ହେଲେ ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ସୁନୀଲ ବାରିକ ଏବଂ ରଘୁନାଥ ବାରିକ। ଉଭୟଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

ଗୋପାଳକଙ୍କୁ ପର୍ଯ୍ୟାପ୍ତ ଋଣ ପ୍ରଦାନ କର

ଜଗତ୍‌ସିଂହପୁର ଅଫିସ,୨୦।୮

- କର୍ମଶାଳାରେ ବ୍ୟାଙ୍କଗୁଡିକୁ ଜିଲାପାଳଙ୍କ ନିର୍ଦ୍ଦେଶ
- ଖିଲାପ କଲେ ଫେରାଇ ନିଆଯିବ ଜମାରାଶି
- ବର୍ଷକରେ ବ୍ୟାଙ୍କ ଅତିକମ୍‌ରେ ୧ ଉଦ୍ୟୋଗୀ ସୃଷ୍ଟି କରୁ

ଗୋପାଳନ ତଥା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଜଗତ୍‌ସିଂହପୁର ଜିଲାର ଚାଷୀମାନଙ୍କ ସୁନାମ ରହିଛି। ସରକାର ମଧ ଗୋପାଳକଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରିହାତି ଯୋଗାଇ ଦେଉଛନ୍ତି। ମାତ୍ର ବ୍ୟାଙ୍କଗୁଡିକର ଅସହଯୋଗ ପାଇଁ ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଆବଶ୍ୟକ ସମୟରେ ଋଣ ପ୍ରଦାନ କରିବାକୁ ବ୍ୟାଙ୍କଗୁଡିକ କୁଣ୍ଠାବୋଧ କରୁଛନ୍ତି। ତେଣୁ ବ୍ୟାଙ୍କଗୁଡିକ ଏ କ୍ଷେତ୍ରରେ ଦାୟିତ୍ୱବାନ ହେବାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଦୁଗ୍ଧ ଉଦ୍ୟୋଗ ବିକାଶ ଯୋଜନା ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଲେ ଯେ, ବ୍ୟାଙ୍କଗୁଡିକରେ କୋଟି କୋଟି ଟଙ୍କାର ସରକାରୀ ଅର୍ଥ ଜମା ରହିଛି। ଯେଉଁ ବ୍ୟାଙ୍କ ଋଣ ଦେବାରେ ବିଳମ୍ବ କରିବ ୧ ମାସ ଭିତରେ ସରକାରୀ ଜମା ରାଶି ଉଠାଇ ନିଆଯାଇ ଅନ୍ୟ ବ୍ୟାଙ୍କରେ ଜମା କରାଯିବ। ପ୍ରତି ବ୍ୟାଙ୍କ ବର୍ଷକରେ ଅତି କମ୍‌ରେ ଜଣେ ଲେଖାଏ ଉଦ୍ୟୋଗୀ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ନାବାର୍ଡ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ଦୁଗ୍ଧ ଉତ୍ପାଦନ, ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍, ମୂଲ୍ୟଯୁକ୍ତ ଦୁଗ୍ଧ ଉତ୍ପାଦ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ କ୍ଷେତ୍ରରେ ମିଳିତ ଉଦ୍ୟମ ନ ହେଲେ ସଫଳତା ମିଳିପାରିବ ନାହିଁ ବୋଲି କୁହାଯାଇଥିଲା। ଜିଲାପାଳ ଉପସ୍ଥିତ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ୨୦୧୭-୧୮ରୁ ୨୦୧୯-୨୦ ମଧ୍ୟରେ ଗୋପାଳନ ନିମନ୍ତେ କେତେ ଋଣ ଦିଆଯାଇଛି ପଚାରି ବୁଝିଥିଲେ। ବ୍ୟାଙ୍କଗୁଡିକ ସନ୍ତୋଷଜନକ ଋଣ ଦେଇ ନ ଥିବା ଜଣାପଡିଥିଲା। ୨ଟି ବ୍ୟାଙ୍କକୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଙ୍କ ଏ କ୍ଷେତ୍ରରେ ଆନ୍ତରିକତା ପ୍ରକାଶ କରି ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଜିଲାରେ ୯୦% ଗୋପାଳନ ପ୍ରକଳ୍ପ ସଫଳ ହୋଇଥିବାବେଳେ ବ୍ୟାଙ୍କଗୁଡିକ ଲୋକଙ୍କ ଆର୍ଥିକ ବିକାଶ ପାଇଁ ଚିନ୍ତା ନ କରିବା ଆଶ୍ଚର୍ଯ୍ୟର କଥା ବୋଲି ସେ କହିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ୟୁକୋ ବ୍ୟାଙ୍କ ଏକ ଅଗ୍ରଣୀ ବ୍ୟାଙ୍କ ହୋଇ

ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

ମଧ ଋଣ ଦେଉ ନ ଥିବାରୁ ଆବଶ୍ୟକ ହେଲେ ଏହାକୁ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ। ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ବିଶ୍ୱଭୂଷଣ ମହାନ୍ତି କର୍ମଶାଳା ପରିଚାଳନା କରିବା ସହ କହିଲେ ଯେ, ଭାରତ ପୃଥିବୀରେ ଦୁଗ୍ଧ ଉତ୍ପାଦନରେ ୧ ନମ୍ବର ଦେଶ। ୨୦% ଦୁଗ୍ଧଜାତ ଦ୍ରବ୍ୟ ବିଦେଶକୁ ରପ୍ତାନୀ ହୁଏ। ବାଲିକୁଦା ବ୍ଲକରେ ଦୁଗ୍ଧ ଉଦ୍ୟୋଗ ବିକାଶ ପାଇଁ ଉପଯୁକ୍ତ ସୁବିଧା ରହିଛି। ଋଣ ପ୍ରଦାନ କ୍ଷେତ୍ରରେ ସାଧାରଣ ବର୍ଗର ଚାଷୀଙ୍କ ପାଇଁ ୨୫% ଓ ଅନୁସୂଚିତ ଜନଜାତି ଓ ଜାତିର ଚାଷୀଙ୍କ ପାଇଁ ୩୩.୩୩% ରିହାତି ପ୍ରଦାନ କରାଯାଉଛି। ଏହାବାଦ୍ ଦୁଧିଆଳି ଗାଇ, ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍, ଯନ୍ତ୍ରାଂଶ, ଦୁଗ୍ଧଜାତ ଦ୍ରବ୍ୟ ପରିବହନ, ଦୁଗ୍ଧଜାତ ଦ୍ରବ୍ୟ ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର, ଗୁହାଳ ଓ ଭର୍ମି କମ୍ପୋଷ୍ଟ ୟୁନିଟ୍ ପାଇଁ ଋଣ ଓ ରିହାତି ପ୍ରଦାନ କରାଯାଉଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ବେହେରା କହିଲେ ଯେ, ୨୦୧୮-୧୯ରେ ଧାର୍ଯ୍ୟ ଲକ୍ଷ୍ୟ ୬୩ ଥିବାବେଳେ ଜିଲାରେ ୧୭୩ ଚାଷୀଙ୍କୁ ଋଣ ଓ ରିହାତି ଦିଆଯାଇଛି। ପ୍ରତିଦିନ ଜିଲାରୁ ୨ ଲକ୍ଷ ଲିଟର ଦୁଗ୍ଧ ଓ ଏଥିରୁ ପ୍ରସ୍ତୁତ ଦ୍ରବ୍ୟ ବାହାରକୁ ଯାଉଛି। ଆପିକଲ ଜଗତ୍‌ସିଂହପୁର ନୋଡାଲ ଅଫିସର ରବୀନ୍ଦ୍ରନାଥ ଦାସ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗାଈ ଓ ମଇଁଷି ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଯୋଜନାରେ ଚାଷୀଙ୍କୁ ଅଧିକ ରିହାତି ପ୍ରଦାନ କରାଯାଏ। ଏପରି କି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଇ ପାରିବ ବୋଲି କହିଥିଲେ। ଏଲ୍‌ଡିଏମ୍ ସତୀଶ କୁମାର ପାତ୍ର ଦୁଗ୍ଧ ଚାଷ ପାଇଁ କେନ୍ଦ୍ର ସରକାରଙ୍କ ନାବାର୍ଡ ମାଧମରେ ଋଣ ପ୍ରଦାନ କରାଯାଉଥିବା କହିଥିଲେ। ବ୍ୟକ୍ତିଗତ ଅପେକ୍ଷା ଗୋଷ୍ଠୀ ମାଧମରେ ଅଧିକ ଋଣ ପ୍ରଦାନ କରାଯାଉଛି। ଗୋପାଳନ ଦ୍ୱାରା ଅତିରିକ୍ତ ଆୟ ହୋଇପାରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ।

କାଳିଆବୁଦା ବିଦ୍ୟାନିକେତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ବାଲିଆ,୨୦।୮

ବିରିଡ଼ି ବ୍ଲକ କାଳିଆବୁଦା ବିଦ୍ୟାନିକେତନ (ହଳଦିଆପଡ଼ା)ର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗରେ ହୋଇଥିବା ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଶୁଦ୍ଧ ଓଡ଼ିଆ ଲିଖନ, ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାରେ ୮ମରୁ ୧୦ମ ଶ୍ରେଣୀର ପିଲାମାନେ ଅଂଶଗ୍ରହଣ କରିଥିଲେ। ପରେ ପ୍ରଧାନ ଶିକ୍ଷକ ବେଣୁଧର ବେହେରାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସାମାଜିକ କର୍ମୀ ତ୍ରୈଲୋକ୍ୟ ଜେନା, ଅକ୍ଷୟ କୁମାର ମହାନ୍ତି, କବି ବାମଦେବ ସ୍ୱାଇଁ, ସମିର କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିମୟୀ ଦାଶ, ଅମ୍ବିକା ବେହେରା, ଜୟଶ୍ରୀ ମହାରଣା, ପ୍ରିୟବ୍ରତ ସାହୁ, ଦୁଷ୍ମନ୍ତ ଭୂୟାଁ, ସଦ୍‌ଭାବନା ଭୂୟାଁ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ପ୍ରତିଯୋଗିତା ମୂଳକ ମନୋଭାବ ରଖି ଆଗକୁ ବଢ଼ିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ ଶାରଳା ମନ୍ଦିର ପରିଦର୍ଶନ

ଶାରଳା ମନ୍ଦିର ପରିଦର୍ଶନରେ ଆସିଥିବା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା।

ତିର୍ତ୍ତୋଲ,୨୦।୮(ଡି.ଏନ.ଏ.)

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା ମଙ୍ଗଳବାର ଅପରାହ୍ନରେ ଝଙ୍କଡ ଶାରଳା ପୀଠ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମା' ଶାରଳାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଶାରଳା ପୀଠ ସମ୍ମୁଖରେ ଥିବା ମାଟିର ମହାକବି ଆଦିକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଦେବସାନ୍ନ ଦାସ, ସାମାଜିକ କର୍ମୀ ବିବେକାନନ୍ଦ ସାମନ୍ତରାୟ, ପୂର୍ବତନ ଡେପୁଟି ମେୟର ସରୋଜିନୀ ସାହୁ, ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, ସଙ୍ଗଠକ ଅମରଜ୍ୟୋତି ସାହୁ, ବରିଷ୍ଠ ସେବାୟତ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ମଶା ଦିବସ ପାଳିତ

ଆଠଗଡ଼,୨୦।୮(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମେଘା ସେକ୍ଟର ଗାଁ କଲ୍ୟାଣ ସମିତି ସମୂହ ପକ୍ଷରୁ ମଙ୍ଗଳବାର ବିଶ୍ୱ ମଶା ଦିବସ ପାଳନ କରାଯାଇଛି। ଏହିଅବସରରେ ମେଘା ସେକ୍ଟର ଅନ୍ତର୍ଗତ ରାଜନଗରସ୍ଥିତ ଜୟନ୍ତୀ ଦେବୀ ବିଦ୍ୟାପୀଠରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଚିନ୍ମୟ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମ ଯୋଗଦେଇ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡ଼ି କର୍ମୀ, ଗାଁ କଲ୍ୟାଣ ସମିତି ସଭ୍ୟାସଭ୍ୟ, ଛାତ୍ରୀଛାତ୍ର ଯୋଗଦେଇ ଶୋଭାଯାତ୍ରାରେ ରାଜନଗର ଗ୍ରାମ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ। ଶିକ୍ଷକ ଶ୍ରୀବତ୍ସ ପରିଡ଼ା ଓ ଶୈଳେଶ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ।

ପ୍ରଧାନମନ୍ତ୍ରୀ ମାନ ଧନ ଯୋଜନା କର୍ମଶାଳା

ବାଲିକୁଦା,୨୦।୮(ସ୍ୱ.ପ୍ର.)

ଗରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ପ୍ରଧାନମନ୍ତ୍ରୀ ମାନ ଧନ ଯୋଜନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଗରାମ ଜନସେବା କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଜିଲା ଜନସେବା କେନ୍ଦ୍ର ପରିଚାଳକ ପ୍ରଶାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଯୋଜନାର ନିୟମ ଓ ସୁଫଳ ସମ୍ପର୍କରେ ବୁଝାଇଥିଲେ। ଏହି ଯୋଜନାରେ ସାମିଲ ହେବା ପାଇଁ ବୟସ ସୀମା ୧୮ରୁ ୪୦ ବର୍ଷ ରଖାଯାଇଛି। ଯେ କୌଣସି ଶ୍ରମିକ, ବ୍ୟବସାୟୀ, ଦିନ ମଜୁରିଆ ନିଜ ନାମ ପଞ୍ଜୀକରଣ ସ୍ଥାନୀୟ ସିଏସସି(ଜନ ସେବାକେନ୍ଦ୍ର)ରେ କରି ପାରିବେ। ଏଥିପାଇଁ ବୀମାଧାରୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। କେବଳ ଆଧାରକାର୍ଡ ଓ ବ୍ୟାଙ୍କ ଜମାଖାତାର ଜେରକ୍ସ କପି ଦାଖଲ କଲେ ଅତି ସହଜରେ ଆକାଉଣ୍ଟ ଖୋଲି ହେବ। ଉକ୍ତ ବୀମାରେ ସାମିଲ ହେବାକୁ ଚାହୁଁଥିବା ବ୍ୟକ୍ତି କିସ୍ତି ବାବଦକୁ ମାସିକ ୫୫ରୁ ୨୦୦ ଟଙ୍କା ଦେବାକୁ ପଡିବ। ବୀମାଧାରୀଙ୍କ ବୟସ ୬୦ ବର୍ଷ ହେବା ପର୍ଯ୍ୟନ୍ତ ଏହା ଦେବାକୁ ପଡିବ। ଏହି ଯୋଜନାକୁ ଭାରତୀୟ ଜୀବନ ବୀମା ସହିତ ଅନୁବନ୍ଧିତ କରାଯାଇଛି। ଯୋଜନାରେ ସାମିଲ ହେଉଥିବା ବ୍ୟକ୍ତି ଯେତିକି ଟଙ୍କା କିସ୍ତି ଦେବେ, ସେତିକି ପରିମାଣର ଅର୍ଥ ସରକାର ମଧ ବହନ କରବେ ବୋଲି ମହାପାତ୍ର ସୂଚନା ଦେଇଥିଲେ। ସରପଞ୍ଚ ଦୀପାରାଣୀ ଜେନା ଯୋଗଦେଇ ଉକ୍ତ ଯୋଜନାରେ ଗରାମ ପଞ୍ଚାୟତର ସର୍ବାଧିକ ହିତାଧିକାରୀ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ସମିତିସଭ୍ୟ ଆଲୋକ ବାରିକ, ଗରାମ ସିଏସସି ପରିଚାଳକ ଜ୍ୟୋତିର୍ମୟୀ ବାରିକ ପ୍ରମୁଖ ଯୋଜନାର ଉପକାରିତା ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ କିଶୋର ଜେନା, ରମେଶ ସାହୁ, ମନୋରଞ୍ଜନ ପରିଡା, ଇତିହାସ ବାରିକ, ରାଜୀବ ମାହାର, ନୀଳମଣି ସେନାପତି, ବିଭୁତି ଭୂଷଣ ଜେନା, ପାର୍ଥସାରଥି ଦାସ, ଦିଲୀପ ଚୌଧୁରୀ, ସୁବ୍ରତ ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

ତିର୍ତ୍ତୋଲ,୨୦।୮(ଡି.ଏନ.ଏ.)

ଫନୀ ସହାୟତା ନ ମିଳିଲେ ଆନ୍ଦୋଳନ

ବୈଠକରେ ଉପସ୍ଥିତ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା।

ନବନିର୍ମାଣ କୃଷକ ସଙ୍ଗଠନ ତିର୍ତ୍ତୋଲ ଶାଖା ପକ୍ଷରୁ ନାଉସୀରାସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଙ୍ଗଠନ ସଭାପତି ନିତ୍ୟାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହସଂଯୋଜକ ଅଶୋକ ବାରିକ, ସ୍ମୃତିରଞ୍ଜନ ରାଉତ, ଶୁଭେନ୍ଦୁ ପଣ୍ଡା, ଅକ୍ଷୟ ସ୍ୱାଇଁ, ବିଜୟ ସାହୁ, ରାଜନ ବିଶ୍ୱାଳ, ସୁନାକର ବେହେରା, ଗୌରହରି ସ୍ୱାଇଁ, ଦେବଦତ୍ତ ସାହୁ, ବନବିହାରୀ ଆଚାର୍ଯ୍ୟ, କାର୍ତ୍ତିକ ପାତ୍ର, କୁଳମଣୀ ନାୟକ, କେଦାର ଲେଙ୍କା, ପ୍ରଫୁଲ୍ଲ ରାଉତରାୟ, ସୁରେନ୍ଦ୍ର ସ୍ୱାଇଁ, ସାରଦା ନାୟକ ପ୍ରମୁଖ ଯୋଗଦେଇ ଫନି କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। କିପରି ଚାଷୀଙ୍କୁ ସହାୟତା ମିଳିପାରିବ ସେ ସମ୍ପର୍କରେ ତିର୍ତ୍ତୋଲ ସହକାରୀ କୃଷି ଅଧିକାରୀ ନିରଞ୍ଜନ ସାହୁ ଓ ତହସିଲଦାର ସୁଜାତା ପାତ୍ରଙ୍କୁ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ଏପରିକି ଚାଷୀଙ୍କୁ କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଥିଲା।

ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ନାଉଗାଁ,୨୦।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କା ସଭାପତିତ୍ୱ କରିଥିଲେ। ସମାଜ ଓ ଦେଶ ଗଠନରେ ଉତ୍ସର୍ଗୀକୃତ ଭାବନା ନେଇ ଆଗକୁ ବଢିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଅଧ୍ୟାପକ ପ୍ରତାପ କୁମାର ମିଶ୍ର, ହରିପ୍ରସାଦ ପତି, ଅଧ୍ୟାପିକା ଅନୁସୂୟା ଲେଙ୍କା, ଲିପ୍ସାରାଣୀ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ଧିରେନ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁର୍ଯ୍ୟୋଧନ ଜେନା, ରିତେଶ ନାୟକ, ଆଲୋକ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ

ନାଉଗାଁ,୨୦।୮(ସ୍ୱ.ପ୍ର)

ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ୨୦୦୮ ବ୍ୟାଚର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଜେନା ପୌରୋହିତ୍ୟ କରିଥିଲେ। ଏହି ବ୍ୟାଚର ଛାତ୍ରୀଛାତ୍ର ସେମାନଙ୍କ ଶିକ୍ଷା ଜୀବନର ସ୍ମୃତିଚାରଣ କରିବା ସହ ଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ପିଲାମାନଙ୍କୁ ସ୍ୱାଗତ କରିବା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ସହଯୋଗ କରିବାକୁ କହିଥିଲେ। ଶିକ୍ଷକ ହଟକିଶୋର ବିଶ୍ୱାଳ, ସୁନିଲ କୁମାର ମହାପାତ୍ର, ପବିତ୍ର କୁମାର ସ୍ୱାଇଁ ପ୍ରମୁଖ ମୋ ସ୍କୁଲ ଅଭିଯାନକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରଙ୍କ ମଧ୍ୟରୁ ବୁଲାକି ମଲ୍ଲିକ ମୋ ସ୍କୁଲ ଅଭିଯାନ ପାଇଁ ନଗଦ ୫ ହଜାର ଟଙ୍କା ପ୍ରଦାନ କରିବା ସହିତ ଅନ୍ୟ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢାଇବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ କର୍ମଚାରୀ ଦାଶରଥୀ ବିଶ୍ୱାଳ, ନକୁଳ ପାଳ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧୁମିଳନରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକ।

ବ୍ଲକ କାର୍ଯ୍ୟାଳୟ ପରିସରରେ ନାହିଁ ଶୌଚାଳୟ

ଏରସମା,୨୦।୮(ସ୍ୱ.ପ୍ର.)



ବ୍ଲକ ପରିସରରେ ଥିବା ପରିସ୍ରାଗାର।

- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ
- ଜିଲାପାଳ ପଦକ୍ଷେପ ନେବାକୁ ଦାବି

ଏରସମା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନ ଥିବାରୁ ଏଠାକୁ ଆସୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ମଙ୍ଗଳବାର ସେମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏରସମା ବ୍ଲକ ଅଧୀନରେ ରହିଛି ୨୫ ପଞ୍ଚାୟତ। ବ୍ଲକ ମୁଖ୍ୟାଳୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି), ଉଦ୍ୟାନ ବିଭାଗ, ଯୋଗାଣ ବିଭାଗ, ଜ୍ୟୋତି ମହିଳା ମହାସଂଘ, ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ), ଓଡ଼ିଶା ଜୀବିକା ମିଶନ, ମତ୍ସ୍ୟ ସମ୍ପ୍ରସାରଣ ବିଭାଗ, କୃଷି ବିଭାଗ ଆଦି କାର୍ଯ୍ୟାଳୟ ରହିଛି। ତେଣୁ ବିଭିନ୍ନ ପଞ୍ଚାୟତରୁ ଲୋକେ ଏଠାକୁ ଆସୁଛନ୍ତି। ତେବେ ସଦରମହକୁମାଠାରୁ ପଦ୍ମପୁର, ଗଡ଼ହରିଶପୁର, ଗୋଡ଼ା, ଚଟୁଆ, ବାଲିତୁଠ, ଜାନକାଦେଇପୁର, ଭିତର ଅନ୍ଧାରୀ, ଗଡ଼କୁଜଙ୍ଗ, କୁଞ୍ଜକୋଠି ଆଦି ପଞ୍ଚାୟତ ୨୫ରୁ ୩୦ କିମି ଦୂରରେ ରହିଛି। ଏସବୁ ପଞ୍ଚାୟତରୁ ମଧ ପ୍ରତଦିନ ଶତାଧିକ ଲୋକ ଆସୁଛନ୍ତି। ମାତ୍ର ପରିତାପର ବିଷୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୌଚାଳୟଟିଏ ନ ଥିବାରୁ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ଏନେଇ ବହୁବାର ଅଭିଯୋଗ ହେବା ପରେ ୨ଟି ପରିସ୍ରାଗାର କରାଯାଇଥିଲା। ତାହା ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକ ଅଫିସ ଉପର ମହଲାରେ ବିଶାଳ ସଭାଗୃହ କରାଯାଇଛି।

ସେଠାରେ ବିଭିନ୍ନ ସମୟରେ ସଭା, ସମୀକ୍ଷା ବୈଠକ, କର୍ମଶାଳା, ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେଉଛି। ଜିଲା ଓ ଜିଲା ବାହାରୁ ବହୁ ପଦସ୍ଥ ଅଧିକାରୀ, ନେତା ଓ ମନ୍ତ୍ରୀ ଏଥିରେ ଯୋଗ ଦେଉଛନ୍ତି। ମାତ୍ର ପରିତାପର ବିଷୟ ସଭାଗୃହ ସହ ସଂଯୁକ୍ତ ଶୌଚାଳୟ ବ୍ୟବସ୍ଥା କରାଯାଇନି। ସରକାର ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମାଞ୍ଚଳରେ ପାଇଖାନା ନିର୍ମାଣକୁ ଗୁରୁତ୍ୱ ଦେଉଥିବାବେଳେ ଖୋଦ୍ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୌଚାଳୟ କରା ନ ଯିବା ଆଲୋଚ୍ୟର ବିଷୟ ହୋଇଛି। ବିଶେଷ କରି ଏଥିଯୋଗୁ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟ ପଶ୍ଚିମ ପଟେ ଆଇସିଡିଏସ କାର୍ଯ୍ୟାଳୟକୁ ରାସ୍ତା ଯାଇଛି। ସେହି ରାସ୍ତା ପାର୍ଶ୍ୱରେ ଲୋକେ ପରିସ୍ରା କରୁଥିବାରୁ ଉକ୍ତ ଅଞ୍ଚଳ ଦୁର୍ଗନ୍ଧ ହେଉଛି। ଏପରିକି ଉକ୍ତ ରାସ୍ତା ଦେଇ ମହିଳାମାନେ ଯାତାୟାତ କରିବାକୁ ସଂକୋଚ କରୁଛନ୍ତି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ଲକ କାର୍ଯ୍ୟାଳୟ ପରିସରରେ ଶୌଚାଳୟ ନିର୍ମାଣ କରିବାକୁ ପଲିକଣ୍ଟାର ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, କୃଷ୍ଣଚନ୍ଦ୍ରପୁର ସରପଞ୍ଚ ଖୁଲଣା ସୁନ୍ଦରୀ ସ୍ୱାଇଁ, ଜପା ସରପଞ୍ଚ ତପନ ଗଛାୟତ, ପଏଦାର ପୂର୍ବତନ ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ଢିଙ୍କିଆର ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଅଗଷ୍ଟ, ୨୦୧୯

ସଂକ୍ଷେପରେ

ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

କୁଜଙ୍ଗ,୨୦।୮(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ସଙ୍ଗୀତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାକୁ ପଙ୍କପାଳ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ମୁରାରୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିସହ କୁନି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଭଳି ବୈଜ୍ଞାନିକ ହେବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଥିଲେ। ବରିଷ୍ଠ ଗୁରୁଜୀ ଦେବ ନାରାୟଣ ସେଠୀ, ପୁଷ୍ପଲତା ଦାସ, ଶ୍ରାବଣୀ ଶର୍ବରୀ, ଲକ୍ଷ୍ମୀପ୍ରିୟା ଦାସ, ଶୁଭଶ୍ରୀ ମିଶ୍ର ପ୍ରମୁଖ ବିଜ୍ଞାନ ମେଳା ପରିଚାଳନା କରିଥିଲେ। ଏହି ମେଳାରେ ୩୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୨ଟି ପ୍ରକଳ୍ପ ସଙ୍କୁଳସ୍ତରକୁ ମନୋନୀତ ହୋଇଛି।

୪ ବର୍ଷ ହେଲା ଗଠନ ହୋଇପାରୁନି ଆତ୍ମା କମିଟି

ନାଉଗାଁ, ୨୦।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟ ।

■ ଖର୍ଚ୍ଚ ହୋଇପାରୁନି ଚାଷୀଙ୍କ ପାଇଁ ଆସୁଥିବା ଅନୁଦାନ

■ ତୁରନ୍ତ କମିଟି ଗଠନ କରିବାକୁ ବିଧାୟକଙ୍କ ନିର୍ଦ୍ଦେଶ

କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ଚାଷୀମାନେ ଏସବୁ ଯୋଜନାର ସୁଫଳ ପାଇପାରୁ ନ ଥିବା ଦେଖିବାକୁ ମିଳୁଛି। ଚାଷୀଙ୍କୁ କୃଷି ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଓ ସହାୟତା ଦେବା ପାଇଁ ନାଉଗାଁ ବ୍ଲକର ଦାଣ୍ଡୁଆଠାରେ ଖୋଲାଯାଇଛି କୃଷି କାର୍ଯ୍ୟାଳୟ। କିନ୍ତୁ ଏହି କାର୍ଯ୍ୟାଳୟ ଯେଭଳି କାର୍ଯ୍ୟକ୍ଷମ ହେବା କଥା ସେଭଳି ହେଉନାହିଁ। ଏହି ବ୍ଲକରେ ୨୦୧୫ରୁ ଆତ୍ମା କମିଟି ଗଠନ ହୋଇନାହିଁ। ଦୀର୍ଘ ୪ ବର୍ଷ ହେଲା କମିଟି ଗଠନ ହୋଇ ନ ଥିବାରୁ ଚାଷୀଙ୍କ ପାଇଁ ଆସୁଥିବା ବିଭିନ୍ନ ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରୁନି। ସରକାରଙ୍କ ନିୟମ ଅନୁଯାୟୀ, କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ଓ ମତ୍ସ୍ୟ ବିଭାଗର ଚାଷୀଙ୍କୁ ଚୟନ କରାଯାଇ ଆତ୍ମା କମିଟି ଗଠନ କରାଯିବ। ଉକ୍ତ କମିଟିରେ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ଅଧ୍ୟକ୍ଷ ରହିବେ। ଅଧ୍ୟକ୍ଷ ଓ ବ୍ଲକ କୃଷି ବିଭାଗ ଅଧିକାରୀଙ୍କ ନାମରେ ଏକ ଯୁଗ୍ମ ଜମାଖାତା ଖୋଲାଯିବ। ଏଥିରେ ଚାଷୀମାନଙ୍କ ପାଇଁ କୃଷି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଅନୁଦାନ ଆସିବ। ଉକ୍ତ ଅନୁଦାନ ଆତ୍ମା କମିଟି ମାଧ୍ୟମରେ ଚାଷୀଙ୍କ ପାଇଁ ଖର୍ଚ୍ଚ କରାଯିବ। କିନ୍ତୁ ନାଉଗାଁ ବ୍ଲକରେ ଆତ୍ମା କମିଟି ନ ଥିବାରୁ ଚାଷୀ ଏହି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ୧୬ ପଞ୍ଚାୟତର ଚାଷୀ ଉକ୍ତ କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି। ଏପରି କି ୨୫ କିମି ଦୂରରୁ ଏଠାକୁ ଚାଷୀମାନେ ବିଭିନ୍ନ କାର୍ଯ୍ୟରେ ଆସନ୍ତି। କିନ୍ତୁ ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଆତ୍ମା କମିଟି ଗଠନ କରିବା ପାଇଁ ପୂର୍ବରୁ ନବ ନିର୍ମାଣ କୃଷକ ସଙ୍ଗଠନ ଓ ବିଭିନ୍ନ ପଞ୍ଚାୟତର ଚାଷୀଙ୍କ ପକ୍ଷରୁ ବୁହବାର ଦାବି ହୋଇଥିଲେ ମଧ୍ୟ ଅଦ୍ୟାବଧି କମିଟି ଗଠନ ହୋଇପାରିନି। ଗତ ପଞ୍ଚାୟତ ସମିତି ବୈଠକରେ ଆତ୍ମା କମିଟି ଗଠନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ବିଧାୟକ ପ୍ରଶାନ୍ତ ମୁଦୁଲି ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆତ୍ମା କମିଟି ଗଠନ କରାଗଲେ ଚାଷୀମାନେ ବିଭିନ୍ନ ସୁବିଧା ପାଇ ପାରିବେ ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ନାୟକ କହିଛନ୍ତି ଯେ, ଗତ ପଞ୍ଚାୟତ ସମିତି ବୈଠକରେ ଏ ବିଷୟରେ ଆଲୋଚନା ହୋଇଥିଲା। ୫ ଅଗଷ୍ଟରେ ଏ ବିଷୟରେ ଜିଲା କୃଷି କାର୍ଯ୍ୟାଳୟକୁ ଚିଠି କରାଯାଇଛି। ଖୁବଶୀଘ୍ର କମିଟି ଗଠନ କରାଯିବ।

ଦୁର୍ଘଟଣାରେ ଟ୍ରକ୍ ହେଲ୍‌ପର ମୃତ

ଦୁର୍ଘଟଣା ସ୍ଥଳରେ ଜମା ହୋଇଥିବା ଲୋକମାନେ।

ପାରାଦୀପ/କୁଜଙ୍ଗ, ୨୦।୮(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ୫ନଂ. (କ) ଜାତୀୟ ରାଜପଥର ଭୁତମୁଣ୍ଡାଇ ନିକଟରେ ମଙ୍ଗଳବାର ଏକ ଦୁର୍ଘଟଣାରେ ଜଣେ ଟ୍ରକ୍ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଭୂଇଁପୁର ଗ୍ରାମର ଖଗେଶ୍ୱର ମଲ୍ଲିକ(୪୬)। ଦୁର୍ଘଟଣାରେ ଆଉ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଖଗେଶ୍ୱର ଏକ ଦଶଚକିଆ ଟ୍ରକ୍ (ନଂ.ଓଆର୨୧ବି୧୨୧୬)ରେ କାମ କରୁଥିଲେ। ଚଣ୍ଡିଖୋଲ-ପାରାଦୀପ ୫ନଂ.(କ) ଜାତୀୟ ରାଜପଥରେ ବାମପାର୍ଶ୍ୱରେ ଟ୍ରକ୍‌ଟି ଧାଡ଼ିରେ ଛିଡ଼ା ହୋଇଥିଲା। କୌଣସି କାରଣବସତଃ ଚାଳକଙ୍କ ଡୋର ପଟେ ଖଗେଶ୍ୱର ତଳକୁ ଓହ୍ଲାଉଥିବାବେଳେ ଡାହାଣ ପଟେ ପାରାଦୀପ ଅଭିମୁଖେ ଆସୁଥିବା ଏକ ଟାଟା ଏସିଇ ଗାଡ଼ି (ନଂ.ଓଆର୦୫ଏଏଲ୭୪୨୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଟାଟା ଏସିଇ ଚାଳକ ଦୁର୍ଘଟଣାରେ ଭାରସାମ୍ୟ ହରାଇ ଆଗରେ ଥିବା ଆଉ ଏକ ଟ୍ରକ୍ ପଛପଟେ ପିଟି ହୋଇ ଆହତ ହୋଇଛନ୍ତି। ତାଙ୍କ ସହ ଅନ୍ୟ ଜଣେ ମଧ୍ୟ ଆହତ ହୋଇଛନ୍ତି। ଦୁଇ ଆହତଙ୍କୁ ଲକ୍ ଥାନା ପୋଲିସ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ି ଜବତ କରିଛି। ଏନେଇ ଏକ ମାମଲା ନଂ.୧୩୮/୧୯ ରୁଜୁ ହୋଇଛି। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା।

ସାରଦା ସରକାରୀ ବିଦ୍ୟାଳୟରେ ସଂସ୍କୃତ ଦିବସ

ରଘୁନାଥପୁର,୨୦।୮ (ଡି.ଏନ୍.ଏ.)

ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ସାରଦା ସରକାରୀ ବିଦ୍ୟାଳୟରେ ମଙ୍ଗଳବାର ଆନ୍ତର୍ଜାତିକ ସଂସ୍କୃତ ଦିବସ ପାଳନ କରାଯାଇଛି। ଏହାଛଡ଼ା ବର୍ତ୍ତିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ସଞ୍ଚାଳିକା ରମା ଭଉଣୀ ଓ ସହ ସଞ୍ଚାଳିକା ମିନତି ଭଉଣୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ରାଖୀ ବନ୍ଧାଯାଇଥିଲା। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କ ସଭାପତିତ୍ୱରେ ପଣ୍ଡିତ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ସିଆର୍‌ସିସି ମହମ୍ମଦ ଓସାମା ୨୦୧୭ ଅଗଷ୍ଟ ୭ ରେ ଆନ୍ତର୍ଜାତିକ ସଂସ୍କୃତ ଦିବସ ମାନ୍ୟତା ପାଇଥିବା ଏବଂ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାରେ ଏହି ଦିବସ ପାଳନ କରାଯାଏ ବୋଲି ତଥ୍ୟ ରଖିଥିଲେ। ସାରା ବିଶ୍ୱ ଏକ ପରିବାର ଏବଂ ସଂସ୍କୃତ ଭାଷାରୁ ଅନେକ ଭାଷାର ଉତ୍ପତ୍ତି ହୋଇଥିବା ସମ୍ପର୍କରେ ଓସାମା ମତ ରଖିଥିଲେ। ଅଗଷ୍ଟ ୧୫ରେ ଶ୍ରାବଣ ପୂର୍ଣ୍ଣିମା ପଡ଼ିଥିବାରୁ ଏହାକୁ ଅନ୍ୟଦିନରେ କରାଗଲା ବୋଲି ସଂସ୍କୃତ ଶିକ୍ଷୟିତ୍ରୀ ମୌସୁମୀ ରଥ ପରିଚୟ ପ୍ରଦାନ ସମୟରେ ମତ ପ୍ରକାଶ କରିଥିଲେ। ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ, ଶିକ୍ଷୟିତ୍ରୀ ଅଞ୍ଜନା ନାୟକ, ମନୀଷା ମିଶ୍ର, ସୁଜିତ କୁମାର ବେହେରା, ପ୍ରମିଳା ନାୟକ ଓ ସଂଯୁକ୍ତା ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସଂସ୍କୃତ ଭାଷା ପ୍ରତି ରୁଚି ରଖି ଉଚ୍ଚତର ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସଂସ୍କୃତ ଦିବସ ଉପଲକ୍ଷେ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ପିଲାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରି ଆତ୍ମସୁରକ୍ଷା, ରାଷ୍ଟ୍ର ସୁରକ୍ଷା ଓ ବିଶ୍ୱ ସୁରକ୍ଷା ନିମନ୍ତେ ଆତ୍ମା ସହ ପରମାତ୍ମାର ମିଳନ ସ୍ୱରୂପ ଉପରେ କୁହାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ରୁକ୍‌ସାନା ତାବସୁମ୍, ରଞ୍ଜିତା ବେହେରା, ବିଶ୍ୱଜିତ ଓଝା, ଗୀତାରାଣୀ ବିଶ୍ୱାଳ, ଗୋରେଖ ପ୍ରସାଦ ସିଂହ ଓ ରାଜ କିଶୋର ସିଂହ ସହଯୋଗ କରିଥିଲେ।

ଅସହାୟଙ୍କୁ ସାହାଯ୍ୟ କରୁଥିବା ଜଣେ ଭିନ୍ନ ମଣିଷ

ନାଉଗାଁ, ୨୦।୮(ସ୍ୱ.ପ୍ର.)

ସୋନାଲିଙ୍କୁ ସହାୟତା ପ୍ରଦାନ କରୁଛନ୍ତି ପପିନ୍ଦ୍ର ଲେଙ୍କା।

ନାଉଗାଁ ବ୍ଲକ ବଛାଳୋ ଗ୍ରାମର ପପିନ୍ଦ୍ର ଲେଙ୍କା। ଗରିବ, ଅସହାୟମାନଙ୍କୁ ସାହାଯ୍ୟ କରିବାର ନିଶା ଏବେ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ବିଏ, ଏଲ୍‌ଏଲ୍‌ବି ହୋଇଥିବାବେଳେ ଏବେ ସେ ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ମହାବିଦ୍ୟାଳୟରୁ ତାଙ୍କୁ ୧୫୬୦ ଟଙ୍କା ଦରମା ମିଳୁଥିବା ବେଳେ ଉକ୍ତ ଅର୍ଥ ସେ ଗରିବ, ଅସହାୟମାନଙ୍କୁ ପ୍ରଦାନ କରୁଛନ୍ତି। ନିଜର ସାଧ୍ୟମତେ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାରେ ତାଙ୍କୁ ଖୁସି ମିଳେ। ବାପା ସ୍ୱର୍ଗତ ମନୋରଞ୍ଜନ ଲେଙ୍କା ଓ ମା ସଞ୍ଜୁକ୍ତା ଲେଙ୍କାଙ୍କର ସେ ହେଉଛନ୍ତି ୩ୟ ସନ୍ତାନ। ପପିନ୍ଦ୍ରଙ୍କୁ ୨୩ ବର୍ଷ ବୟସ ହୋଇଥିବାବେଳେ ତାଙ୍କ ବାପାଙ୍କ ବିୟୋଗ ଘଟିଥିଲା। ଅଳ୍ପ ବୟସରୁ ସେ ଅସହାୟ ମଣିଷଙ୍କୁ ସାହାଯ୍ୟ କରିବା, ବନ୍ୟା, ବାତ୍ୟା ସମୟରେ ଲୋକଙ୍କ ପାଖରେ ପହଞ୍ଚିବା, ରାତି ଅଧରେ କାହାର ଦେହ ଖରାପ ହେଲେ ଚିକିତ୍ସାଳୟକୁ ନେବା ଆଦି କାମରେ ନିଜକୁ ସାମିଲ କରିଆସିଛନ୍ତି। ନିୟମିତ ମହାବିଦ୍ୟାଳୟକୁ ଯାଇ ନିଜ କାମ ସାରିବା ପରେ ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କ ସହ ମିଶନ୍ତି। ଏ ପର୍ଯ୍ୟନ୍ତ ସେ ୮ ପଞ୍ଚାୟତର ଗରିବ, ଅସହାୟଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିସାରିଲେଣି। ଗତ ସ୍ୱାଧୀନତା ଦିବସରେ ସେ ଡେରିକି ପଞ୍ଚାୟତ ଗଙ୍ଗଦା ଗ୍ରାମର ଅନାଥ ଝିଅ ସୋନାଲି ଲେଙ୍କାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସହାୟତା ପ୍ରଦାନ କରିବା ସହ ଅସହାୟ ମହିଳା କୁନି ବାରିକଙ୍କୁ ସାହାଯ୍ୟ କରିଥିଲେ। କେବଳ ନିଜ ଅଞ୍ଚଳ ନୁହେଁ, କେରଳ ବନ୍ୟା ପାଇଁ ମଧ୍ୟ ସେ ପାଣ୍ଠି ସଂଗ୍ରହ କରି ପଠାଇଥିଲେ। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଓ ରାସ୍ତା ସଫେଇ ଆଦି କାର୍ଯ୍ୟରେ ମଧ୍ୟ ସେ ସାମିଲ ହେଉଛନ୍ତି। ସ୍ୱଳ୍ପ ରୋଜଗାର କରୁଥିଲେ ମଧ୍ୟ ସେ ନିଜକୁ ଛୋଟ ମନେ କରନ୍ତି ନାହିଁ, ବରଂ ସେହି ଅର୍ଥ ଅସହାୟ ଲୋକଙ୍କ କାମରେ ଲାଗୁଥିବାରୁ ସେ ନିଜକୁ ଧନ୍ୟ ମନେକରନ୍ତି ବୋଲି କହିଛନ୍ତି। ତାଙ୍କ ବଡ଼ଭାଇ କଲିକତାରେ ଚଟକଳରେ କାମ କରୁଥିବାବେଳେ ଭଉଣୀଙ୍କ ବିବାହ ହୋଇସାରିଛି। ଏବେ ଘରେ ମା'ଙ୍କ ସହ ସେ ରହୁଛନ୍ତି।

ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ସମ୍ବର୍ଦ୍ଧନା

ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାଲିଆ, ୨୦।୮

ବିରିଡ଼ି ବ୍ଲକ ଉତ୍ତରଶାସନ ସେବା ସମବାୟ ଲିଃ ପକ୍ଷରୁ ଏହି ସମିତିର ବରିଷ୍ଠ ଚାଷୀମାନଙ୍କୁ ସମବାୟ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କୃଷି ସମବାୟ ସମିତି ପ୍ରତିବର୍ଷ ବରିଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଆସୁଛି। ଚଳିତ ବର୍ଷ ସମବାୟ ସମିତି ପରିଚାଳନା କମିଟି ସଭାପତି କବି ପିତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ଉପସଭାପତି ଅଞ୍ଜନା ସାହୁ, ରାଜଲକ୍ଷ୍ମୀ ଦେବୀ, ମଥୁରାମୋହନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଉପସଭାପତି ଝରେନ୍ଦ୍ର ପାତ୍ର, ବରିଷ୍ଠ ଚାଷୀ ଭାଗ୍ୟଧର ରାଉଳ, ରବୀନ୍ଦ୍ରନାଥ କର, ପ୍ରମୋଦ କର, ବେଣୁଧର ମହାପାତ୍ର ଓ ପ୍ରଫୁଲ୍ଲ କୁମାର ଦାସଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ସମ୍ପାଦକ ଶଙ୍କର୍ଷଣ ସାହୁ ଧନ୍ୟବାଦ ଦେଇଥିଲେ। ସହ ସମ୍ପାଦକ ବିଦ୍ୟାଧର ମହାପାତ୍ର, ଡି.ଇ.ଓ ମନୋରଞ୍ଜନ ମଲ୍ଲିକ, ରମାନାଥ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

■ ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ କୋର୍ଟ ପଠାଗଲା

ବିରିଡ଼ି,୨୦।୮(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳରେ ପୁଣି ଏକ ଲଜ୍ୟାଜନକ ଘଟଣା ଘଟିଛି। ଏହି ଥାନା ଅଞ୍ଚଳର ଜଣେ ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମଙ୍ଗଳବାର ପ୍ରଥମେ ମାମଲା ନଂ. ୯୭/୧୯, ଦଫା ୪୪୮, ୩୭୬(ଏ) ଆଇପିସି /୬ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ତେବେ ଅଭିଯୁକ୍ତଙ୍କ ସ୍କୁଲ ସାର୍ଟିଫିକେଟରୁ ସେ ନାବାଳକ ବୋଲି ଜଣାପଡ଼ିବା ପରେ ଜଗତ୍‌ସିଂହପୁର କୋର୍ଟ ତାଙ୍କୁ ଅନୁଗୋଳସ୍ଥିତ ଜୁଭେନାଇଲ କୋର୍ଟକୁ ପଠାଇଥିବା ବିରିଡି ଥାନା ଆଇଆଇସି ପାରୋ ଟୁଡୁ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖରେ ନାବାଳିକାଙ୍କ ଘରେ କେହି ନ ଥିବାବେଳେ ଅଭିଯୁକ୍ତ ନାବାଳକ ଯାଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣଙ୍କ ମା'ବାପାଙ୍କ ଆଗରେ କହିବା ପରେ ଥାନାରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୋଗ ଫର୍ଦ୍ଦରେ ଅଭିଯୁକ୍ତଙ୍କ ବୟସ ୨୨ବର୍ଷ ଦର୍ଶାଯାଇଥିଲା। ତେଣୁ ତାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସ୍କୁଲ ସାର୍ଟିଫିକେଟ ଅନୁଯାୟୀ ତାଙ୍କୁ ୧୭ ବର୍ଷ ୪ମାସ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ମେ ମାସ ୧୬ ତାରିଖରେ ୨୨ମୌଜା ବମ୍ପିଲୋ ଗ୍ରାମରେ ଏଭଳି ଏକ ଘଟଣା ଘଟିଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

APPOINTMENT
Telecaller Required for a Real Estate office, Khandagiri.
Contact : 9861433014 9938569014

Urgent Required
A male for front office for Travel Agency Company. Accommodation available.
Contact : 9040056776 9348861961

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

We are authorized Dealer for reputed branded pumps, valves and coupling for Odisha.
We requires professionals for the following positions:
Require Sale Engineer having two years' experience in Industrial and Domestic (Pump) Sales. Preferable valves, Pumps and Coupling Sales experience.
Qualification: Diploma (Mech.)/ B.E. (Mech.) with good Customer repo/ communication skill with good knowledge in computer (MS Word, Excel, Power Point) will be added advantage.
Interested candidate may post their Resume within a week to:
hydraulics1967@gmail.com

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜମେଣ୍ଟ)
କମଲ ପ୍ଲେସମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
M : 9157312448, 9157012447

ଆବଶ୍ୟକ
ANGEL BAKERY
Niladri Vihar, Bhubaneswar
Bakery Chef & Asst Chef
9439691528
9853662400
b.rosalinbiswal78@gmail.com

SANTANU ENGLISH MEDIUM SCHOOL
Affiliated to CBSE, Delhi
Chintamaniswar, BBSR-6,Ph. : 0674-2972080, Mail : semsbbsr@gmail.com
URGENTLY REQUIRES : Teachers in Maths, Science, S. Science, Computer, English & Hindi. Apply on or before **5.9.2019.**

WANTED
Reputed **GODREJ INTERIO** dealer **4s INTERIORS** is looking for Accountant having knowledge of Excel & Tally. Salary : As per the Industry standard and Experience. Interested Candidates are requested to
Mail their Bio Data At
interiors4s@gmail.com

APPOINTMENT
BINAYAK HOSPITAL
(A MULTI FACILITY 100 BEDDED HOSPITAL)
MAIN ROAD, CHANDBALI, BHADRAK, ODISHA-756133
E-MAIL - binayakhospital.chandbali@yahoo.com
Mob - 9437531150, 7077464040
(1) **FULL TIME DOCTORS** - Specialist in O & G, Paediatrics, Surgery Anesthesiology, Pathology, Radiology, Medicine, Senior resident & Junior resident.
(2) **PART TIME DOCTORS** - Specialist in ENT, Ortho, Neurology, Cardiology, Gastro, Ophthalmology, Skin, Chest & Pulmonary Medicine.
(3) **PARAMEDICAL STAFF** - D.pharma, DMLT, DMRT, GNM, OT Assistance, Ambulance Driver,
(4) **SPECIAL OFFICIAL REQUIREMENT** - HR.Administration, HR. Marketing, Accounts Officer - MBA finance.
(5) **SECURITY PERSONNEL WITH OTHERS** - Watchman, Computer Technician, Data Entry Operator, Canteen Supervisor, House Keeping & Hospital Manager.
N.B : Experienced & retired person may also apply.
SALARY WITH OTHER FACILITY : Negotiable
The complete application with biodata & educational certificates may be sent to our office- within 3 weeks from date of publication of advertisement.
Address - Director, Binayak Hospital, Main Road Chandbali, Dist.- Bhadrak, Odisha-756133

PARADIP PORT TRUST
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA
No.AD/RSC-I-21/16/2013 (Pt.I)/2615 Dated, the 09th August, 2019
ADVERTISEMENT
A walk-in-interview will be held for the post of "**Pilot** on Contractual Basis".
The details of qualification, age, experience, other conditions etc. are available at Paradip Port Trust website: www.paradipport.gov.in. Interested candidates may please Walk-In with their Curriculum Vitae, original certificates of qualification and experience etc. at Office of the **Chairman, Paradip Port Trust, Po-Paradip Port, Dist-Jagatsinghpur, Odisha-754142, on 26.08.2019 at 12.30 hours.**
Sr. Dy. Secretary
PPT/PR/265/19-20, DT.14.08.2019

REQUIRED
Urgent required experience Lady candidate for Backend Executive, only Bhubaneswar office base.
Salary: 7,000 - 10,000.
Contact
8327770813, 7609947073

Appointment
Need the following person for our manufacturing unit at Gangapada, Bhatkuri, Khurda. We are leading manufacturer of Plastic Furnitures/ Cooler/Stabilizer and LED products.
Shift Engineer : Candidate having minimum 2-3 years of experience in Plastic Moulding products, Maintenance & Other moulding activities will be preferable.
Machine Operator : Candidates having experience with 1-2 years in any Injection Moulding Machine, as operator in any moulding unit will be prefered. Freshers also can apply.
Worker : Under Matric or unqualified candidate should only apply. He should ability to do Hardwork.
Salary will not be a constraint for right candidate. Please send your Bio-data, Aadhar and along with Passport size Photo to the address given below :
PATRIOT
FUTURE TECHNOLOGIES
SCR-14, Surya Nagar, Near Governor House, LIC Office, Bhubaneswar-751003
Mob. : 9337724585, E-mail : hrd@rajpathgroup.in

Urgently Required
Computer Hardware Engg:- 1 year. Exp. in Desktop, Printer and Laptop
SONATECH INFOSOLUTIONS PVT. LTD.
support@sonatechindia.in
Contact : 7381951030 7381231122

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

OFFICE OF THE NOTIFIED AREA COUNCIL, KOTPAD

No. 4349/ 2019 Dt. 19.08.2019

Quotation Call Notice

Sealed quotations are invited from the intending registered Manufacturer/ Fabricators/ Firms having GST certificate, PAN card and Registration certificate for supply, fabrication and erection of Mechanical Shed for MCC at Kenduguda, Kotpad Zone-2. The quotation should reach before the undersigned on or before dt. 27.08.2019 up to 3.00 PM with copy of GST certificate, PAN card, Registration certificate and EMD for Rs. 9000.00 in shape of Bank Daft in favour of Executive Officer, N.A.C., Kotpad and opened on the same date at 4.00 PM in the presence of Manufacturers or their authorised representatives. The quotation papers are available in the office of the undersigned from dt. 20.08.2019 to dt. 26.08.2019 on depositing Rs. 1000.00 as paper cost (Non refundable) in shape of Bank Draft in favour of Executive Officer, N.A.C., Kotpad.

The authority reserves the right to accept/reject/cancel all the quotation(s) without assigning any reason threof.

Sd./-
Executive Officer,
N.A.C., Kotpad

OFFICE OF THE PRINCIPAL
B.K. COLLEGE OF ART & CRAFTS

Department of Tourism & Culture, (Culture)
Government of Odisha
Affiliated to Utkal University of Culutre, Khandagiri, Bhubaneswar-751030, Odisha, India, Phone: 0674-2386434, Fax: 0674-2386434, Website: bkartcollege@gmail.com

No.:________ / BKC Date: ________

ADVERTISEMENT

No.16-RR:- B.K. College of Art & Crafts, Bhubaneswar intends to purchase of books for College Library during the year 2019-20. The books would be exclusively on Fine Arts, Applied Art, Art History, Architecture, Culture, Pottery & Ceramic, Crafts, Decorative Design, Interior Decoration, Computer, Logo, Calligraphy, Indological Philosophical, Aesthetic both Indian and Western and Far Eastern.

The intending Book Sellers/Firms are requested to submit their recent catalogue to the undersigned on or before 30th August 2019 for selection of books.

The recent catalogue received after stipulated date shall not be entertained.

Sd./- Principal,
B.K. College of Art & Crafts,
Khandagiri, Bhubaneswar-30

03010/11/0002/1920

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, KUCHINDA

No.273-O **E-mail : eerw_kuchinda@yahoo.com**

"e" Procurement Notice for Building Works Identification No. Online Tender / 01 / RWD, Kuchinda / 2019-20

1.	Name of the work	Building works
2.	Total Number of Works	12 Nos.
3.	Estimated Cost	(A) Rs. 7.77 Lakhs, Rs. 8.74 Lakhs, Rs. 6.19 Lakhs, Rs. 5.30 Lakhs, Rs. 13.21 Lakhs, Rs. 5.87 Lakhs, Rs. 8.72 Lakhs, Rs. 13.26 Lakhs, Rs. 22.21 Lakhs, Rs. 21.21 Lakhs, Rs. 15.91 Lakhs & Rs. 13.26 Lakhs
4.	Class of Contractor	(A) Building Work (D & C Class of Contractor)
5.	Period of Completion	(A) 02 (Two Calendar Months)
6.	Availability of Tender online for bidding	28.08.2019 at 11.00 A.M. to 12.09.2019 upto 5.00 P.M.
7.	Last date & time of seeking tender clarification	11.09.2019 upto 5.00 P.M.
8.	Date & time of opening of tender	16.09.2019 (11.00 A.M.)

Further details can be seen from the website **www.tendersodisha.gov.in**

Sd./- Executive Engineer
Rural Work Division, Kuchinda

25151/11/0001/1920

OFFICE OF THE NOTIFIED AREA COUNCIL, KASHINAGAR, GAJAPATI

No. 1773 / NAC Ph & Fax No: 06815-284215, e-Mail: kasinagarn.hud@nic.in Date: 17.08.2019

Quotation Call Notice: Sealed Quotation in plain papers are invited from the intending Manufacturers/ Companies / Firms and suppliers for supply of sanitation materials for the financial year 2019-20. The Quotations should reach the undersigned on or before 29.08.2019 by 01.00 PM and the same shall be opened on dated 30.08.2019 by 11.30 AM in presence of the Quotationers or their authorized agents if present. The Quotationer should furnished Security Deposit of Rs. 5,000/- (Rupees Five Tousand) only in shape of Bank Draft or any Nationalized Bank in favour of Executive Officer, NAC, Kashinagar payable at Kashinagar. The Quotation paper will be available in the office of the NAC, Kashinagar during office hour except holidays from dated 20.08.2019 to 26.08.2019 on deposit of Rs. 1,000/- (Rupees one thousand) only + GST @ Rs. 12% of tender document cost in shape of cash or Demand Draft of any Nationalized Bank in favour of Executive Officer, NAC, Kashingar. The authority reserves right ot reject any or all the Quotations without assigning any reason thereof.

Sd./- Executive Officer, NAC, Kashinagar, Gajapati

ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଅଭିଯାନ, କଳାହାଣ୍ଡି

ପତ୍ରାଙ୍କ ୧୭୨୬/୨୦୧୯ ସୂଚନା ତାରିଖ: ୨୦।୦୮।୨୦୧୯

କଳାହାଣ୍ଡି ଜିଲ୍ଲା ସଦର ମହକୁମା (ଭବାନୀପାଟଣା) ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଖୋଲାଯାଇଥିବା ଶିକ୍ଷାରୁ ବଞ୍ଚିତ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସରେ ଖାଲିପଡ଼ିଥିବା ୱାର୍ଡେନ ଓ ଚପରାସୀ-ତଥା-ଝାଡୁଦାର ପଦବୀ ପୂରଣ ନିମନ୍ତେ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୫୧୧୨ ତାରିଖ ୧୨।୧୦।୨୦୧୮ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଉକ୍ତ ଚିଠି ଅନୁସାରେ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସବିଶେଷ ତଥ୍ୟ ଜିଲ୍ଲା ୱେବ୍‌ସାଇଟ୍ (www.kalahandi.nic.in) ଓ (www.opepa.odisha.gov.in) ରେ ପ୍ରକାଶ କରାଯାଇଛି। ଉକ୍ତ ତଥ୍ୟ ସେମାନଙ୍କ ଦ୍ୱାରା ନିଜ ନିଜ ଦରଖାସ୍ତରେ ଦାଖଲ କରିଥିବା ତଥ୍ୟ ଉପରେ ଆଧାରିତ ଅଟେ। ଯଦି ଉକ୍ତ ତଥ୍ୟାବଳୀରେ କୌଣସି ଆବେଦନକାରୀଙ୍କର କିଛି ତ୍ରୁଟି ଥାଏ ତେବେ ସେମାନେ ଆସନ୍ତା 30.08.2019 ତାରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଜ ଅଭିଯୋଗର ଉପଯୁକ୍ତ ପ୍ରମାଣପତ୍ର ସହିତ ଲିଖିତ ଭାବରେ ଦାଖଲ କରିବେ। ଉପରୋକ୍ତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, କଳାହାଣ୍ଡି

DISTRICT RURAL DEVELOPMENT AGENCY, NUAPADA

Advertisement No. XX-37/2019/2089/MGNREGS
Date: 20.08. 2019

ADVERTISEMENT

Applications are invited for filling up Gram Rozgar Sevak (GRS) under MGNREGA for Nuapada District on contractual basis with a consolidated monthly remuneration @ Rs. 7,000/- (Rupees Seven Thousand) only. The eligibility criteria, selection procedure, remuneration & documents to be submitted along with application are available in **www. nuapada.nic.in**

Applications in the prescribed format duly filled in along with all relevant documents (self attested) to be submitted in a closed cover superscribed **"Application for the post of Gram Rozgar Sevak (GRS) of Nuapada District"** addressing to the Project Director, DRDA, Nuapada, At/PO/Dist-Nuapada, Pin- 766105 through Registered Post/ Speed Post on or before 20.09.2019.

Incomplete applications or applications without signature & required documents of the applicant shall be rejected without any prior notice and legal action will be initiated against the candidates who submit false documents and information. The Collector-cum-CEO, Zilla Parishad, Nuapada reserves the rights to reject or accept any or all application(s) without assigning any reasons thereof.

Sd./- Collector-cum-CEO
Zilla Parishad, Nuapada

ODISHA HYDRO POWER CORPORATION LIMITED
OHPC
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051
Phones: 06861-232581(O)/ 232641(R), FAX: 06861-232541, Email: <unit.head_balimela@yahoo.com>

NOTICE INVITING TENDER NO.: /BHEP/DE-III/28 / 2019-20, DTD. 19.08.2019

No. CAD-313:- Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible "C" or "B" class of contractors registered with the state government and contractors of equivalent grade / class registered with Central Government / Railways having valid registration number for execution of the following works. The bidders shall have necessary portal enrolment with his/her own digital signature certificate.

Group	Name of Work	Estimated Cost in Rs.	EMD in Rs.	Cost of bid documents in Rs.	Period of Completion
A	Repair of existing fencing by putting up new chain link fabric mess to OHPC quarters allotted to the OHPC employees at BHEP, Balimela.	19,50,549.36	19,510/-	6000/- + GST @ 18% = 7080/-	90 days
B	Supply and fencing with concertina wire at both sides of Penstock from AB-7 to valve house, BHEP, Balimela.	24,60,879.45	24,610/-	6000/- + GST @ 18% = 7080/-	90 days

For both Group A & B:
Date & time of availability of bid document in the portal : From 11.00 hours of 21.08.2019 to 11.09.2019 (upto 16.00 hrs.)
Last date & time of submission of bid : 11.09.2019 (upto 16.00 hrs)
The date & time of opening of the bid : 12.30 hrs. onwards of 13.09.2019 (only Technical Bid)
Further details can be seen from the e-Procurement portal **https://tendersodisha.gov.in**

04019/11/0034/1920 *Sd./- Unit Head, BHEP, Balimela*

ODISHA HYDRO POWER CORPORATION LIMITED
OHPC
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051
Phones: 06861-232581(O)/ 232641(R), FAX: 06861-232541, Email: <unit.head_balimela@yahoo.com>

NOTICE INVITING TENDER NO.: /BHEP/DE-III/29 / 2019-20, DTD. 19.08.2019

No. CAD-314:- Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible class of contractors registered with the state government and contractors of equivalent grade / class registered with Central Government / Railways having valid registration number for execution of the following works. The bidders shall have necessary portal enrolment with his/her own digital signature certificate.

Group	Name of Work	Estimated Cost in Rs.	EMD in Rs.	Cost of bid document in Rs.	Period of Completion
A	Outside painting with weather seal paint including repair of OHPC residential quarters at different colony.	44,66,647.00	44,700/-	6000/- + GST @ 18% = 7080/-	90 days
B	Inside repairing, white washing, distempering & painting of OHPC residential & non residential buildings at different colonies.	27,62,925.00	27,700/-	6000/- + GST @ 18% = 7080/-	90 days

Date & time of availability of bid document in the portal : From 11.00 hours of 22.08.2019 to 12.09.2019 (upto 16.00 hrs.)
Last date & time of submission of bid : 12.09.2019 (upto 16.00 hrs)
The date & time of opening of the bid : 12.30 PM onwards of 16.09.2019 (only Technical Bid)
Further details can be seen from the e-Procurement portal **https://tendersodisha.gov.in**

04019/11/0035/1920 *Sd./- Unit Head, BHEP, Balimela*

Zilla Swasthya Samiti, Boudh

No. 242-E:

Office of the Chief District Medical & Public HealthOfficer, Boudh

Notification No.2063 **Date:** 20/08/2019

ANNOUNCEMENT

The Advt. No.1673, dtd.25-06-2019 for recruitment of different in-house post (FLA, PLA, PPM Co-ordinator, CCT, AYUSH MO etc.) under NHM, ZSS Boudh was published in "The Dharitri" & "The Prameya" on dt.27.06.2019. The database of the applicants for the above post under NHM has been published in the district website (www.boudh.nic.in) for inviting objection from the candidates. Any objection may be sent to the office of the undersigned on or before dt.28-08-2019.

10107/11/0005/1920 **Sd/- CDM&PHO-cum-District Mission Director, Boudh**

ଗାଈଗୋରୁଙ୍କ ଫାଟୁଆ ରୋଗ ସମ୍ବନ୍ଧରେ କେତେକ ଜାଣିବା କଥା ।

No.32-M

ଫାଟୁଆ ରୋଗ ଏକ ଭୂତାଣୁଜନିତ ରୋଗ । ଏହି ରୋଗରେ ଗାଈଗୋରୁ, , ଛେଳି, ମେଣ୍ଢା, ଘୁଷୁରୀ ପ୍ରଭୃତି ପ୍ରାଣୀ ଆକ୍ରାନ୍ତ ହୋଇଥାନ୍ତି ।

ସଂକ୍ରମଣ ଜନିତ ଏହି ରୋଗ ଆକ୍ରାନ୍ତ ପ୍ରାଣୀଙ୍କ ଠାରୁ ସୁସ୍ଥ ପ୍ରାଣୀଙ୍କୁ ଶୀଘ୍ର ବ୍ୟାପିଥାଏ । କୃଷି ଭିତିକ ଅର୍ଥନୀତିରେ ଏହା ବ୍ୟାପକ କ୍ଷତି ସାଧନ କରିଥାଏ । ଏହି ରୋଗରୁ ପ୍ରାଣୀଧନଙ୍କୁ ସୁରକ୍ଷିତ ରଖିବାକୁ ନିମ୍ନ ପ୍ରଦତ୍ତ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ।

ରୋଗର କାରଣ-

୧. ରୋଗାକ୍ରାନ୍ତ ପ୍ରାଣୀଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରୀକରଣ ।
୨. ଅନିୟମିତ ଟୀକାକରଣ ।
୩. ପ୍ରାଣୀଧନଙ୍କ ଏକତ୍ର ରହଣି ।
୪. ଗୋଟିଏ ସ୍ଥାନରେ/ ପାତ୍ରରେ ପାଣି ପିଇବା ।
୫. ରୋଗାକ୍ରାନ୍ତ ପ୍ରାଣୀର କଂଚାମାଂସ ଚାଲାଣ ଏବଂ ରୋଗ ବ୍ୟାପିଥିବା ସ୍ଥାନରୁ ଦାନା, ନଡା, ଘାସ ଇତ୍ୟାଦି ଚାଲାଣ ।

ପ୍ରତିକାର-

୧. ରୋଗ ଚିହ୍ନଟ ପରେ ତୁରନ୍ତ ଆକ୍ରାନ୍ତ ପ୍ରାଣୀଙ୍କୁ ଅନ୍ୟ ପ୍ରାଣୀଙ୍କଠାରୁ ଅଲଗା କରିବା ।
୨. ସଂକ୍ରମିତ ପ୍ରାଣୀଙ୍କୁ ଗୋରୁ ହାଟ, ଗୋରୁ ମେଳାରେ ପ୍ରବେଶରେ ଅଙ୍କୁଶ ଲଗାଇବା ।
୩. ସଂକ୍ରମିତ ପ୍ରାଣୀଙ୍କ କଂଚାମାଂସ, ଦୁଗ୍ଧ, ଦାନା, ନଡା ପ୍ରଭୃତି ଚାଲାଣ ବନ୍ଦ କରିବା ।
୪. ବର୍ଷକୁ ଦୁଇଥର ପ୍ରତିଷେଧକ ଟୀକାକରଣ (୧ମ ଥର ଫେବୃଆରୀ-ମାର୍ଚ୍ଚ, ୨ଥର ଅଗଷ୍ଟରୁ-ସେପ୍ଟେମ୍ବର) । ଅଧିକ ସୂଚନା ନିମନ୍ତେ ନିକଟସ୍ଥ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ନିକଟସ୍ଥ ପ୍ରାଣୀଧନ ସେବାକେନ୍ଦ୍ରରେ ଯୋଗାଯୋଗ କରିବା ଏବଂ ଟୀକାକରଣ କାର୍ଯ୍ୟକ୍ରମରେ, ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀମାନଙ୍କୁ ସହଯୋଗ କରିବା ଏକାନ୍ତ ଆବଶ୍ୟକ ।

ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ଭଦ୍ରକ
ଦୂରଭାସ-୦୬୭୮୪-୨୫୦୧୩୭

06058/11/0001/1920

STATE WILDLIFE HEADQUARTERS

No.54-MM

OFFICE OF THE PRINCIPAL CCF (WILDLIFE) & CHIEF WILDLIFE WARDEN, ODISHA
PRAKRUTI BHAWAN, PLOT NO.1459, SAHEED NAGAR, BHUBANESWAR- 751007.
Website: www.wildlife.odisha.gov.in, Email: odishawildlife@gmail.com

NOTICE

The last date of submission of photographs for "Wildlife Photography Competition – 2019 is extended upto 30.08.2019. All other conditions published earlier remain unchanged.

Wildlife Conservation Officer
O/o: PCCF (WL) & CWLW,
Odisha, Bhubaneswar.

08006/11/0008/1920

PARADIP PORT TRUST

e-TENDER NOTICE

Name of the work: **Periphery development work for Modern auditorium 1000 capacity at Paradip Port- Converted to Multi Purpose Hall-Road, drain, parking area and paver block.** Estimated Cost put to tender : **₹ 86,50,672.29.** Date of available of tender for online bidding : **16.08.2019 to 05.09.2019 up to 17:00 hrs.** For details of the tender for on-line bidding is available in the website **https://eprocure.gov.in/eprocure/app**

Executive Engineer,
Building Construction Division

PPT/PR/283/19-20 Dt. 20.08.2019

GOVERNMENT OF ODISHA
SCIENCE & TECHNOLOGY DEPARTMENT

No.04-U

ST-SCST-MISC-0014-2019/ 3534 / dated 16.8.2019

Advertisement

Applications are invited through proper channel from the candidates to pursue full time Ph.D programme in/under any Government University of the State or any State/Central Government Institutes established in the State for award of Biju Patnaik Research Fellowship in Basic & Applied Science for the year 2019-20. Applications submitted directly by the students to the Science and Technology Department will not be entertained. The application should be duly sent through the Head of the Institute.

Applications should reach the Director, Science & Technology, Science and Technology Department, Odisha, Bhubaneswar-751001 on or before 19.09.2019.

Application received after due date will not be entertained.

For details advertisement, eligibility and mode of application log on to http://st.odisha.gov.in/Advertisement/Advertisement.html, https://www.odisha.gov.in/addvertisement

28001/11/0003/1920 Sd/- Director, Science & Technology

ODISHA HYDRO POWER CORPORATION LTD
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com
CIN: U40101OR1995SGC003963

No. CAD-309

TENDER CALL NOTICE No. UKHEP: 09/2019-2020 Date: 19.08.2019

Sealed Tenders are invited in sealed envelopes from reputed suppliers for supply of the following materials as mentioned below.

Sl. No.	Description of materials	Cost of tender paper	EMD in Rs.
1	Supply of 11KV Line Materials to UKHEP, Bariniput.	Rs. 2360/- (Rs. 2000/- + GST Rs, 360/-)	1% of quoted value

Sale of tender paper: - from dtd. 27.08.2019 to 13:00 Hrs. of 10.09.2019
Last date & time of submission of tender:- up to 15:30 Hrs. of 10.09.2019
Date & Time of opening of tender – 16:00 Hrs. of 10.09.2019

For details of the tender documents, terms and conditions please visit our website www.ohpcltd.com

C & P Head,
UKHEP, Bariniput.

04002/11/0016/1920

THE ODISHA STATE POLICE HOUSING & WELFARE CORPORATION LTD., BHUBANESWAR-22.
(A Govt. of Odisha Undertaking)
Ph: 0674-2541545, 2542921, Fax: 0674-2541543
Email: ophwc.od@nic.in, Website: www.ophwc.nic.in

EXPRESSION OF INTEREST No. CAD-312

Sl. No.	Items	Description
1	Company Name	**The Odisha State Police Housing & Welfare Corporation Limited (OPHWC)**
2	Address	**Superintendent Engineer** The Odisha State Police Housing & Welfare Corporation Ltd.,Janpath, Bhoi Nagar, Bhubaneswar – 22.
3	Name of the work	EXPRESSION OF INTEREST FOR SUPPLY, INSTALLATION AND COMMISSIONING OF SERVERS AND ACCESSORIES AT SIW, BHUBANESWAR
4	EOI Reference Number	005/OPHWC/SYSTEM/2018-19
5	Date of Issue of EOI	From 22/08/2019
6	Last Date for Submission of EOI Response	06/09/2019 up to 15:00Hours
7	Date of opening of the bid	06/09/2019 at 16:00 Hours
8	Cost of EOI document	Rs. 5900 /-
9	EOI validity period	90 days from last date of submission of document
10	Currency of RFI	Indian Rupees
11	Language of RFI	English
12	Website	www.ophwc.nic.in

The EOI document can be downloaded at the website mentioned above from 22/08/2019 to 06/09/2019 up to 15:00 Hours. The potential respondents who download the EOI from the website(www.ophwc.nic.in) should submit a demand draft of Rs.5900/- (non–refundable) at the time of submission of EOI responses. The cost of bid documents in demand draft issued from any Nationalized Scheduled Bank should made in favour of **"The Odisha State Police Housing & Welfare Corporation Limited"** and payable at **Bhubaneswar.**

12025/11/0020/1920 Sd/- Superintendent Engineer **OPHWC, Bhubaneswar**

ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. H.O./P&C/EST-E-977/04/2019 (p-III) - 14053 Dated: 14.08.2019

NOTICE INVITING TENDER THROUGH e-Procurement

Name of the Work :- Construction of RCC/SFRC Pre-cast compound wall at Chandaka I.E., Bhubaneswar.
Estimated cost :- Rs. 33.98 lakh (apprx).
Period of completion :- 03 (three) calendar months.

Procurement Officer	Bid Identification No.	Availability of Tender on-Line for Bidding	
		From	To
1	2	3	4
Chief General Manager (P&C), IDCO, Idco Tower, Bhubaneswar	Bid ID. No. PC-EST-E-20/2019-20	21.08.2019 at 10.00 Hrs.	30.08.2019 up to 17.00 Hrs.

Further details can be seen from the e-Procurement Portal. **www.tendersorissa.gov.in.** and Corrigendum if any will not be published in newspapers and can only be seen in the e-procurement portal **www.tenderorissa.gov.in.** and IDCO Website **www.idco.in.**

Sd/-
Chief General Manager (P&C)
IDCO, Bhubaneswar

No.15-RR

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂସ୍କୃତି ଭବନ, ଭୁବନେଶ୍ୱର-୧୪

'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୦୧୯ମସିହା ପାଇଁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ସଙ୍ଗଠନ/ସାହିତ୍ୟିକ/ସାହିତ୍ୟିକାଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥରାଶି ପ୍ରଦାନ ସହିତ ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯିବ। ଏହି ସମ୍ମାନ ପ୍ରତ୍ୟେକ ବର୍ଷ ଜଣେ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ।

୨.(କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କ ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ। ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କରେ ଉତ୍କୃଷ୍ଟ ଆଲୋଚନା ବା ସାରସ୍ୱତ ରଚନାର କୃତିତ୍ୱକୁ ଅଗ୍ରାଧିକାର ଦିଆଯିବ।

(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ସଙ୍ଗଠନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କାରାଯିବ। ଯେଉଁ ସାରସ୍ୱତ ଅନୁଷ୍ଠାନ ଅତିକମ୍‌ରେ ୫ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ/ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ ତାଙ୍କୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ। ଯେଉଁ ଅନୁଷ୍ଠାନ ଫକୀରମୋହନଙ୍କ ସାହିତ୍ୟର ପ୍ରଚାର/ପ୍ରସାର ପାଇଁ କାର୍ଯ୍ୟ କରିଥିବେ ସେହି ଅନୁଷ୍ଠାନକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।

୩. ଏଥିପାଇଁ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ।

୪. ସାହିତ୍ୟିକ ସଙ୍ଗଠନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୂନ ୫ବର୍ଷ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ।

୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।

୬. ଆବେଦନ କରିଥିବା ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇନଥିବେ।

୭. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ/ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ।

୮. ଏହି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।

୯. ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ ଫର୍ମ ସଠିକ୍ ଭାବେ ପୂରଣ କରି ତା.୨୩।୦୯।୧୯ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୧୪ରେ ଦାଖଲ କରିପାରିବେ। ନିର୍ଦ୍ଦିଷ୍ଟ ସମୟପରେ କୌଣସି ଆବେଦନପତ୍ର ଗ୍ରହଣୀୟ ହେବନାହିଁ। ଏ ବିଷୟରେ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ସୁରେଶ ଚନ୍ଦ୍ର କର, ସଂସ୍କୃତ ବିଦ୍ୱାନ, ମୋ-୯୪୩୯୯୧୧୯୮୭ଙ୍କ ସହ ଯୋଗାଯୋଗ କରିପାରିବେ।

୧୦. ଆବେଦନ ସମ୍ବନ୍ଧୀୟ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର website : **www.odishaculture.gov.in**ରେ ମଧ୍ୟ ଉପଲବ୍ଧ ଅଟେ।

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର

ଆବେଦନ ଫର୍ମ
ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ-୨୦୧୯

୧. ସାହିତ୍ୟିକ/ସାହିତ୍ୟିକା/ଅନୁଷ୍ଠାନଙ୍କ ନାମ :
୨. ସାହିତ୍ୟିକ/ସାହିତ୍ୟିକା/ଅନୁଷ୍ଠାନଙ୍କ ଠିକଣା ଓ ଫୋନ ନଂ. :
୩.(କ) ଜନ୍ମତାରିଖ (ବ୍ୟକ୍ତିଙ୍କ କ୍ଷେତ୍ରରେ) :
(ଖ) ପଞ୍ଜିକରଣ ତାରିଖ ଓ ସ୍ଥାନ (ଅନୁଷ୍ଠାନ କ୍ଷେତ୍ରରେ) :
(ଆବଶ୍ୟକୀୟ ପ୍ରମାଣପତ୍ର ନକଲ ସଂଯୋଗ କରିବେ)
୪. ସାହିତ୍ୟିକ ଗବେଷଣା/କୃତିର ସବିଶେଷ ବିବରଣୀ :
(ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ)
୫. ବ୍ୟାସକବି ଫକୀରମୋହନଙ୍କ ରଚନା ଉପରେ କରିଥିବା ଗବେଷଣା ତଥା ସାହିତ୍ୟିକ ପର୍ଯ୍ୟାଲୋଚନାର ସବିଶେଷ ବିବରଣୀ
(ସମ୍ବନ୍ଧିତ କାଗଜପତ୍ର ଦାଖଲ କରିବେ) :
୬. ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲାଭ କରିଥିବା ପୁରସ୍କାର ବିବରଣୀ :
(ପ୍ରମାଣପତ୍ର ନକଲ ଦାଖଲ କରିବେ)
୭. ଅନୁଷ୍ଠାନ କ୍ଷେତ୍ରରେ ବିଗତ ୫ବର୍ଷର କାର୍ଯ୍ୟ ଓ ବ୍ୟୟ ସମୀକ୍ଷା ବିବରଣୀ :
ଉପରୋକ୍ତ ସମସ୍ତ ତଥ୍ୟ ସଠିକ ଅଟେ।

ସାହିତ୍ୟିକ/ସାହିତ୍ୟିକା/ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର
(ଅନୁଷ୍ଠାନ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କ ସ୍ୱାକ୍ଷର)

03001/11/0017/1920

ODISHA HYDRO POWER CORPORATION LIMITED.
OHPC
OFFICE OF THE SENIOR GENERAL MANAGER (ELECTRICAL):
BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R).FAX – 06861-232541.
E mail- <unit.head_balimela@yahoo.com>
REGD. OFFICE: **ODISHA HYDRO POWER CORPORATION LIMITED.**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel. : 91-0674-2542983,2542802,25425526, 2542826, Fax: 254102, GRAM: HYDROPWER
E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com

No. CAD-304

NOTICE INVITING TENDER No.-BHEP/DE-III/ 27 /2019-20 Dtd. 19.08.2019

Sealed Tenders are invited in single part from the eligible class of Contractors/Firms/Agencies having experience in State/Central PSU/Govt. of Odisha having **valid license** &fulfilling the eligibility criteria as per the tender specification for the work as mentioned below.

Group.	Description of Works	Estimated Cost in Rs.	Cost of tender paper (Non-refundable) in Rs.	EMD in shape of DD only (Refundable) in Rs.	Period of availability of tender at OHPC website.	Last date & Time of receipt of Tender.	Date & Time of opening of Techno Commercial bid.
A	**Repair and Maintenance of Officer's Recreation club, BHEP, Balimela.**	Rs. 4,08,325/-	Rs. 2000/- (+GST @18%) = Rs.2360/-	Rs. 4,100/-	21.08.2019	11.09.2019 12:00 Noon	11.09.2019 12:30 P.M
B	**Development of OSEB employees recreation club, BHEP, Balimela.**	Rs. 2,96,546/-	Rs. 2000/- (+GST @18%) = Rs.2360/-	Rs. 3,000/-	21.08.2019	11.09.2019 12:00 Noon	11.09.2019 12:30 P.M
C	**Development of BPR club, BHEP, Balimela.**	Rs. 4,31,028/-	Rs. 2000/- (+GST @18%) = Rs.2360/-	Rs. 4,400/-	21.08.2019	11.09.2019 12:00 Noon	11.09.2019 12:30 P.M
D	**Repair & Maintenance of different colony drains, BHEP, Balimela.**	Rs. 5,08,796/-	Rs. 4000/- (+GST @18%) = Rs.4720/-	Rs. 5,100/-	21.08.2019	11.09.2019 12:00 Noon	11.09.2019 12:30 P.M

For details of the tender documents, terms & conditions, please visit our website **www.ohpcltd.com**

04019/11/0033/1920 Sd./- **Unit Head BHEP, Balimela**

DISTRICT PROJECT OFFICE RTE-SS, SAMBALPUR

SHORT TENDER CALL NOTICE

No.1393/SC/ST Dt.19.08.19

(FOR SUPPLY OF HINDI SCRIPT BOOKS FOR SAMBALPUR DISTRICT)

Sealed quotations are invited from publishers/firms/book sellers having GST Registration certificate, PAN number for supply of Hindi script text books for Class - I to Class - VIII (as per syllabus of Odia medium N.T. Books) except language books for Sambalpur District. The details of requirement and terms & conditions are available in the website **www.opepa.odisha.gov.in** & **www.sambalpur.nic.in.** The authority reserves the right to accept or reject all the tenders without assigning any reason thereof.

1.	Name of the work	Supply of Hindi script Text Books for Class - I to VIII (Except language books)
2.	Cost of tender paper (in shape of D.D)	Rs.200/-
3.	EMD (in shape of D.D)	Rs.4,000/-
4.	Last date & time of receiving tender	29.08.19 on or before 1 P.M.
5.	Date & Time of opening tender	29.08.19 at 4 P.M.

By the order of Collector-Cum-Chairman, Sambalpur

Sd./- District Project Coordinator
RTE-SS, Sambalpur

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର

DISTRICT RURAL DEVELOPMENT AGENCY, GANJAM, CHATRAPUR
Phone: (06811) 263965, EPBX: (06811) 263920, FAX: (06811) 263552,
Email: ori-dganjam@nic.in

Letter No 7600 Dated: 19.08.19

Expression of Interest (EOI)

DRDA, Ganjam invites sealed tenders from eligible, reputed and qualified organizations for **"Selection of Human Resource Service Provider Agency to Place Faculty & Support Staff for DISTRICT PANCHAYAT RESOURCE CENTER (DPRC).**

The interested bidders who have desired to participate having minimum eligible qualifying criteria i.e. Company Registered under the Indian Companies Act. 1956 and be in business for more than 5 years in India as on last date of submission of bid, must be registered with GST, EPF, ESI, PAN and filed up-to-date IT return for last three year and the bidder must be a CMM/ISO/9001/IES/20000 certified Company. The tender paper, technical bid, tender fees and EMD shall be put in a sealed envelope with superscription as **"Technical Bid".** The price bid shall be put in a separate sealed envelope with superscription as **"Price Bid".** Both the envelopes shall be put in a separate envelope with superscription as **"Proposal for Selection of Resource Providing Agency for District Panchayat Resource Centre".** The required documents should reach to the office of the **"Project Director, DRDA, Ganjam" in Speed Post/ Registered** Post only on or before 04.09.2019 at 5.00 PM.

The detail Terms and Condition along with RFP document will be available in website **http://ganjam.nic.in.**

Important Activities:

1.	Opening Date for Submission of RFP Document:	21.08.2019
2.	Last Date for submission of Documents:	04.09.2019 at 5.00 PM
3.	Pre-Bid Meeting:	30.08.2019
4.	Evaluation of Bid Documents:	04.09.2019 at 5.00 PM
5.	Cost of EMD:	Rs. 50,000/-
6.	Cost of Tender Document:	Rs. 5,000/-

Sd./- Project Director, DRDA, Ganjam

See Career Appointment on every Wednesday & Saturday

ଟମାଟୋ

ଏବେଠାରୁ ଟମାଟୋ ଲଗାଇ ପାରିବେ। ଟମାଟୋର ଉନ୍ନତ ବିହନ କିସମ ଯଥା ବିଟି-୨, ବିଟି-୧୦, ବିଟି-୧୨, ନିଳାଦ୍ରୀ, ସଦାବାହାର, ମାଧୁରୀ, ମହାରଥି, ମର୍ଣ୍ଣସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର।

ତଳି ଲଗାଇବା ପ୍ରଣାଳୀ: ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦ କିଗ୍ରା ଭଲଭାବେ ସଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣନ୍ତୁ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରୀରେ ରୁଅନ୍ତୁ। ତଳିଗୁଡ଼ିକୁ ୬୦x୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।

ଗୋରୁଙ୍କ ଚର୍ମବିଣ୍ଡି ବସନ୍ତ ରୋଗର ଚିକିତ୍ସା

ଏବେ ରାଜ୍ୟର କେତେକ ଅଞ୍ଚଳରେ ଗୋରୁଙ୍କ ଦେହରେ ଏକ ପ୍ରକାରର ରୋଗ ଦେଖାଦେଇଛି। ଏଥିରେ ଗୋରୁଙ୍କ ମୁଣ୍ଡ, ବେକ, ଗୋଡ଼ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି 'ଫୁଲା' ଦେଖାଯାଉଛି। ଆବୁଗୁଡିକ ଗୋଲାକାର ଓ ଅନେକ କଳା ରଙ୍ଗର। ଆକ୍ରାନ୍ତ ଗୋରୁଙ୍କ ଶରୀରର ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡୁଛନ୍ତି। ଫଳରେ ଚାଲିବାରେ କଷ୍ଟ ଅନୁଭବ କରୁଛନ୍ତି। ତେବେ ଏହା ଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ୍ ଦ୍ୱାରା ବ୍ୟାପିଥାଏ। ଏହା ସଂକ୍ରାମକ ତଥା ମଶା, ଡାଆଁଶ ଓ ଟିଙ୍କ ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି। ଆବୁର ଘା, ରକ୍ତ, ଲାଳ, ସିଂଘାଣି, ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପ୍ରାଣୀ ଶରୀରରୁ ଅନ୍ୟ ପ୍ରାଣୀର ଶରୀରକୁ ସଂକ୍ରମିତ ହୋଇଥାଏ। ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ଉପଲବ୍ଧ ନାହିଁ, କିନ୍ତୁ ଜୀବାଣୁ ସଂକ୍ରମଣ ରୋକିବାକୁ ଆଣ୍ଟିବାୟୋଟିକ୍ ବ୍ୟବସ୍ଥା କରିବା ଜରୁରୀ। ଗୋରୁଙ୍କ ଶାରୀରିକ ତାପମାତ୍ରା ବୃଦ୍ଧି ରୋକିବାକୁ ଔଷଧ ଦେବା ଦରକାର ଓ ଆବୁ ଫାଟିଗଲେ ସେଥିରେ ଆଣ୍ଟିସେପ୍ଟିକ ମଲମ ଲଗାଇବା ଆବଶ୍ୟକ। ଏ ରୋଗରେ ପ୍ରାୟତଃ ଗୋରୁଙ୍କ ମୃତ୍ୟୁ ହୁଏ ନାହିଁ। ତେଣୁ ଭୟଭୀତ ନ ହୋଇ ପ୍ରାଣୀପାଳକମାନେ ଏହାର ମୁକାବିଲା କରିବା ଦରକାର।

ତେବେ କୌଣସି ଅଞ୍ଚଳରେ ଏ ରୋଗ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରି ବିହିତ ବ୍ୟବସ୍ଥା କରାନ୍ତୁ।

-ଡା. ମଦନ ମୋହନ ମହାପାତ୍ର
ସହକାରୀ ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ

ନଳିତା ଶଢ଼ାଇବା ପ୍ରଣାଳୀ

କଟା ନଳିତା ଗଛଗୁଡ଼ିକୁ ପାଣିରେ ୧୦-୧୨ଦିନ ପର୍ଯ୍ୟନ୍ତ ସଢ଼ାନ୍ତୁ। ନଳିତା ଶଢ଼ାଇବା ପ୍ରକ୍ରିୟା ତନ୍ତୁର ଗୁଣ ଓ ମାନ ନିର୍ଦ୍ଧାରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନଳିତା ଶଢ଼ାଇବା ପାଇଁ ପରିଷ୍କାର ଓ ସ୍ୱଚ୍ଛ ପାଣି ବ୍ୟବହାର କରନ୍ତୁ। ଏହା ଉତ୍ପାଦିତ ତନ୍ତୁର ପୋକ ଓ ରଙ୍ଗକୁ ନଷ୍ଟ ହେବାକୁ ଦିଏନାହିଁ। ସ୍ଥିରପାଣି ଅପେକ୍ଷା ଧୀରେ ଧୀରେ ବହିଯାଉଥିବା ପରିଷ୍କାର ପାଣି ନଳିତା ସଢ଼ାଇବା ଲାଗି ଅଧିକ ଉପଯୋଗୀ। ଗଛର ମୂଳ ଭାଗ ଅପେକ୍ଷାକୃତ ଭାବେ ମୋଟା ଓ ପରିପକ୍ୱ ହୋଇଥିବାରୁ ଏହା ସଢ଼ିବା ପାଇଁ ଅଧିକ ସମୟ ଦରକାର କରିଥାଏ। ଏଥିଲାଗି ବିଡାଗୁଡ଼ିକୁ ୬୦ସେ.ମି ପାଣିଥିବା ସ୍ଥାନରେ ୨-୩ଦିନ ଠିଆ କରି ରଖାଯିବା ଆବଶ୍ୟକ। ତା'ପରେ ଗଛର ମୂଳ ଅଂଶକୁ ସାମାନ୍ୟ ବାଡ଼େଇ

୫-୧୦ଭାଗ ୟୁରିଆ ଦ୍ରବଣରେ ୧ ମିନିଟ୍ ବୁଡାଇ ରଖାଯିବା ପରେ ବୁଡାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡାଇ ଦିଅନ୍ତୁ। ଭେଳାର ତଳଅଂଶ ମାଟିରେ ଲାଗିବାକୁ ଦିଅନ୍ତୁ ନାହିଁ। ନଳିତା ସଢ଼ିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ କବକ କଲ୍‌ଚର ବ୍ୟବହାର କରନ୍ତୁ।

-ନଳିତାରେ ଘୋଡାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ। ଜମିରେ ଅଧିକ ପାଣି ଜମି ରହିଗଲେ ବୟସ୍କ ଗଛରେ କାଣ୍ଡସଢ଼ା ରୋଗ ଦେଖାଯାଇଥାଏ। ଯଦ୍ୱାରା ପତ୍ର ଝଡିଯାଏ ଏବଂ କାଣ୍ଡ କଳା ପଡି ପଚିଯାଏ। ଆକ୍ରାନ୍ତ ପତ୍ର ଓ କାଣ୍ଡରେ କଳାଦାଗ ଦେଖାଯାଏ। ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ଏକଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ କିମ୍ବା ୩.୫ଗ୍ରାମ୍ ମାଙ୍କୋଜେବ୍ ମିଶାଇ ପତ୍ର ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ ହୋଇଥାଏ।

ରୁଆଧାନ ସମ୍ପର୍କରେ...

ଯେଉଁ ଚାଷୀ ଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି, ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬କିଗ୍ରା ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩-୪ସପ୍ତାହର ହୋଇଗଲେ ରୋଇବା ଲାଗି ଉପଯୁକ୍ତ ହୋଇଥାଏ। ସେପରିସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରୀକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କିଗ୍ରା ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହିତ ୨କିଗ୍ରା ପିଏସ୍ ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ଼ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮କିଗ୍ରା ଯବକ୍ଷାରଜାନ, ୧୨-୧୬କିଗ୍ରା ଫସଫରସ ଓ ୧୨-୧୬କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡିକୁ ୧୫-୨୦ସେ.ମି ବୁଦାକୁ ବୁଦା ୧୦ସେ.ମି ବ୍ୟବଧାନ ରଖନ୍ତୁ। ବୁଦାପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରୀରେ ନଖବୁଡା ପାଣି ରଖନ୍ତୁ।

ଧାନ ତଳି ବୁଢ଼ା ହୋଇଯାଇଥିଲେ - ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

ବନ୍ୟା କ୍ଷତିଗ୍ରସ୍ତ ଧାନଫସଲ

ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଆମ ରାଜ୍ୟରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ(ଦକ୍ଷିଣ ଓଡିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ)। ତେଣୁ ମଧ୍ୟମ କିସମ ଜମିପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ଲାଗି ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ଲାଗି ତଳିଘରାରେ ଯଥେଷ୍ଟ ଖତ ଓ ଯବକ୍ଷାରଜାନ ସାର ଦିଅନ୍ତୁ।

ଫଳ ଓ ପନିପରିବା ଚାଷ ପାଇଁ ଉନ୍ନତ ଜଳସେଚନ ପଦ୍ଧତି

-ଶିବ ପ୍ରସାଦ ମିଶ୍ର

ଆବଶ୍ୟକତା ଠାରୁ ଯଦି ଅଧିକ ଜଳ ଗଛର ଚେରମୂଳରେ ଜମି ରହେ ତାହା ଗଛର ଅତ୍ୟଧିକ କ୍ଷତି କରିଥାଏ। କାରଣ ଏହା ଗଛର ଖାଦ୍ୟ ଓ ଅମ୍ଳଜାନ ସଂଗ୍ରହରେ ବ୍ୟାଘାତ ସୃଷ୍ଟି କରେ। ସେହିପରି ଗଛ ଯଦି ଆବଶ୍ୟକ ମୁତାବକ ପାଣି ନ ପାଏ ତେବେ ଗଛର ଅଭିବୃଦ୍ଧି ଠିକ୍ ଭାବରେ ଏବଂ ଠିକ୍ ସମୟରେ ହୋଇପାରେ ନାହିଁ। ତେଣୁ ଗଛର ଚେରମୂଳକୁ ଆବଶ୍ୟକ ଜଳ ଯୋଗାଇଦେବାର ଅଭିନବ ଉପାୟ ହେଉଛି ବୁନ୍ଦା ଜଳସେଚନ। ଏହି ପଦ୍ଧତି ସାଧାରଣତଃ ଫଳଚାଷ ଏବଂ ପନିପରିବା ଚାଷ ପାଇଁ ଉପଯୁକ୍ତ।

ବୁନ୍ଦା ଜଳସେଚନର ଉପକାରିତା :

- ସମାନ ଭାବରେ ଏବଂ ଠିକ୍ ସମୟରେ ଗଛ ତା'ର ଚେରମୂଳରେ ଆବଶ୍ୟକତା ଅନୁଯାୟୀ ଜଳ ପାଇବା ଦ୍ୱାରା ଭଲ ଭାବରେ ବଢ଼େ ଏବଂ ଫସଲ ଉତ୍ପାଦନ ଶତକଡ଼ା ୨୦ରୁ ୩୦ଭାଗ ବୃଦ୍ଧି ପାଇଥାଏ।
- ଏହି ପଦ୍ଧତି ଦ୍ୱାରା ଶତକଡ଼ା ୪୦ରୁ ୫୦ଭାଗ ଜଳ କମ୍ ଖର୍ଚ୍ଚ ହୁଏ ଏବଂ ବଳକା ଜଳକୁ ଅଧିକ ଜମିରେ ପ୍ରୟୋଗ କରିବାର ସୁବିଧା ଥାଏ।
- ପାଣିରେ ମିଳାଇ ଯାଉଥିବା ସାର ଏବଂ କୀଟନାଶକ ଔଷଧ ମଧ୍ୟ ସହଜରେ ଗଛ ମୂଳକୁ ପ୍ରୟୋଗ କରାଯାଏ।
- ଚାଷ ହେଉଥିବା ସ୍ଥାନରେ ମାଟି ଓଦା ନ ହେବା ଫଳରେ ଅନାବନା ଗଛ, ଘାସ ଓ କୀଟଙ୍କ ବୃଦ୍ଧି ରୋକାଯାଇଥାଏ।
- ଗଛକୁ ପାଣି ଦେବା, ଘାସ ଓପାଡ଼ିବା, ନାଳ ତିଆରି କରିବା ଏବଂ ସାର ଦେବାରେ ମଜୁରୀ ଖର୍ଚ୍ଚ କମ୍ ହୁଏ।
- ଏହି ପଦ୍ଧତିରେ ଯେକୌଣସି ଉଚ୍ଚ, ଖାଲ, ଢ଼ିପ ଜମିରେ ବିନା ସମତଳରେ ସମୟ, ଅର୍ଥ ଏବଂ ଶ୍ରମ ସଞ୍ଚୟ କରି ଜଳସେଚନ କରିହୁଏ।
- ମୃତ୍ତିକା କ୍ଷୟ ନ କରି ଯେକୌଣସି ପ୍ରକାରର ଦୂଷିତ ଜଳ କିମ୍ବା ଲବଣାକ୍ତ ଜଳକୁ ସଠିକ୍ ଫିଲ୍‌ଟର ଦ୍ୱାରା ଏହି ପଦ୍ଧତିରେ ବ୍ୟବହାର କରାଯାଏ।
- ବିଶେଷ କରି ବୁନ୍ଦା ଜଳସେଚନ ଦ୍ୱାରା ବିଭିନ୍ନ ପ୍ରକାର ଫଳଚାଷ, ଆମ୍ବ, ସପେଟା, ଲେମ୍ବୁ, ଡାଳିମ୍ବ, ନଡ଼ିଆ, କଦଳୀ, ସେଓ ଠାରୁ ଆରମ୍ଭ କରି ଆଖୁ, ଚା, ଚିନାବାଦାମ, ପାନ, କଫି ଏବଂ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଇପାରେ।

ଅପକାରିତା : ବୁନ୍ଦା ଜଳସେଚନ ପଦ୍ଧତି ଦ୍ୱାରା ପ୍ରାରମ୍ଭିକ ଖର୍ଚ୍ଚ ଅଧିକ।

- ମାଟି ଜମି ଡ୍ରିପର ଅକାମୀ ହୋଇଯାଏ।

- ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ।
- ଏହାକୁ ବ୍ୟବହାର ପାଇଁ ଜ୍ଞାନକୌଶଳ ଶିଖିବାକୁ ପଡ଼ିଥାଏ।
- କେବେକେବେ ପାଇପ୍ ଲିକ୍ ହୋଇଯାଏ।

ସିଞ୍ଚନ ଜଳସେଚନ : ସିଞ୍ଚନ ଜଳ ସେଚନ ପଦ୍ଧତିରେ ପାଣି ପମ୍ପ ସାହାଯ୍ୟରେ ଅଧିକ ଚାପରେ ପାଇପ୍ ଗୁଡ଼ିକ ମଧ୍ୟରେ ଯାଇ ସ୍ପ୍ରିଙ୍କଲର ଦ୍ୱାରା ବୃତ୍ତାକାର ପଥରେ ଫସଲ ଓ ଜମି ଉପରେ ପଡ଼ିଥାଏ। ଏହି ପଦ୍ଧତିରେ ମୁଖ୍ୟ ଉପାଦାନଗୁଡ଼ିକ ହେଲା ପମ୍ପସେଟ୍, ମୁଖ୍ୟ ପାଇପ୍, ଲାଟେରାଲ ପାଇପ୍ ଏବଂ ସ୍ପ୍ରିଙ୍କଲର।

ଏହି ପ୍ରଣାଳୀର ବିଶେଷତ୍ୱ ହେଉଛି : - ଏହି ପ୍ରଣାଳୀ ଯୋଗୁଁ ଫସଲ ଓ ପାଣିପାଗ ଉପରେ ନିର୍ଭର କରେ ନାହିଁ।

- ଦରକାର ମୁତାବକ କୃତ୍ରିମ ବର୍ଷା ଦ୍ୱାରା ବାୟୁ, ଜଳ ଓ ମାଟିର ଠିକ୍ ସମନ୍ୱୟ ରହେ। ତେଣୁ ଗଛ ଠିକ୍ ଭାବରେ ବଢ଼ିବା ସଙ୍ଗେ ସଙ୍ଗେ ଅଧିକ ଅମଳ ଦିଏ।
- ଢ଼ାଲ ଜମିରେ ମଧ୍ୟ ଜଳସେଚନ କରିହୁଏ। ତେଣୁ ଜମି ସମତୁଲର ଆବଶ୍ୟକତା ନ ଥାଏ।
- ଏହି ପ୍ରଣାଳୀ ଯୋଗୁଁ ବର୍ଷର ଯେ କୌଣସି ସମୟରେ ମଧ୍ୟ ଚାଷ କାମ କରିହୁଏ।
- ଏହି ସ୍ପ୍ରିଙ୍କଲର ପଦ୍ଧତି ସୁବ କିସମ ମାଟି ପାଇଁ ବ୍ୟବହାର କରିହୁଏ।
- ଏହି ପ୍ରଣାଳୀ ମାଧ୍ୟମରେ ଦ୍ରବୀଭୂତ ସାର ଓ କୀଟନାଶକ ଔଷଧ ମଧ୍ୟ ପ୍ରୟୋଗ କରାଯାଇପାରେ।
- ବିଆଇଏସ୍ ମାର୍କ ଥିବା ସ୍ପ୍ରିଙ୍କଲର ଗୁଣାତ୍ମକମାନ, କାର୍ଯ୍ୟକ୍ଷମତା ଏବଂ ନିର୍ଭରଯୋଗ୍ୟତାର ପ୍ରତୀକ। ଚାରା ଉତ୍ପନ୍ନ ଠାରୁ ଆରମ୍ଭ କରି ପନିପରିବା, ଚା', କଫି ଇତ୍ୟାଦି ଚାଷ ପର୍ଯ୍ୟନ୍ତ ଜଳସେଚନ କରିଥାଏ ଏହି ସ୍ପ୍ରିଙ୍କଲର।
- ବିଶେଷ ଭାବରେ ଡିଜାଇନ୍ (ଏଚ୍.ଡ଼ି.ପି.ଇ) ସ୍ପ୍ରିଙ୍କଲର ସିଷ୍ଟମ ଆପଣଙ୍କୁ ଆପଣଙ୍କର କ୍ଷେତରୁ ଦେଇଥାଏ ଅଧିକ ଅମଳ। ଏହି ପ୍ରଣାଳୀରେ ଏବେ ରହିଛି ଅଧିକ ମଜବୁତ (ଏଚ୍.ଡ଼ି.ପି.ଇ) ପାଇପ ଆଉ ସୁପର ଲୁକ୍।
- ସୁପର ଲକ୍ ଷ୍ଟିଲ୍ ସ୍ପ୍ରିଙ୍ଗ ଫିଟ୍ କରାଯାଇ ହଳଦିଆ ହୁକ ଥିବା ଏକ ବିଶେଷ କପ୍‌ଲର ଯେଉଁଥିରୁ ମିଳିଥାଏ ୧୦୦% ପିକ୍କା ଜୋଡ଼। ଏହାକୁ ଖୋଲିବା ଓ ଲଗାଇବା ଆହୁରି ସହଜ।

-ବିଶେଷଜ୍ଞ (ପନିପରିବା ବିଭାଗ), ଓୟୁଏଟି, ଭୁବନେଶ୍ୱର
ମୋ:୯୪୩୭୧୩୫୯୩୯

କିପରି କରିବେ ଜଡ଼ା ଚାଷ

ଜଡ଼ା ମଞ୍ଜିରେ ୫୨ ପ୍ରତିଶତ ତେଲ ଥାଏ, ଯାହାକୁ ଔଷଧ ଓ ଜାଳେଣିରେ ବ୍ୟବହାର କରାଯାଏ। ଏହା ସାଧାରଣତଃ ବର୍ଷା ତଥା ଶୀତ ଋତୁରେ ରାଜ୍ୟର ଆଭ୍ୟନ୍ତରୀଣ ଜିଲାଗୁଡିକରେ ଚାଷ ହୋଇଥାଏ। ଡିପ ଜମି, ପାହାଡିଆ ଅଞ୍ଚଳ, ହିଡ ଓ ନଦୀପଠାରେ ଚାଷ କରାଯାଏ। ତୈଳବୀଜ ଓ ଡାଲି ଜାତୀୟ ଫସଲ ସହ ମିଶ୍ରିତ ଚାଷ ରୂପେ ଏହାକୁ ଗ୍ରହଣ କରାଯାଏ। ଅନୁର୍ବର ଜମିରେ ଖତସାର ନ ଦେଇ ଦେଶୀ ବିହନ କରୁଥିବାରୁ ଅମଳ କମ୍ ମିଳୁଛି।

କିସମ : ଏହା ଏକ ମରୁଡି ସହଣି ଫସଲ। ରାଜ୍ୟର ଜଳବାୟୁ ଏହି ଚାଷ ପାଇଁ ଅନୁକୂଳ। ଦୋରସା ମାଟି ଏହି ଚାଷ ଲାଗି ଉପଯୁକ୍ତ। ଅଧିକ ଅମଳ କିସମ ହେଲା ଅରୁଣା, ଭାଗ୍ୟ, କ୍ରାନ୍ତି, ଜ୍ୟୋତି ଇତ୍ୟାଦି(୯୦ରୁ ୧୫୦ ଦିନ ଅବଧି)। ସଙ୍କର କିସମ ହେଲା - ଜିସିଏଚ୍ - ୪, ଜିସିଏଚ୍ -୫, ଜିସିଏଚ୍ -୬, ଜିସିଏଚ୍



-୩୨, ଜିସିଏଚ୍-୧୭୭, ଏମ୍‌ପିଏଚ୍- ୧, ଏସ୍‌ଏ -୨ଇତ୍ୟାଦି(୯୦ ରୁ ୧୮୦ ଦିନ ଅବଧି)।

ବିହନ ବୁଣା ଓ ଖତସାର : ଏକର ପ୍ରତି ୪ କିଗ୍ରା ଜଡ଼ା ବିହନ ଦରକାର ହୋଇଥାଏ। ବିହନ ବିଶୋଧନ ପରେ ବର୍ଷାଦିନେ ଜୁନ୍ ମାସ ସୁଦ୍ଧା ଓ ଶୀତ ଋତୁରେ ନଭେମ୍ବର ୧୫ ମଧ୍ୟରେ ବୁଣାଯାଏ। ବୁଣିବା ପୂର୍ବରୁ ଗୋଟିଏ ଦିନ ପାଣିରେ ବତୁରାଇ ୯୦ ସେମି x ୪୫ ସେମି (ସବୁ କିସମ) ଓ ୧୨୦ ସେମି x ୬୦ ସେମି(ସଙ୍କରଜଡା) ବ୍ୟବଧାନରେ ବୁଣାଯାଏ। ଏକର ପ୍ରତି ୧୦ କୁଇଣ୍ଟାଲ ଖତ, ସାର, ୨୪-୧୬-୧୬ କିଗ୍ରା ଏନ୍‌ପିକେ(ଡିଏପି - ୩୫ କିଗ୍ରା + ୟୁରିଆ ୩୭ କିଗ୍ରା+ ପଟାସ ୨୭ କିଗ୍ରା)ଦରକାର ପଡିଥାଏ। ଜଳସେଚିତ ଜଡା ଚାଷର ମୂଳସାର ହିସାବରେ ସମସ୍ତ ଫସ୍‌ଫରସ୍ + ପଟାସ୍ + ୧/୩ ଯବକ୍ଷାରଜାନ ଦିଆଯାଏ। ଅବଶିଷ୍ଟ ୟୁରିଆ ସାରକୁ ଗଛ ଉଠିବାର ଦେଢ ମାସ ଓ ଅଢେଇ ମାସ ବେଳକୁ ଏକତୃତୀୟାଂଶ କରି ପ୍ରୟୋଗ କରାଯାଏ।

ରୋଗ-ପୋକ ପରିଚାଳନା : ମୂଳରେ ଗଛ ଗୋଟିଏ କରି ରହିବା ଆବଶ୍ୟକ। ଗଛ ଲଗାଇବାର ୩ ସପ୍ତାହ ଓ ୬ ସପ୍ତାହ ବେଳକୁ ଘାଷ ବଛାଯାଏ। ନଚେତ୍ ଫ୍ଲୁକ୍ଲୋରାଲିନ୍ ବା ପେଣ୍ଡି ମେଥାଲିନ୍‌ର ୮୦୦ ମିଲି ଏକର ପ୍ରତି ଶେଷ ଓଡଚାଷ ସମୟରେ ପ୍ରୟୋଗ କରନ୍ତୁ। ମିଶ୍ରିତ ଚାଷ ରୂପେ ଜଡା + ମାଣ୍ଡିଆ/ ହରଡ(୧:୧), ଜଡା + ଝୁଡଙ୍ଗ(୧:୨), ଜଡା+ ଚିନାବାଦାମ (୧:୫), ଜଡା + ହଳଦୀ(୧:୬), ଜଡା + ମକା(୨:୧) ନିଆଯାଏ। ୪ ରୁ ୫ଟି ଜଳସେଚନ ହେଉଥିବା ମଧ୍ୟରେ ଫୁଲ ଧରିବା ଓ ଫଳବୃଦ୍ଧି ସମୟରେ ନିଶ୍ଚିତ ଜଳସେଚନ କରାଯାଏ। ଘୋଡା ପୋକ ଓ କାଣ୍ଡ/ଫଳବିନ୍ଧା ପୋକ ନିୟନ୍ତ୍ରଣ ପାଇଁ କାର୍ବାରିଲ୍ ୪ ଗ୍ରାମ୍ କିମ୍ବା କ୍ୟୁନାଲ୍‌ଫସ୍ ୨ ମିଲି ଲିଟର ପ୍ରତି ସିଞ୍ଚନ କରାଯାଏ। ପତ୍ରପୋଡା, ମୂଳସଢା ଓ ଝାଉଁଳା ରୋଗ ଦେଖାଗଲେ କପର ଅକ୍ସି କ୍ଲୋରାଇଡ୍ (ସିଓସି) ୩ଗ୍ରାମ୍ ଲିଟର ପ୍ରତିରେ ମୂଳକୁ ଭିଜାଇ ଦିଆଯାଏ। କଳଙ୍କି ରୋଗରେ ସଲ୍‌ଫର ଗୁଣ୍ଡ ୧ କିଗ୍ରା ଏକର ପ୍ରତି ପ୍ରୟୋଗ କରାଯାଏ।

ଅମଳ: ଫଳ ପେଛାରେ ଯେକୌଣସି ଗୋଟିଏ ଫଳ ବାଦାମୀ ରଙ୍ଗ ପଡିଗଲେ ଅମଳ ଉପଯୋଗୀ ହୋଇଥାଏ। ସକାଳ ବେଳା ୪ରୁ ୬ ଥର ତୋଳି ଜଡା ଅମଳ କରାଯାଏ। ବୁଣିବାର ୩ ମାସ ପରେ ଅମଳ ଆରମ୍ଭ ହୋଇଥାଏ। ପେଛାଗୁଡିକୁ ୪ ରୁ ୫ ଦିନ ଖରାଦେଇ ଶୁଖାଇ ବାଡିରେ ବାଡେଇ ଅମଳ କରାଯାଏ। ମଞ୍ଜିକୁ ପରିଷ୍କାର କରି ୩ ରୁ ୪ ଦିନ ଟାଣ ଖରାରେ ଶୁଖାଇ ସାଇତି ରଖାଯାଏ। ଏକର ପ୍ରତି ୪ ରୁ ୬ କୁଇଣ୍ଟାଲ ମଞ୍ଜି ମିଳିଥାଏ।

- ଡ. ପରେଶ କୁମାର ପଣ୍ଡା,
ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦

ସଂକ୍ଷେପରେ

ଅଟୋ ଉଦ୍ୟୋଗରେ ମାନ୍ଦାବସ୍ଥା
ଇ-ଯାନ ନୀତି ଲାଗୁ ନେଇ ସରକାରଙ୍କ ପଛଘୁଞ୍ଚା

ନୂଆଦିଲ୍ଲୀ,୨୦-୮: ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଛାଇ ଯାଇଥିବାରୁ ଦେଶର ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡିବା ଆରମ୍ଭ ହୋଇଛି। ଏହାକୁ ଦେଖି କେନ୍ଦ୍ର ସରକାର ଭୟଭୀତ ହୋଇଛନ୍ତି। ଦେଶରେ ଇଲେକ୍ଟ୍ରିଯାନ ପ୍ରଚଳନ ଲାଗି ସରକାର ତରବରିଆ ନିଷ୍ପତ୍ତି ନେଇଥିଲେ। ଏବେ ଏହାକୁ ଧିମେଇ ଦେବା ଲାଗି ଆଗଭର ହେଲେଣି। ମିଡିଆ ରିପୋର୍ଟ ଅନୁଯାୟୀ, ୨୦୨୩ ପରେ ଇଣ୍ଟର୍ନାଲ କମ୍ବଶନ ଇଞ୍ଜିନ(ଆଇସିଇ)ଥିବା ତିନି ଚକିଆ ଓ ୧୫୦୦ ସିସିର ଇଞ୍ଜିନ ଥିବା ଦୁଇଚକିଆ ଗାଡ଼ି ବିକ୍ରି ଉପରେ କଟକଣା ଲଗାଇବାକୁ ସରକାର ଚିନ୍ତା କରୁଥିଲେ। ଏବେ ଏଥିରୁ ଓହରି ଆସିବାକୁ ସରକାର ଚାହୁଁଛନ୍ତି। ସମ୍ପୂର୍ଣ୍ଣ ଅଟୋ ସେକ୍ଟରକୁ ବାଧା ନ ପହଞ୍ଚାଇ ଧୀରେ ଧୀରେ ଇଲେକ୍ଟ୍ରିକ ଯାନ ପ୍ରଚଳନ କରିବା ଲାଗି ସରକାରଙ୍କ ଗୋଟିଏ ପକ୍ଷ ପ୍ରସ୍ତାବ ଦେଇଛନ୍ତି।

ମାତ୍ର ୫୯ ମିନିଟରେ ଘର, ଗାଡ଼ି ଋଣ ଦେବ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ନୂଆଦିଲ୍ଲୀ,୨୦-୮: ଏଣିକି ଘର ଓ ଗାଡ଼ି ଋଣ ଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଦୌଡିବାକୁ ପଡିବ ନାହିଁ। ସେମାନେ ଏଣିକି ଏହି ଋଣକୁ ମାତ୍ର ୫୯ ମିନିଟରେ ପ୍ରଦାନ କରିବେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ 'ପିଏସ୍‌ବି ଲୋନ୍ସ ଇନ୍ ୫୯ ମିନିଟ୍ସ' ପୋର୍ଟାଲକୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଏହି ପୋର୍ଟାଲ ଜରିଆରେ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ତେବେ ଏସ୍‌ବିଆଇ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ କର୍ପୋରେଶନ ବ୍ୟାଙ୍କ ଏହି ସୀମାକୁ ୫ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବେ ଅନେକ ରିଟେଲ ଋଣକୁ ଉକ୍ତ ଶ୍ରେଣୀରେ ଆଣିବାକୁ ଯୋଜନା ପ୍ରସ୍ତୁତ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଜେନେରାଲ ମ୍ୟାନେଜର ସଲିଲ କୁମାର କହିଛନ୍ତି ଯେ, ଉକ୍ତ ବ୍ୟବସ୍ଥା ଦ୍ୱାରା ଲୋକଙ୍କୁ ସହଜରେ ଋଣ ମିଳିଯିବ। ଏହାଦ୍ୱାରା ଜଟିଳ ପ୍ରକ୍ରିୟା ଶେଷ ହୋଇଯିବା ସହିତ ଋଣ ରାଶି ଜାରି ସମୟସୀମା ହ୍ରାସ ପାଇବ। ବର୍ତ୍ତମାନ ଅନୁମୋଦନ ପତ୍ର ପାଇବାର ୭ରୁ ୮ ଦିନ ପରେ ହିଁ ଋଣ ରାଶି ବ୍ୟାଙ୍କ ପ୍ରଦାନ କରୁଛି।

ଫିଟ୍‌ଜୀ ପକ୍ଷରୁ ବିଗ୍ ବ୍ୟାଙ୍ଗ ଏଜ୍‌ଟେଷ୍ଟ

FIITJEE

ଭୁବନେଶ୍ୱର, ୨୦-୮: ଫିଟ୍‌ଜୀ ପକ୍ଷରୁ ବିଗ୍ ବ୍ୟାଙ୍ଗ ଏଜ୍ ଟେଷ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଅକ୍ଟୋବର ୨୦ରେ ଦେଶବ୍ୟାପୀ ଅନୁଷ୍ଠିତ ହେବ। ପଞ୍ଚମ ଶ୍ରେଣୀଠାରୁ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇ ପାରିବେ। ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ପଞ୍ଜୀକରଣ ପ୍ରକ୍ରିୟା ଅକ୍ଟୋବର ୧୯ ଯାଏ ଚାଲିବ। ଏହି ଟେଷ୍ଟ ମାଧ୍ୟମରେ ଛାତ୍ରୀଛାତ୍ର ନିଜର କାର୍ଯ୍ୟ ଦକ୍ଷତା, ଜେଇଇ ମେନ୍, ଆଡଭାନ୍ସ, କେଭିପିୱାଇ, ବୋର୍ଡ, ବିଟସାଟ୍, ଏନ୍‌ଟିଏସ୍‌ଇ, ସିନିୟର ଏବଂ ଜୁନିୟର ଅଲିମ୍ପିଆଡ୍ ପ୍ରଭୃତି ସମ୍ପର୍କରେ ଜାଣିବାରେ ସହାୟତା କରିବ। ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀରୁ ପ୍ରସ୍ତୁତି କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଉଥାଉ ବୋଲି ଫିଟଜୀ ନିର୍ଦ୍ଦେଶକ ଆର ଏଲ୍ ତ୍ରିଖା କହିଛନ୍ତି।

> ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଡିଏଚ୍‌ଏଫ୍‌ଏଲ୍‌କୁ ଦେଇଥିବା ୪୫ ହଜାରକୋଟି ଟଙ୍କାର ଋଣକୁ ଇକ୍ୟୁଟିରେ ପରିଣତ କରିବାକୁ ବିଚାର କରୁଛି।
> – ରାଜକିରଣ ରାଏ, ୟୁବିଆଇ ଏମ୍‌ଡି ତଥା ସିଇଓ

> ସ୍ପାଇସଜେଟ୍ ଏୟାରଲାଇନ୍ସ ଏହାର ମୁମ୍ବାଇସ୍ଥିତ ସମସ୍ତ ଅପରେଶନକୁ ବିମାନବନ୍ଦରର ଟି୨କୁ ସ୍ଥାନାନ୍ତର କରିବାକୁ ଯାଉଛି।
> – ଅଜୟ ସିଂ, ସ୍ପାଇସଜେଟ୍ ସିଏମ୍‌ଡି

ପ୍ରତ୍ୟକ୍ଷ କରରେ ବଡ଼ଧରଣର ସଂସ୍କାର ପ୍ରସ୍ତୁତି

ନୂଆଦିଲ୍ଲୀ,୨୦-୮

ସର୍ବାଧିକ ଆୟକର ୨୦% ସୁପାରିସ
- ଏମ୍‌ଏଟି, ଡିଡିଟି ହଟିବ
- ବର୍ତ୍ତମାନ ବ୍ୟକ୍ତିଗତ ଟିକସ ସର୍ବାଧିକ ୩୦% ରହିଛି
- ୩ ବଦଳରେ ୪ ସ୍ଲାବ୍ ହେବ ବ୍ୟକ୍ତିଗତ ଆୟକର

କେନ୍ଦ୍ର ସରକାର ପରୋକ୍ଷ ଟିକସ ବ୍ୟବସ୍ଥାରେ ସଂସ୍କାର ଆଣି ଦେଶରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ କଲେ। ଏହାଦ୍ୱାରା ପ୍ରାୟ ଏକ ଡଜନରୁ ଊର୍ଦ୍ଧ୍ୱ ପରୋକ୍ଷ ଟିକସ ଲୋପ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏବେ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ବଡ଼ ଧରଣର ସଂସ୍କାର ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଦେଶରେ ପ୍ରତ୍ୟକ୍ଷ କର ଆଇନ ବଦଳରେ ଡାଇରେକ୍ଟ ଟ୍ୟାକ୍ସ କୋଡ୍(ଡିଟିସି) ଲାଗୁ କରିବା ଲାଗି ସରକାର ଏବେ ନିଷ୍ପତ୍ତି ନେଇଛନ୍ତି। ଏହାକୁ କିପରି ଲାଗୁ କରିହେବ ସେନେଇ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା। ବିଭିନ୍ନ ଦିଗ ଉପରେ ତର୍ଜମା କରି ଟାସ୍କଫୋର୍ସ ସରକାରଙ୍କୁ ତାଙ୍କର ସୁପାରିସ୍ ରିପୋର୍ଟ ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ସ୍ଲାବ୍‌ରେ ପରିବର୍ତ୍ତନ କରି ଆୟକର ସୀମାକୁ ସର୍ବାଧିକ ୨୦%ରେ ସୀମିତ ରଖିବା ସହ ସମସ୍ତ କମ୍ପାନୀଙ୍କ ପାଇଁ କର୍ପୋରେଟ ଟିକସକୁ ୨୫%କୁ ହ୍ରାସ କରିବା ପାଇଁ ସୁପାରିସ କରାଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବ୍ୟକ୍ତିଗତ ଆୟକର ସୀମାକୁ ୫ରୁ ୨୦ % ମଧ୍ୟରେ ୪ ସ୍ଲାବ୍‌ରେ ସୀମିତ ରଖିବାକୁ ଟାସ୍କଫୋର୍ସ ସୁପାରିସ କରିଛି। ବର୍ତ୍ତମାନ ସର୍ବନିମ୍ନ ୫% ଓ ସର୍ବାଧିକ ୩୦% ଟିକସ ସ୍ଲାବ୍ ରହିଛି। ସେହିପରି ୬୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ପାଇଁ ଆୟକର ଛାଡ଼ ସୀମା ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୫%, ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ପାଇଁ ୨୦% ଓ ୧୦ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦% ଟିକସ ଆଦାୟ କରାଯାଉଛି। ଉଚିତ୍ ନିବେଶ ଦ୍ୱାରା ଜଣେ ବ୍ୟକ୍ତି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ଼ର ସୁବିଧା ପାଇପାରିବେ। କାରଣ ଏହା ଉପରେ ଆୟକର ବିଭାଗ ପକ୍ଷରୁ ଅନେକ ପ୍ରକାର ରିବେଟ ଦିଆଯାଇଥାଏ। ବର୍ତ୍ତମାନ ବ୍ୟବସ୍ଥାରେ ବ୍ୟକ୍ତିଗତ ଟିକସଦାତାଙ୍କର ତିନୋଟି ଶ୍ରେଣୀ(୬୦ ବର୍ଷରୁ କମ୍, ୬୦ରୁ ୮୦ ବର୍ଷ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ) ରହିଛି।

ସେହିଭଳି କର୍ପୋରେଟ ଟିକସ କ୍ଷେତ୍ରରେ ମଧ୍ୟ ସଂସ୍କାର ପାଇଁ ସୁପାରିସ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ସମସ୍ତ କମ୍ପାନୀଙ୍କ ପାଇଁ କର୍ପୋରେଟ ଟିକସକୁ ୨୫%ରେ ସୀମିତ ରଖାଯାଉ। ବର୍ତ୍ତମାନ ବାର୍ଷିକ ୪୦୦ କୋଟି ଟଙ୍କା କାରବାର କରୁଥିବା କର୍ପୋରେଟଙ୍କ ପାଇଁ ୨୫% ଟିକସ ଧାର୍ଯ୍ୟ ହୋଇଛି। ଏହା ଅଧୀନରେ ଦେଶର ୯୯.୩% ପଞ୍ଜୀକୃତ କମ୍ପାନୀ ଆସିଯାଉଛନ୍ତି। ଅବଶିଷ୍ଟ ୦.୭ ପ୍ରତିଶତ ଏଥିରୁ ବାଦ୍ ପଡୁଛନ୍ତି। ତେବେ ଏହି ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ହୋଇଥିଲେ ହେଁ ସେମାନେ ସର୍ବାଧିକ ଟିକସ ଦେଉଛନ୍ତି। ଏହି ଟିକସ ହ୍ରାସ ବ୍ୟବସ୍ଥାକୁ ଧୀରେ ଧୀରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କରିବା ଲାଗି ଟାସ୍କଫୋର୍ସ ସୁପାରିସରେ ଦର୍ଶାଇଛି। ସେହିପରି ମିନିମମ୍ ଅଲ୍ଟରନେଟ ଟ୍ୟାକ୍ସ(ଏମ୍‌ଏଟି) ଏବଂ ଲାଭାଂଶ ବିତରଣ ଟିକସ(ଡିଡିଟି)କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଲାଗି ସୁପାରିସ କରାଯାଇଛି। ଏହାଛଡ଼ା ଆୟ ଉପରେ ଦୋହରା ଟିକସ ଆଦାୟ ବୋଝକୁ ପ୍ରତ୍ୟାହାର କରିବାକୁ କୁହାଯାଇଛି। ଉଦ୍ୟୋଗ ଜଗତ ଡିଡିଟି ଓ ଏମ୍‌ଏଟି ତଥା ଏଲ୍‌ଟିସିଜି ପ୍ରତ୍ୟାହାର କରିବାକୁ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି। ସୂଚନାଥାଉ କି, ସରକାର ଆୟକର ଆଇନ, ୧୯୬୧କୁ ଫାଇନାନ୍ସ ବିଲ୍ ମାଧ୍ୟମରେ ପ୍ରତ୍ୟାହାର କରି ନେବାକୁ ଚାହୁଁଛନ୍ତି। ସେ ସ୍ଥାନରେ ଦେଶରେ ଡାଇରେକ୍ଟ ଟ୍ୟାକ୍ସ କୋଡ(ଡିଟିସି) ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆୟକର ଆଇନ ଲାଗୁ ହେବାର ଦୀର୍ଘ ୬୦ ବର୍ଷ ଭିତରେ ଏଥିରେ ଅନେକ ସଂଶୋଧନ ହୋଇସାରିଲାଣି। ଫଳସ୍ୱରୂପ ମୂଳ ଆଇନ ନିଜର ଅସ୍ତିତ୍ୱ ହରାଇଛି। ଉପା ସରକାର ୨୦୧୦ରେ ନୂଆ ଆୟକର ଆଇନ ଆଣିବାକୁ ପ୍ରୟାସ କରିଥିଲେ। ସେତେବେଳେ ମଧ୍ୟ ଡିଟିସି ଲାଗୁ ନେଇ ଗଠିତ ଏକ ଟାସ୍କଫୋର୍ସ ବହୁ ସୁପାରିସ କରିଥିଲେ। ତେବେ ଭିତରେ ଓ ବାହାରେ ବିରୋଧର ସ୍ୱର ଉଠିବା ପରେ ସରକାର ନିଜ ନିଷ୍ପତ୍ତିରୁ ପଛକୁ ହଟିଥିଲେ। ବର୍ତ୍ତମାନର ଟାସ୍କଫୋର୍ସ ରିପୋର୍ଟକୁ ମତାମତ ପାଇଁ ସରକାରୀ ୱେବସାଇଟରେ ଉଲ୍ଲେଖ କରାଯିବ। କେନ୍ଦ୍ର ସରକାର ନୂଆ ଟିକସ ଆଇନକୁ ୨୦୨୦-୨୧ ବଜେଟର ଅଂଶଭାବେ ପ୍ରକାଶ କରିବେ ବୋଲି ଆଶାକରାଯାଉଛି।

ଡେବିଟ କାର୍ଡ ବନ୍ଦ କରିବାକୁ ଏସ୍‌ବିଆଇର ପ୍ରସ୍ତୁତି

ଉତ୍ସବ ଉପହାର ଘୋଷଣା

ଏସ୍‌ବିଆଇ ପକ୍ଷରୁ ଗ୍ରାହକଙ୍କ ଲାଗି ଉତ୍ସବ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକମାନେ ପ୍ରୋସେସିଂ ଫି ଛାଡ, ପ୍ରାକ୍ ମଞ୍ଜୁର ଡିଜିଟାଲ ଋଣ, ସୁଧରେ କୌଣସି ବୃଦ୍ଧି ନ କରି ଋଣ ପ୍ରଦାନ ଭଳି ସୁବିଧା ପାଇବେ। କାର ଉପରେ ପ୍ରୋସେସିଂ ଦେୟ ଛାଡ ସହ ୮.୭୦ ହାରରେ ଋଣ ପ୍ରଦାନ କରାଯାଉଛି। ଉକ୍ତ ଋଣ ପାଇଁ ଡିଜିଟାଲ ମାଧ୍ୟମରେ ଆବେଦନ କଲେ ସୁଧ ଉପରେ ଅତିରିକ୍ତ ୦.୨୫% ରିହାତି ପ୍ରଦାନ କରାଯାଉଛି। ବେତନଭୋଗୀମାନେ କାର ମୂଲ୍ୟର ୯୦% ପର୍ଯ୍ୟନ୍ତ ରାଶି ଋଣ ଆକାରରେ ପାଇ ପାରିବେ। ସେହିଭଳି ସୁଲଭ ସୁଧହାରରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ଋଣ, ଏସ୍‌ବିଆଇ ୟୁନୋରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରାକ୍ ମଞ୍ଜୁର ଋଣ, ଦେଶ ଏବଂ ବିଦେଶରେ ପଢ଼ିବା ଲାଗି ଯଥାକ୍ରମେ ୫୦ ଲକ୍ଷ ଏବଂ ଦେଢ କୋଟି ଟଙ୍କାର ଋଣ ସୁଲଭ ସୁଧ ହାରରେ ପ୍ରଦାନ କରାଯାଉଛି।

ନୂଆଦିଲ୍ଲୀ,୨୦-୮

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ପ୍ଲାଷ୍ଟିକ ଡେବିଟ କାର୍ଡ ପ୍ରଚଳନକୁ ବନ୍ଦ କରିବାକୁ ଯାଉଛି। ଏହା ବଦଳରେ ବ୍ୟାଙ୍କ ୟୋନୋ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ଜୋରଦାର ଭାବେ ଲାଗୁ କରିବ। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଡେବିଟ କାର୍ଡ ପ୍ରଚଳନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଦେଶରେ ଏବେ ୯୦କୋଟି ଡେବିଟ ଓ ୩ କୋଟି କ୍ରେଡିଟ କାର୍ଡ ରହିଛି ବୋଲି ସେ କହିଛନ୍ତି। ଏସ୍‌ବିଆଇର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ୟୋନୋ ପ୍ଲାଟଫର୍ମ ମାଧ୍ୟମରେ ଡେବିଟ କାର୍ଡକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯିବ। ଏଥିରେ ୟୋନୋର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ସେ କହିଛନ୍ତି ଯେ, ୟୋନୋ ଜରିଆରେ ଏଟିଏମ୍‌ରୁ ନଗଦ ଉଠାଇ ହେବ ଏବଂ ଦୋକାନରୁ ସାମଗ୍ରୀ କିଣିହେବ। ଏଥିଲାଗି ବ୍ୟାଙ୍କ ପୂର୍ବରୁ ୬୮ ହଜାର ୟୋନୋ କ୍ୟାଶ୍‌ପଏଣ୍ଟ ସ୍ଥାପନ କରିସାରିଛି। ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ଏହାକୁ ୧୦ ଲକ୍ଷରେ ପହଞ୍ଚାଇବାର ଯୋଜନା ରହିଛି। ସୂଚନାଥାଉ କି, ଏସ୍‌ବିଆଇ ପକ୍ଷରୁ ଚଳିତବର୍ଷ ୟୋନୋ କ୍ୟାଶ୍ ସେବା ଆରମ୍ଭ କରିଛି, ଯାହା ଗ୍ରାହକଙ୍କୁ ବିନା ଡେବିଟ୍ କାର୍ଡରେ ଏଟିଏମ୍‌ରୁ ଟଙ୍କା କାଢ଼ିବାର ସୁବିଧା ଦେଇଥାଏ। ଏହି ବ୍ୟବସ୍ଥା ଅତ୍ୟନ୍ତ ସହଜ ତଥା ସୁବିଧାଜନକ ଏବଂ ସୁରକ୍ଷିତ। ଆରମ୍ଭରେ ୧୬,୫୦୦ ଏଟିଏମ୍‌ରେ ଏହି ସୁବିଧା ଯୋଗାଇ ଦିଆଯାଇଥିଲା। ଧୀରେ ଧୀରେ ଏହାକୁ ଅଧିକ ଏଟିଏମ ସହ ଲିଙ୍କ୍ କରାଯାଉଛି।

ଆଧାର-ସୋସିଆଲ ମିଡିଆ ସଂଯୋଗ ମାମଲା
ଫେସ୍‌ବୁକ୍‌ର ଆବେଦନ, କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୦-୮

ସୋସିଆଲ ମିଡିଆ ପ୍ରୋଫାଇଲକୁ ଆଧାର ସହ ସଂଯୋଗ (ଲିଙ୍କ୍) କରିବା ଲାଗି ଦାବି ହେଉଛି। ଏ ସଂକ୍ରାନ୍ତରେ ଏକାଧିକ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଗୋଟିଏ ମଞ୍ଚରେ ଶୁଣାଣି ଲାଗି ଫେସ୍‌ବୁକ୍ ଇଙ୍କ୍(ଇନ୍‌କର୍ପୋରେଟେଡ) ଓ ହ୍ୱାଟ୍ସଆପ୍ ପକ୍ଷରୁ ଏକ ମାମଲା ସୁପ୍ରିମକୋର୍ଟରେ ଦାଏର କରାଯାଇଛି। ସର୍ବୋଚ୍ଚ ଅଦାଲତ ଏହାକୁ ଗ୍ରହଣ କରି କେନ୍ଦ୍ର ସରକାର, ଗୁଗଲ, ଟୁଇଟର ଓ ୟୁଟ୍ୟୁବ୍‌କୁ ନୋଟିସ ଜାରି କରିଛନ୍ତି। ନୋଟିସ ପାଇ ନ ଥିବା ପକ୍ଷଙ୍କୁ ଇ-ମେଲ୍ ଯୋଗେ ଏହା ପଠାଇବାକୁ ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୩ ସୁଦ୍ଧା ନୋଟିସର ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଫେସ୍‌ବୁକ ପକ୍ଷରୁ ଆବେଦନରେ ଦର୍ଶାଯାଇଛି ଯେ, ସୋସିଆଲ ମିଡିଆ ପ୍ରୋଫାଇଲକୁ ଆଧାର ସହ ଯୋଡିବା ନେଇ ୪ ମାମଲା ବିଭିନ୍ନ ଅଦାଲତରେ ଦାଏର ହୋଇଛି। ସେଥିମଧ୍ୟରୁ ୨ଟି ମାଡ୍ରାସ ହାଇକୋର୍ଟ, ଗୋଟିଏ ବମ୍ବେ ହାଇକୋର୍ଟ ଓ ଅନ୍ୟଟି ମଧ୍ୟପ୍ରଦେଶ ହାଇକୋର୍ଟରେ ଦାଏର କରାଯାଇଛି। ସବୁ ଆବେଦନରେ ପ୍ରାର୍ଥନା ସମାନ ପ୍ରକାରର ହୋଇଥିବାରୁ ଭିନ୍ନ ଭିନ୍ନ ଅଦାଲତରେ ଶୁଣାଣି କରିବା ଅପେକ୍ଷା ଗୋଟିଏ ମଞ୍ଚ ଅର୍ଥାତ୍ ସୁପ୍ରିମକୋର୍ଟରେ ବିଚାର କରାଯାଉ। ଭିନ୍ନ ଭିନ୍ନ ରାୟ ପ୍ରକାଶ ପାଇ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ସର୍ବୋଚ୍ଚ ଅଦାଲତ ରାୟକୁ ଗ୍ରହଣ କରାଯିବ। ଖଣ୍ଡପୀଠ ମାମଲାର ପ୍ରାରମ୍ଭିକ ଶୁଣାଣି କରି ସୋସିଆଲ ମିଡିଆର ପ୍ରୋଫାଇଲକୁ ୧୨ ସଂଖ୍ୟା ବିଶିଷ୍ଟ ଆଧାର ସହ ଯୋଡିବା ନେଇ ମାଡ୍ରାସ ହାଇକୋର୍ଟରେ ଚାଲିଥିବା ଶୁଣାଣି ଜାରି ରଖିବାକୁ ନିର୍ଦ୍ଦେଶ ଦେବା ସହ ଚୂଡ଼ାନ୍ତ ରାୟ ପ୍ରକାଶ ନ କରିବାକୁ କହିଛନ୍ତି। ତାମିଲନାଡୁ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଛନ୍ତି ଯେ, ହାଇକୋର୍ଟରେ ଏହି ମାମଲାର ଶୁଣାଣି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇତିମଧ୍ୟରେ ୧୮ଥର ଶୁଣାଣି ଶେଷ ହୋଇଛି। ତେବେ ଫେସ୍‌ବୁକ୍ ଇଙ୍କ୍ ଓ ହ୍ୱାଟ୍ସଆପ୍ ପକ୍ଷରୁ ମାମଲା ପରିଚାଳନା କରି ମୁକୁଲ ରୋହତ୍‌ଗୀ ଓ କପିଲ ସିବଲ କହିଛନ୍ତି ଯେ, ଏହି ମାମଲାରେ ରାୟ ପ୍ରକାଶ ପାଇବା ଦ୍ୱାରା ସାରା ବିଶ୍ୱରେ ସୋସିଆଲ ମିଡିଆ ପ୍ରଭାବିତ ହେବ। ତୃତୀୟ ପକ୍ଷକୁ ଆଧାର ତଥ୍ୟ ଜାରି କରିବା କମ୍ପାନୀର ଉପଭୋକ୍ତା ଗୋପନୀୟତା ନୀତି ଉଲ୍ଲଂଘନ କରିବ। ଏହାଛଡ଼ା ମେସେଜିଂ ଆପ୍ ହ୍ୱାଟ୍ସଆପ୍‌ରେ ପ୍ରଦର୍ଶିତ ହେଉଥିବା ମେସେଜ ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ଟେଡ ହୋଇଥିବାରୁ ଆଧାର ନମ୍ବର ତୃତୀୟ ପକ୍ଷକୁ ଦେବା ଅସମ୍ଭବ। ଏପରି କି ସ୍ୱୟଂ କମ୍ପାନୀ ମଧ୍ୟ ମେସେଜ ପଠାଇଥିବା ବ୍ୟକ୍ତି ସମ୍ପର୍କରେ ଜାଣିପାରୁ ନାହିଁ। ଅନ୍ୟପକ୍ଷରେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇ କୁହାଯାଇଛି ଯେ, ସୋସିଆଲ ମିଡିଆର ଦୁରୁପଯୋଗ ରୋକିବାକୁ ସୋସିଆଲ ମିଡିଆ ପ୍ରୋଫାଇଲକୁ ଆଧାର ସହ ଯୋଡାଯିବା ଜରୁରୀ।

ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ

ଭୁବନେଶ୍ୱର, ୨୦-୮(ବ୍ୟୁରୋ)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରେଳ ସଦନଠାରେ କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହିତ ଚାମ୍ବର ଅଫ କମର୍ସ ଓ ଇଣ୍ଡଷ୍ଟ୍ରି ସଦସ୍ୟ, ଶିଳ୍ପ, ପିଏସୟୁ, ଯାତ୍ରୀ ସଂଗଠନ ସଦସ୍ୟ, ଖାଉଟି ସଂଗଠନ ସଭ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବା ସହ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଯାତ୍ରୀ ସୁବିଧା ଓ ସେବା ସହିତ ସାଧାରଣ ଚାହିଦା ଓ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସହ ବରିଷ୍ଠ ଉପମହାପ୍ରବନ୍ଧକ ଏଚ୍.କେ. ଦତ୍ତ ଓ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ଷେତ୍ରୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସମ୍ପାଦକ ତଥା ରେଳପଥର ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ବୈଠକ ପରିଚାଳନା କରିଥିଲେ।

ରିଲାଏନ୍ସ ଜୁଏଲ୍‌ସର ନୂଆ ଅଭର କଲେକ୍ସନ

ନୂଆଦିଲ୍ଲୀ, ୨୦ -୮

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ଏହାର ୧୨ବର୍ଷ ପୂର୍ତ୍ତି ଉପଲକ୍ଷେ ନୂଆ ଅଭର କଲେକ୍ସନ ବଜାରକୁ ଆସିଛି। ଜାତୀୟ ପକ୍ଷୀ ମୟୂରଠାରୁ ଅନୁପ୍ରାଣୀତ ହୋଇ କମ୍ପାନୀ ଏହି କଲେକ୍ସନ ଆଣିଛି। ଏହି ଗହଣାଗୁଡିକରେ ଗ୍ରାହକ ଡିଜାଇନ, ଷ୍ଟାଇଲ, ପ୍ୟାଟର୍ନ ଲାଭ କରିପାରିବେ। କଲେକ୍ସନରେ ୨୨ ଏବଂ ୧୮ କ୍ୟାରେଟ ସୁନାର କାନଫୁଲ ସାମିଲ ରହିଛି। ସେହିଭଳି ଡାଇମଣ୍ଡ ଡିଜାଇନ, ମୂଲ୍ୟବାନ କଲର ଷ୍ଟୋନ ଗ୍ରାହକପାଇପାରିବେ। ଏହି ସମୟରେ କ୍ରୟ ଉପରେ ସୁନା ଗହଣାର ଗଢା ମୂଲ୍ୟ ଉପରେ ୨୪% ପର୍ଯ୍ୟନ୍ତ ଏବଂ ହୀରା ଗହଣା ଉପରେ ୨୪% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେଉଛି। ଏହି ଅଫରର ଲାଭ ସେପ୍ଟେମ୍ବର ପହିଲା ଯାଏ ରହିଛି। ୮୧ ସହରର ୨୦୦ ଷ୍ଟୋରରେ କଲେକ୍ସନଗୁଡିକ ଉପଲବ୍ଧ ରହିଛି।

ନାଲ୍‌କୋର ନୂଆ ସିଭିଓଙ୍କ ଯୋଗଦାନ

ଭୁବନେଶ୍ୱର, ୨୦-୮

ସୋମନାଥ ହାଁସଦା

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ନୂଆ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଭାବେ ସୋମନାଥ ହାଁସଦା ଯୋଗ ଦେଇଛନ୍ତି। ହିନ୍ଦୁସ୍ତାନ କପର ଲିମିଟେଡରେ ମଧ୍ୟ ତାଙ୍କୁ ମୁଖ୍ୟ ସତର୍କତା ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ୧୯୯୫ରେ ସେ ରେଲୱେ ଷ୍ଟୋର୍‌ସ ସର୍ଭିସ କ୍ୟାଡରରେ ଯୋଗ ଦେଇଥିଲେ। ନାଲ୍‌କୋ ମୁଖ୍ୟ ସତର୍କତା ଅଧିକାରୀ ଭାବେ ଯୋଗଦେବା ପରେ କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଏବଂ କର୍ମଚାରୀମାନେ ହାଁସଦାଙ୍କୁ ସ୍ୱାଗତ ଜଣାଇଛନ୍ତି।

ମାନ୍ଦାବସ୍ଥାକୁ ନେଇ ଟ୍ରମ୍ପ ଭୟଭୀତ

ନୂଆଦିଲ୍ଲୀ,୨୦-୮

ଟିକସ ହ୍ରାସ, ଟାରିଫ ପ୍ରତ୍ୟାହାର ବିଚାର

ଚାଇନା ସହିତ ବାଣିଜ୍ୟ ଯୁଦ୍ଧ ଆରମ୍ଭ ଯୋଗୁ ଆସନ୍ତା ୨ ବର୍ଷ ଭିତରେ ଆମେରିକା ଅର୍ଥନୀତିରେ ମାନ୍ଦାବସ୍ଥା ଗ୍ରାସ କରିବ ବୋଲି ବିଶ୍ୱର ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି। ଏହା ଜାଣିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭୟଭୀତ ହୋଇଛନ୍ତି। ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ଦୂରେଇ ରଖିବା ଲାଗି ଟ୍ରମ୍ପ ପ୍ରଶାସନ ଟିକସ ହ୍ରାସ କରିବା ସହ ଟାରିଫ୍ ପ୍ରତ୍ୟାହାର ପାଇଁ ସୁପାରିସ କରିପାରନ୍ତି। ଜଣେ ବରିଷ୍ଠ ଅଧିକାରୀଙ୍କ ବକ୍ତବ୍ୟକୁ ଉଦ୍ଧାର କରି ସ୍ଥାନୀୟ ଖବରକାଗଜ 'ଦ ୱାଶିଂଟନ ପୋଷ୍ଟ' ଏ ସମ୍ପର୍କରେ ସୂଚନା ଦେଇଛି। କର୍ମଚାରୀଙ୍କ ଆୟକର ଅସ୍ଥାୟୀ ଭାବେ ହ୍ରାସ କରିବାକୁ ସରକାର ବିଚାର କରୁଛନ୍ତି ବୋଲି କୁହାଯାଇଛି। ଏହାଦ୍ୱାରା ଲୋକଙ୍କ ହାତକୁ ଅଧିକ ଅର୍ଥ ଆସିବ ବୋଲି ବିଚାର କରାଯାଉଛି। 'ଦ ନ୍ୟୁୟର୍କ ଟାଇମ୍ସ' ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଚାଇନାରୁ ଆମଦାନୀ ହେଉଥିବା ଉତ୍ପାଦ ଉପରେ ଲାଗୁ କରିଥିବା ଶୁଳ୍କ (ଟାରିଫ୍)କୁ ପ୍ରତ୍ୟାହାର କରିବା ଲାଗି ବିଚାର କରୁଛନ୍ତି। ଏବେ ଆଲୋଚନା ପ୍ରାରମ୍ଭିକ ସ୍ତରରେ ରହିଛି ଏବଂ ଅଧିକାରୀମାନେ ଏ ସମ୍ପର୍କରେ ଟ୍ରମ୍ପଙ୍କୁ କୌଣସି ପ୍ରସ୍ତାବ ଦେଇନାହାନ୍ତି। ତେବେ ହ୍ୱାଇଟ ହାଉସ ଏଭଳି ଖବରକୁ ବିବାଦୀୟ ବୋଲି ଦର୍ଶାଇଛି। ଆୟକର ହ୍ରାସ ନେଇ ବର୍ତ୍ତମାନ କିଛି ବିଚାର କରାଯାଉ ନାହିଁ ବୋଲି ଏହା ସ୍ପଷ୍ଟ କରିଛି। ରାଷ୍ଟ୍ରପତି ଟ୍ରମ୍ପ ରବିବାର କହିଥିଲେ, ସେ ସବୁ କିଛି ପାଇଁ ପ୍ରସ୍ତୁତ। ତେବେ ଆମେରିକାରେ ମାନ୍ଦାବସ୍ଥା ଆସିବ ନାହିଁ ବୋଲି ସେ ମନେ କରୁଛନ୍ତି।

ଭାରତରେ ନିବେଶ ୧୦୦ ବିଲିୟନ ଡଲାର ଛୁଇଁବ

ଭୁବନେଶ୍ୱର, ୨୦-୮(ବ୍ୟୁରୋ)

ଅଷ୍ଟ୍ରେଲିଆ କନସଲ ଜେନେରାଲଙ୍କ ସୂଚନା

ଘରୋଇ ବଜାର ବିଦେଶୀ ପୁଞ୍ଜି ଆକୃଷ୍ଟ କରିବାରେ ଏକ ପ୍ରମୁଖ ସ୍ଥଳ ପାଲଟିଛି। ଅଷ୍ଟ୍ରେଲିଆ ପାଇଁ ଭାରତ ନିବେଶର ଏକ ପସନ୍ଦଯୋଗ୍ୟ ସ୍ଥାନ ଭାବେ ଉଭା ହୋଇଛି। ୨୦୧୭ ସୁଦ୍ଧା ଅଷ୍ଟ୍ରେଲିଆ କମ୍ପାନୀଗୁଡିକ ଦେଶରେ ୧୪ ବିଲିୟନ ଡଲାର ପୁଞ୍ଜି ନିବେଶ କରିଛନ୍ତି। ୨୦୩୫ ସୁଦ୍ଧା ଏହା ୧୦୦ ବିଲିୟନ ଡଲାର ଛୁଇଁବ ବୋଲି କୋଲକାତାରେ ଅବସ୍ଥାପିତ ଅଷ୍ଟ୍ରେଲିଆ ବାଣିଜ୍ୟ ଦୂତାବାସର କନସଲ ଜେନେରାଲ ଆଣ୍ଡ୍ର୍ୟୁ ଫୋର୍ଡ କହିଛନ୍ତି। ମଙ୍ଗଳବାର ଶିଳ୍ପ ସଂଘ ଆଇସିସି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଫୋର୍ଡ କହିଛନ୍ତି, ଭାରତ ଅଷ୍ଟ୍ରେଲିଆ ପାଇଁ ଏକ ପ୍ରମୁଖ ବାଣିଜ୍ୟ ସହଯୋଗୀ। ଭାରତ ସହ ବାଣିଜ୍ୟ ସମ୍ପର୍କକୁ ଆହୁରି ଦୃଢ କରିବାକୁ ପଦକ୍ଷେପ ନିଆଯାଉଛି। ଅଷ୍ଟ୍ରେଲୀୟ କମ୍ପାନୀଗୁଡିକ ଏଠାରେ ନିବେଶ ଓ କାରବାର କରିବାକୁ ଚାହୁଁଥିବା ସେ ସୂଚନା ଦେଇଛନ୍ତି।

ଭାରତର ୧୦ କ୍ଷେତ୍ର ଏବଂ ୧୦ ପ୍ରମୁଖ ରାଜ୍ୟରେ ନିବେଶ ଲାଗି ଅଷ୍ଟ୍ରେଲିଆ ଯୋଜନା ରଖିଛି। ଏସୀୟ ରାଷ୍ଟ୍ରଗୁଡିକ ସହ ୧୦ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀ ପ୍ରସ୍ତାବ ଉପରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ଷେତ୍ରଗୁଡିକ ମଧ୍ୟରେ ଶକ୍ତି, ଶିକ୍ଷା, ଦକ୍ଷତା ବିକାଶ, ଖଣିଜ, ଧାତବ ଶିଳ୍ପ, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ,ସ୍ୱାସ୍ଥ୍ୟ ସେବା ଏବଂ ବନ୍ଦର ଭଳି ପ୍ରମୁଖ କ୍ଷେତ୍ର ସାମିଲ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

“ମୁଁ ନିୟମ ଅନୁସାରେ ରେସଲିଂ କରିଥିଲି, ମାତ୍ର ସୁଶୀଲ କୁମାର ଯେପରି ଲଢ଼ିଲେ ତାହା ସମସ୍ତେ ଦେଖିଲେ। ଆଖିରେ ଆଘାତ ମୋତେ ଅସୁବିଧାରେ ପକାଇଥିଲା ।

– ଜିତେନ୍ଦର କୁମାର, ଭାରତୀୟ ରେସଲର

“ମୁଁ ଜିତେନ୍ଦରଙ୍କ ବିପକ୍ଷରେ ଜାଣିଶୁଣି କିଛି ଭୁଲ କରିନାହିଁ। ଏହା ମୋ କୌଶଳର ଏକ ଅଂଶବିଶେଷ। କୁସ୍ତି ଲଢ଼େଇରେ ଏପରି ହୋଇଥାଏ ।

–ସୁଶୀଲ କୁମାର, ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ରେସଲର

ସଂକ୍ଷେପରେ

ପ୍ରିୟମ ଗର୍ଗ ଅଧିନାୟକ

ନୂଆଦିଲ୍ଲୀ, ୨୦।୮ (ପି.ଟି.): ରାୟପୁରରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁଥିବା ବାଂଲାଦେଶ ବିପକ୍ଷ ୨୩ ବର୍ଷରୁ କମ୍ ଅନ୍ତର୍ଜାତୀୟ ଦିନିକିଆ ଘରୋଇ ସିରିଜ ପାଇଁ ପ୍ରିୟମ ଗର୍ଗ ୨୩ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକତ୍ୱ କରିବେ। ସିରିଜର ସମସ୍ତ ମ୍ୟାଚ ରାୟପୁରରେ ହେବ। ଗର୍ଗ ନିକଟରେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଅନୁଷ୍ଠିତ ୟୁଥ୍ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଅଧିନାୟକତ୍ୱ କରିଥିଲେ। ଦଳରେ ଅର୍ଶଦୀପ ସିଂ ଏବଂ ହରପ୍ରୀତ ବ୍ରାର୍ ସ୍ଥାନ ପାଇଛନ୍ତି। ଏହି ଦୁଇ ଖେଳାଳି ଆଇପିଏଲ ୨୦୧୯ରେ କିଙ୍ଗ୍ସ ଇଲେଭେନ ପଞ୍ଜାବର ଅଂଶବିଶେଷ ଥିଲେ।

୨୩ ବର୍ଷରୁ କମ୍ ଭାରତୀୟ ଦଳ: ପ୍ରିୟମ ଗର୍ଗ (ଅଧିନାୟକ), ଯଶସ୍ୱୀ ଜଇସ୍ୱାଲ, ମାଧବ କୌଶିକ, ବି.ଆର୍. ଶରଥ (ଉଇକେଟକିପର), ସମର୍ଥ ଭ୍ୟାସ୍, ଆର୍ଯ୍ୟନ ଜୁୟଲ (ଉଇକେଟକିପର), ରିତ୍ୱିକ ରୟ ଚୌଧାରୀ, କୁମାର ସୁରଜ, ଅତୀତ ସେଠ୍, ଶୁଭାଙ୍ଗ ହେଗ୍ଡେ, ହ୍ରିତିକ୍ ଶୋକିନ୍, ଧ୍ରୁଶାନ୍ତ ସୋନି, ଅର୍ଶଦୀପ ସିଂ, କାର୍ତ୍ତିକ ତ୍ୟାଗୀ ଓ ହରପ୍ରୀତ ବ୍ରାର୍।

ପ୍ରଥମ ରାଉଣ୍ଡରେ ଝୁଣ୍ଟିଲେ ମୁରେ

ୱାଶିଂଟନ, ୨୦।୮ (ଏଏଫ୍‌ପି): ବ୍ରିଟିଶ ଟେନିସ ତାରକା ଆଣ୍ଡି ମୁରେ ଏଟିପି ୱିନଷ୍ଟୋନ-ସାଲେମ ଓପନ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ଝୁଣ୍ଟିଛନ୍ତି। ୩ଥର ଗ୍ରାଣ୍ଡସ୍ଲାମ ବିଜେତା ୩୨ ବର୍ଷୀୟ ମୁରେ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ୬-୭ (୮/୧୦), ୫-୭ ସେଟ୍‌ରେ ଆମେରିକାର ଟେନିସ ସାଣ୍ଡଗ୍ରେନଙ୍କ ନିକଟରୁ ହାରି ଯାଇଥିଲେ। ଏହି ମ୍ୟାଚ୍‌ଟି ୨ ଘଣ୍ଟା ୧୦ ମିନିଟ୍ ଧରି ଚାଲିଥିଲା। ଜାନୁୟାରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ୍ ପରେ ମୁରେଙ୍କ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ଏହା ଥିଲା ତାଙ୍କ ୨ୟ ସିଙ୍ଗଲ୍ସ ମୁକାବିଲା। ଏଥିପୂର୍ବରୁ ଗତ ସପ୍ତାହରେ ଅନୁଷ୍ଠିତ ସିନ୍‌ସିନାଟି ମାଷ୍ଟର୍ସରେ ମଧ୍ୟ ମୁରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

ମନଦୀପଙ୍କ ହ୍ୟାଟ୍ରିକ, ଭାରତ ଫାଇନାଲରେ



ହ୍ୟାଟ୍ରିକ୍ ଗୋଲ୍‌ସ୍କୋରର ମନଦୀପ ସିଂ।

ଟୋକିଓ, ୨୦।୮ (ପି.ଟି.)

ଷ୍ଟ୍ରାଇକର ମନଦୀପ ସିଂଙ୍କ ଆକର୍ଷଣୀୟ ହ୍ୟାଟ୍ରିକ ସହାୟତାରେ ଭାରତ ଏଠାରେ ଚାଲିଥିବା ପୁରୁଷ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଆୟୋଜକ ଜାପାନକୁ ୬–୩ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତ ଫାଇନାଲରେ ପ୍ରବେଶ କରିଛି। ପୂର୍ବ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୧–୨ ଗୋଲରେ ହାରି ଯାଇଥିବା ଭାରତ ଏହି ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ବୁଧବାର ଫାଇନାଲରେ ସେହି ନ୍ୟୁଜିଲାଣ୍ଡ ସହ ଭାରତର ମୁକାବିଲା ହେବ।

ଜାପାନ ଭଲ ଖେଳିଥିଲେ ହେଁ ମନଦୀପଙ୍କ ହ୍ୟାଟ୍ରିକ ଗୋଲ ଫଳାଫଳରେ ପ୍ରଭେଦ ଆଣିଥିଲା। ଏହି ଯୁବ ଖେଳାଳି ମ୍ୟାଚର ୯, ୨୯ ଓ ୩୦ତମ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳକାନ୍ତ ଶର୍ମା ୩ୟ, ଓଡ଼ିଶାର ନୀଲମ ସଞ୍ଜୀପ ଖେସ୍ ୭ମ ଓ ଗୁରଜାନ୍ତ ସିଂ ୪୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜାପାନ ପକ୍ଷରୁ କେନ୍‌ତାରୋ ଫୁକୁଦା ୨୫ତମ, କେନ୍‌ତା ତନକା ୩୬ତମ ଏବଂ କାଜୁମା ମୁରାତା ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି

ମ୍ୟାଚର ୩ୟ ମିନିଟରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ନୀଳକାନ୍ତ ଶର୍ମା ଭାରତ ପାଇଁ ଚମତ୍କାର ଆରମ୍ଭ କରିଥିଲେ। ଆରମ୍ଭରୁ ଗୋଲ ହେବା ଫଳରେ ଜାପାନ ଡିଫେନ୍ସ ବିଭାଗ ସ୍ୱତଃ ଚାପକୁ ଆସି ଯାଇଥିଲା। ଗୁରଜାନ୍ତ ସିଂଙ୍କ ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିବାବେଳେ ୭ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ନୀଲମ ସଞ୍ଜୀପ। ୯ମ ମିନିଟରେ ମନଦୀପଙ୍କ ଫିଲ୍ଡ ଗୋଲ ବଳରେ ଭାରତ ୧୦ ମିନିଟ ମଧ୍ୟରେ ୩–୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ କ୍ୱାର୍ଟର ଶେଷଭାଗରେ ଜାପାନ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୁରଜାନ୍ତ ସଫଳତାର ସହ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଆକ୍ରମଣାତ୍ମକ ଆଭିମୁଖ୍ୟ ଅପରିବର୍ତ୍ତିତ ରଖିଥିଲେ ହେଁ ଜାପାନ ଗୋଲକିପର ତାକାଶି ୟୋଶିକାୱାଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଲ ହୋଇପାରି ନ ଥିଲା। ଜାପାନ ୨୫ତମ ମିନିଟରେ ଫୁକୁଦଙ୍କ ମାଧ୍ୟମରେ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲା। ମାତ୍ର ମନଦୀପ ୨ ମିନିଟ ବ୍ୟବଧାନରେ ୨ଟି ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୫–୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଜାପାନ ଆକ୍ରମଣାତ୍ମକ ଖେଳି ଗୋଲ ପରିଶୋଧ ଲକ୍ଷ୍ୟରେ ରହିଥିଲା। ତେବେ ଭାରତୀୟ ଗୋଲକିପର କ୍ରିଶନ ପାଠକ କେତୋଟି ଶଟ୍ ଅଟକାଇବାରେ ସକ୍ଷମ ହୋଇଥିଲେ। ୩୬ତମ ମିନିଟରେ କେନ୍‌ତା ତନକା ଏକ ଫିଲ୍ଡ ଗୋଲ ଦେଇଥିଲେ। ମାତ୍ର ୪୧ତମ ମିନିଟରେ ଗୁରଜାନ୍ତ ସିଂ ଫିଲ୍ଡ ଗୋଲ ଦେବାରୁ ୩ୟ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୬–୨ରେ ପହଞ୍ଚିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ବିଶେଷ କରି ଘରୋଇ ପରିବେଶରେ ଖେଳୁଥିବା ଜାପାନ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା। ତେବେ ଦଳ ୫୨ତମ ମିନିଟରେ କାଜୁମାଙ୍କ ସହାୟତାରେ କେବଳ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା। ଶେଷ ୫ ମିନିଟରେ ଉଭୟ ଦଳ ଗୋଟିଏ ଲେଖାଏ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଲିଗ୍ ମ୍ୟାଚ ଶେଷରେ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ ଶୀର୍ଷ ଏବଂ ଭାରତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଲିଗ୍ ଶେଷରେ ବିଭିନ୍ନ ଦଳର ପଏଣ୍ଟ

ମହିଳା	ପୁରୁଷ
ଭାରତ–୫	ନ୍ୟୁଜିଲାଣ୍ଡ–୯
ଜାପାନ–୪	ଭାରତ–୬
ଚାଇନା–୪	ଜାପାନ–୩
ଅଷ୍ଟ୍ରେଲିଆ–୨	ମାଲେସିଆ–୦

ବଲ୍‌କୁ ଅଟକାଇବା ପାଇଁ ସବିତା ଡ୍ରାଇଭ୍ ମାରୁଛନ୍ତି ।

ମହିଳା ବିଭାଗ ମ୍ୟାଚ ଡ୍ର

ଟୋକିଓଠାରେ ଚାଲିଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକିର ଭାରତ–ଚାଇନା ମହିଳା ବିଭାଗ ମ୍ୟାଚ ଡ୍ର ରହିଛି। ଗୋଲକିପର ସବିତାଙ୍କ ଆକର୍ଷଣୀୟ ପ୍ରଦର୍ଶନ ଯୋଗୁ ଭାରତ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଗତ ରବିବାର ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ୨–୨ରେ ଡ୍ର ରଖିଥିବା ଭାରତ ଏହି ଫଳାଫଳ ସହ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଟାଇଟଲ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ଚାଇନା ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ମାତ୍ର ଭାରତୀୟ ଡିଫେନ୍ସ ବିଭାଗ ତାହା ହେବାକୁ ଦେଇ ନ ଥିଲା। ୩ ମ୍ୟାଚରୁ ୫ ପଏଣ୍ଟ ପାଇ ଭାରତୀୟ ଦଳ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ବୁଧବାର ଫାଇନାଲରେ ଭାରତ ଆୟୋଜକ ଜାପାନକୁ ଭେଟିବ। ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଭାରତ ୫, ଜାପାନ ୪, ଚାଇନା ୪ ଓ ଅଷ୍ଟ୍ରେଲିଆ ୨ ପଏଣ୍ଟ ପାଇଛନ୍ତି।

ସୁଶୀଲଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଟିକେଟ

ନୂଆଦିଲ୍ଲୀ,୨୦।୮(ପି.ଟି.): ଫର୍ମରେ ନ ଥିବା ତାରକା ରେସଲର ସୁଶୀଲ କୁମାର ଶେଷରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ମଙ୍ଗଳବାର ଏଠାରେ ଚାଲିଥିବା ଚୟନ ପ୍ରକ୍ରିୟାରେ ସେ ଜିତେନ୍ଦର କୁମାରଙ୍କୁ ୭୪ କେ.ଜି. ଫାଇନାଲରେ ୪–୨ରେ ପରାସ୍ତ କରି ବିଶ୍ୱ ଚାମ୍ପିୟନଶିପ୍ ଖେଳିବାକୁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଫାଇନାଲ ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଆଇଜିଆଇ ଷ୍ଟାଡିୟମରେ ସୁଶୀଲଙ୍କ ଖେଳ ଦେଖିବା ପାଇଁ ପାଖାପାଖି ୧୫୦୦ ଦର୍ଶକଙ୍କ ଭିଡ ଜମାଇଥିଲେ। ଫାଷ୍ଟ ପିରିୟଡରେ ସୁଶୀଲ ୪–୦ରେ ଅଗ୍ରଣୀ ହାସଲ କରିଥିଲେ। ସେକେଣ୍ଡ ପିରିୟଡରେ ସେ ଜିତେନ୍ଦରଙ୍କ ଆଖିରେ ଆଘାତ ଦେଇଥିଲେ। ଜିତେନ୍ଦର କିନ୍ତୁ ଜବରଦସ୍ତ ଲଢ଼େଇ କରିଥିଲେ ଓ ପରାଜୟ ବ୍ୟବଧାନକୁ କମାଇଥିଲେ। ଦୁଇଥର ଅଲିମ୍ପିକ୍ ପଦକ ହାସଲ କରିଥିବା ସୁଶୀଲଙ୍କୁ ବିଜୟୀ ହେବା ପାଇଁ କଷ୍ଟ କରିବାକୁ ପଡିଥିଲା। ପରାସ୍ତ ହୋଇଥିଲେ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ସୁଶୀଲଙ୍କୁ ଫେଡେରେଶନ ଆଉ ଏକ ସୁଯୋଗ ଦେଇଛି। ସେ ୭୯ କେ.ଜି. ବର୍ଗରେ ବୀରଦେବ ଗୁଲିଆଙ୍କୁ ଭେଟିବେ। ବିଜୟୀ ହେଲେ ସେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସୁଶୀଲ ଜାଣିଶୁଣି ମୁକାବିଲା ବେଳେ ନିୟମ ଉଲ୍ଲଂଘନ କରୁଛନ୍ତି ବୋଲି ଜିତେନ୍ଦରଙ୍କ କୋଚ୍ ଜାଭିୟର ଅଭିଯୋଗ ଆଣିଛନ୍ତି। ସୁଶୀଲଙ୍କୁ ମଧ୍ୟ ରେଫରିମାନେ ସମର୍ଥନ କରୁଛନ୍ତି ବୋଲି ସେ କହିଛନ୍ତି। ତେବେ ଭାରତ ପାଇଁ ଏକମାତ୍ର ଖେଳାଳିଭାବେ ଦୁଇଟି ଅଲିମ୍ପିକ୍ ପଦକ ହାସଲ କରିଥିବା ସୁଶୀଲ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରନ ମଧ୍ୟ ସୁଶୀଲଙ୍କୁ ସମର୍ଥନ ଜଣାଇଛନ୍ତି।

ଦଳ ଚୟନ ନେଇ ଦ୍ୱନ୍ଦ୍ୱରେ କୋହଲି

ଆଣ୍ଟିଗୁଆ, ୨୦।୮(ପି.ଟି.)

ଅଜିଙ୍କ୍ୟ ରାହାନେ, ବିରାଟ କୋହଲି, ରୋହିତ ଶର୍ମା।

ଗୁରୁବାରଠାରୁ ଏଠାରେ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଆରମ୍ଭ ହେବ। ତେବେ ମ୍ୟାଚ୍ ପାଇଁ ଅନ୍ତିମ ଏକାଦଶ ଚୟନ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଓ ଅଧିନାୟକ ବିରାଟ କୋହଲି ଦ୍ୱନ୍ଦ୍ୱରେ ପଡିଛନ୍ତି। ସିନିୟର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରୁ କାହାକୁ ଖେଳାଇବେ ସେ ନେଇ କୋହଲି ଦ୍ୱନ୍ଦ୍ୱରେ ପଡିଛନ୍ତି। ପୁଣି ଏହି ଦୁଇଜଣଙ୍କ ମଧ୍ୟରୁ ଜଣକୁ ଖେଳାଇବେ କିମ୍ବା ବଦଳରେ ପଞ୍ଚମ ବୋଲରକୁ ଖେଳାଇବେ ସେ ନେଇ କୋହଲି ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇ ପାରିନାହାନ୍ତି।

ଯଦି ଭାରତ ୪ଜଣ ବୋଲରଙ୍କୁ ଖେଳାଏ ତା'ହେଲେ ଟେଷ୍ଟ ଉପ ଅଧିନାୟକ ରାହାନେ ଓ ଦିନିକିଆ ଉପ ଅଧିନାୟକ ରୋହିତଙ୍କ ମଧ୍ୟରୁ ଜଣକୁ ଖେଳାଯାଇପାରିବ। ଭାରତ ସଢ଼େ ୭ ମାସ ପରେ ଟେଷ୍ଟ ଖେଳିବାକୁ ଯାଉଛି। ତେଣୁ କୋଚ ରବି ଶାସ୍ତ୍ରୀ ଓ କୋହଲି ଷଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ଖେଳାଇବେ ନା ଜଣେ ଅତିରିକ୍ତ ବୋଲରଙ୍କୁ ଖେଳାଇବେ ତାହା ଦେଖିବାକୁ ବାକି ରହିଲା। ଯଦି ପରମ୍ପରା ଅନୁଯାୟୀ ଭାରତ ରଣନୀତି ସ୍ଥିର କରେ ତା'ହେଲେ ମୟଙ୍କ ଅଗ୍ରୱାଲ ଓ ଲୋକେଶ ରାହୁଲ ଇନିଂସ ଓପନ୍ କରିବେ। ତେବେ ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜର ଅନ୍ତିମ ଦୁଇଟି ଟେଷ୍ଟରେ ରାହୁଲଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ହନୁମା ବିହାରୀଙ୍କୁ ସୁଯୋଗ ଦିଆଯାଇଥିଲା। ତେବେ ବିହାରୀ ଅଧିକ ରନ ସଂଗ୍ରହ କରି ନ ଥିଲେ। ସେ ନୂଆ ବଲ୍‌କୁ ଅଧିକ ସମୟ ଧରି ଖେଳିଥିଲେ। ଯାହା ଫଳରେ ମୟଙ୍କ ଓ ଚେତେଶ୍ୱର ପୂଜାରାଙ୍କୁ ଖେଳିବାରେ ସହଜ ହୋଇଥିଲା। ୱେଷ୍ଟଇଣ୍ଡିଜ ଏ' ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ବିହାରୀ ୩ ନମ୍ବର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଯଦି ଟେଷ୍ଟରେ ଗତ ଏକବର୍ଷ ଧରି ରାହୁଲଙ୍କ ଦୁର୍ବଳ ଫର୍ମକୁ ବିଚାର କରାଯାଏ ତେବେ ହନୁମାଙ୍କୁ ଇନିଂସ ଓପନର ସୁଯୋଗ ମିଳିପାରେ। ପୂଜାରା ୩ ଓ କୋହଲି ୪ ନମ୍ବରରେ ବ୍ୟାଟିଂ କରିବେ। ତେବେ ଏହାପରେ ସମସ୍ୟା ଆରମ୍ଭ ହେଉଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୬ ନମ୍ବରରେ ବ୍ୟାଟିଂ କରିବେ। ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୭ ନମ୍ବରରେ ବ୍ୟାଟିଂ କରିବେ। ଏପରିସ୍ଥଳେ ରାହାନେ କିମ୍ବା ରୋହିତଙ୍କୁ କୋହଲି ୫ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ଦେଇପାରନ୍ତି।

ମା' ହେବେ ନ୍ୟୁଜିଲାଣ୍ଡ ସମଲିଙ୍ଗୀ କ୍ରିକେଟର ଏମି

ୱେଲିଂଟନ, ୨୦।୮ (ପି.ଟି.)

ନ୍ୟୁଜିଲାଣ୍ଡର ସମଲିଙ୍ଗୀ ମହିଳା କ୍ରିକେଟର୍ ତଥା ଦଳର ଅଧିନାୟିକା ଏମି ସାଟ୍ଟର୍ଥୱେଟ୍ ଆସନ୍ତା ଜାନୁୟାରୀରେ ମା' ହେବାକୁ ଯାଉଛନ୍ତି ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ଏଥିଲାଗି ସେ କ୍ରିକେଟ୍‌ରୁ ସାମୟିକ ବ୍ରେକ୍ ନେବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୧ରେ ନ୍ୟୁଜିଲାଣ୍ଡରେ ହେବାକୁ ଥିବା ବିଶ୍ୱକପ୍ ବେଳକୁ ଦଳ ସହ ଯୋଗଦେବାକୁ ୩୨ ବର୍ଷୀୟା ଏମି ଲକ୍ଷ୍ୟ ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳର ୨୮ ବର୍ଷୀୟା ଦ୍ରୁତ ବୋଲର ଲିଆ ତାହୁହୁ ଓ ଏମି ୨୦୧୦ରୁ ଏକାଠି ରହି ଆସୁଥିବାବେଳେ ମାର୍ଚ୍ଚ ୨୦୧୭ରେ ପରସ୍ପର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ନୂଆ ମାତୃତ୍ୱ ଛୁଟି ପଲିସି ଅନୁଯାୟୀ ଏମି ପ୍ରଥମ କ୍ରିକେଟର୍ ଭାବେ ଏହାର ଫାଇଦା ପାଇବାକୁ ଯାଉଛନ୍ତି। ଏହି ନୂତନ ପଲିସି ଅନୁଯାୟୀ ୨୦୧୯–୨୦ ସିଜନ ଲାଗି ଏମିଙ୍କୁ ତାଙ୍କ ଚୁକ୍ତିର ପୂର୍ଣ୍ଣ ପାଉଣା ପ୍ରଦାନ କରାଯିବ। ଏମି ବର୍ତ୍ତମାନ ସୁଦ୍ଧା ୧୧୯ ଦିନିକିଆ ଓ ୯୯ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି। ପ୍ରଥମ ମହିଳା କ୍ରିକେଟର୍ ଭାବେ ସେ ଦିନିକିଆରେ କ୍ରମାଗତ ୪ଟି ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ଅପରପକ୍ଷରେ ଲିଆ ୧୧୬ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୧୬ ଉଇକେଟ୍ ଅକ୍ତିଆର କରିଛନ୍ତି।

ଲିଆ ତାହୁହୁ ଓ ଏମି ସାଟ୍ଟର୍ଥୱେଟ୍।

ଏଆଇଟିଏ–ଆଇଟିଏଫ୍ ଟେଲି କନ୍‌ଫରେନ୍ସ ପୁଣି ବାତିଲ

ନୂଆଦିଲ୍ଲୀ, ୨୦।୮ (ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଡେଭିସ କପ୍ ମ୍ୟାଚ ଖେଳାଯିବା ସମ୍ପର୍କରେ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍)ର ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ମଙ୍ଗଳବାର ହେବାକୁଥିବା ଟେଲି–କନ୍‌ଫରେନ୍ସ ବାତିଲ ହୋଇଛି। ଫଳରେ କ୍ରମାଗତ ଦୁଇ ଦିନ ଧରି ବୈଠକ ବସିପାରି ନାହିଁ। ଟେଲି କନଫରେନ୍ସରେ ଭାରତର ଅଣ ଖେଳାଳି ଡେଭିସ କପ୍ ଅଧିନାୟକ ମହେଶ ଭୂପତି ଭାଗ ନେବେ। ଏହି ବୈଠକ ପୁଣି କେବେ ହେବ ତାହା ସ୍ଥିର ହୋଇ ନ ଥିବା ସେ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ଡେଭିସ୍ କପ୍ କମିଟି ବୈଠକ ବୁଧବାର ବସୁଛି। ଆଇଟିଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ୍ ଆଲବର୍ଟ ଉପଲବ୍ଧ ହେଉ ନ ଥିବାରୁ ସୋମବାର ବୈଠକ ସମ୍ଭବ ହୋଇ ନ ଥିଲ। ଦୁଇ ପଡୋଶୀ ରାଷ୍ଟ୍ର ମଧ୍ୟରେ ଡେଭିସ୍ କପ୍ ମ୍ୟାଚ୍ ଇସ୍‌ଲାମାବାଦରେ ଖେଳଯିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଇତିମଧ୍ୟରେ ଜମ୍ମୁ–କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର ପରେ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ଅବନତି ଘଟିଛି।

ଇଣ୍ଡୋ–ପାକ୍ ଡେଭିସ୍ କପ୍ ମ୍ୟାଚ

ସୁରକ୍ଷାଗତ କାରଣରୁ ଏହି ମ୍ୟାଚ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯାଉ ବୋଲି ଏଆଇଟିଏ ପକ୍ଷରୁ ହେଉଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିସାରିଛି। ହେଲେ ଶେଷରେ ଏହି ପ୍ରସଙ୍ଗ ନେଇ ଏଆଇଟିଏର ପ୍ରତିନିଧିଙ୍କ ସହିତ ଟେଲିକନଫରେନ୍ସ ଜରିଆରେ ଆଲୋଚନା କରିବା ଲାଗି ଆଇଟିଏଫ୍ ରାଜି ହୋଇଛି।

ଶ୍ରୀସନ୍ଥଙ୍କ ବାସନ୍ଦ ଅବଧି ୭ ବର୍ଷକୁ କମିଲା

ନୂଆଦିଲ୍ଲୀ,୨୦।୮(ପି.ଟି.)

ସ୍ପଟ୍ ଫିକ୍ସିଂ ମାମଲାରେ ଛନ୍ଦି ହୋଇପଡିଥିବାର ଭାରତୀୟ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ଥଙ୍କୁ ଶେଷରେ ଆଶ୍ୱସ୍ତି ମିଳିଛି। ତଥାକଥିତ ଏହି ଫିକ୍ସିଂ ମମଲାରେ ଦୋଷୀସ୍‌ସାବ୍ୟସ୍ତ ହୋଇ ସେ ଆଜୀବନ ବାସନ୍ଦ ହୋଇଥିଲେ। ତାଙ୍କୁ ସବୁ ପ୍ରକାର ବ୍ୟବସାୟିକ କ୍ରିକେଟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ତା ଦ୍ୱାରା ଅନୁମୋଦିତ ସବୁ କ୍ରିକେଟ ସଂଘ ସହିତ ଜଡିତ ରହିବା କିମ୍ବା ସଂଘଗୁଡିକର ସବୁ ପ୍ରକାର କାର୍ଯ୍ୟକଳାପରୁ ବାସନ୍ଦ କରାଯାଇଥିଲା। ତେବେ ତାଙ୍କର ଏହି ବାସନ୍ଦ ଅବଧି ୭ ବର୍ଷକୁ କମାଇ ଦିଆଯାଇଛି। ଫଳରେ ଆସନ୍ତା ବର୍ଷ ଅଗଷ୍ଟ ମାସରେ ତାଙ୍କର ବାସନ୍ଦ ଅବଧି ଶେଷ ହେବ। ମଙ୍ଗଳବାର ଏ ସଂକ୍ରାନ୍ତରେ ବିସିସିଆଇ ଓମ୍ବୁଡ୍ସମ୍ୟାନ୍ ଡି.କେ. ଜୈନ ନିର୍ଦ୍ଦେଶ ଜାରି କରିଛନ୍ତି। ଶ୍ରୀସନ୍ଥ ଏପର୍ଯ୍ୟନ୍ତ ୬ ବର୍ଷର ବାସନ୍ଦାଦେଶ କାଟି ସାରିଛନ୍ତି। ଜଣେ କ୍ରିକେଟର ହିସାବରେ ସେ ତାଙ୍କର ଶ୍ରେଷ୍ଠ ସମୟକୁ ହାତଛଡ଼ା କରିସାରିଛନ୍ତ ବୋଲି ଓମ୍ବୁଡ୍ସମ୍ୟାନ ହୃଦୟଙ୍ଗମ କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀସନ୍ଥ ଏବେ ୩୬ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୦୧୩ରେ ଶ୍ରୀସନ୍ଥଙ୍କ ସମେତ ତାଙ୍କ ରାଜସ୍ଥାନ ରୟାଲ୍ସ ସାଥୀ ଖେଳାଳି ଅଜିତ୍ ଚାଣ୍ଡିଲା ଓ ଅଙ୍କିତ ଚାଵନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସ୍ପଟ୍ ଫିକ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଫଳରେ ବିସିସିଆଇ ଏହି ୩ଜଣ କ୍ରିକେଟରଙ୍କୁ ଆଜୀବନ ବାସନ୍ଦ କରିଥିଲା। ତେବେ ଗତ ମାର୍ଚ୍ଚ ୧୫ ତାରିଖରେ ସୁପ୍ରିମକୋର୍ଟ ବିସିସିଆଇ ଶୃଙ୍ଖଳାଗତ କମିଟିର ଏହି ବାସନ୍ଦାଦେଶକୁ ବଦଳାଇ ଦେଇଥିଲେ। ଏବେ ଅଗଷ୍ଟ ୭ରେ ଜୈନ ନିଜର ରାୟ ଶୁଣାଇଥିଲେ। ବାସନ୍ଦ ୭ ବର୍ଷକୁ କମାଇବା ସହ ଆସନ୍ତାବର୍ଷ ଅଗଷ୍ଟରେ ଶ୍ରୀସନ୍ଥ ଖେଳିପାରିବେ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ।

ଶ୍ରୀସନ୍ଥଙ୍କ ବୟସ ଏବେ ୩୫ ବର୍ଷ ହୋଇଥିବାରୁ, ଜଣେ ଦ୍ରୁତ ବୋଲର ହିସାବରେ ସେ ତାଙ୍କ ଶ୍ରେଷ୍ଠ ସମୟ ହାତଛଡ଼ା ହୋଇସାରିଛି ବୋଲି ଜୈନ କହିଛନ୍ତି। ତେଣୁ ତାଙ୍କ ବାସନ୍ଦ ଅବଧିକୁ ୭ ବର୍ଷକୁ କମାଇବା ନ୍ୟାୟୋଚିତ ହେବ। ୨୦୧୩ ସେପ୍ଟେମ୍ବର ୧୩ରୁ ଏହି ବାସନ୍ଦ ଅବଧୀ ଆରମ୍ଭ ହୋଇଥିଲା। ଏବେ ଆସନ୍ତା ବର୍ଷ ଅଗଷ୍ଟରେ ଏହା ଶେଷ ହେବ।

ଗତ ଏପ୍ରିଲରେ ଅଶୋକ ଭୂଷଣ ଓ କେ.ଏମ୍. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୈନଙ୍କୁ ୩ ମାସ ମଧ୍ୟରେ ଏ ସଂକ୍ରାନ୍ତରେ ବାସନ୍ଦ ଅବଧି ବା ଦଣ୍ଡର ପରିମାଣ ନେଇ ଅନ୍ତିମ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ବିସିସିଆଇ ଗତ ଫେବୃୟାରୀ ୨୮ରେ ଶ୍ରୀସନ୍ଥଙ୍କ ବାସନ୍ଦାଦେଶକୁ ଉଚିତ୍ ବୋଲି କହିଥିଲା। ସେ ମ୍ୟାଚ୍‌ର ଫଳାଫଳକୁ ଅସତ୍ ଉପାୟରେ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଥିଲେ ବୋଲି ବିସିସିଆଇ ଯୁକ୍ତି ବାଢ଼ିଥିଲା। ଶ୍ରୀସନ୍ଥଙ୍କ ଓକିଲ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଥିଲେ ଓ ଆଇପିଏଲ ମ୍ୟାଚ୍ ଅବସରରେ କୌଣସି ସ୍ପଟ୍ ଫିକ୍ସିଂ ହୋଇ ନ ଥିଲା ଓ ଏ ସଂକ୍ରାନ୍ତରେ କୌଣସି ଠୋସ୍ ପ୍ରମାଣ ନାହିଁ ବୋଲି ପାଲଟା ଯୁକ୍ତି ଉପସ୍ଥାପନା କରିଥିଲେ।

ବରିଷ୍ଠ ଆଇନଜୀବୀ ପରାଗ ତ୍ରିପାଠୀ ବିସିସିଆଇ ତରଫରୁ ଶ୍ରୀସନ୍ଥଙ୍କ ବିରୋଧରେ ଯୁକ୍ତି ବାଢ଼ିଥିଲେ। ଏ ସଂକ୍ରାନ୍ତରେ ଟେଲିଫୋନ ବାର୍ତ୍ତାଳାପର ପ୍ରମାଣ ଦେଇଥିଲେ। ସ୍ପଟ୍ ଫିକ୍ସିଂ ନେଇ ଟଙ୍କା କାରବାର ହୋଇଛି ବୋଲି ସେ ଦାବି କରିଥିଲେ। ସ୍ପଟ୍ ଫିକ୍ସିଂ ପାଇଁ ଶ୍ରୀସନ୍ଥଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯାଇଥିଲା। ୨୦୧୩ ମେ'ରେ ମୋହାଲିରେ ରାଜସ୍ଥାନ ରୟାଲ୍ସ ଓ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀସନ୍ଥ ତାଙ୍କ ଦ୍ୱିତୀୟ ଓଭରରେ ୧୪ ରନ ବ୍ୟୟ କରିବା ପାଇଁ ଟଙ୍କା ଗ୍ରହଣ କରିଥିଲେ ବୋଲି ତ୍ରିପାଠୀ କହିଥିଲେ। ତେବେ ଶ୍ରୀସନ୍ଥ ମଧ୍ୟ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଥିଲେ ଓ ସେ ନିର୍ଦ୍ଦୋଷ ବୋଲି କହି ଆସିଥିଲେ।

ବିଦର୍ଭ କ୍ରିକେଟ ଏକାଡେମୀରେ କୋଚ୍ ସୁବ୍ରତ ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ମୋ ରିଦମ୍ ସଜାଡ଼ିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ମୁଁ ପ୍ରସ୍ତୁତ ।
–ଉମେଶ ଯାଦବ, ଭାରତୀୟ ଦ୍ରୁତ ବୋଲର

ୱେଷ୍ଟଇଣ୍ଡିଜ କ୍ରିକେଟ ଦଳରେ ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ସେମାନଙ୍କୁ ମାନସିକସ୍ତରରେ ଦୃଢ଼ ହେବାକୁ ପଡ଼ିବ ।
–ବ୍ରାଏନ ଲାରା, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ

ସଂକ୍ଷେପରେ

ଏଟିପି ମ୍ୟାଚ୍ ଜିତିବାରେ ଲି ପ୍ରଥମ ବଧିର ଖେଳାଳି

ୱାଶିଂଟନ, ୨୦।୮ (ଏଏଫ୍‌ପି): ଦକ୍ଷିଣ କୋରିଆର ଲି ଡକ୍-ହେ ପ୍ରଥମ ବଧିର ଟେନିସ ଖେଳାଳି ଭାବେ ଏଟିପି ମୁଖ୍ୟ ପର୍ଯ୍ୟାୟର ଏକ ମ୍ୟାଚ୍ ଜିତିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଠାରେ ଚାଲିଥିବା ଏଟିପି ୱିନଷ୍ଟୋନ-ସାଲେମ ଓପନ୍ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୨୧୨ତମ ସ୍ଥାନରେ ରହିଥିବା ୨୧ ବର୍ଷୀୟ ଲି ୭-୬ (୭/୪), ୬-୧ ସିଧାସଳଖ ସେଟ୍‌ରେ ସୁଇଜରଲାଣ୍ଡର ହେନରୀ ଲାକ୍‌ସୋନେନ୍‌ଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଲି'ଙ୍କ ମୁକାବିଲା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୪୦ତମ ସ୍ଥାନରେ ରହିଥିବା ପୋଲାଣ୍ଡର ହର୍ବଟ୍ ହର୍କାଜଙ୍କ ସହ ହେବ। ମାତ୍ର ୧୫ ବର୍ଷ ବୟସରେ ଲି ତାଙ୍କର ପ୍ରଥମ ଏଟିପି ଟୁର୍ ମ୍ୟାଚ୍ ଖେଳିଥିଲେ। ୨୦୧୭ରେ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୧୩୦ତମ ସ୍ଥାନ ହାସଲ କରିଥିଲେ। 'ଜୀବନରେ କେବେ ମଧ ହତୋତ୍ସାହିତ ହୁଅ ନାହିଁ। ଯଦି କଠିନ ପରିଶ୍ରମ କରିବ ତାହାଲେ ସବୁକିଛି କରିପାରିବ' ବୋଲି ମ୍ୟାଚ୍ ଜିତିବା ପରେ ଲି ବିଶ୍ୱରେ ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ

ଓଡ଼ିଶାର ସୁମିତ୍ରା ଭାରତୀୟ ଦଳ ଅଧିନାୟିକା

ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି)

ଲାଓସର ଭେଣ୍ଟିଏନଠାରେ ଚଳିତମାସ ୨୪ ଓ ୨୫ ତାରିଖରେ ହେବାକୁଥିବା ୨୦ ବର୍ଷରୁ କମ୍ ଏସିଆ ମହିଳା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଓଡ଼ିଶାର ସୁମିତ୍ରା ନାୟକ ଭାରତୀୟ ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ସୁମିତ୍ରାଙ୍କୁ ମିଶାଇ ମୋଟ ୫ ଓଡ଼ିଆ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୋନୀ ମନ୍ଦାଙ୍ଗୀ, ଲିଜା ସର୍ଦ୍ଦାର, ରଜନୀ ସବର ଓ ପାର୍ବତୀ କିସ୍କୁ।

ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ବର୍ତ୍ତମାନ ଭୁବନେଶ୍ୱରରେ ଚାଲିଛି। ଅଗଷ୍ଟ ୧ରୁ ଆରମ୍ଭ ହୋଇଥିବା ୩ ସପ୍ତାହ ବିଶିଷ୍ଟ ଏହି କ୍ୟାମ୍ପ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ସହଯୋଗରେ ଚାଲିଛି।

ଏସିଆ ମହିଳା ରଗ୍‌ବୀ ସେଭେନ୍ସ ପାଇଁ ମନୋନୀତ ଭାରତୀୟ ଦଳ।

ପ୍ରତିଯୋଗିତାରେ ଏସିଆର ୫ଟି ଦେଶ ଥାଇଲାଣ୍ଡ, ସିଙ୍ଗାପୁର, ହଂକଂ, ଭାରତ ଓ ଆୟୋଜକ ଲାଓସ ଅଂଶଗ୍ରହଣ କରୁଛନ୍ତି। ''ଆମ ଜାତୀୟ ୨୦ ବର୍ଷରୁ କମ୍ ମହିଳା ରଗ୍‌ବୀ ଟିମ୍‌କୁ ସମର୍ଥନ ଯୋଗାଇ ଦେଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ କିସ୍ ଏବଂ ସୋସିଏଟ ଜେନେରାଲ ନିକଟରେ ଆମେ ଚିର କୃତଜ୍ଞ। ନିକଟ ଅତୀତରେ ଆମ ଖେଳାଳିମାନେ ଟୁର୍ନାମେଣ୍ଟ ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଛନ୍ତି। ଗତ ଟୁର୍ନାମେଣ୍ଟ ଗୁଡ଼ିକର ଫଳାଫଳରୁ ଆମ ଦଳ ଦିନକୁ ଦିନ ଉନ୍ନତି କରୁଥିବା ସ୍ପଷ୍ଟ ହୋଇଛି। ଚଳିତ ସପ୍ତାହ ଶେଷରେ ହେବାକୁଥିବା ଟୁର୍ନାମେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଯୁବ ଖେଳାଳିମାନେ ରଗ୍‌ବୀକୁ କ୍ୟାରିୟର କରୁଥିବା ବାଳିକାମାନଙ୍କ ପାଇଁ ରୋଲମଡେଲ'' ବୋଲି ରଗ୍‌ବୀ ଇଣ୍ଡିଆର ମହାସଚିବ ମହେଶ ମାଥାଇ ପ୍ରକାଶ କରିଛନ୍ତି।

ଭାରତୀୟ ଦଳ

ସୁମିତ୍ରା ନାୟକ(ଅଧିନାୟିକା), ସୋନି ମନ୍ଦାଙ୍ଗି, ଲିଜା ସର୍ଦ୍ଦାର, ରଜନୀ ସବର, ପାର୍ବତୀ କିସ୍କୁ(ସମସ୍ତେ ଓଡ଼ିଶା), ସନ୍ଧ୍ୟା ରାଏ, ଲାଚମି ଓରାଅନ, ସୁମନ ଓରାଅନ(ସମସ୍ତେ ପଶ୍ଚିମବଙ୍ଗ), ସ୍ୱିଟି କୁମାରୀ(ବିହାର), ପ୍ରିୟା, ସୁଲତାନା, ଶିଖା ଯାଦବ(ସମସ୍ତେ ଦିଲ୍ଲୀ)। କୋଚ୍: ରେହମୁଦ୍ଦିନ ଶେଖ, ମ୍ୟାନେଜର: ଈଶ୍ୱରାଜ କୋଟାରିକି, ଫିଜିଓ: ଭାବିଜ୍ ଭାରିଚା (ସମସ୍ତେ ମହାରାଷ୍ଟ୍ର)।

ଦୁଲୀପ୍ ଟ୍ରଫି
ଲଗାତର ବର୍ଷା ଯୋଗୁ ମ୍ୟାଚ୍ ଡ୍ର

ବେଙ୍ଗାଲୁରୁ, ୨୦।୮: ଲଗାତର ବର୍ଷା ଯୋଗୁ ସ୍ଥାନୀୟ ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ଅନୁଷ୍ଠିତ ଦୁଲୀପ୍ ଟ୍ରଫିର ପ୍ରଥମ ମ୍ୟାଚ୍ ଡ୍ର'ରେ ସମାପ୍ତ ହୋଇଛି। ଏହି ୪ ଦିନିଆ ମ୍ୟାଚ୍‌ର ପ୍ରଥମ ଦିନରେ ବର୍ଷା ବାଧକ ସାଜିବାରୁ ମାତ୍ର ୪୯ ଓଭର ଖେଳ ସମ୍ଭବପର ହୋଇଥିଲା। ଏଥିରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ପ୍ରଥମ ଦିବସରେ ପ୍ରଥମ ଇନିଂସରେ ୬ ଉଇକେଟ୍ ହରାଇ ୧୧୨ ରନ କରିଥିଲା। ଏହାପରେ ଲଗାତର ୩ ଦିନ ବର୍ଷା କାରଣରୁ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା। ଫଳରେ ମ୍ୟାଚ୍ ଡ'ରେ ସମାପ୍ତ ହୋଇଥିଲା। ଉଭୟ ଦଳ ଏକ ପଏଣ୍ଟ ଲେଖାଏ ପାଇଥିଲେ। ଇଣ୍ଡିଆ ବ୍ଲୁ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଅଗଷ୍ଟ ୨୩ରେ ଇଣ୍ଡିଆ ରେଡ୍‌କୁ ଭେଟିବ। ଇଣ୍ଡିଆ ବ୍ଲୁ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ କ୍ରିକେଟର୍ ରାଜେଶ ମହାନ୍ତି ଏହି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିଥିଲେ। ଆଗାମୀ ମ୍ୟାଚ୍‌ରେ ସେ ଖେଳିବାର ସୁଯୋଗ ପାଇବାର ସମ୍ଭାବନା ରହିଛି।

ଆଶେସ ସିରିଜ: ୩ୟ ଟେଷ୍ଟରୁ ସ୍ମିଥ୍ ବାଦ୍

ଲଣ୍ଡନ, ୨୦।୮ (ଏଏଫ୍‌ପି): ଅଭିଜ୍ଞ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ଗୁରୁବାରଠାରୁ ଏଜ୍‌ବାଷ୍ଟନରେ ଆରମ୍ଭ ହେବାକୁ ଯାଉଥିବା ସମ୍ମାନଜନକ ଆଶେସ ଟେଷ୍ଟ ସିରିଜର ୩ୟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ମଙ୍ଗଳବାର ଏନେଇ ଘୋଷଣା କରାଯାଇଛି। ଲର୍ଡ୍ସରେ ସମାପ୍ତ ହୋଇଥିବା ୨ୟ ଟେଷ୍ଟର ୪ର୍ଥ ଦିବସରେ ବ୍ୟାଟିଂ କରୁଥିବାବେଳେ ଇଂଲଣ୍ଡ ନବାଗତ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଏକ ଘାତକ ବାଉନ୍ସର ବଲ୍ ସ୍ମିଥ୍‌ଙ୍କ ବେକରେ ବାଜିଥିଲା। ଫଳରେ ୩୦ ବର୍ଷୀୟ ସ୍ମିଥ୍ ପିଚ୍ ଉପରେ ପଡ଼ିଯାଇଥିଲେ ଏବଂ ଏହାପରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ପରେ କିନ୍ତୁ ସେ ପ୍ରତ୍ୟାବର୍ତ୍ତନ କରି ବ୍ୟାଟିଂ କରିଥିଲେ। ମଙ୍ଗଳବାର ସ୍ମିଥ୍ କିନ୍ତୁ ଅଷ୍ଟ୍ରେଲିଆ ନେଟ୍ସକୁ ଅଭ୍ୟାସ ପାଇଁ ଆସି ନ ଥିଲେ। ଏହାପରେ ଦଳର ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର ୩ୟ ଟେଷ୍ଟରେ ସ୍ମିଥ୍‌ଙ୍କ ଅନୁପସ୍ଥିତି ନେଇ ଘୋଷଣା କରିଥିଲେ। ଚଳିତ ସିରିଜରେ ସ୍ମିଥ୍ ୩ଟି ଇନିଂସରୁ ଯଥାକ୍ରମେ ୧୪୨, ୧୪୪ ଓ ୯୨ ରନ୍ ସଂଗ୍ରହ କରିଛନ୍ତି। ତୃତୀୟ ଟେଷ୍ଟରେ ସ୍ମିଥ୍‌ଙ୍କ ବଦଳ ଖେଳାଳିଭାବେ କିଏ ଦଳ ସହ ଯୋଗଦେବେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ହରାଇଲେ ପ୍ରଣୟ

ବାସେଲ (ସୁଇଜରଲାଣ୍ଡ), ୨୦।୮ (ପି.ଟି.): ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟରେ ଭାରତର ଏଚ୍.ଏସ୍. ପ୍ରଣୟ ମଙ୍ଗଳବାର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ପ୍ରଣୟ ଲଣ୍ଡନ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଚାଇନାର ଲିନ୍ ଡାନ୍‌ଙ୍କୁ ପରାସ୍ତ କରିଛନ୍ତି। ଏକ ଘଣ୍ଟା ୨ ମିନିଟ୍ ଧରି ଅନୁଷ୍ଠିତ ହୋଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପ୍ରଣୟ ୨୧-୧୧,

୧୩-୨୧, ୨୧-୧୭ ଗେମ୍‌ରେ ବହୁଥର ବିଶ୍ୱ ବିଜେତା ଟାଇଟଲ୍ ଜିତିଥିବା ଡାନ୍‌ଙ୍କୁ ମାତ୍ ଦେଇ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଉଭୟ ଲିନ୍

ବିଶ୍ୱ ଚାମ୍ପିୟନଶିପ୍

ଡାନ୍ ଓ ପ୍ରଣୟ ଏହାକୁ ମିଶାଇ ମୋଟ୍ ଉପରେ ୫ଥର ପରସ୍ପରକୁ ଭେଟିଛନ୍ତି। ଯେଉଁଥିରେ ପ୍ରଣୟ ସର୍ବାଧିକ ୩ଥର ବାଜିମାତ୍ କରିବାରେ ସଫଳ ରହିଛନ୍ତି। ଶେଷଥର ପାଇଁ ଗତ ଜୁନ୍‌ରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଡାନ୍‌ଙ୍କ ନିକଟରୁ ପ୍ରଣୟ ହାରିଯାଇଥିଲେ। ଡାନ୍ ଲଣ୍ଡନ ବ୍ୟତୀତ ୨୦୦୮ ଅଲିମ୍ପିକ୍ସରେ ମଧ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ସେ ୭ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ୍ ମଧ ଜିତିଛନ୍ତି। ଅପରପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ଏନ୍. ସିକ୍କି ରେଡ୍ଡୀ ୱାକ୍‌ଓଭର ପାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି।

ରାଜ୍ୟ ଇନ୍‌ଡୋର ରୋଇଂ ୪ରୁ

ଭୁବନେଶ୍ୱର, ୨୦।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଆସୋସିଏଶନ ଅଫ୍ ରୋଇଂ ଓ ସ୍କଲିଂ (ଓଏଆର୍‌ଏସ୍) ପକ୍ଷରୁ ପ୍ରଥମ ରାଜ୍ୟ ଇନ୍‌ଡୋର୍ ରୋଇଂ ଚାମ୍ପିୟନଶିପ୍ ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଯାଉଛି। ଜଗତ୍‌ପୁରସ୍ଥିତ ସାଗ୍ ଜଳକ୍ରୀଡ଼ା କେନ୍ଦ୍ରଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁନିୟର ଓ ସିନିୟର ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କ ଲାଗି ୨୦୦୦ ମିଟରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ସବ୍-ଜୁନିୟର ବାଳିକା ଓ ବାଳକଙ୍କ ଲାଗି ୧୦୦୦ ମିଟର ରଖାଯାଇଛି। ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଓ ସ୍କଲିଂରେ ରେଜିଷ୍ଟର କରିଥିବା କିମ୍ବା ଓଡ଼ିଶାର ଆଗ୍ରହୀ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିପାରିବେ। ବିହାରର ପାଟନାଠାରେ ହେବାକୁ ଥିବା ଜାତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍ ଲାଗି ଏଥିରୁ ଖେଳାଳି ମନୋନୀତ କରାଯିବ ବୋଲି ରାଜ୍ୟ ସଂଘର ସଭାପତି ବିନୋଦ ଦାସ କହିଛନ୍ତି।

କଳିଙ୍ଗ ବିଦ୍ୟାପୀଠ, ରାମକୃଷ୍ଣ ଶିକ୍ଷାକେନ୍ଦ୍ର ବିଜୟୀ

ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଳିଙ୍ଗ ବିଦ୍ୟାପୀଠ ଓ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ କଳିଙ୍ଗ ବିଦ୍ୟାପୀଠ ୨-୦ ଗୋଲରେ ଲୋୟଲା ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଶୋକ ପାଢ଼ୀ ୩୮ ଓ ମୋହନ ଭୋଇ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଅଶୋକ ପାଢ଼ୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ୩-୧ ଗୋଲରେ ଡିଏଭି ଚନ୍ଦ୍ରଶେଖରପୁରକୁ ପରାସ୍ତ କରିଛି। ମ୍ୟାଚର ୧୦ମ ମିନିଟରେ ଡିଏଭିର ଅଭିନବ ମହାନ୍ତି ଗୋଟିଏ ଗୋଲ ଦେଇଥିବାବେଳେ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପକ୍ଷରୁ ବିପିନ ମୁଣ୍ଡରୀ ୨୫ ଓ ୨୮ତମ ଏବଂ ଶାଶ୍ୱତ ସେଠୀ ୫୦ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଉପସଭାପତି ବାବି ମିଶ୍ର ଅତିଥିଭାବେ ଯୋଗଦେଇ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ରୋହିତ ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରାଜେନ୍ଦ୍ର ବାରିକ, ଶ୍ରୀକାନ୍ତ ପଣ୍ଡା, କିର୍ତ୍ତୀରଞ୍ଜନ ସ୍ୱାଇଁ, ସରୋଜ ମହାରଣା, ଦୁର୍ଗା ଆଚାର୍ଯ୍ୟ, ଶେଖାଓ୍ୱତ ଖାଁ ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

ରାଜ୍ୟ ପୋଲିସ ଫୁଟବଲ ଉଦ୍‌ଘାଟିତ

ସୁନ୍ଦରଗଡ଼, ୨୦।୮ (ଡି.ଏନ୍.ଏ)

ସୁନ୍ଦରଗଡରେ ମଙ୍ଗଳବାରଠାରୁ ୭୮ ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜାଲାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ, ଡିଏଫ୍‌ଓ ଡଃ. ଅରୁଣ କୁମାର ମିଶ୍ର, ୨ୟ ବାଟାଲିୟନ କମାଣ୍ଡାଣ୍ଟ ଆଶୀଷ କୁମାର ଦୁବେ, ରାଜ୍ୟ ପୋଲିସ କ୍ରୀଡା ଅଧିକାରୀ ବିଭୂତି ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ ଏସ୍‌ପି ତଥା ଆୟୋଜକ ପରିଚାଳନା କମିଟିର ସମ୍ପାଦିକା ସୌମ୍ୟା ମିଶ୍ର ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ ଜିଲା ପୋଲିସ ଓ ୨ୟ ଏସ୍‌ଏସ୍ ବାଟାଲିୟନ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଏସଏସ ବାଟାଲିୟନ କେନ୍ଦୁଝର ଦଳ ବିଜୟୀ ହୋଇଥିଲେ। ସେହିପରି ୨ୟ ମ୍ୟାଚ୍ ଓଏସ୍‌ଏପି ୨ୟ ବାଟାଲିୟନ ଝାରସୁଗୁଡା ବନାମ ରାୟଗଡା ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡା ଓଏସ୍‌ଏପି ୨ୟ ବାଟାଲିୟନ ୨-୦ ଗୋଲରେ ବିଜୟୀ ହୋଇଛି। ତୃତୀୟ ମ୍ୟାଚ୍ ୧ମ ଆଇଆରବିଏମ୍ କୋରାପୁଟ ଏବଂ ଜଗତସିଂହପୁର ପୋଲିସ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଇବେକର ଜରିଆରେ ଜଗତସିଂହପୁର ଦଳ ବିଜୟୀ ହୋଇଥିଲେ। ଚତୁର୍ଥ ମ୍ୟାଚ୍ ଓଏସଏପି ଷଷ୍ଠ ବାଟାଲିୟନ କଟକ ବନାମ ରାଉରକେଲା ଏସଆରପି ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଓଏସଏପି ଷଷ୍ଠ ବାଟାଲିୟନ କଟକ ୬-୦ରେ ବିଜୟୀ ହୋଇଛି। ପଞ୍ଚମ ମ୍ୟାଚ୍ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ବନାମ ୫ମ ଆଇଆରବିଏନ୍ ବୌଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଏସଏପି ୩ୟ ବାଟାଲିୟନ କୋରାପୁଟ ୪-୦ ଗୋଲରେ ବିଜୟୀ ହୋଇଛି। ଓଆଇଏସଏଫ୍ ଭୁବନେଶ୍ୱର ଓ ଯାଜପୁର ପୋଲିସ ମଧ୍ୟରେ ଅନୁଷ୍ଠିତ ଷଷ୍ଠ ମ୍ୟାଚରେ ଓଆଇଏସଏଫ୍ ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ଓଡିଶା ଅଗ୍ନିଶମ ବିଭାଗ ବନାମ ଢେଙ୍କାନାଳ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଓଡିଶା ଅଗ୍ନିଶମ ବିଭାଗ ୨-୦ ଗୋଲରେ ବିଜୟୀ ହୋଇଛି। ୯ମ ଏସପିଏଲ ଆଇଆରବିଏନ୍ କଳାହାଣ୍ଡି ବନାମ ସୁବର୍ଣ୍ଣପୁର ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ସୁବର୍ଣ୍ଣପୁର ପୋଲିସ ୨-୦ ଗୋଲରେ ବିଜୟୀ ହୋଇଛି। ୨ୟ ଆଇଆରବିଏନ୍ ରାୟଗଡା ବନାମ କନ୍ଧମାଳ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ୨ୟଆଇଆରବିଏନ୍ ରାୟଗଡା ୦-୨ ଗୋଲରେ ବିଜୟୀ ହୋଇଛି। ୧ମଏସଏସବିଏନ୍ ସମ୍ବଲପୁର ବନାମ ଓଏସଏପି ୫ମ ବାଟାଲିୟନ ବାରିପଦା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ବାରିପଦା ଦଳ ୨-୦ ଗୋଲରେ ବିଜୟୀ ହୋଇଛି। ସେହିପରି ୩ୟ ଆଇଆରବିଏନ୍ କଳିଙ୍ଗନଗର ବନାମ ବରଗଡ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ୩ୟ ଆଇଆରବିଏନ୍ କଳିଙ୍ଗନଗର ୪-୦ ଗୋଲରେ ବିଜୟୀ ହୋଇଛି । ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଫୁଟବଲ ଚାମ୍ପିୟନଶିପରେ ମୋଟ ୪୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୩ଟି ଦଳ ଭାଗ ନେଇଛନ୍ତି। ଏହି ଫୁଟବଲ ଚାମ୍ପିୟନଶିପ୍ ୫ ତାରିଖରେ ଉଦ୍‌ଯାପିତ ହେବ।

ଉଦ୍‌ଘାଟନୀ ଅବସରରେ ଖେଳାଳିମାନେ ଅତିଥି ଓ ଅଫିସିଆଲ୍‌ଙ୍କ ସହ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମଧୁସୂଦନ ନାୟକ
ଆବିର୍ଭାବ: ୧୧।୦୮।୧୯୩୮
ତିରୋଧାନ: ୧୧।୦୮।୨୦୧୯
ଓର୍ଷକା, ଭାଗବତପୁର, ବାଲିଆ, କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ- ସାବିତ୍ରୀ, ପୁଅବୋହୂ- ପ୍ରଦୀପ, ଅଭୟ, ସଂଜୟ, ମମତା, ରୁନୁ, ଅନୁ, ନିଲୁ, ଝିଅଜ୍ୱାଇଁ- ଗୋଲଖ, ଅଶୋକ, ବାଦଲ, ନଳିନୀ, ଲିଲି, ଜଲି, ନାତିନାତୁଣୀ- ପୂଜା, ଲିଜା, ସୋନୁ, ଲିସା, ସାଇ, ଡିଙ୍କୁ, ମାମୁନି, ସୁଇଟ୍, ଭିକି, ସିମିଲ୍
ଧ-୧୩୯୮୭

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲୋକନାଥ ସେନାପତି
ଖରିଘର, ନିଆଳି, କଟକ
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୩୯୭୮

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତା ହରପ୍ରିୟା ଦେବୀ
(ସମାଜସେବିକା)
କ୍ୱାର୍ଟର୍ ନଂ- ଟୁ ଆର୍ ଏ- ୧୬
ୟୁନିଟ୍-୧, ଭୁବନେଶ୍ୱର
ଆବିର୍ଭାବ: ୧୨।୦୮।୧୯୪୦
ତିରୋଧାନ: ୧୦।୦୮।୨୦୧୯
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୧୩୯୮୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

Late Sandip Pattanaik
(Kalia)
Patrapada, Bhubaneswar
DOB: 15.08.1976
DOD: 12.08.2019
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
Mob No: 9437503335, 7008530401
ଧ-୧୩୯୮୩

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତା ମୀନା କୁମାରୀ ତ୍ରିପାଠୀ
ବେଲଗାଁ, ଜି.ବଲାଙ୍ଗୀର
ଆବିର୍ଭାବ: ୩୦।୦୭।୧୯୭୨
ତିରୋଧାନ: ୧୦।୦୮।୨୦୧୯
ତୁମେ ଆମକୁ ଛାଡି ଚାଲିଗଲ, ହେଲେ ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ନେହ, ଶ୍ରଦ୍ଧା ଆମରି ସ୍ମୃତିରେ ରହିଛି। ଶ୍ରୀ ଜଗନ୍ନାଥ ତୁମରି ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ:
ସ୍ୱାମୀ- ବୀରେନ୍ଦ୍ର, ପୁତ୍ର- ସୋନୁ ଓ ଚିନୁ ତଥା ତ୍ରିପାଠୀ ପରିବାରବର୍ଗ, ଗୋଲାବାରୁଦ କାରଖାନା କର୍ମଚାରୀ ବୃନ୍ଦ, ବଡମାଳ
ଧ-୧୩୯୮୨

ତୋରି ସ୍ମୃତିରେ



ଂ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ବୋଉ, ନନା ଓ ଆତ୍ମୀୟ ସ୍ୱଜନ
ଧ-୬୭୩୬୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୧/୨୦୧୯ Bhubaneswar, Wednesday, August 21/2019

ଦୁର୍ଘଟଣାରେ ମା' ମୃତ, ପୁଅ ଆହତ

ଚଣ୍ଡିଖୋଲ,୨୦।୮(ଡି.ଏନ୍.ଏ.): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମହିପୁର ଗ୍ରାମର ଗୌତମ ମଲିକ ମଙ୍ଗଳବାର ନିଜ ମା' କୁମୁଲତା ମଲିକ (୬୦)ଙ୍କୁ ମୋଟର ସାଇକେଲରେ ବସାଇ ନିକଟସ୍ଥ କୃଷ୍ଣପୁରଶାସନ ଗ୍ରାମକୁ ଯାଉଥିବାବେଳେ ଏକ କୁକୁର ମୋଟର ସାଇକେଲ ସମ୍ମୁଖରେ ପଶି ଯାଇଥିଲା। ଏଥିରେ ଭାରସାମ୍ୟ ହରାଇ ଉଭୟ ତଳେ ପଡ଼ିଯାଇଥିଲେ। ତେବେ ମା' ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ଆମ୍ବୁଲାନସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଡାକ୍ତର କୁମୁଲତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୁଅ ଗୌତମ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

■ ଆଜି ବରୀ ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ

ଚାଲିଛି ଏକତରଫା ରଣନୀତି

ଯାଜପୁର ଅଫିସ/ବରୀ(ସ୍ୱ.ପ୍ର.),୨୦।୮

ହାତ ଟେକି ଦେଇଛି ବିଜେଡି

ଯାଜପୁର ଜିଲା ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପନିର୍ବାଚନ ପାଇଁ ଚାଲିଛି ଏକତରଫା ପ୍ରସ୍ତୁତି । ଗତ ରାଜ୍ୟ ସଭା ନିର୍ବାଚନ ଭଳି ଭାଜପାକୁ ସହଯୋଗ କରିବାକୁ ଯାଇ ବିଜେଡି ହାତ ଟେକି ଦେଇଛି। ନବନିର୍ବାଚିତ ବିଧାୟିକା ବିକାଶ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିବା ଆଳ କରି ଅଧ୍ୟକ୍ଷା ପଦବୀ ପାଇଁ କୌଣସି ମୁଣ୍ଡ ଖେଳାଉ ନ ଥିବା ସୂଚନା ଦେଇଛନ୍ତି। ହେଲେ ବାସ୍ତବରେ ଅଧ୍ୟକ୍ଷା ନିର୍ବାଚନରେ ଭାଜପା ସହିତ ବିଜେଡି ଆଉ ଟକ୍କର ଦେବା ପରିସ୍ଥିତିରେ ନ ଥିବାରୁ କାହିଁକି ହାତ ମାରିବେ ଆଉ ପରାଜୟ ହୋଇ ଲୋକଲୋଚନରେ ହିନସ୍ତା ହେବେ ବୋଲି ଚର୍ଚ୍ଚା ହେଉଛି।

ସରକାରୀ ଭାବେ ଅଧ୍ୟକ୍ଷା ଉପନିର୍ବାଚନ ପାଇଁ ବୁଧବାରକୁ ଧାର୍ଯ୍ୟ ହୋଇଛି । ଏନେଇ ବରୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପର୍ବ ସରିଛି । ଏହି ସମିତ ଅଧ୍ୟକ୍ଷା ପଦବୀ ପୂର୍ବରୁ ଭାଜପା ସମର୍ଥିତ ପ୍ରାର୍ଥୀ ଦଖଲରେ ରହିଥିଲା। ଅଧ୍ୟକ୍ଷା ସୁନନ୍ଦା ଦାସ ବିଜେଡିରୁ ଟିକେଟ ପାଇ ଗତ ସାଧାରଣ ନିର୍ବାଚନରେ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ସେହିଦିନଠାରୁ ଅଧ୍ୟକ୍ଷା ପଦବୀ ଖାଲି ପଡ଼ିଛି। ଏବେ ଭାଜପା ପୁଣି ଦଖଲରେ ରଖିବାକୁ ସମସ୍ତ ରଣକୌଶଳ କରିଛି। ହେଲେ ବିଜେଡି ଏଥିରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯାଇଛି। ଏପରିକି ଏହି ଉପନିର୍ବାଚନରେ ମୁଣ୍ଡ ପୁରାଇବ ନାହିଁ ବୋଲି ବିଧାୟିକା ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ପଞ୍ଚାୟତ ସମିତିରେ ମୋଟ ୨୯ ସମିତି ସଭ୍ୟାସଭ୍ୟ ନିର୍ବାଚିତ ହୋଇଛନ୍ତି। ଏହିକ୍ରମରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଭାଜପା ଶିବିରରେ ୧୫ଜଣ ସମିତି ସଭ୍ୟାସଭ୍ୟ ରହିଥିବା ସୂଚନା ମିଳିଛି। ଏହାବାଦ ଅନ୍ୟ ୪ଜଣ ସଭ୍ୟାସଭ୍ୟ ବାହାରେ ରହିଥିଲେ ହେଁ ଭାଜପାକୁ ସମର୍ଥନ ଦେବେ ବୋଲି ସୂଚନା ମିଳିଛି। ବିଧାୟିକା ସୁନନ୍ଦାଙ୍କୁ ବାଦ ଦେଲେ ୨୮ଜଣ ସମିତି ସଭ୍ୟାସଭ୍ୟ ନିର୍ବାଚନରେ ସାମିଲ ହେବେ। ତେଣୁ ମ୍ୟାଜିକ ନମ୍ବର ୧୫ ହେଲେ ସେହିଦଳ ସମର୍ଥିତ ପ୍ରାର୍ଥୀ ଅଧ୍ୟକ୍ଷା ପଦବୀରେ ଅଳଙ୍କୃତ ହେବେ । ଏହି ଦୃଷ୍ଟିରୁ ଭାଜପା ସମର୍ଥିତ ପ୍ରାର୍ଥୀ ଅଧ୍ୟକ୍ଷା ହେବାର ସ୍ପଷ୍ଟ ହୋଇ ସାରିଛି । ତେବେ ଭାଜପା ପକ୍ଷରୁ କାହାକୁ ପ୍ରାର୍ଥୀନୀ କରାଯିବ ସେ ନେଇ ସ୍ପଷ୍ଟ ସୂଚନା ମିଳି ପାରିନାହିଁ । ଏଠାରେ ସୂଚନାଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନରେ ବରୀ ନିର୍ବାଚନ ମଣ୍ଡଳିରେ ବିଜେଡି ଓ ଭାଜପା ମଧ୍ୟରେ କାଟେଁ କା ଟକ୍କର ହୋଇଥିଲା । ବିଜେଡ ପ୍ରାର୍ଥୀ ସୁନନ୍ଦା ମାତ୍ର ୪୦୬୨ ଭୋଟରେ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପରାସ୍ତ କରିଥିଲେ। ତେବେ ସାନି ମତଦାନରେ ଏହି ଅଙ୍କ ଓଲଟପାଲଟ ହୋଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ଏଥିଯୋଗୁ ବିଜେଡି ଚଳିତ ସମିତି ଅଧ୍ୟକ୍ଷା ଉପ ନିର୍ବାଚନରେ ଆଉ ରିସ୍କ ନେବାକୁ ଚାହୁଁ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତପୋଷଣ କରୁଛନ୍ତି ।

■ ଜଙ୍ଗଲ ଜମିରେ ବେଆଇନ ଖାଦାନ

ଆରୁହାରେ ୧୪୪ ଧାରା ଜାରି

ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ୍.ଏ.),୨୦।୮: ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ଜଙ୍ଗଲ ଜମିର ୧୫୩ ଏକର ପରିମିତ ଅଞ୍ଚଳ ଉପରେ ମଙ୍ଗଳବାର ୧୪୪ ଧାରା ଲାଗୁ ହୋଇଛି। ଏହାସହ ଏକାଧିକ ଛୋଟବଡ଼ କ୍ରଶର ସିଲ୍ ହୋଇଛି। ଏହାପରେ ସେଠାରେ ଚାଲିଥିବା ବେଆଇନ ପଥର ଖାଦାନ ଓ ଷ୍ଟୋନ କ୍ରଶର ଉପରେ ଏକପ୍ରକାର ଅଙ୍କୁଶ ଲାଗିଛି। ଆରୁହା କଳାପଥର ପାହାଡ଼ ଓ ଏହାର ପାଦଦେଶ ଅଞ୍ଚଳରେ ଏକାଧିକ ପଥର ଖାଦାନ ଓ କ୍ରଶର ଗଢି ଉଠିଥିଲା । ୨୭।୨।୨୦୧୯ ରେ ଆରୁହା ସର୍କଲର ରାଜସ୍ୱ ନୀରିକ୍ଷକ ଏନେଇ ଧର୍ମଶାଳା ତହସିଲଦାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ସେ ଦର୍ଶାଇଥିଲେ ଯେ, ଆରୁହା କିସମ ପାହାଡ ଅଟେ ଏବଂ ଏହା ଆବାଦ ଅଯୋଗ୍ୟ ଅନାବାଦୀ ଖାତାର ଅନ୍ତର୍ଭୁକ୍ତ। ଏହି ପାହାଡ଼କୁ କାହାରିକୁ ଲିଜ୍ ଦିଆଯାଇ ନ ଥିବାରୁ ବେଆଇନ ଭାବେ କଳାପଥର ଚାଲାଣ କରାଯାଉଛି । ଏସଂକ୍ରାନ୍ତରେ ବିଭିନ୍ନସ୍ତରରେ ଅଭିଯୋଗ ମଧ୍ୟ ହୋଇଥିଲା । ଅନ୍ୟପକ୍ଷେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ତାଙ୍କ ପତ୍ରସଂଖ୍ୟା ୯୮୯/୨୮।୩।୨୦୧୯ ଓ ୪୬୧/୭।୨।୨୦୧୯ରେ କଟକ ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ କଳାପଥର ଖାଦାନଗୁଡିକର ତଦନ୍ତ ସମୟରେ ବେଆଇନ ଖାଦାନ ଓ କ୍ରଶରଗୁଡିକ ସରକାରୀ ଜଙ୍ଗଲ ଜମିରେ ଚାଲିଛି। ବିଶେଷକରି ବିଛାଖଣ୍ଡି, ଅଞ୍ଜିରା, ଡଙ୍କାରୀ, ରାହାଡ଼ପୁର ଓ ଆରୁହା ଅଞ୍ଚଳର ଖାଦାନଗୁଡ଼ିକରେ ଲିଜ୍ ନ ଥାଇ ଜଙ୍ଗଲ ଜମିରେ ବେଆଇନ ଭାବେ କଳାପଥର ଉତ୍ତୋଳନ ହେଉଛି ବୋଲି ପତ୍ରରେ ଦର୍ଶାଯାଇଥିଲା। ଏହିମର୍ମରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ରାଜସ୍ୱ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଧର୍ମଶାଳା ଥାନାଧିକାରୀ ସରୋଜ ସାହି, ଅତିରିକ୍ତ ତହସିଲଦାର ଶୀତଳ ଅଗ୍ରୱାଲ, ଦେବୀ ମହାନ୍ତି ପ୍ରମୁଖ ଆରୁହା ଉପରେ ୧୪୪ ଧାରା ଜାରି କରିଛନ୍ତି । ଅଗାମୀ ଦିନରେ ଏହି ଜଙ୍ଗଲ ଜମିରେ ଚାଲିଥିବା କ୍ରଶରଗୁଡିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି । ତେବେ ଜିଲାରେ ୧୪୦ଟି କ୍ରଶରର ପୁର୍ନରୁଦ୍ଧାର କରିବାକୁ କ୍ଲଷ୍ଟର କ୍ରଶର ପ୍ରକ୍ରିୟା ଆରମ୍ଭ ହୋଇଛି। ଆରୁହା, ଅଅଁଳାଝାଟି, ଅଞ୍ଜିରା ଓ ବାରଡାଠାରେ ୧୬୦ ଏକର ଜମିରେ ଏହି କ୍ଲଷ୍ଟର ସ୍ଥାପନ ହେବ । ଏଥିପାଇଁ ୮୭ ଜଣ କ୍ରଶର ମାଲିକ ମନୋନୀତ ହୋଇଥିବାବେଳେ ବାକି ୫୩ ଜଣଙ୍କ ଲଟେରୀ ହେବ ବୋଲି ସୂଚନା ମିଳିଛି।

■ କ୍ରୋମ ଖଣିରେ ଫାଷ୍ଟକମ୍ ଫାଷ୍ଟଲୋଡ୍ ବିବାଦ

'ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କଲେ କଡ଼ା କାର୍ଯ୍ୟାନୁଷ୍ଠାନ'

ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀ।

କାଳିଆପାଣି, ୨୦।୮(ଡି.ଏନ୍.ଏ.)

ଖଣି ଅଞ୍ଚଳରେ କ୍ରୋମାଇଟ ଲୋଡ଼ିଂ କ୍ଷେତ୍ରରେ ଲାଗିରହିଥିବା ବିବାଦର ସମାଧାନ ନେଇ ମଙ୍ଗଳବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣି ଅଞ୍ଚଳର ବିଭିନ୍ନ ଖଣିରେ ପରିବହନ କ୍ଷେତ୍ରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଫାଷ୍ଟ କମ୍ ଫାଷ୍ଟ ଲୋଡ଼ିଂ ପାଳନ ଦିଗରେ ଖଣି କିମ୍ବା ପରିବହନ ଠିକାଦାର ଅବମାନନା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ବୈଠକରେ କହିଛନ୍ତି। ଯେଉଁ ଖଣିରେ ଯିଏ ଟ୍ରକ୍‌କୁ ଲୋଡିଂ ଦେବାରୁ ବଞ୍ଚିତ କରୁଛନ୍ତି ତାଙ୍କ ବିରୋଧରେ ନିକଟସ୍ଥ ଥାନାରେ ଅଭିଯୋଗ କରିବାକୁ ଜିଲାପାଳ ଟ୍ରକ୍ ମାଲିକଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ପରିବହନ ଠିକାଦାର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଲୋଡିଂ ପ୍ରକ୍ରିୟ ପରିଚାଳନା ନ କରେ ତାଙ୍କର ଲାଇସେନ୍ସ ରଦ୍ଦ କରାଯିବ ବୋଲି କହିଛନ୍ତି। ଆସନ୍ତା ତିନି ଦିନ ମଧ୍ୟରେ ସମସ୍ତ ଖଣିରେ ନୋଡାଲ ଅଫିସର ନିଯୁକ୍ତି ଦେଇ ଲୋଡିଂ ପ୍ରକ୍ରିୟା ଠିକଭାବେ ପାଳନ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସୁକିନ୍ଦା ଅଞ୍ଚଳର ସମସ୍ତ ଖଣି ମାଲିକ, ପରିବହନ ଠିକାଦାରଙ୍କ ଉପସ୍ଥିତିରେ ଏସ୍‌ପି ଚରଣ ସିଂ ମିନା, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, କାଳିଆପାଣି ଥାନାଧିକାରୀ ଉମାକାନ୍ତ ମୁଦୁଲି, ସୁକିନ୍ଦା ଥାନାଧିକାରୀ ବିଚିତ୍ରା ନନ୍ଦ ସେଠୀ, ଅତିରିକ୍ତ ତହସିଲଦାର ଅସିତ୍ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଅଗଷ୍ଟ, ୨୦୧୯



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ

ସଂକ୍ଷେପରେ

ଆନନ୍ଦପୁର ନାଳରୁ କୁମ୍ଭୀର ଛୁଆର ମୃତଦେହ ଉଦ୍ଧାର

ଆଠଗଡ଼/ବାଙ୍କୀ,୨୦।୮(ସ୍ୱ.ପ୍ର./ବି.ପ୍ର.): କଟକ ଜିଲା ବାଙ୍କୀ ବ୍ଲକ ଅଧୀନ ଆନନ୍ଦପୁର ଗ୍ରାମ ନିକଟ ନାଳରୁ ଏକ କୁମ୍ଭୀର ଛୁଆର ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃଦଦେହ ଭାସୁଥିବା ଦେଖି ଗ୍ରାମବାସୀ ତାହାକୁ ଉଦ୍ଧାର କରିଥିଲେ। ପରେ ଆଠଗଡ଼ ବନବିଭାଗକୁ ଖବର ଦେଇଥିଲେ। ଆଠଗଡ଼ ଡିଏଫଓ ସସ୍ମିତା ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ରବିନ୍ଦ୍ର ନାୟକ କର୍ମଚାରୀଙ୍କ ସହ ପହଞ୍ଚି କୁମ୍ଭୀର ଛୁଆ ମୃତଦେହକୁ ଜବତ କରିଥିଲେ। ତଦନ୍ତ ସମୟରେ ମୃତ କୁମ୍ଭୀର ଛୁଆର ଲାଞ୍ଜରେ ଏକ ଟ୍ରାନ୍ସମିଟର ଓ ନମ୍ବର ଟ୍ୟାଗ ଲାଗିଥିବା ଦେଖିବାକୁ ମିଳିଥିଲା। ତେଣୁ ଏହା ନୟାଗଡ ଜିଲା ଅନ୍ତର୍ଗତ ମହାନଦୀ ୱାଇଲ୍ଡଲାଇଫ ଡିଭିଜନର ସଂରକ୍ଷିତ କୁମ୍ଭୀର ବୋଲି ସ୍ପଷ୍ଟ ହୋଇଥିଲା। ପରେ ମହାନଦୀ ୱାଇଲ୍ଡଲାଇଫ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳର ରେଞ୍ଜର ଓ ଅନ୍ୟ ବନ କର୍ମଚାରୀ ଆସି କୁମ୍ଭୀର ଛୁଆକୁ ବ୍ୟବଚ୍ଛେଦ ପାଇଁ ନେଇ ଯାଇଥିଲେ ବୋଲି ଡିଏଫଓ ଲେଙ୍କା କହିଛନ୍ତି। ସୂଚନାଯୋଗ୍ୟ, ମହାନଦୀରୁ ବାହାରିଥିବା ଉକ୍ତ ନାଳରେ ୫ଦିନ ପୂର୍ବରୁ ମହାନଦୀ ବନ୍ୟାଜଳ ପ୍ରବାହିତ ହୋଇଥିଲା। ସେହି ବନ୍ୟାରେ ସାତକୋଶିଆ ଜଙ୍ଗଲ ଅଞ୍ଚଳରୁ ଉକ୍ତ କୁମ୍ଭୀର ଛୁଆ ଭାସିଆସିଥିବାବେଳେ କୌଣସି କାରଣରୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ମୁକ୍ତ ହେଲା ମେଘନାଦ ପାଚେରି କଡ଼

ପୁରୀ ଅଫିସ, ୨୦।୮

- ଦ୍ୱିତୀୟ ଦିନରେ ଭାଙ୍ଗିଲା ବିବାଦୀୟ ଜୋତା ଷ୍ଟାଣ୍ଡ
- ଗୋପବନ୍ଧୁଙ୍କ ମୂର୍ତ୍ତି ସ୍ଥାନାନ୍ତର ନିଷ୍ପତ୍ତି ହୋଇପାରୁନି

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଚତୁଃପାର୍ଶ୍ୱରୁ ଜେସିବି ସାହାଯ୍ୟରେ ନିର୍ମାଣ ଭଙ୍ଗା ଯାଉଛି।

ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମୁକ୍ତ ହୋଇଛି ମେଘନାଦ ପାଚେରୀ। ପାଚେରୀକୁ ଲାଗି ରହିଥିବା ସରକାରୀ ଏବଂ ବେସରକାରୀ ନିର୍ମାଣକୁ ଉଚ୍ଛେଦ କରିଛି ପ୍ରଶାସନ। ସୋମବାର ଆରମ୍ଭ ହୋଇଥିବା ଏହି ଉଚ୍ଛେଦ ଅଭିଯାନ ମଙ୍ଗଳବାର ଦିନତମାମ୍ ଚାଲିଥିଲା। ତେବେ ଭଙ୍ଗା ଯିବାକୁ ଥିବା ପ୍ରାୟ ସବୁ ନିର୍ମାଣ ଉଚ୍ଛେଦ କରାଯାଇଥିବା ବେଳେ ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା କେତେକ ପିଲରକୁ ବୁଧବାର ଭଙ୍ଗାଯିବ ବୋଲି ଜଣାପଡିଛି। ଏହାପରେ ମେଘନାଦ ପାଚେରୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ପାଇଁ ବ୍ୟାପକ ସୁବିଧା ସୁଯୋଗ କରାଯିବ। ଏପରି କି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ମଙ୍ଗଳାବର ସକାଳ ପ୍ରାୟ ୭ଟାରୁଆରମ୍ଭ ହୋଇଥିଲା ଉଚ୍ଛେଦ ଅଭିଯାନ। ସୋମବାର ଅଧା ଭଙ୍ଗା ଯାଇଥିବା ସୂଚନା କେନ୍ଦ୍ର, ଏହା ନିକଟରେ ଥିବା ନୂଆକୋଠା, ଲଙ୍ଗୁଳି ମଠ ପ୍ରଭୃତିକୁ ସମ୍ପୂର୍ଣ୍ଣ ଭାବେ ଜେସିବି ଲଗାଇ ଭଙ୍ଗାଯାଇଥିଲା। ଶ୍ରୀମନ୍ଦିର ନୀତି ସହ ସମ୍ପୃକ୍ତ ଦୁଇଟି ମଠ ଏବଂ ରାମଦୟା ପରିଷଦକୁ ବାଦ୍ ଦେଇ ପ୍ରାୟ ସବୁ ନିର୍ମାଣକୁ ଭଙ୍ଗା ଯାଇଛି। ସିଂହଦ୍ୱାର ନିକଟରେ ଥିବା ବିବାଦୀୟ ଚପଲ ଷ୍ଟାଣ୍ଡକୁ ସୋମବାର ପ୍ରଶାସନ ଭାଙ୍ଗି ନ ଥିବାବେଳେ ମଙ୍ଗଳବାର ଏହାକୁ ଉଚ୍ଛେଦ କରିଛି। କିନ୍ତୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି କେଉଁ ଜାଗାକୁ ସ୍ଥାନାନ୍ତର କରାଯିବ ସେ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ପାରିନାହିଁ। ଫଳରେ ସୂଚନା କେନ୍ଦ୍ର ଉପରେ ପୂର୍ବବତ୍ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସୁରକ୍ଷିତ ରହିଛି। ସୂଚନା କେନ୍ଦ୍ରର କାନ୍ଥ ଏବଂ ଅନ୍ୟ ପିଲର ଭଙ୍ଗା ଯାଇଥିବା ବେଳେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ସପୋର୍ଟ ଦେଉଥିବା ପିଲରକୁ ଛାଡି ଦିଆଯାଇଛି। ଏହାବ୍ୟତୀତ ଉତ୍ତର ପାର୍ଶ୍ୱରେ ଅଳିଆ ପକାଯାଉଥିବା ସ୍ଥାନରେ ଥିବା ନିର୍ମାଣକୁ ଭଙ୍ଗା ଯାଇଥିବା ବେଳେ ମେଘନାଦ ପାଚେରୀ ଚତୁଃପାର୍ଶ୍ୱରେ ଉଚ୍ଛେଦ ପରେ ଜମିଥିବା ଅଳିଆ ଆବର୍ଜନାକୁ ଟ୍ରାକ୍ଟର ଏବଂ ହାଇୱାରେ ବୁହାଯାଇ ସଫା କରାଯାଇଥିଲା। ତଥାପି କେତେକ କୋଠାର ପିଲର ସମ୍ପୂର୍ଣ୍ଣ ଭଙ୍ଗାଯାଇ ପାରି ନ ଥିବାରୁ ବୁଧବାର ଏହାକୁ ଭଙ୍ଗାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଉଚ୍ଛେଦ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଥିଲେ ଯେ, ମେଘନାଦ ପାଚେରୀ ଚତୁଃପାର୍ଶ୍ୱରୁ ବିଭିନ୍ନ ନିର୍ମାଣ ଭଙ୍ଗାଯାଇଛି। ଶ୍ରୀମନ୍ଦିର ନୀତି ସହିତ ଜଡ଼ିତ କେତେକ ନିର୍ମାଣକୁ ଭଙ୍ଗାଯାଇ ନାହିଁ। ତେବେ ସେଗୁଡ଼ିକର ସଂରକ୍ଷଣ ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ପଦକ୍ଷେପ ଗ୍ରହଣ କରାଯିବ। ତେବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ଲାଗି ଆଧ୍ୟାତ୍ମିକ ପରିବେଷ ସୃଷ୍ଟି କରାଯିବ। ଏଥିଲାଗି ସ୍ୱତନ୍ତ୍ର ଭାବେ ମାଷ୍ଟରପ୍ଲାନ ପ୍ରସ୍ତୁତ ହେବ। କିନ୍ତୁ ବର୍ତ୍ତମାନ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପାନୀୟଜଳ, ଶୌଚାଳୟ, ଜାତାଷ୍ଟାଣ୍ଡ, ଖରାରୁ ରକ୍ଷା ପାଇବା ଲାଗି ମ୍ୟାଟ୍ ଆଦିର ବ୍ୟବସ୍ଥା କରାଯାଇଛି। ଖାଲି ଜାଗାରେ ବିଭିନ୍ନ ପ୍ରକାର ଫୁଲ କୁଣ୍ଡ ଏବଂ ଅନ୍ୟାନ୍ୟ ଗଛ ମଧ୍ୟ ରଖାଯିବ। ଡିଜାଇନରଙ୍କ ଦ୍ୱାରା ପରିକ୍ରମା ମାର୍ଗର ଡିଜାଇନ କରାଯାଇ କାମ ଆରମ୍ଭ ହେବ ବୋଲି ଜିଲାପାଳ କହିଛନ୍ତି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ଭକ୍ତମାନେ ଯେଭଳି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇଛି। ସୂଚନା କେନ୍ଦ୍ର ଅସ୍ଥାୟୀ କଣ୍ଟେନର ମଧ୍ୟରେ ଚାଲୁଛି। ସେହିପରି ଶ୍ରଦ୍ଧାଳୁଙ୍କ ଲାଗି ଅନ୍ୟାନ୍ୟ ସୁବିଧା ମଧ୍ୟ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳଙ୍କ ସମେତ ଏହି ଉଚ୍ଛେଦ ସମୟରେ ଏସପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁତଦାରଖ କରିଥିଲେ। ସୋମବାର ଭଳି ମଙ୍ଗଳବାର ମଧ୍ୟ ବ୍ୟାପକ ଫୋର୍ସ ମୁତୟନ କରାଯାଇ ଏହି ଉଚ୍ଛେଦ କାର୍ଯ୍ୟ ଚାଲିଥିଲା।

ଭକ୍ତଙ୍କ ପାଇଁ ପଡ଼ିଲା ମ୍ୟାଟ୍

ପୁରୀ ଅଫିସ, ୨୦।୮

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରରୁ ଫେରିବା ବେଳେ ଯେଭଳି ସୁଖଦ ଅନୁଭୂତି ସାଉଣ୍ଟି ଫେରିବେ ସେଥିଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମେଘନାଦ ପାଚେରି କଡ଼କୁ ମୁକ୍ତ କରିଥିବା ପ୍ରଶାସନ ଖରାକୁ ଦୃଷ୍ଟିରେ ରଖି ପାନୀୟ ଜଳ ଏବଂ ମ୍ୟାଟ୍ ବ୍ୟବସ୍ଥା କରିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ହୋଇଥିବା ଜୋତା ଷ୍ଟାଣ୍ଡ ପାଖରୁ ଏହି ମ୍ୟାଟ୍ ସିଂହଦ୍ୱାର ପର୍ଯ୍ୟନ୍ତ ପକାଯାଇଛି। ଭକ୍ତମାନେ ଷ୍ଟାଣ୍ଡରେ ଜୋତା ରଖିବା ପରେ ଆଉ ସେମାନଙ୍କୁ ଖାଲି ପାଦରେ ଖରାରେ ଚାଲିବାକୁ ପଡୁ ନାହିଁ। ଏହି ମ୍ୟାଟ୍‌ରେ ସେମାନେ ଆସି ସିଂହଦ୍ୱାରରେ ପହଞ୍ଚୁଛନ୍ତି। ମଙ୍ଗଳବାର ଏହି ମ୍ୟାଟ୍ ପକାଯାଇଥିବା ବେଳେ ଏହାକୁ ନେଇ ଭକ୍ତମାନେ ଖୁସିବ୍ୟକ୍ତ କରିଛନ୍ତି।

କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତିରେ ଅନିୟମିତତା ଜିଲାପାଳଙ୍କୁ ଫେରାଦ ହେଲେ ପୂର୍ବତନ ସମିତି ସଭ୍ୟ

ପୁରୀ ଅଫିସ, ୨୦।୮: ବାତ୍ୟାରେ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ କରାଯାଇଥିବା କ୍ଷୟକ୍ଷତି ରିପୋର୍ଟରେ ଅନିୟମିତତା ହୋଇଛି । ଏ ନେଇ ସଦର ବ୍ଲକ କେରାଣ୍ଡିପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରାଧାଶ୍ୟାମ ପ୍ରଧାନ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପ୍ରଧାନ ଜିଲାପାଳଙ୍କୁ ପ୍ରଦାନ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ବାତ୍ୟାରେ କେରାଣ୍ଡିପୁର ପଞ୍ଚାୟତର ବହୁ ଲୋକଙ୍କ ଘର ଭାଙ୍ଗିଥିଲା। ହେଲେ କ୍ଷୟକ୍ଷତି ଆକଳନ ବେଳେ ମନଇଚ୍ଛା କ୍ଷତିଗ୍ରସ୍ତଙ୍କ ତାଲିକା କରାଯାଇଛି। ପାରିଦୋବନ୍ଧା ଗ୍ରାମର କେତେଜଣଙ୍କର କୌଣସି କ୍ଷତି ହୋଇ ନ ଥିବାବେଳେ ସେମାନେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବୋଲି ତାଲିକାରେ ପ୍ରକାଶ ପାଇଛି। ଏହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଜଣାପଡିବ। ଏହାବ୍ୟତୀତ ବାତ୍ୟା ବେଳେ ବଣ୍ଟା ଯାଇଥିବା ଚାଉଳ, ବାହାନାର ସ୍କୁଲ ଗୃହ ମରାମତି, ଆମ ଗାଁ ଆମ ବିକାଶ, ଗୋ ଖାଦ୍ୟ ଏବଂ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ଦୁର୍ନୀତି ହୋଇଥିବା ପୂର୍ବତନ ସମିତି ସଭ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

କ୍ରୀଡ଼ାଶିକ୍ଷକ ନ ଥିବାରୁ ଖେଳରୁ ବଞ୍ଚିତ ଛାତ୍ର

ନୀଳମାଧବ ଭଗବାନ ନୋଡାଲ ହାଇସ୍କୁଲ।

ଖଣ୍ଡପଡା,୨୦।୮(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ଭଗବାନ ନୋଡାଲ ହାଇସ୍କୁଲରେ ଦୀର୍ଘବର୍ଷ ଧରି କ୍ରୀଡ଼ା ଶିକ୍ଷକ ପଦବୀ ଖାଲିପଡିଛି। ଫଳରେ ଛାତ୍ରମାନେ ବିଭିନ୍ନ ଖେଳ ଶିକ୍ଷା କରିବାରୁ ବଞ୍ଚିତ ରହିଛନ୍ତି । ଖଣ୍ଡପଡା ବ୍ଲକ ଅନ୍ତର୍ଗତ ନୀଳମାଧବ ଭଗବାନ ନୋଡାଲ ହାଇସ୍କୁଲରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ର ଅଧ୍ୟୟନ କରୁଥିବାବେଳେ ଗତ ୪ ବର୍ଷ ହେଲା କ୍ରୀଡା ଶିକ୍ଷକ ନ ଥିବାରୁ ଛାତ୍ରମାନେ ଫୁଟବଲ, ହକି ଓ ଅନ୍ୟାନ୍ୟ ଖେଳରୁ ବଞ୍ଚିତ ହେଉଥିବା ଜଣାଯାଇଛି। ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡାର ବିକାଶ ନିମନ୍ତେ ପଦକ୍ଷେପ ନେଉଥିବା ବେଳେ ଏହି ବିଦ୍ୟାଳୟରେ କାହିଁକି କ୍ରୀଡା ଶିକ୍ଷକଙ୍କ ସ୍ଥାନ ପୂରଣ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନାଯୋଗ୍ୟ, ଉକ୍ତ ଶିକ୍ଷାନୁଷ୍ଠାନରେ ପୂର୍ବରୁ ରହିଥିବା କ୍ରୀଡା ଶିକ୍ଷକ କସ୍ତୁରୀ ଚରଣ ବେହେରାଙ୍କ ଅକାଳ ବିୟୋଗ ପରେ ଏହି ପଦବୀ ଖାଲି ପଡିଛି। ଇତି ମଧ୍ୟରେ ଏହି ଶିକ୍ଷାନୁଷ୍ଠାନରେ ହିନ୍ଦୀ ଓ କଳାଶିକ୍ଷକଙ୍କ ପଦବୀ ମଧ୍ୟ ଖାଲି ପଡିଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି । ତୁରନ୍ତ ଉକ୍ତ ପଦବୀଗୁଡିକ ପୂରଣ କରିବାକୁ ଛାତ୍ର ଅଭିଭାବକମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ନୟାଗଡ ଜିଲା ଶିକ୍ଷାଧିକାରୀ ଶିବ ଶଙ୍କର ପ୍ରଧାନଙ୍କୁ ପଚାରିବାରେ ବର୍ତ୍ତମାନ ଅନଲାଇନରେ ଟ୍ରାନ୍ସଫର କାର୍ଯ୍ୟ ଚାଲୁ ରହିଛି । ଏହି ପ୍ରକ୍ରିୟା ଶେଷ ହେବା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟରେ ପୋଲିସ ଛାଉଣୀ

ପୁରୀ ଅଫିସ, ୨୦।୮

ମେଘନାଦ ପାଚେରି କଡ଼ରୁ ସମସ୍ତ ସରକାରୀ ଏବଂ ବେସରକାରୀ ନିର୍ମାଣ ଭଙ୍ଗା ଯାଉଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଏହି ଉଚ୍ଛେଦ କାର୍ଯ୍ୟ ପହଞ୍ଚି ଥିବାବେଳେ ବୁଧବାର ବି ଏହା ଜାରି ରହିବ ବୋଲି ଜଣାପଡିଛି। ତେବେ ଶ୍ରୀମନ୍ଦିର ନିକଟରେ ଉଚ୍ଛେଦ ଚାଲୁଥିଲେ ହେଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜଗି ରହିଛନ୍ତି ସୁରକ୍ଷା କର୍ମୀ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଛି ଜିଲାପାଳଙ୍କ କାର୍ଯ୍ୟାଳୟ। ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ସଶସ୍ତ୍ର ପୋଲିସ ସେଠାରେ ଡେରା ପକାଇଛନ୍ତି। ଉଚ୍ଛେଦକୁ ନେଇ କୌଣସି ଅପ୍ରୀତିକର ପରିସ୍ଥିତିରେ ଆଶଙ୍କା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଏମିତି ସୁରକ୍ଷା ବଳୟ ମଧ୍ୟରେ ରହିଥିବା ଜଣାପଡିଛି। ବିଗତ ଦିନର ଅନୁଭୂତିକୁ ନେଇ ପ୍ରଶାସନ ଏଭଳି ସତର୍କତା ଅବଲମ୍ବନ କରିଛି। ଶ୍ରୀମନ୍ଦିରରେ ଧାଡି ଦର୍ଶନକୁ ନେଇ ଗତବର୍ଷ ଅକ୍ଟୋବର ୩ ତାରିଖରେ ପୁରୀରେ ହିଂସାକାଣ୍ଡ ଘଟିଥିଲା। ଏକାଧିକ ସରକାରୀ କାର୍ଯ୍ୟାଳୟରେ ପୋଡ଼ାଜଳା ସାଙ୍ଗକୁ ବ୍ୟାପକ ଭଙ୍ଗାରୁଜା ମଧ୍ୟ ହୋଇଥିଲା। ଏପରି କି ଆନ୍ଦୋଳନକାରୀ ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଘରକୁ ଯାଇ ଭଙ୍ଗାରୁଜା କରିଥିଲେ। ତେଣୁ ସମ୍ଭାବ୍ୟ ଗଣ୍ଡଗୋଳ ଆଶଙ୍କା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ସୁରକ୍ଷା କର୍ମୀମାନେ ଜଗି ରହିଥିବା ଜଣାପଡିଛି।

ଏସ୍‌ବିଆଇ ପକ୍ଷରୁ ପରାମର୍ଶ କର୍ମଶାଳା

ଭୁବନେଶ୍ୱର, ୨୦।୮

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ କ୍ଷେତ୍ରୀୟ ସ୍ତରରେ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଠାରେ ନୟାଗଡ ଏବଂ ଖୋର୍ଦ୍ଧା ଜିଲାର ୫୦ଟି ଶାଖାର ପ୍ରବନ୍ଧକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିଡିଓ ଏସ୍.ଟି.ଲାମା, ଆଞ୍ଚଳିକ ପ୍ରବନ୍ଧକ ରଞ୍ଜନ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗରେ ଋଣ ବୃଦ୍ଧି ତଥା ସାଧନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ନାଗରିକ କୈନ୍ଦ୍ରିକ ବ୍ୟାଙ୍କିଙ୍ଗ କାରବାର ଉପରେ ଏଠାରେ ଆଲୋଚନା ହୋଇଛି। ସେହିଭଳି ପ୍ରତିଯୋଗିତା ଆହ୍ୱାନକୁ ଦୃଷ୍ଟିରେ ରଖି ଡିଜିଟାଲ ପେମେଣ୍ଟ ବୃଦ୍ଧି ଏବଂ କୃଷି ଋଣ ବୃଦ୍ଧି ଭଳି ୯ ପ୍ରମୁଖ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି।

କର୍ମଶାଳାରେ ଯୋଗଦେଇଥିବା ଉଚ୍ଚପଦାଧିକାରୀ ଓ ବିଭିନ୍ନ ଶାଖାର ପ୍ରବନ୍ଧକମାନେ।

ଗୋପୀନାଥଙ୍କ ଶ୍ରାଦ୍ଧଦିବସ ପାଳିତ

ପୁରୀ ଅଫିସ, ୨୦।୮: ସୃଜନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବଡ଼ଦାଣ୍ଡ ସ୍ଥିତ ପଦ୍ମିନୀ ସମ୍ମିଳନୀ କକ୍ଷରେ ବିଶିଷ୍ଟ କଥାକାର ଗାଳ୍ପିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଦୟାନିଧି ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପୀନାଥଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କବି ହଟ୍ଟକିଶୋର ମଲ୍ଲିକ, ଡ.ବଳରାମ ଦାଶ ଗୋପୀନାଥଙ୍କ ସାହିତ୍ୟ କୃତି ଉପରେ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଭବାନୀ ବଳିଆର ସିଂ, ମୀରା ମହାନ୍ତି, ତୃପ୍ତି ପଣ୍ଡା, ହେମାଙ୍ଗିନୀ ମହାନ୍ତି, ଡ. ରମାକାନ୍ତ କର ପ୍ରମୁଖ ଯୋଗଦେଇଥିଲେ। ସଂସଦ ଉପ ସଭାପତି ଅଶୋକ ଆଡ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ସମୁଦ୍ର ସ୍ନାନ ବେଳେ ବଙ୍ଗୀୟ ପର୍ଯ୍ୟଟକ ଆହତ

ପୁରୀ ଅଫିସ, ୨୦।୮

ସମୁଦ୍ର ସ୍ନାନ ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ଲହଡି ମାଡରେ ଗୋଡ ଭାଙ୍ଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣକ ହେଲେ ପଶ୍ଚିମବଙ୍ଗର ଜଗଦୀଶ ମଣ୍ଡଳ(୫୫)। ମିଳିଥିବା ସୂଚନା ପ୍ରକାରେ ପୂର୍ବାହ୍ନ ୧୧ଟାରେ ସମୁଦ୍ରରେ ସ୍ନାନ କରୁଥିଲେ। ଲହଡି ମାଡରେ ଆହତ ହୋଇଥିଲେ। ତାଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

ବିପନ୍ନଙ୍କୁ ରିଲିଫ ବଣ୍ଟନ

ପୁରୀ ଅଫିସ, ୨୦।୮: ବାତ୍ୟା କ୍ଷତିଗ୍ରସ୍ତ କୃଷ୍ଣପ୍ରସାଦ ବ୍ଲକର ଖଟିସାହି ଗ୍ରାମ ଏବଂ ଏହାର ନିକଟବର୍ତ୍ତୀ ସାହିର ବିପନ୍ନ ମହିଳାମାନଙ୍କୁ ରବିବାର ରେଡ୍‌କ୍ରସ ରାଜ୍ୟ ଶାଖା ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ବାତ୍ୟାରେ ଗ୍ରାମବାସୀଙ୍କ ଡଙ୍ଗା, ଜାଲ, ଘର, ଫସଲ ଓ ଜୀବନ ଜୀବିକା ଉଜୁଡ଼ି ଯାଇଥିଲା। ରେଡ୍‌କ୍ରସ୍ ପକ୍ଷରୁ କ୍ଷତିଗ୍ରସ୍ତମାନଙ୍କୁ ବାସନ, ଲୁଗାପଟା, ଷ୍ଟୋଭ, ମଶାରୀ, ବିସ୍କୁଟ, ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହାବ୍ୟତୀତ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ସେହି ଗ୍ରାମରେ ବୃକ୍ଷରୋପଣ କରିବା ସହ କେତେଜଣ ବୃଦ୍ଧାବୃଦ୍ଧଙ୍କ ଆଶୁ ଚିକିତ୍ସା କରିଥିଲେ। ରେଡ୍‌କ୍ରସ୍ ରାଜ୍ୟ ଶାଖା ସମ୍ପାଦିକା କଳ୍ପନା ଦାଶଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨୫୦ ମହିଳାଙ୍କୁ ରିଲିଫ୍ ସାମଗ୍ରୀ ଦିଆଯାଇଛି। ଏହି ଅବସରରେ ଯୁଗ୍ମ ସଚିବ ଦୁର୍ଗାଶଙ୍କର ଷଡ଼ଙ୍ଗୀ, ଉପଦେଷ୍ଟା ଚନ୍ଦନ ମହାନ୍ତି, ସଭ୍ୟ ବଦ୍ରି ମିଶ୍ର, ଦୁର୍ବିପାକ ପରିଚାଳନା ରାଜ୍ୟ ସଂଯୋଜିକା ସୁଚିତ୍ରା ତ୍ରିପାଠୀ, ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଯୁବ ରେଡ୍‌କ୍ରସ ରାଜ୍ୟ କାଉନ୍‌ସିଲର କମଳ ଦାଶ, ଇତିଶ୍ରୀ ସୁନ୍ଦରା ପ୍ରମୁଖ ବଣ୍ଟନରେ ସହଯୋଗ କରିଥିଲେ।

ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ

ନୟାଗଡ଼ ଅଫିସ,୨୦।୮

ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୁରୀ ଏମ୍‌ପି ଲ୍ୟାଡ୍ ଫଣ୍ଡରୁ ମଙ୍ଗଳବାର ୪ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଟେରି ଚାଳିତ ଟ୍ରାଇସାଇକେଲ ପାଇଥିବା ହିତାଧିକାରୀମାନେ ହେଲେ ଗୋପାଳପୁର ଗ୍ରାମର ବୁଧିବାମନ ନାୟକ, ଗଗନ ବିହାରୀ ବେହେରା, ରାମଚନ୍ଦ୍ରପୁରର ବେଣୁଧର ବେହେରା ଓ ମହତାପଲ୍ଲୀ ଗ୍ରାମର ଦୀପୁ ସାହୁ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡ. ପୋମା ଟୁଡୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବଣ୍ଟନ କରାଯାଇଥିବା ଟ୍ରାଇସାଇକେଲ।

ଜିଲାପାଳଙ୍କୁ ଜାତୀୟ ଦଳିତ ମହାସଂଘର ଦାବିପତ୍ର

ପୁରୀ ଅଫିସ, ୨୦।୮

ଜାତୀୟ ଦଳିତ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ମହାସଂଘ କର୍ମକର୍ତ୍ତା ଜିଲାପାଳଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ପିପିଲି, ଡେଲାଙ୍ଗ, ଗୋପ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ବଳଙ୍ଗା, ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ ଟାଉନ ପ୍ରଭୃତି ଥାନାଗୁଡ଼ିକରେ ଅନୁସୂଚିତ ଜାତି ପରିବାର ଉପରେ ନିର୍ଯାତନା ଦିନକୁ ଦିନ ଅସହ୍ୟ ହେଲାଣି। ଏପରି କି, ବର୍ଷ ବର୍ଷ ଧରି ମାମଲା ତଦନ୍ତ କରାଯାଉ ନ ଥିବା ବେଳେ ଅତ୍ୟାଚାର ନିରାକରଣ ଆଇନର ସହାୟତା ରାଶି ମିଳୁନାହିଁ କିମ୍ବା ନ୍ୟାୟ ମଧ୍ୟ ପ୍ରଦାନ କରାଯାଉ ନାହିଁ। ଜାତିବାଦ ମାନସିକତା ରଖି ନ୍ୟାୟ ଦେବାରେ ଅବହେଳା କରାଯାଉଥିବା ମହାସଂଘର କର୍ମକର୍ତ୍ତା କହିଛନ୍ତି। ଏହି ଅବସରରେ ମହାସଂଘ ପକ୍ଷରୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିଗୁଡ଼ିକ ମଧ୍ୟରେ ପୁରୀ ଟାଉନ ଥାନା ଅନ୍ତର୍ଗତ ଗଣାମଲ୍ଲ ସାହି ରାମହରି ବେହେରାଙ୍କ ପରିବାର ଉପରେ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ସହ ନିର୍ଯାତିତ ପରିବାରକୁ ସୁରକ୍ଷା, ଜିଲାରେ ପଡିଥିବା ସମସ୍ତ ଅତ୍ୟାଚାର ନିରାକରଣ ଆଇନ ମାମଲାରେ ସହାୟତା ରାଶି ୭ ଦିନ ମଧ୍ୟରେ ନିର୍ଯାତିତ ପରିବାରକୁ ପ୍ରଦାନ ଏବଂ ଜାଣିଶୁଣି ନ୍ୟାୟ ଦେବାରେ ଖିଲାପ କରିଥିବା ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଉ ବୋଲି ଉଲ୍ଲେଖ କରାଯାଇଛି। ଜିଲା ସଭାପତି ଜୟଦେବ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ଲିଟୁ ଦାସ, ରାଜ୍ୟ ସମ୍ପାଦକ ଜଗନ୍ନାଥ ଭୋଇ, ମହିଳା ସମ୍ପାଦିକା ଟିକିନା ପରିଡ଼ା, ଉପସଭାପତି ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇଥିଲେ।

ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି,
ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ

ସଂକ୍ଷେପରେ

ଗଛରେ ପିଟିହେଲା ବାଇକ୍ ଯୁବକ ମୃତ, ଜଣେ ଗୁରୁତର

ଖଣ୍ଡପଡା/ଭାପୁର, ୨୦।୮ (ସ୍ୱ.ପ୍ର/ଡି.ଏନ.ଏ.): ଖଣ୍ଡପଡା-ଭାପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବସନ୍ତପୁର ଗ୍ରାମ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ପ୍ରଶାନ୍ତ କୁମାର ନାୟକ(୧୯)। ଆହତ ହେଲେ ରାଜେଶ କୁମାର ନାୟକ(୧୮)। ପ୍ରକାଶ ଯେ, ଫତେଗଡ ଥାନା ଅଧୀନ ବଡସହରା ପଞ୍ଚାୟତ ବାଲିଆପଟା ଗ୍ରାମର ପ୍ରଶାନ୍ତ ଓ ରାଜେଶ ଏକ ବାଇକ ଯୋଗେ ଦ୍ରୁତଗତିରେ ଯାଉଥିବା ବେଳେ ଏକ ହମ୍ପ ନିକଟରେ ବାଇକଟି ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ରାଜେଶଙ୍କୁ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇଥିଲେ। ଫତେଗଡ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଛି। ଏ ସମ୍ପର୍କରେ ଫତେଗଡ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ ଘଟଣା ୨ମାସ ପରେ ବାଇକ୍ ଚାଳକ ଗିରଫ

ଖଣ୍ଡପଡା, ୨୦।୮(ସ୍ୱ.ପ୍ର): ଦୁର୍ଘଟଣା ଘଟାଇ ଫେରାର ଥିବା ବାଇକ ଚାଳକ ରଞ୍ଜନ ପ୍ରଧାନ(୨୧)ଙ୍କୁ ଖଣ୍ଡପଡ଼ା ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ଉପକାରାଗାରକୁ ପଠାଇ ଦିଆଯାଇଛି। ରଞ୍ଜନଙ୍କ ଘର ଫତେଗଡ ଥାନା ଅଧୀନ ଗୋବର୍ଦ୍ଧନ ପ୍ରସାଦ ଗ୍ରାମରେ। ଖଣ୍ଡପଡା ସହରର ମଧୁବନ ମିନିଷ୍ଟାଡିୟମ ନିକଟରେ ଏକ ବାଇକ ଦୁର୍ଘଟଣାରେ ଗତ ଜୁନ ୭ ତାରିଖରେ ଗୁଣ୍ଠୁଣୀ ଗ୍ରାମ ଗଡଭିତରସାହି ବାସିନ୍ଦା ମାନଭଞ୍ଜନ ପଟ୍ଟନାୟକ(୭୦)ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରୁ ସେହିଦିନ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କୁ ବୃଦ୍ଧଙ୍କ ମୃତ୍ୟୁର ୨ମାସ ପରେ ପୋଲିସ ସୋମବାର ଗିରଫ କରିଥିଲା।

ବାଙ୍କୋଇରେ ଚାରାରୋପଣ



ବୋଲଗଡ଼, ୨୦।୮(ଡି.ଏନ.ଏ.): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତଥା ସଦ୍‌ଭାବନା ଦିବସ ଅବସରରେ ମଙ୍ଗଳବାର ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତସ୍ଥ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାବିଦ୍ୟାଳୟ, ଫାଣ୍ଡି, ନୋଡାଲ ଉଚ୍ଚ ବିଦ୍ୟାଳୟ, ଶିଳ୍ପକେନ୍ଦ୍ର ଏବଂ ତାରେଶ୍ୱରଦେବ ମନ୍ଦିର ପରିସରରେ କଂଗ୍ରେସ ସେବା ଦଳ ପକ୍ଷରୁ ମାଧବ ଚନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱରେ ଏହା ଆୟୋଜିତ ହୋଇଥିଲା। କଂଗ୍ରେସ ପକ୍ଷରୁ ସୀମାଞ୍ଚଳ ଖଣ୍ଡାଇ, ସନ୍ତୋଷ କୁମାର ପ୍ରଧାନ, ପବିତ୍ର ମୋହନ ବଳିୟାରସିଂହ, ଧୀରେଶ ମହାପାତ୍ର, ଗଦାଧର ଖଣ୍ଡାଇ, ସରୋଜ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

■ କାଳ ସାଜୁଛି ବେଆଇନ ବାଣ କାରଖାନା

୩ ବର୍ଷରେ ଗଲାଣି ୧୦ ଜୀବନ

ନୟାଗଡ଼ ଅଫିସ, ୨୦।୮

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଥିବା ବେଆଇନ ବାଣ କାରଖାନା ଲୋକଙ୍କ ପାଇଁ କାଳ ସାଜୁଛି। କାରଖାନାରେ କାମ କରୁଥିବା ସମୟରେ ହେଉ କିମ୍ବା ମହଜୁଦ ଥିବାବେଳେ ବାଣ ବିସ୍ଫୋରଣ ଘଟି ଜୀବନ ହାନି ଘଟୁଛି। ଗତ ୩ ବର୍ଷ ମଧ୍ୟରେ ଏହିଭଳି ୧୦ଜଣଙ୍କ ଜୀବନ ଯାଇଥିବା ରିପୋର୍ଟରୁ ଜଣାପଡିଛି। ୨୦୧୬ ସେପ୍ଟେମ୍ବର ୨୩ରେ ଇଟାମାଟି ଅଞ୍ଚଳରେ ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟିବାରୁ ସେଠାରେ କାମ କରୁଥିବା ୯ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ସୋମବାର ଗୋଡ଼ିପଡ଼ା ଖରୁଡ଼ିସାହିରେ ବାଣ ବିସ୍ଫୋରଣ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହିପରି ବାରମ୍ବାର ଦୁର୍ଘଟଣା ଘଟୁଥିଲେ ବି ପୋଲିସ କିମ୍ବା ପ୍ରଶାସନ କାହାରି ଯେପରି ଏଥିପ୍ରତି ନିଘା ନାହିଁ। କିଛିଦିନ ଚଢ଼ାଉ ପରେ ବାଣ ଦୋକାନ ବନ୍ଦ ହୋଇଯାଉଥିବା ବେଳେ ପୁନର୍ବାର ଏହା ଚାଲୁ ରହିଛି। ଇଟାମାଟି ଘଟଣା ମନରୁ ନ ଲିଭୁଣୁ ସୋମବାର ସନ୍ଧ୍ୟାରେ ବାଣ ବିସ୍ଫୋରଣରେ ଗୋଡ଼ିପଡ଼ା ଖରୁଡ଼ିସାହିର ଅଖିଳ ସେଠୀଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଶରଣକୁଳ ପୋଲିସ ଅଖିଳଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୭୧/୧୯) ରୁଜୁ କରି ପୋଲିସ ତଦନ୍ତ କରୁଛି। ଅନ୍ୟପଟେ ଗୋଡ଼ିପଡ଼ା ଫାଣ୍ଡିଠାରୁ ମାତ୍ର ୪୦୦ ମିଟର ଦୂରରେ ବାଣ ଦୋକାନ ଥିବାବେଳେ ପୋଲିସ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ପ୍ରଶାସନ ପକ୍ଷରୁ ବାଣ ବିକ୍ରି କରିବା କିମ୍ବା କାରଖାନା ପାଇଁ ଲାଇସେନ୍ସ ଦିଆଯାଇ ନ ଥିବା କୁହାଯାଇଛି। ହେଲେ ବାସ୍ତବରେ ଜିଲାର ବିଭିନ୍ନ ସ୍ଥାନରେ ଏବେ ବି ଲୁଚାଛପାରେ ବାଣ ବିକ୍ରି ହେଉଛି। ଏପରି ଘଟଣା ପ୍ରଶାସନ ଓ ପୋଲିସର ପାରିଲାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କେବଳ ଗୋଡ଼ିପଡ଼ାର ଖରୁଡ଼ାସାହି ନୁହେଁ, ଇଟାମାଟି ଅଞ୍ଚଳରେ ଏବେ ବି ବାଣ ବିକ୍ରି ହେଉଛି। ଇଟାମାଟି କଲେଜ ନିକଟ ଏକ ଦୋକାନରେ ବର୍ଷସାରା ବାଣ ବିକ୍ରି ହେଉଛି। ନୟାଗଡ଼ ସହର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ବିଭିନ୍ନ ଦୋକାନରେ ଏବେ ବି ଖୁଲମ୍‌ଖୁଲା ବାଣ ବିକ୍ରି ହେଉଛି। ସୋମବାର ରାତିରେ ଗୋଡ଼ିପଡ଼ା ବାଣ ବିସ୍ଫୋରଣ ଘଟଣା ଚର୍ଚ୍ଚା ହେବା ପରେ ନୟାଗଡ଼ ସହର ରାଜାବଗିଚା କଲ୍ୟାଣମଣ୍ଡପ ନିକଟ ଏକ ଘରେ ମହଜୁଦ ଥିବା ବାଣକୁ ଜଣେ ଦୋକାନୀ ୨ଟି ଅଟୋରେ ଅନ୍ୟ ସ୍ଥାନକୁ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ପୋଲିସର କୋହଳ ମନୋଭାବ ଯୋଗୁ ବ୍ୟବସାୟୀମାନେ ଅବାଧରେ ବାଣ ବିକ୍ରି କରୁଥିବା ଅଭିଯୋଗ ହେଉଛି। ବାଣ ବିସ୍ଫୋରଣରେ କେବଳ ଯେ ଜୀବନ ହାନି ଘଟୁଛି ତା'ନୁହେଁ, ଅନେକ ଆହତ ମଧ୍ୟ ହେଉଛନ୍ତି। ଇଟାମାଟି ବାଣ ବିସ୍ଫୋରଣରେ ୪ ଜଣ ଆହତ ହୋଇଥିଲେ। ସେହିଭଳି ୨୦୧୬ ସେପ୍ଟେମ୍ବର ୫ରେ ରଣପୁର ବ୍ଲକ ଡମସାହି ପଞ୍ଚାୟତ ମାଳିସାହି ଗ୍ରାମର ଏକ ପୂଜାସାମଗ୍ରୀ ଦୋକାନରେ ବାଣ ଫୁଟି ୨ ଜଣ ଗୁରୁତର ଓ ୩ ଜଣ ଆହତ ହୋଇଥିଲେ। ଗୋଡ଼ିପଡ଼ାଠାରେ ବେଆଇନ ବାଣ ବିକ୍ରି ସମ୍ପର୍କରେ ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମ୍‌ଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଥିବାରୁ ଉକ୍ତ ଦୋକାନରେ ବାଣ ବିକ୍ରି ହେଉଥିଲା। ଅନ୍ୟ କେଉଁଠାରେ ବାଣ ବିକ୍ରି ହେଉଥିବା ଖବର ମିଳିବା ପରେ ଚଢ଼ାଉ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

ଇଟାମାଟିଠାରେ ହୋଇଥିବା ବିସ୍ଫୋରଣରେ ଭାଙ୍ଗିଯାଇଥିବା ଗୋଦାମ। (ଫାଇଲ୍ ଫଟୋ)

■ଫାଣ୍ଡିଠାରୁ ମାତ୍ର ୪୦୦ ମିଟର ଦୂରରେ ଥିଲା ଦୋକାନ

■ଏବେ ବି ଲୁଚାଛପାରେ ଚାଲିଛି ବ୍ୟବସାୟ

୮ ଶିଶୁ ଶ୍ରମିକ ଉଦ୍ଧାର

ନୟାଗଡ଼ ଅଫିସ, ୨୦।୮

ଜିଲାରେ ଚାଲୁଥିବା ପରୀ- ୩ ଅଭିଯାନରେ ନୟାଗଡ଼ ଚାଇଲ୍ଡ ଲାଇନ୍ ମଙ୍ଗଳବାର ନୟାଗଡ଼ ଓ ନୂଆଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୮ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ବିଭିନ୍ନ ହୋଟେଲ, ଦୋକାନରେ କାମ କରୁଥିବାବେଳେ ଏମାନଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସମସ୍ତଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୨ ଜଣ ଗଞ୍ଜାମର, ଜଣେ କଟକ, ୪ ଜଣ ନୟାଗଡ଼ର ହୋଇଥିବା ବେଳେ ଜଣଙ୍କର ପରିଚୟ ମିଳିପାରିନାହିଁ। ଏମାନଙ୍କୁ ଆଗାମୀ ଦିନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ

ଦଶପଲ୍ଲା, ୨୦।୮ (ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେଲା ସକାଳ ୫ଟାରୁ ୬ଟା ଓ ପୁଣି ସନ୍ଧ୍ୟା ୬ଟାରୁ ୭ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେଉଛି। ମଙ୍ଗଳବାର ଅପରାହ୍ନ ୧ଟାରୁ ବିଦ୍ୟୁତ୍ କାଟ ହୋଇଥିବାବେଳେ ସନ୍ଧ୍ୟାରେ ପୁଣି ସମାନ ସମସ୍ୟା ଦେଖାଦେଇଥିଲା। ଏଥିଯୋଗୁ ସାଧାରଣ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଅନିଲ କୁମାର ସାହୁଙ୍କୁ ପଚାରିବାରୁ ସେ ବିଦ୍ୟୁତ୍ ଲାଇନ୍ ମରାମତି ଯୋଗୁ ଏପରି ସମସ୍ୟା ଦେଖାଦେଉଥିବା ମତ ଦେଇଥିଲେ।

■ ସର୍ବସାଧାରଣ ରାସ୍ତା ଖୋଳି ଦିଆଯିବା ଘଟଣା ନେଇ ବିବାଦ

ଗ୍ରାମ ସଭାପତିଙ୍କୁ ହତ୍ୟା ଧମକ: ଥାନାର ଦ୍ୱାରସ୍ଥ ଗ୍ରାମବାସୀ

ନୂଆଗାଁ, ୨୦।୮ (ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତର ରକ୍ତପଟାଠାରୁ ମୀନାଗାଡିଆ ରାସ୍ତାର କିଛି ଅଂଶକୁ କୋରଡା ସରପଞ୍ଚଙ୍କ ସ୍ୱାମୀ ଜେସିବି ଦ୍ୱାରା ଖୋଳି ଦେଇଛନ୍ତି। ଏହି ଘଟଣାକୁ ନେଇ ରକ୍ତପଟା ଗ୍ରାମର ଜଣେ ଲୋକ ମୀନାଗାଡିଆ ସଭାପତିଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ମୀନାଗାଡିଆ ଗ୍ରାମବାସୀ ନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି।

କୋରଡା ସରପଞ୍ଚଙ୍କ ସ୍ୱାମୀ ସର୍ବସାଧାରଣ ରାସ୍ତାକୁ ଜେସିବି ମାଧ୍ୟମରେ ଖୋଳି ଦେଇଥିଲେ। ଏ ନେଇ ମୀନାଗାଡିଆ, ଟୁଣିଆପଡା, ବେଲବଣି ଆଦି ଗ୍ରାମର ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଫଳରେ ମୀନାଗାଡିଆ ସମେତ ଅନ୍ୟ ୩ଟି ଗ୍ରାମର ଲୋକେ କୋରଡା ପଞ୍ଚାୟତରେ ଅଭିଯୋଗ କରିଥିଲେ। କିନ୍ତୁ ସୋମବାର ସୁଦ୍ଧା ଏହାର କୌଣସି ସମାଧାନ ହେଲା ନାହିଁ। ସେହିଦିନ ସକାଳେ ମୀନାଗାଡିଆ ଗ୍ରାମ ସଭାପତି ବସନ୍ତ ପୃଷ୍ଟି ରକ୍ତପଟାକୁ ଯାଇଥିବାବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ରାସ୍ତା ଖୋଳାଯିବାକୁ ବିରୋଧ ନ କରିବା ପାଇଁ କହିଥିଲେ। ଏଥିସହ ତାଙ୍କୁ ଗାଳିଗୁଲଜ କରି ମାଡ ମାରି ହତ୍ୟା ଧମକ ଦେଇଥିଲେ। ମୀନାଗାଡିଆ ଗ୍ରାମବାସୀ ଏହି ଘଟଣାର ପ୍ରତିବାଦ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଥାନାରେ ଆଇଆଇସି କିମ୍ବା ଓଆଇସି ଅନୁପସ୍ଥିତ ଥିବାରୁ ଥାନା ଏଏସଆଇଙ୍କୁ ଅଭିଯୋଗ ପତ୍ର ଦେଇଥିଲେ । ମାଡ ମାରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡକାଇ ଏହାର ବିଚାର କରାଯିବ ବୋଲି ଏଏସଆଇ ନୀଳକଣ୍ଠ ପରିଡା ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଫେରିଥିଲେ ।

ଥାନା ସମ୍ମୁଖରେ ଗ୍ରାମବାସୀ।

ଅଗ୍ନିକାଣ୍ଡରେ ୮ ବଖରା ଧ୍ୱଂସ

ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.) ୨୦।୮

ରଣପୁର ବ୍ଲକ ଦର୍ପନାରାୟଣପୁର କାମନାଘର ସାହିରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୬ ପରିବାରର ୮ ବଖରା ପୋଡ଼ି ନଷ୍ଟ ହୋଇଯାଇଛି। ବିପନ୍ନମାନେ ହେଲେ ମଧୁ ବେହେରା, ସନ୍ତୋଷ ବେହେରା, ବସନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ରଙ୍କ ନାୟକ ଓ ଶେଷଦେବ ନାୟକ। ଘଟଣାରୁ ପ୍ରକାଶ ଯେ, ଅପରାହ୍ନ ୨ଟା ସମୟରେ ହଠାତ୍ ନିଆଁ ଲାଗିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ରଣପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ନିଆଁ ଲିଭାଇବାକୁ ଯାଇ ଗ୍ରାମର ମନୋଜ ଦାସ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି। ଅଗ୍ନିକାଣ୍ଡରେ ୮ ବଖରା ପୋଡ଼ିଯିବା ସହିତ ପାଖାପାଖି ୨ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବିପନ୍ନମାନେ ପ୍ରକାଶ କରିଛନ୍ତି। ସେମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ପୋଡ଼ିଯାଇଥିବା ଘର।

ରୋଟାରି କ୍ଲବ ପକ୍ଷରୁ ଆହାର କେନ୍ଦ୍ର ପରିଦର୍ଶନ

ଖଣ୍ଡପଡା, ୨୦।୮ (ସ୍ୱ.ପ୍ର.)

ଖଣ୍ଡପଡା ସହରର ଡାକ୍ତରଖାନା ଛକରେ ଥିବା ଆହାର କେନ୍ଦ୍ର କିପରି ଚାଲିଛି ସେ ସମ୍ପର୍କରେ ତଦାରଖ ନିମନ୍ତେ ନୟାଗଡ ରୋଟାରି କ୍ଲବ କର୍ତ୍ତୃପକ୍ଷ ମଙ୍ଗଳବାର ପରିଦର୍ଶନରେ ଆସିଥିଲେ। ନୟାଗଡ ରୋଟାରୀ କ୍ଲବର ସଭାପତି ମଦନମୋହନ ମହାପାତ୍ର, ମୁଖ୍ୟ ସଂଯୋଜକ ତଥା ବରିଷ୍ଠ ରୋଟାରିଆନ ପ୍ରମୋଦ ପଟ୍ଟନାୟକ ଓ ସଂଯୋଜକ ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଏକ ୩ଜଣିଆ ଟିମ୍ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ସେମାନେ ଖାଦ୍ୟର ମାନ ଯାଞ୍ଚ କରିବା ସହ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଆହାର କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କଠାରୁ ପଚାରି ବୁଝିଥିଲେ । ପ୍ରକାଶ ଥାଉ କି, ରୋଟାରୀ କ୍ଲବ ପକ୍ଷରୁ ଆହାର କେନ୍ଦ୍ରଗୁଡିକରେ ଦୈନିକ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଖଣ୍ଡପଡା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆହାର କେନ୍ଦ୍ରଟି କାର୍ଯ୍ୟ କରୁଥିବା ଜଣାପଡିଛି ।

ଆହାର କେନ୍ଦ୍ର ପରିଦର୍ଶନ କରୁଛନ୍ତି ରୋଟାରି କ୍ଲବର କର୍ମକର୍ତ୍ତା।

ନୀଳମାଧବ ଜୀଉ ପୀଠରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ଦାବି

ଖଣ୍ଡପଡା, ୨୦।୮ (ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ ଶ୍ରୀ ନୀଳମାଧବ ଜୀଉ ପର୍ଯ୍ୟଟନ ପୀଠ କଣ୍ଟିଲୋଠାରେ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଦାବି ହେଉଛି। ନୟାଗଡ ଜିଲାର ଗଞ୍ଜାମକୁ ଯିବା ବାଟରେ ଓଡଗାଁ ଠାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ କରିବା ସହିତ ଫୁଲବାଣୀକୁ ଯିବା ବାଟ ପଞ୍ଚୁପାଣ୍ଡବ ଠାରେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରଯାଇଛି । ସେହିପରି କଟକ ଜିଲାରୁ ଢେଙ୍କାନାଳ ଯିବା ବାଟ ବଡମ୍ବା ନିକଟବର୍ତ୍ତୀ ଅଭିମାନପୁରଠାରେ ଏକ ପଥପ୍ରାନ୍ତ ସୁବିଧାକେନ୍ଦ୍ର ନିର୍ମାଣ ହୋଇ ଲୋକାର୍ପିତ କରାଯାଇଛି। ଏହି ଯୋଜନା କ୍ରମେ ଶ୍ରୀ ନୀଳମାଧବ ଜୀଉ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋଠାରେ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଖଣ୍ଡପଡାବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟହ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନରେ ଆସୁଥିବା ବେଳେ ସେମାନଙ୍କ ରହଣି କିମ୍ବା ବିଶ୍ରାମ ପାଇଁ କୌଣସି ସୁବିଧା ନ ଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏନ୍‌ଓସି ନ ଥାଇ ଚାଲିଛି ୧୩ ବିଦ୍ୟାଳୟ

ଖଣ୍ଡପଡ଼ା, ୨୦।୮ (ସ୍ୱ.ପ୍ର)

ମେଧାବୃତ୍ତି ପରୀକ୍ଷାରୁ ବଞ୍ଚିତ ହେଲେ ଅଣସ୍ୱୀକୃତିପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର

ଶିକ୍ଷାବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତାର ସୁଯୋଗ ନେଇ ଖଣ୍ଡପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏନ୍‌ଓସି(ନୋ ଅବଜେକ୍ସନ ସାର୍ଟିଫିକେଟ)ନ ଥାଇ ୧୩ ଘରୋଇ ବିଦ୍ୟାଳୟ ଚାଲିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଖଣ୍ଡପଡା ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ବିନା ସ୍ୱୀକୃତିରେ ଅନେକ ଘରୋଇ ଶିକ୍ଷାନୁଷ୍ଠାନ ଚାଲିଥିବା ବେଳେ ଏହିସବୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ମେଧାବୃତ୍ତି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବାରୁ ଅଭିଭାବକଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

ପ୍ରକାଶ ଯେ, ରାଜ୍ୟ ସରକାର ଘରୋଇ ବିଦ୍ୟାଳୟଗୁଡିକ ନିମନ୍ତେ ବିଭିନ୍ନ ନୀତିନିୟମ ଲାଗୁ କରିଛନ୍ତି । ମାତ୍ର ନୟାଗଡ ଜିଲା ଶିକ୍ଷାଧିକାରୀ ଓ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିନା ଏନ୍‌ଓସିରେ ଚାଲିଥିବା ଘରୋଇ ଶିକ୍ଷାନୁଷ୍ଠାନ ବିରୋଧରେ ଆଇନ ଅନୁଯାୟୀ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବିନା ଏନ୍‌ଓସିରେ ଚାଲିଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ପାଠପଢୁଥିବା ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଉଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଖାଲି ସେତିକି ନୁହେଁ ଏନଓସି ନଥିବା ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ପାଠ ପଢୁଥିବା ପିଲାମାନେ ଗତ ୧୭ ଓ ୧୮ ତାରିଖରେ ସରକାରଙ୍କ ପକ୍ଷରୁ ଆୟୋଜିତ ମେଧାବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରି ନ ପାରି ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି।

ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଖଣ୍ଡପଡା ସହର ସମେତ ଖଳିସାହି, କଣ୍ଟିଲୋ, ମର୍ଦ୍ଦରାଜପୁର, କିଆଝର, ଜଗନ୍ନାଥପ୍ରସାଦ ପଞ୍ଚାୟତ ସମେତ ବିଭିନ୍ନ ସ୍ଥାନରେ ୧୯ଟି ଘରୋଇ ଶିକ୍ଷାନୁଷ୍ଠାନ ଚାଲୁ ରହିଛି । ତନ୍ମଧ୍ୟରୁ ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ଓମ୍‌ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଣ୍ଡପଡା ଓ କଣ୍ଟିଲୋ ସମେତ ରୟତ ଢୋଲମରା ଓ ଜଗନ୍ନାଥପ୍ରସାଦ ପଞ୍ଚାୟତରେ ଚାଲିଥିବା ୬ଟି ଘରୋଇ ଶିକ୍ଷାନୁଷ୍ଠାନକୁ ସରକାର ସ୍ୱୀକୃତି(ଏନ୍‌ଓସି) ପ୍ରଦାନ କରିଛନ୍ତି। ଅବଶିଷ୍ଟ ୧୩ ଘରୋଇ ଅନୁଷ୍ଠାନ ଧର୍ମକୁ ଆଖିଠାର ମାରିଲା ଭଳି ଅଭିଭାବକମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଚାଲିଥିବା ଅଭିଯୋଗ ହେଉଛି। ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ , ନୟାଗଡ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଚନ୍ଦନ ରଥଙ୍କୁ ପଚାରିବାରେ ଏ ସମ୍ପର୍କରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି କହିଥିଲେ। ସେ ବିଭାଗ ପକ୍ଷରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, କୌଣସି ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ପ୍ରାୟ ୨ଏକର ଜମିର ଆବଶ୍ୟକ ଥିବାବେଳେ ଅନେକ ସ୍କୁଲ ଉକ୍ତ ନିୟମକୁ ପାଳନ କରୁ ନ ଥିବା ଜଣାଯାଇଛି ।